ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୨/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Thursday, June 2/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୧୮୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



LEADING FROM THE FRONT
THE COUNTRY'S ROLE-MODEL STATE TELANGANA
8th TELANGANA STATE FORMATION DAY

## ରାଷ୍ଟ୍ରକୁ ପ୍ରେରଣା ଯୋଗାଉଥିବା ପ୍ରଗତିର ୮ ବର୍ଷର ଉତ୍ସବ ପାଳନ



## ଏକ ଉଚ୍ଚାଭିଳାଷୀ ରାଜ୍ୟରୁ ଏକ ପ୍ରେରଣାଦାୟକ ରାଜ୍ୟ ପର୍ଯ୍ୟନ୍ତ

ଶାସନରେ ଭରସା ସହିତ ରାଷ୍ଟ୍ରକୁ ସମୃଦ୍ଧ ହେବା ପାଇଁ ପ୍ରେରଣା ଯୋଗାଉଛି

### ପ୍ରଗତିଶୀଳ ବିକାଶର ଅତୁଲ୍ୟ ଜୟଯାତ୍ରା

- ବିଗତ ୮ ବର୍ଷରେ ତେଲଙ୍ଗାନାର ଜିଏସ୍‌ଡିପି ଟ.୫,୦୫,୮୪୯ କୋଟିରୁ ଟ.୧୧,୫୪,୮୬୦ କୋଟିକୁ ବୃଦ୍ଧି ପାଇଛି
- ୨୦୧୭-୨୨ ମଧ୍ୟରେ ଦକ୍ଷିଣ ରାଜ୍ୟଗୁଡ଼ିକ ମଧ୍ୟରେ ତେଲଙ୍ଗାନା ମୁଣ୍ଡପିଛା ଆୟରେ ୧୧.୭% ହାରର ସର୍ବୋଚ୍ଚ କମ୍ପାଉଣ୍ଡ ବାର୍ଷିକ ଅଭିବୃଦ୍ଧି ହାର ହାସଲ କରିଛି
- ବିଗତ ୮ ବର୍ଷରେ ତେଲଙ୍ଗାନା ରାଜ୍ୟର ମୁଣ୍ଡପିଛା ଆୟ ଟ.୧,୨୪,୧୦୪ରୁ ଟ.୨,୭୮,୮୩୩କୁ ବୃଦ୍ଧି ପାଇଛି

### 1 ଦେଶର ଏକ ନମ୍ବର ରାଜ୍ୟ ।

- ଜନକଲ୍ୟାଣରେ ୧ ନମ୍ବର ● ଶକ୍ତି ସଞ୍ଚାର ଓ ଉପଯୋଗରେ ୧ ନମ୍ବର ● ଗ୍ରାମୀଣ ବିକାଶରେ ଏକ ନମ୍ବର
- ବିଶୁଦ୍ଧ ପାନୀୟ ଜଳ ଯୋଗାଣରେ ୧ ନମ୍ବର ● ଚାଷୀଙ୍କ କଲ୍ୟାଣରେ ୧ ନମ୍ବର ● ସବୁଜିମା ବିସ୍ତାରରେ ୧ ନମ୍ବର

## ତେଲଙ୍ଗାନା ରାଜ୍ୟ, ଦି 'ପାୱାର ହାଉସ୍'



### ମାଗଣା ବିଜୁଳି

- ସମସ୍ତ କ୍ଷେତ୍ରକୁ ୨୪ ଘଣ୍ଟାର ଗୁଣବତ୍ତାସମ୍ପନ୍ନ ବିଜୁଳି ଏବଂ କୃଷିକୁ ମାଗଣା ବିଜୁଳିର ଆଶ୍ୱାସନା ।
- ତେଲଙ୍ଗାନାର ସଂସ୍ଥାପିତ ଶକ୍ତି କ୍ଷମତା ୨୦୧୪ରେ ଥିବା ୭୭୭୮ ମେଗାୱାଟରୁ ୨୦୨୧ରେ ୧୭୩୦୫ ମେଗାୱାଟକୁ ବୃଦ୍ଧି ପାଇଛି ।

### ରାଇଥୁ ବନ୍ଧୁ ରାଇଥୁ ବୀମା



- ଚାଷୀମାନଙ୍କୁ ପ୍ରତିବର୍ଷ ଏକର ପିଛା ଟ.୧୦,୦୦୦/-ର ମୂଳ ନିବେଶ ସହାୟତା ଯୋଗାଇ ତେଲଙ୍ଗାନା ଏହାର ପ୍ରକୃତ କୃଷକ ସଶକ୍ତୀକରଣ ଆରମ୍ଭ କରିଥିଲା ।
- ବିଗତ ୮ଟି ଋତୁରେ ୬୩ ଲକ୍ଷ ଚାଷୀ ୫୦,୪୪୮ କୋଟି ପ୍ରାପ୍ତ କରିଛନ୍ତି ।
- ରାଜ୍ୟର ଚାଷୀମାନେ ରାଇଥୁ ବୀମା ଯୋଜନା ଅଧୀନରେ ଟ.୫ ଲକ୍ଷର ବୀମାରେ ବୀମାଭୁକ୍ତ ହୋଇଛନ୍ତି । ଏହି ଯୋଜନା ଇତିମଧ୍ୟରେ ୮୦,୮୬୧ ପରିବାରଙ୍କୁ ବୀମା ସହାୟତା ଯୋଗାଇସାରିଛି ।

### ଋଣ କ୍ଷମା

- ରାଜ୍ୟ ସରକାର ୪୧.୪୬ ଲକ୍ଷ ଚାଷୀଙ୍କ ୨୨,୦୦୦ କୋଟିର ଋଣକୁ କ୍ଷମା କରିଛନ୍ତି ।
- ୨.୧୮ କୋଟି ଟନ୍ ଚାଉଳ ଉତ୍ପାଦନ କରି ତେଲଙ୍ଗାନା ରାଷ୍ଟ୍ରର ଭାତହାଣ୍ଡି ଭାବେ ଉଭା ହୋଇଛି ।

**ଭୂ-ପ୍ରଶାସନର ନୂଆ ଯୁଗ - ଧରଣୀ ପୋର୍ଟାଲ୍**

- ଅଗ୍ରିମ ସ୍ଲଟ୍ ବୁକିଂ ଏବଂ ତତ୍କାଳ ମ୍ୟୁଟେଶନ ସହିତ ଏହି ପୋର୍ଟାଲ ପଞ୍ଜୀକରଣକୁ ସୁବିଧାଜନକ କରିଥାଏ ।



### ଜଳର ପ୍ରାଚୁର୍ଯ୍ୟ, ସବୁଜ ତେଲଙ୍ଗାନା

- ରାଜ୍ୟ ଗଠନ ହେବା ପରେ, ରାଜ୍ୟ ସରକାର ବଡ଼, ମଧ୍ୟମ ଓ ଲଘୁ ଜଳସେଚନ ପ୍ରକଳ୍ପଗୁଡ଼ିକ ପଛରେ ଟ.୧,୫୨,୦୦୦ କୋଟି ବ୍ୟୟ କରିଛନ୍ତି, ଯେଉଁ କାରଣରୁ ୨୦୧୪-୧୫ ଓ ୨୦୨୦-୨୧ ମଧ୍ୟରେ ମୋଟ ଜଳସେଚିତ କ୍ଷେତ୍ର (ଜିଆଇଏ)ର ପରିମାଣରେ ୧୧୯%ର ବିଶାଳ ବୃଦ୍ଧି ଘଟିଛି ।

### ଚାଷୀଙ୍କ ସଶକ୍ତୀକରଣ, ଚାଷକୁ ସମ୍ମାନ



- ୭୪.୩୧ ଲକ୍ଷ ଏକରର ଜଳସେଚନ ସାମର୍ଥ୍ୟ (ଆଇପି) ତିଆରି ହୋଇଛି ।
- 'ମିଶନ୍ କାକତୀୟ' ଅଧୀନରେ ରାଜ୍ୟରେ ସମସ୍ତ ଲଘୁ ଜଳସେଚନ ଟାଙ୍କି ଓ ଜଳାଶୟର ପୁନରୁଦ୍ଧାର କରାଯାଇଛି ।



- ରାଜ୍ୟରେ ଆରମ୍ଭ ହୋଇଥିବା କେତେକ ଫ୍ଲାଗଶିପ୍ ପ୍ରକଳ୍ପ ଯଥା- କଲେଶ୍ୱରମ୍ ଉଠା ଜଳସେଚନ ପ୍ରକଳ୍ପ, ମହାତ୍ମା ଗାନ୍ଧୀ କଲ୍‌ୱାକୁର୍ଥୀ ଉଠା ଜଳସଚେନ ଯୋଜନା (ଏମ୍‌ଜିକେଏଲ୍‌ଆଇଏସ୍) ଏବଂ ଜେ ଚୋକ୍କାରାଓ ଦେବାଦୁଲା ଉଠା ଜଳସେଚନ ଯୋଜନା (ଜେସିଆର୍‌ଡିଏଲ୍‌ଆଇଏସ୍) ରାଜ୍ୟରେ ଜଳସେଚନ ସୁବିଧାର ସୁଲଭତାରେ ନାଟକୀୟ ପରିବର୍ତ୍ତନ ଆଣିଛି ।

Issued by Commissioner, Department of Information and Public Relations, Govt. of Telangana




# ତେଲଙ୍ଗାନା

## ରାଷ୍ଟ୍ରର ଉଚ୍ଚାକାଂକ୍ଷା ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଛି



### ସକ୍ରିୟ କଲ୍ୟାଣର ଶିଖରବିନ୍ଦୁ

- ଆସରା ଯୋଜନା ମାଧ୍ୟମରେ ତେଲଙ୍ଗାନା ସରକାର ବୟୋବୃଦ୍ଧ, ବିଧବା, ଅବିବାହିତା ମହିଳା ଓ ବିଡ଼ି ଶ୍ରମିକଙ୍କ ପେନସନ୍‌ର ପରିମାଣକୁ ମାସିକ ଟ.୨୦୦ରୁ ଟ.୨,୦୧୬କୁ ବୃଦ୍ଧି କରିଛନ୍ତି । ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ପେନସନ୍‌କୁ ମାସିକ ଟ.୫୦୦ରୁ ଟ.୩,୦୧୬କୁ ବୃଦ୍ଧି କରାଯାଇଛି । ସାରା ରାଜ୍ୟର ୩୬.୩୨ ଲକ୍ଷ ହିତାଧିକାରୀ ଆସରା ଯୋଜନା ଦ୍ୱାରା ଲାଭାନ୍ୱିତ ହେଉଛନ୍ତି ।
- କଲ୍ୟାଣ ଲକ୍ଷ୍ମୀ/ଶାଦି ମୁବାରକ୍ ଯୋଜନା ଅଧୀନରେ ଏସ୍‌ସି, ଏସ୍‌ଟି, ବିସି, ଇବିସି ଏବଂ ସଂଖ୍ୟାଲଘୁ ପରିବାରର ୧୮ ବର୍ଷରୁ ଅଧିକ ବୟସର ଅବିବାହିତା ଝିଅଙ୍କୁ ସେମାନଙ୍କ ବିବାହ ସମୟରେ ଟ.୧,୦୦,୧୧୬ର ଏକକାଳୀନ ଅନୁଦାନ ଆକାରରେ ଆର୍ଥିକ ସହାୟତା ଦିଆଯାଉଛି ।
- ଏହି ପଦକ୍ଷେପ ଦ୍ୱାରା କେବଳ ଯେ ବାଲ୍ୟବିବାହ ଅପେକ୍ଷାକୃତ ହ୍ରାସିତ ହୋଇଛି ତାହା ନୁହେଁ ବରଂ ବାହାଘର ସମ୍ବନ୍ଧୀୟ ଆର୍ଥିକ ବୋଝ ମଧ୍ୟ ଅନେକ ମାତ୍ରାରେ ଲାଘବ ହୋଇଛି ।
- ରାଷ୍ଟ୍ରକୁ ପ୍ରେରଣା ଯୋଗାଉଥିବା ଏକ ଯୋଜନା ଗର୍ଭବତୀ ମହିଳାଙ୍କୁ ୪ଟି ପର୍ଯ୍ୟାୟରେ ଟ.୧୨,୦୦୦ର ସହାୟତା ଯୋଗାଇବା ଲାଗି ପରିକଳ୍ପିତ ହୋଇଛି । ଶିଶୁକନ୍ୟାଙ୍କୁ ଅତିରିକ୍ତ ଟ.୧୦୦୦ । ଗର୍ଭବତୀ ମହିଳାଙ୍କୁ ଏକ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଥିବା କେସିଆର୍ କିଟ୍ ଦିଆଯାଇଥାଏ ଯେଉଁଥିରେ ମା' ଓ ଶିଶୁଙ୍କ ପାଇଁ ଉପାଦେୟ ବେବି ଅଏଲ୍, ସାବୁନ, ଶାମ୍ପୁ, ମଶାରି, ବସ୍ତ୍ର, ଡାଏପର୍, ପାଉଡର, ତଉଲିଆ ଏବଂ ନାପ୍‌କିନ୍ ରହିଥାଏ ।

### ରାଷ୍ଟ୍ରକୁ ପ୍ରେରଣା ଯୋଗାଉଥିବା ଦଳିତ ବନ୍ଧୁ ସହିତ ପଥ ପ୍ରଦର୍ଶନ

- ଦଳିତଙ୍କ ସଶକ୍ତୀକରଣ ପାଇଁ ଲକ୍ଷ୍ୟ ରଖୁଥିବା ଏହି ଯୋଜନାକୁ କର୍ମନିଯୁକ୍ତି, ଆତ୍ମସମ୍ମାନ ଏବଂ ଆତ୍ମ-ବିକାଶ ଯୋଗାଇବା ପାଇଁ ଡିଜାଇନ୍ କରାଯାଇଛି । ଦଳିତ ବନ୍ଧୁ ଯୋଜନାରେ ଯେକୌଣସି ବ୍ୟବସାୟିକ କାମଧନ୍ଦା ଆରମ୍ଭ କରିବା ପାଇଁ ହିତାଧିକାରୀଙ୍କ ଖାତାକୁ ସିଧାସଳଖ ଟ.୧୦ ଲକ୍ଷ ଟ୍ରାନ୍ସଫର୍ କରାଯାଇଥାଏ ।
- ଏହା କୌଣସି ବନ୍ଧକ ଅମାନତ ବିନା ଦିଆଯାଉଥିବା ସର୍ବବୃହତ୍ ଡାଇରେକ୍ଟ କ୍ୟାଶ୍ ଟ୍ରାନ୍ସଫର୍ ସ୍କିମ୍ ଅଟେ ।
- ହିତାଧିକାରୀ ନିକଟରେ ସେ ପାରଙ୍ଗମ ହୋଇଥିବା ଯେକୌଣସି ବ୍ୟବସାୟକୁ ବାଛିବାର ସ୍ୱାଧୀନତା ରହିଥାଏ ।

### ଶିକ୍ଷା କ୍ଷେତ୍ରରେ ନିଆରା ପ୍ରଗତି

- ତେଲଙ୍ଗାନା ରାଜ୍ୟରେ ଦେଶର ସର୍ବାଧିକ ସଂଖ୍ୟକ ଆବାସିକ ଶିକ୍ଷାନୁଷ୍ଠାନ ରହିଛି, ଯାହା ରାଜ୍ୟ ପାଇଁ ଏକ ଗର୍ବର ବିଷୟ ।
- ୯୭୮ଟି ଆବାସିକ ଶିକ୍ଷାନୁଷ୍ଠାନରୁ ୫ ଲକ୍ଷ ଛାତ୍ରଛାତ୍ରୀ ସର୍ବୋତ୍ତମ ଶିକ୍ଷା ପ୍ରାପ୍ତ କରୁଛନ୍ତି ।
- ସମସ୍ତ ଅନୁଷ୍ଠାନରେ ଛାତ୍ରଛାତ୍ରୀମାନଙ୍କୁ ମାଗଣା ବହି, ୟୁନିଫର୍ମ ଓ ବୋର୍ଡିଂ ସୁବିଧା ଯୋଗାଇ ଦିଆଯାଇଥାଏ ।

#### ମାନା ଊରୁ - ମାନା ବାଡ଼ି ଯୋଜନା

- ସାରା ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟଗୁଡ଼ିକର ପର୍ଯ୍ୟାୟ କ୍ରମିକ ବିକାଶ ପାଇଁ ୭,୨୮୯ କୋଟି ଟଙ୍କା ଆବଣ୍ଟିତ ହୋଇଛି ।
- ଏହି ବର୍ଷଠାରୁ ସମସ୍ତ ସରକାରୀ ବିଦ୍ୟାଳୟରେ ଇଂରାଜୀ ମାଧ୍ୟମରେ ଶିକ୍ଷାଦାନ କରାଯିବ ।

### ସ୍ୱାସ୍ଥ୍ୟସେବା ଭିତ୍ତିଭୂମିରେ ବିଶାଳ ପରିବର୍ତ୍ତନ

- ସାରା ରାଜ୍ୟରେ ରାଜ୍ୟବ୍ୟାପୀ ସ୍ୱାସ୍ଥ୍ୟସେବାର ବିସ୍ତାର କରାଯାଉଛି ।
- ଟିଆଇଏମ୍‌ଏସ୍ - ତେଲଙ୍ଗାନା ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ ମାଧ୍ୟମରେ ଗରିବଙ୍କ ପାଇଁ ଅତ୍ୟାଧୁନିକ ସ୍ୱାସ୍ଥ୍ୟଯତ୍ନ ସେବା ।
- ହାଇଦ୍ରାବାଦରେ ୪ଟି ଟିଆଇଏମ୍‌ଏସ୍ ସୁପର୍ ସ୍ପେଶାଲିଟି ହସ୍ପିଟାଲ୍ ।
- ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ସରକାରୀ ଭେଷଜ ମହାବିଦ୍ୟାଳୟ ।
- ହେଲ୍‌ଥ ସିଟି ପ୍ରୋଜେକ୍ଟର ଏକ ଅଂଶବିଶେଷ ଭାବେ ୱାରାଙ୍ଗଲଠାରେ ଏକ ୨୦୦୦ ଶଯ୍ୟାବିଶିଷ୍ଟ ଚିକିତ୍ସାଳୟ ନିର୍ମାଣାଧୀନ ରହିଛି ।
- କାନ୍ତି ଭେଲୁଗୁ ଯୋଜନା ୧.୫ କୋଟି ରୋଗୀଙ୍କୁ ମାଗଣା ଆଖି ପରୀକ୍ଷା ଯୋଗାଇଛି । ରୋଗୀମାନଙ୍କୁ ୪୧ ଲକ୍ଷ ଚଷମା ବଣ୍ଟନ କରାଯାଇଛି । ଏହି ଯୋଜନାକୁ ଦୃଷ୍ଟିହୀନତାର ପ୍ରତିରୋଧ ପାଇଁ ଡିଜାଇନ୍ କରାଯାଇଛି ଏବଂ ଏଥିରେ ଉଲ୍ଲେଖନୀୟ ସକାରାତ୍ମକ ଫଳାଫଳ ପ୍ରାପ୍ତ ହୋଇଛି ।
- ରାଜ୍ୟ ସରକାର ୩୫୦ ବସ୍ତି ଦୱାଖାନା ପାଇଁ ପାଣ୍ଠି ଆବଣ୍ଟନ କରିଛନ୍ତି । ଇତିମଧ୍ୟରେ ୨୫୬ଟି ବସ୍ତି ଦୱାଖାନା ସହରାଞ୍ଚଳର ଦୁର୍ବଳ ବର୍ଗର ପରିବାରଙ୍କୁ ସେବା ଯୋଗାଇବା ଆରମ୍ଭ କରିଦେଇଛି ।
- ତେଲଙ୍ଗାନା ଦେଶର ଏପରି କେତୋଟି ରାଜ୍ୟଗୁଡ଼ିକ ମଧ୍ୟରୁ ଅନ୍ୟତମ, ଯେଉଁଠାରେ ଅଣ-ପୁନଃବ୍ୟବହାରଯୋଗ୍ୟ ଉପକରଣ ମାଧ୍ୟମରେ ନାଗରିକମାନଙ୍କୁ ମାଗଣାରେ ଗୁଣବତ୍ତାସମ୍ପନ୍ନ ଡାଏଲିସିସ୍ ସେବା ପ୍ରଦାନ କରାଯାଇଥାଏ ।

### ପ୍ରଭାବୀ ଆଇନଶୃଙ୍ଖଳା, ଶାନ୍ତି ଓ ସମୃଦ୍ଧିରେ ସ୍ଥିରତା

- ହାଇଦ୍ରାବାଦ ପୃଥିବୀର ଅନ୍ୟତମ ସବୁଠାରୁ ସୁରକ୍ଷିତ ଏବଂ ଶାନ୍ତିପୂର୍ଣ୍ଣ ସହର ଭାବେ ବିବେଚିତ ହୋଇଥାଏ । ଏହି କାରଣରୁ ତେଲେଙ୍ଗାନା ପୁଞ୍ଜିନିବେଶର ହବ୍ ପାଲଟିପାରିଛି ।
- ରାଜ୍ୟରେ ଆପରାଧିକ କାର୍ଯ୍ୟକଳାପର ପ୍ରତିରୋଧ ପାଇଁ, ସରକାର ତଥା କମ୍ୟୁନିଟି ସାରା ରାଜ୍ୟରେ ସିସିଟିଭି କ୍ୟାମେରାର ଏକ ସୁଦୃଢ଼ ନେଟ୍‌ୱର୍କ ସ୍ଥାପନ କରିଛନ୍ତି । ୯,୨୧,୨୭୯ କ୍ୟାମେରା ସହିତ ବୋଧହୁଏ ଏହା ଦେଶରେ ସବୁଠାରୁ ଲମ୍ବା ନେଟ୍‌ୱର୍କ ।
- ଅତ୍ୟାଧୁନିକ ଉପକରଣ, ଗାଡ଼ି ଓ ମନିଟରିଂ ସିଷ୍ଟମ୍ ସହିତ ପୋଲିସ ବଳର ଆଧୁନିକୀକରଣ ।

Issued by Commissioner, Department of Information and Public Relations, Govt. of Telangana

LEADING FROM THE FRONT
THE COUNTRY'S ROLE-MODEL STATE TELANGANA
8th TELANGANA STATE FORMATION DAY

# ପ୍ରଗତିର ଦ୍ରୁତ ଗତି

# ରାଷ୍ଟ୍ରକୁ ପ୍ରେରଣା ଦେଉଥିବା ଯୋଜନାଗୁଡ଼ିକ ସହିତ





## ଆଦର୍ଶ ଗ୍ରାମ ଓ ସହର

- ଗ୍ରାମ ଓ ସହରାଞ୍ଚଳରେ ଦ୍ରୁତ ବିକାଶ ଘଟିଛି, ଯାହା ଅତୀତରେ ଦେଶରେ କେବେ ପରିଲକ୍ଷିତ ହୋଇ ନ ଥିଲା ।
- ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପାଲ୍ଲେ ପ୍ରଗଥି ଏବଂ ପାଟ୍ଟାନା ପ୍ରଗଥି ଦୂରଦୂରାନ୍ତ ଗ୍ରାମ ଓ ସହରଗୁଡ଼ିକରେ ମୌଳିକ ସୁବିଧାଗୁଡ଼ିକୁ ସୁନିଶ୍ଚିତ କରିଛି ।
- ନୂଆ ସ୍ୱରୂପରେ କାର୍ଯ୍ୟାନ୍ୱିତ ହୋଇଥିବା ପଞ୍ଚାୟତିରାଜ ଓ ପୌର ଅଧିନିୟମ ପ୍ରକୃତପକ୍ଷେ ଗଭର୍ନାନ୍ସରେ ସ୍ୱାଗତଯୋଗ୍ୟ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଛି ।
- ପ୍ରତ୍ୟେକ ଗ୍ରାମପଞ୍ଚାୟତକୁ ଟ୍ରାକ୍ଟର, ଟ୍ରେଲର୍, ଟ୍ୟାଙ୍କର୍, ବୈକୁଣ୍ଠ ଧାମମ୍ ଓ ନର୍ସରୀ ଯୋଗାଇଥିବା ଦେଶର ଏକମାତ୍ର ରାଜ୍ୟ ।
- ଗ୍ରାମାଞ୍ଚଳରେ ବିକାଶମୂଳକ କାର୍ଯ୍ୟ ହାତକୁ ନେବା ପାଇଁ ରାଜ୍ୟ ସରକାର ଗ୍ରାମୀଣ ସ୍ଥାନୀୟ ନିକାଶ ଅନୁଷ୍ଠାନଗୁଡ଼ିକୁ ପ୍ରତିମାସରେ ସିଧାସଳଖ ଟ.୨୫୬.୬୬ କୋଟି ଯୋଗାଇ ଦେଉଛନ୍ତି ।
- ଆଦିବାସୀମାନେ ସେମାନଙ୍କର ଥାଣ୍ଡା ଓ ଆଦିବାସୀ ଗୁଡେମ୍‌ଗୁଡ଼ିକୁ ଗ୍ରାମପଞ୍ଚାୟତ ଭାବେ ଘୋଷଣା କରିବାର ନିରନ୍ତର ଦାବିକୁ ସମ୍ମାନ ଜଣାଇ ତେଲଙ୍ଗାନା ସରକାର ସେଗୁଡ଼ିକୁ ଉନ୍ନୀତ କରିଛନ୍ତି, ଯାହାଫଳରେ ଗ୍ରାମପଞ୍ଚାୟତଗୁଡ଼ିକର ସଂଖ୍ୟା ୮୬୯୦ରୁ ୧୨୭୬୯କୁ ବୃଦ୍ଧି ପାଇଛି ।

## ଦେଶର ରୋଲ୍ ମଡେଲ ପ୍ରୋଜେକ୍ଟ - ମିଶନ ଭଗୀରଥ

- ତେଲଙ୍ଗାନା ଏପରି ଏକମାତ୍ର ରାଜ୍ୟ, ଯିଏ ମିଶନ୍ ଭଗୀରଥ ଯୋଜନା ମାଧ୍ୟମରେ ରାଜ୍ୟର ସମସ୍ତ ପରିବାରକୁ ମାଗଣାରେ ସୁରକ୍ଷିତ ପାନୀୟ ଜଳ ଯୋଗାଉଛି ।
- ୨ ଲକ୍ଷ କିଲୋମିଟରର ପାଇପ୍‌ଲାଇନ୍ ମାଧ୍ୟମରେ ଏହି ସଫଳତା ହାସଲ କରାଯାଇଛି, ଯାହା ଏକ ରେକର୍ଡ ମଧ୍ୟ ।



## ଔଦ୍ୟୋଗିକ ପ୍ରଗତି ଏବଂ ଆଇଟି ସେକ୍ଟର ଅଭିମୁଖୀ ତେଲଙ୍ଗାନା

- ଏକ ସିଙ୍ଗଲ୍ ୱିଣ୍ଡୋ ପାରଦର୍ଶୀ ପଦ୍ଧତି ଅର୍ଥାତ୍ ନୂଆ ବୈପ୍ଳବିକ ଟିଏସ୍-ଆଇପାସ୍ ସହିତ ରାଜ୍ୟକୁ ପ୍ରବାହିତ ହେଉଛି ପୁଞ୍ଜିନିବେଶର ବିଶାଳ ଧାରା ।
- ଟିଏସ୍-ଆଇପାସ୍ ଯୋଜନା ଅଧୀନରେ ଇତିମଧ୍ୟରେ ୧୭୯୨୧ଗୋଟି ଉଦ୍ୟୋଗକୁ ଅନୁମତି ମଞ୍ଜୁର କରାଯାଇଛି ।
- ଉଦ୍ୟୋଗଗୁଡ଼ିକୁ ୨୪ ଘଣ୍ଟିଆ ଉଚ୍ଚ ଗୁଣମାନର ବିଜୁଳି ଯୋଗାଣ ସହିତ ଉଦ୍ୟୋଗଗୁଡ଼ିକର ଉତ୍ପାଦନ ବୃଦ୍ଧି ପାଇଛି ।





## ପଶୁପାଳନ ଓ ମତ୍ସ୍ୟଚାଷ

- ମେଷପାଳକ ସମ୍ପ୍ରଦାୟଙ୍କୁ ବହୁ ପରିମାଣରେ ମେଣ୍ଢା ବିତରଣ ।
- ୭.୫ ଲକ୍ଷ ମେଣ୍ଢା ବଣ୍ଟନ ପାଇଁ ରାଜ୍ୟ ସରକାର ଟ.୧୧,୦୦୦ କୋଟିର ବ୍ୟୟ କରିଛନ୍ତି ।
- ଏହି ଯୋଜନା ପାଇଁ ସରକାର ୨୦୨୨-୨୦୨୩ ବର୍ଷ ଲାଗି ଟ.୧୦୦୦ କୋଟି ଆବଣ୍ଟିତ କରିଛନ୍ତି ।
- ଚାଷୀମାନଙ୍କୁ ୧୦.୧୭ ଲକ୍ଷ ମାଛ ବିତରଣ କରିବା ପାଇଁ ସରକାର ଟ.୩୦୫ କୋଟିର ନିବେଶ କରିଛନ୍ତି ।
- ବିଗତ ୮ ବର୍ଷରେ, ମତ୍ସ୍ୟଚାଷ ମାଧ୍ୟମରେ ଉତ୍ପାଦକତାରେ ଟ.୨୫,୭୮୨ କୋଟିର ଅବିଶ୍ୱସନୀୟ ବୃଦ୍ଧି ଘଟିଛି ।



## ହରିତ୍‌ହାରମ୍ - ଏକ ସବୁଜ ତେଲଙ୍ଗାନା

- ଚାଇନା ଓ ବ୍ରାଜିଲ ପରେ ତେଲଙ୍ଗାନାର ''ତେଲଙ୍ଗାନା କୁ ହରିତ୍‌ହାରମ୍'' ଯୋଜନା ହେଉଛି ପୃଥିବୀକୁ ସବୁଜିମାରେ ଆଚ୍ଛାଦିତ କରିବାର ୩ୟ ମହାନ୍ ମାନବ ପ୍ରୟାସ ।
- ସବୁଜ ଆଚ୍ଛାଦନକୁ ୩୩% ବୃଦ୍ଧି କରିବା ଅଭିମୁଖେ ତେଲଙ୍ଗାନା ଅଗ୍ରସର ।
- ବିଗତ ୮ ବର୍ଷରେ ୮,୮୧୬.୧୧ ଟଙ୍କା ବ୍ୟୟରେ ୨୪୩ କୋଟି ଚାରା ରୋପଣ କରାଯାଇଛି ।
- ରାଜ୍ୟ ସରକାର ରାଜ୍ୟର ୧୨.୬୩ ଲକ୍ଷ ଏକର ଜଙ୍ଗଲକୁ ପୁନରୁଜ୍ଜୀବିତ କରିଛନ୍ତି ।
- ସହର ଓ ଟାଉନ୍‌ଗୁଡ଼ିକରେ ୧୦୯ଟି ସହରାଞ୍ଚଳ ବନ ବିକଶିତ କରାଯାଇଛି ।



## ଗ୍ରେଟର୍ ଡେଭେଲପ୍‌ମେଣ୍ଟ - ଗ୍ରେଟର୍ ହାଇଦ୍ରାବାଦ

- ତେଲଙ୍ଗାନା ସରକାର ତ୍ୱରାନ୍ୱିତ ଗତିରେ ମେଟ୍ରୋ ରେଳ ପ୍ରକଳ୍ପର ୨ୟ ଏବଂ ୩ୟ ପର୍ଯ୍ୟାୟକୁ ସମ୍ପୂର୍ଣ୍ଣ କରିଛନ୍ତି । ମେଟ୍ରୋ ରେଳରେ ଦୈନିକ ହାରାହାରି ୩ ଲକ୍ଷ ଯାତ୍ରୀ ଯାତ୍ରା କରିଥାନ୍ତି ।
- ସରକାର ଏସ୍‌ଆର୍‌ଡିପି ଯୋଜନା ଅଧୀନରେ ୨୭ଟି ପ୍ରମୁଖ ସଡ଼କ ଉପରେ ଟ.୨୫୦୦ କୋଟି ବ୍ୟୟ କରିଛନ୍ତି, ଯେଉଁଥିରେ ୧୫ଟି ଫ୍ଲାଏଓଭର୍, ୫ଟି ଅଣ୍ଡରପାସ୍, ୬ଟି ଆର୍‌ଓବି/ଆର୍‌ୟୁବି ଏବଂ ଦୁର୍ଗମ୍ ଚେରୁଭୁ କେବୁଲ୍ ବ୍ରିଜ୍ ନିର୍ମିତ ହୋଇ ଏବଂ ତଥା ଆଉ ୨୦ଟି ନିର୍ମାଣ କାର୍ଯ୍ୟ ଚାଲୁ ରହିଛି ।
- ଆଉଟର୍ ରିଙ୍ଗ୍ ରୋଡ୍ ପ୍ରତି ପହଞ୍ଚକୁ ସହଜ କରିବା ପାଇଁ ସରକାର ୩୯ଟି ରେଡିଆଲ୍ ରୋଡ୍ ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି, ଯାହା ମଧ୍ୟରୁ ୨୨ଟିର କାମ ସମ୍ପୂର୍ଣ୍ଣ ହୋଇଛି ।
- ହାଇଦ୍ରାବାଦର ଭବିଷ୍ୟତର ପାନୀୟ ଜଳର ଆବଶ୍ୟକତାକୁ ଧ୍ୟାନରେ ରଖି ରାଜ୍ୟ ସରକାର କ୍ରୀଷ୍ଣା ନଦୀ ଉପରେ ସୁନକିଶାଲାଠାରେ ଇନ୍‌ଟେକ୍ ୱେଲ୍ ନିର୍ମାଣ ପାଇଁ ଟ.୧୪୫୦ କୋଟିର ବ୍ୟୟ କରିଛନ୍ତି ।
- ଆଉଟର୍ ରିଙ୍ଗ୍ ରୋଡ୍ ସହିତ ସଂଲଗ୍ନ ସମସ୍ତ ଆବାସିକ ଅଞ୍ଚଳକୁ ଟ.୧୨୦୦ କୋଟିର ବ୍ୟୟରେ ସରକାର ପାନୀୟ ଜଳ ସୁବିଧା ଯୋଗାଉଛନ୍ତି ।

## ତୀର୍ଥସ୍ଥଳୀ ବିକାଶ - ୟଦାଗିରି ମନ୍ଦିରର ପୁନରୁଦ୍ଧାର

- ତେଲଙ୍ଗାନାର ଆଧ୍ୟାତ୍ମିକ ପ୍ରତିଷ୍ଠାକୁ ବଜାୟ ରଖିବା ଓ ସୁରକ୍ଷା ଯୋଗାଇବା ପାଇଁ ସରକାର ତେଲଙ୍ଗାନାର ପବିତ୍ର ସ୍ଥଳୀଗୁଡ଼ିକର ପୁନରୁଦ୍ଧାର ଓ ମରାମତି କରୁଛନ୍ତି ।
- ୟଦାଦ୍ରି ମନ୍ଦିର ପରିସରକୁ ଆଗମ ଶାସ୍ତ୍ର ଅନୁସାରେ ଅତୁଳ୍ୟ କାରୁକାର୍ଯ୍ୟ ସହିତ ପୁନରୁଦ୍ଧାର କରାଯାଇଛି ।
- ପବିତ୍ର ୟଦାଦ୍ରି ସ୍ଥଳ ଚତୁଃପାର୍ଶ୍ୱରେ ୧୦୦୦ ଏକରରେ ଏକ ମନ୍ଦିର ନଗରୀର ନିର୍ମାଣ କରାଯାଇଛି ।
- ଭେମୁଲାୱାଡ଼ା ମନ୍ଦିର ବିକାଶ କର୍ତ୍ତୃପକ୍ଷଙ୍କ ଅଧୀନରେ ଭେମୁଲାୱାଡ଼ା ତୀର୍ଥ ସହରର ବିକାଶ କାର୍ଯ୍ୟ ଚାଲୁଅଛି ।

Issued by Commissioner, Department of Information and Public Relations, Govt. of Telangana

**ଆଜିର ମନ୍ତବ୍ୟ**

"ନିଜ ସୁରକ୍ଷାକୁ ନେଇ ଚିନ୍ତିତ କଶ୍ମୀରୀ ପଣ୍ଡିତମାନେ ବିକ୍ଷୋଭ କରୁଥିବାବେଳେ କେନ୍ଦ୍ର ସରକାରଙ୍କ ୮ ବର୍ଷ ପୂର୍ତ୍ତି ପାଇଁ ଭାଜପା ଉତ୍ସବ ପାଳନ କରୁଛି।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କବି ତୁଣ୍ଡ**
**ମେଣ୍ଢା ମୁଣ୍ଡ।**

ମେଣ୍ଢା ମୁଣ୍ଡ ଭାରି ଟାଣ। ସେ ତାଳ ପକେଇ ଲଢ଼େଇ କଲାବେଳେ ଠୋ ଠୋ ଶବ୍ଦ ଶୁଭେ। ମେଣ୍ଢା ମୁଣ୍ଡ ଟାଣ ହେଲାଭଳି କବିଙ୍କର ଲେଖା ମଧ୍ୟ ଟାଣ। ତାଙ୍କ ଲେଖା ଭାରି ଅର୍ଥପୂର୍ଣ୍ଣ , ଟାଣୁଆ ଭାଷା। ନିର୍ଭୀକତା ଜୟଗାନ। କବିଙ୍କ ଲେଖା ଗଭୀର ଅର୍ଥ ବିଶିଷ୍ଟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କଖାରୁ କାଟିଲି ଚେକି ଚେକି**
**ସୁନ୍ଦର କଳିରେ ପଡ଼ିଲା ଆଖି**
**ନାକ ଫୁଲୁଗୁଣା ଦେଖି।**

ଚେହେରାରୁ ପ୍ରେମର ପରିପ୍ରକାଶ। ସାଧାରଣତଃ ସୌନ୍ଦର୍ଯ୍ୟ ପ୍ରତି ସଭିଙ୍କ ମନରେ ଦୁର୍ବଳତା ଭାବ ରହିଥାଏ। ସୁନ୍ଦରତା ଆଡ଼କୁ ସଭିଙ୍କ ମନ ଅଚିରେ ଟାଣି ହୋଇଯାଇଥାଏ। ସୁନ୍ଦର ଚେହେରା ଦେଖି ଆଖି ଲାଖି ରହିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

- ବାରବାଟୀ ଷ୍ଟାଡିୟମରେ ଟି୨୦ ମ୍ୟାଚ୍‌କୁ ବିରୋଧ
- ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଲେ ଆବେଦନକାରୀ

**କଟକ ଅଫିସ,୧।୬**

ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୨ତାରିଖରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଅନ୍ତଃରାଷ୍ଟ୍ରୀୟ ଟି୨୦ ମ୍ୟାଚ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ବାରବାଟୀରେ ପର୍ଯ୍ୟାପ୍ତ ପରିମାଣରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ମ୍ୟାଚ୍ ସମୟରେ ବହୁ ସଂଖ୍ୟାରେ ଦର୍ଶକଙ୍କ ଆଗମନ ହେବାକୁ ଥିବାରୁ ସୁରକ୍ଷା ଦୃଷ୍ଟିକୋଣରୁ ମ୍ୟାଚ୍ ବନ୍ଦ କରିବା ପାଇଁ ହାଇକୋର୍ଟରେ ବୁଧବାର ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର ସଞ୍ଜୟ କୁମାର ନାୟକ ଏହି ମାମଲା ରୁଜୁ କରିଛନ୍ତି। ଏଥିରେ ଓଡ଼ିଶା ସରକାର, ବିସିଏ, ଓସିଏ ସମେତ ୧୩ଜଣଙ୍କୁ ପକ୍ଷଭୁକ୍ତ କରାଯାଇଛି। ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୧୨ତାରିଖରେ କଟକ ବାରବାଟୀ ଷ୍ଟାଡିୟମରେ ମ୍ୟାଚ୍ ଅନୁଷ୍ଠିତ ହେବ। ପୂର୍ବରୁ ଆଇନଜୀବୀ ନିଶିକାନ୍ତ ମିଶ୍ରଙ୍କ ଆବେଦନକୁ ଆଧାର କରି ଓଡ଼ିଶା ମାନବ ଅଧିକାର କମିଶନ ଏନେଇ ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ଓ ଡିସିପିଙ୍କୁ ନୋଟିସ କରି ଷ୍ଟାଡିୟମର ଅଗ୍ନି ନିରାପତ୍ତା ସମ୍ପର୍କିତ ତଥ୍ୟ ଦାଖଲ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ବାରବାଟୀ ମ୍ୟାଚ୍ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବାକୁ ସମସ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଓସିଏ ସମ୍ପାଦକ କହିଛନ୍ତି।


# classifieds

**Everyday**
**0674-2580101, 2549302**



### SALE

ଭୁବନେଶ୍ୱରର ଛତାବରରେ Rs.299/- sqft.ରେ installmentରେ plot ବିକ୍ରି ହେଉଛି। 8249017091, 9937044414. D-606

Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118. D-73216

Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320. D-73250



Relax, Refresh your body, mind at Saikrupa Spa with best therapies. 8984068077. D-488

Newly open SPA positively health benefit with expert. Contact: 7749976301. D-73809

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73807

Mesmerizing, energetic body, mind qualitative, relaxing massage experienced therapists, 9668374480. D-73610

### LOST

It is hereby informed that original ROR in name of Jayashree Agrawal bearing Khata No. 230/218 and Plot No. 135/850 in Mouza- Aiginia, Area Ac. 0.043 decs. has been lost on Dt.21.05.2022 near Laxmisagar Chhak, Bhubaneswar. If found I request to handover to me and not to misuse. Sd./- Jayashree Agrawal, 9776481626. D-622

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### AFFIDAVIT

By affidavit sworn before Notary Public, Bhubaneswar, I declare that my actual name is Soumya Ranjan Jena, S/o- Subash Chandra Jena, At- Kotakana, PO- Raghunathpur, Dist.- Jagatsinghpur, but in some documents my name is wrongly mentioned as Soumya Shree Ranjan Jena. Henceforth, I shall be known as Soumya Ranjan Jena for all purpose. D-615

By virtue of an affidavit sworn in the Court of Executive Magistrate, Khaira, I, Sulachana Maharana (ପଲିସି ବଣ୍ଡରେ ଥିବା ନାମ), D/o Harihar Sahoo changed my name from Sulachana Maharana (ପଲିସି ବଣ୍ଡରେ ଥିବା ନାମ) to Manjulata Moharana (ପରିବର୍ତ୍ତିତ ନାମ). Henceforth, I will be known as Manjulata Moharana (ପରିବର୍ତ୍ତିତ ନାମ) for all purpose. D-619

Your classified advertisement published in Dharitri will be listed free in Dharitri online edition : www.dharitri.com


# ସ୍କୁଲ ରୂପାନ୍ତର ପିଲାଙ୍କ ସ୍ୱପ୍ନରେ ଡେଣା ଯୋଡ଼ିଛି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧।୬(ବ୍ୟୁରୋ)**

ରାଜ୍ୟରେ ବୁଧବାରଠାରୁ ଆରମ୍ଭ ହୋଇଛି ଦ୍ୱିତୀୟ ପର୍ଯ୍ୟାୟ ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୦୭୦ଟି ହାଇସ୍କୁଲର ରୂପାନ୍ତର ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୨୯୦୮ଟି ହାଇସ୍କୁଲର ରୂପାନ୍ତରଣ ହୋଇଛି। ରାଜ୍ୟର ୫ଟି ଜିଲା ଖୋର୍ଦ୍ଧା, ବୌଦ୍ଧ, ମାଲକାନଗିରି, ସୋନପୁର ଓ ମୟୂରଭଞ୍ଜର ୫୩୨ଟି ରୂପାନ୍ତରିତ ସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପିତ କରିଛନ୍ତି।

ଏହି ଅବସରରେ ପିଲାମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରତ୍ୟେକ ପିଲା ସ୍ୱତନ୍ତ୍ର। ତାଙ୍କ ଭିତରେ ଭରି ରହିଛି ବିପୁଳ ସମ୍ଭାବନା। ପିଲାଙ୍କ ଆଖିରେ ଅଛି ଜୀବନରେ କିଛି ବଡ଼ କରିବାର ସ୍ୱପ୍ନ। ସ୍କୁଲ ରୂପାନ୍ତର ପିଲାମାନଙ୍କ ଏହି ସ୍ୱପ୍ନରେ ଡେଣା ଯୋଡ଼ିପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ପିଲାମାନଙ୍କ ପାଇଁ ନୂଆ ସୁଯୋଗ ଆଣିଛି। ପିଲାମାନଙ୍କ ସ୍ୱପ୍ନ ସାକାର ହେଲେ, ନୂଆ ଓଡ଼ିଶାର ଲକ୍ଷ୍ୟ ପୂରଣ ହେବ ଓ ନୂଆ ଓଡ଼ିଶା ଗଠନର ଭିତ୍ତି ସ୍ଥାପନ ହେବ।

ସ୍କୁଲ ଯେଉଁ ନୂଆ ରୂପ ନେଇଛି, ତାହା ପିଲାମାନଙ୍କ ଭିତରେ ଆନନ୍ଦ ଓ ଉତ୍ସାହ ଭରି ଦେଇଛି। ଏହା ସେମାନଙ୍କ ମଧ୍ୟରେ ନୂଆ ଆଶା ଓ ସଂକଳ୍ପ ସୃଷ୍ଟି କରିଛି। ସ୍କୁଲ ସମୟ ଜୀବନର ଶ୍ରେଷ୍ଠ ସମୟ। ଏ ରୂପାନ୍ତର ଆମର ପିଲାମାନଙ୍କୁ ଶ୍ରେଷ୍ଠ କରି ଗଢ଼ିତୋଳିବା ପାଇଁ ସୁଯୋଗ ସୃଷ୍ଟି କରିଛି। ଶିକ୍ଷା ହିଁ ଜୀବନରେ ସବୁଠାରୁ ବଡ଼ ରୂପାନ୍ତର ଆଣିଥାଏ। ଜୀବନର ଏ ଗୁରୁତ୍ୱପୂର୍ଣ୍ଣ ସମୟକୁ ଠିକ୍ ଭାବରେ ଉପଯୋଗ କର ଏବଂ ନିଜ ପାଇଁ, ନିଜ ପରିବାର ପାଇଁ ଓ ପ୍ରିୟ ଓଡ଼ିଶା ପାଇଁ ନୂଆ ପରିଚୟ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।



୫-ଟି ସ୍କୁଲ ରୂପାନ୍ତରଣ ଦ୍ୱିତୀୟ ପର୍ଯ୍ୟାୟରେ ୫ ଜିଲାର ୫୩୨ ସ୍କୁଲକୁ ଲୋକାର୍ପିତ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପାଖରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

- ଆରମ୍ଭ ହେଲା ୫-ଟି ସ୍କୁଲ ରୂପାନ୍ତରଣ ଦ୍ୱିତୀୟ ପର୍ଯ୍ୟାୟ
- ୨୯୦୮ ସ୍କୁଲ ରୂପାନ୍ତରିତ
- ୫ ଜିଲାର ୫୩୨ଟି ରୂପାନ୍ତରିତ ସ୍କୁଲ ଲୋକାର୍ପିତ

ଏ ରୂପାନ୍ତର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ସ୍କୁଲ ମ୍ୟାନେଜମେଣ୍ଟ କମିଟି, ପଞ୍ଚାୟତ ପ୍ରତିନିଧି, ପୁରାତନ ଛାତ୍ର ସଂସଦ, ଶିକ୍ଷକ ଶିକ୍ଷୟିତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

ଏହି ଅବସରରେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ମନ୍ତ୍ରୀ ପଦ୍ମନାଭ ବେହେରା, ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଏମ୍‌ପି ରମେଶ ମାଝି ଏବଂ ବିଧାୟକ ପ୍ରଦୀପ ଅମାତ ପ୍ରମୁଖ ଉଦ୍‌ବୋଧନ ଦେଇ ୫-ଟି ସ୍କୁଲ ରୂପାନ୍ତରଣ ପିଲାଙ୍କ ଭିତରେ କିପରି ଉତ୍ସାହ ସୃଷ୍ଟି କରିଛି ତା' ଉପରେ ଆଲୋକପାତ କରିଥିଲେ। ମୟୂରଭଞ୍ଜରୁ ପୂର୍ଣ୍ଣିମା, ସୋନପୁରରୁ ମୌସୁମୀ, ବୌଦ୍ଧରୁ ରାଜଶ୍ରୀ, ମାଲକାନଗିରିରୁ ହିତାକାଂକ୍ଷୀ ଓ ଖୋର୍ଦ୍ଧାରୁ ପର୍ଶୁରାମ ଆଦି ଛାତ୍ରୀଛାତ୍ର ସେମାନଙ୍କ ବକ୍ତବ୍ୟରେ ସ୍କୁଲ ରୂପାନ୍ତର କିପରି ସେମାନଙ୍କ ମନରେ ଆଶା ଓ ବିଶ୍ୱାସ ଭରି ଦେଇଛି ତାହା ବର୍ଣ୍ଣନା କରିଥିଲେ। ସେମାନଙ୍କ ସ୍କୁଲ ଏବେ ଭୁବନେଶ୍ୱରର ସ୍କୁଲମାନଙ୍କଠାରୁ କିଛି କମ୍ ନୁହେଁ କହି ଖୁସି ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗୋଟିଏ ଦିନରେ ୫ଟି ଜିଲାର ରେକର୍ଡ ୫୩୨ଟି ହାଇସ୍କୁଲ ଲୋକାର୍ପିତ ହୋଇଛି। ସେଥିରୁ ମୟୂରଭଞ୍ଜରେ ସର୍ବାଧିକ ୩୩୯ଟି, ସୋନପୁରରେ ୪୧ଟି, ବୌଦ୍ଧରେ ୨୪ଟି, ମାଲକାନଗିରିରେ ୪୭ଟି ଓ ଖୋର୍ଦ୍ଧାରେ ୮୧ଟି ହାଇସ୍କୁଲ ଲୋକାର୍ପିତ ହୋଇଛି। ଏହା ଜୁନ୍ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ।

**ଶୀତଳଷଷ୍ଠୀ ଯାତ୍ରା**

# ଦେବ ନିମନ୍ତ୍ରଣ କଲେ ନୃସିଂହ ମହାପ୍ରଭୁ

**ସମ୍ବଲପୁର,୧।୬ (ବ୍ୟୁରୋ)**

ସମ୍ବଲପୁର ନନ୍ଦପଡା ଶ୍ରୀ ଶ୍ରୀ ବମ୍‌ବରାଡ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କ ଲୌକିକ ବିବାହ ଉତ୍ସବ (ଶୀତଳଷଷ୍ଠୀ ଯାତ୍ରା) ଜୁନ ୪ ତାରିଖରେ ହେବାକୁ ଲଗ୍ନ ଧାର୍ଯ୍ୟ ହୋଇଛି। ଏଥିପାଇଁ ମଙ୍ଗଳବାର ମଧ୍ୟ ରାତ୍ରିରେ ପତରପେଡ଼ି (ନିର୍ବନ୍ଧ) ନୀତି ଶେଷ ହୋଇଛି। ଯାତ୍ରାର ବିଶେଷ ପରମ୍ପରା ନୃସିଂହ ନିଉତା ବୁଧବାର ଅନୁଷ୍ଠିତ ହୋଇଛି। ଦେବ ବିବାହରେ ଦେବୀଦେବ ସାମିଲ ହେବାକୁ ଦେବ ନିମନ୍ତ୍ରଣ (ନୃସିଂହ ନିଉତା) ସମ୍ପନ୍ନ ହୋଇଛି।

ବରପିତା ରାମପ୍ରସାଦ ମିଶ୍ର ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ମହାଆଳତି କରିଥିଲେ। ଦୁଲଦୁଲି, ଘଣ୍ଟ ବାଦ୍ୟ, ଶଙ୍ଖ ନାଦ ଓ ଝାଞ୍ଜ ନୃତ୍ୟ ତାଳରେ ମହାପ୍ରଭୁ ନୃସିଂହ ସୁସଜ୍ଜିତ ବିମାନରେ ଉପବିଷ୍ଟ ହୋଇ ସହର ପରିକ୍ରମା କରିଥିଲେ। ରୌପ୍ୟ ଓ ସ୍ୱର୍ଣ୍ଣ ଅଳଙ୍କାରରେ ଭୂଷିତ ହୋଇ ଭକ୍ତଙ୍କ କାନ୍ଧରେ ବାଲୁଙ୍କେଶ୍ୱର ମନ୍ଦିର ପରିସରସ୍ଥ ପଞ୍ଚବକ୍ତ୍ର ଓ ହନୁମାନଙ୍କୁ ପ୍ରଥମେ ନିଉଁତା ଦିଆଯାଇଥିଲା। ଏହାପରେ ସୁସଜ୍ଜିତ ବିମାନରେ ଆରୁଢ଼ ହୋଇ ନନ୍ଦପଡା ଯଜ୍ଞବରାହ, ବ୍ରହ୍ମପୁରା ଜଗନ୍ନାଥ, ଶ୍ରୀ ଶ୍ରୀ ଲୋକନାଥ ବାବା, ଦକ୍ଷିଣେଶ୍ୱର ହନୁମାନ, ଭୈରବୀ, କୋଶଳେଶ୍ୱର ମନ୍ଦିର, ମାରୱାଡିପଡା ରାମ, ମହାଦେବ, ହାଟପଦା ସତ୍ୟବାଦୀ, ଦଲେଇପଡା ମଦନମୋହନ, ଭାଗବତ ମନ୍ଦିର, ଲିଆଖାଇ, ବାଟମଙ୍ଗଳା, ଗୁପ୍ତେଶ୍ୱର, ମ୍ୟୁନିସିପାଲିଟି ଛକ ହନୁମାନ ମନ୍ଦିର, ପୀରବାବା ଛକ ଭୁବନେଶ୍ୱରୀ ମନ୍ଦିର, ବୈଦ୍ୟନାଥ ଛକ ହନୁମାନ ଓ କାଛ ଦୁର୍ଗା, କଂସାରୀପଡା ରାଧାକୃଷ୍ଣ, ମହାନ୍ତିପଡା ଦଧିବାମନ ମନ୍ଦିରରେ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବରେ ଯୋଗଦେବାକୁ ଦେବ ନିମନ୍ତ୍ରଣ (ଗୁଆଗୁଣ୍ଡା) ଦେଇଥିଲେ। ଦେବୀଦେବଙ୍କୁ ନାରିକେଳ, ଗୁଆ, ହଳଦି ଓ ମିଠାଇ ଏବଂ ନୂଆବସ୍ତ୍ର ଅର୍ପଣ କରି ନିଉଁତା ଦିଆଯାଇଥିଲା। ଅଭିନାଷ ମିଶ୍ର, ଅଶୋକ ପାଣି, ଚକ୍ରଧର ମିଶ୍ର, ଅରୁଣକାନ୍ତି ମିଶ୍ର, ଅଶୁତୋଷ ମିଶ୍ର ମହାପ୍ରଭୁଙ୍କୁ ବେଶ କରିଥିଲେ।



ନୃସିଂହ ମହାପ୍ରଭୁ ଦେବୀଦେବଙ୍କୁ ନିଉଁତା ଦେବା ପାଇଁ ବାହାରୁଛନ୍ତି ।

# ସମୟୋପଯୋଗୀ ପଦକ୍ଷେପ ପାଇଁ ରାଜ୍ୟକୁ ପ୍ରଶଂସା

**ଭୁବନେଶ୍ୱର,୧।୬(ବ୍ୟୁରୋ)**

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବଡ଼ ବଡ଼ ଭିତ୍ତିଭୂମି ଉନ୍ନୟନ ଏବଂ ପୁଞ୍ଜିନିବେଶ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ କମିଟି ପୁଞ୍ଜିନିବେଶ ପ୍ରକଳ୍ପ ତଦାରଖ ଗ୍ରୁପ୍ (ସିସିଆଇପିଏମ୍‌ଜି) ବୈଠକରେ ହୋଇଥିବା ଆଲୋଚନାରୁ ଏହା ଜଣାପଡିଛି। ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ଏହି ମିଳିତ ସମୀକ୍ଷା ବୈଠକରେ ଶିଳ୍ପ ଓ ଆନ୍ତଃ ବାଣିଜ୍ୟ ବିକାଶ (ଡିପିଆଇଆଇଟି) ବିଭାଗ ସ୍ୱତନ୍ତ୍ର ସଚିବ ଅମ୍ରିତ ଲାଲ ମୀନା, ବିଭାଗୀୟ ନିର୍ଦ୍ଦେଶକ ଅରବିନ୍ଦ ପାଣ୍ଡେଙ୍କ ସମେତ କେନ୍ଦ୍ରୀୟ ପ୍ରକଳ୍ପ ତଦାରଖ କମିଟିର ବରିଷ୍ଠ ଅଧିକାରୀ ଯୋଗଦେଇଛନ୍ତି। ପ୍ରକଳ୍ପ ନିର୍ମାଣକାରୀ ସଂସ୍ଥା ଦ୍ୱାରା ଉପସ୍ଥାପନ କରାଯାଇଥିବା କ୍ଷେତ୍ରସ୍ତରୀୟ ସମସ୍ୟାଗୁଡିକର ବିଭିନ୍ନ ଦିଗକୁ ବିଚାରକରି ସେସବୁର ଆଶୁ ସମାଧାନ ନିମନ୍ତେ ମୁଖ୍ୟ ଶାସନ ସଚିବ ସମାଧାନ ପନ୍ଥା ନିର୍ଣ୍ଣୟ କରିଛନ୍ତି। ଏହିସବୁ ସମାଧାନ ସହ ପ୍ରକଳ୍ପଗୁଡିକର ବିଭିନ୍ନ ପର୍ଯ୍ୟାୟ କାର୍ଯ୍ୟାନ୍ୱୟନ ପାଇଁ ମଧ୍ୟ ସେ ସମୟ ସାରଣୀ ନିର୍ଦ୍ଧାରଣ କରିଛନ୍ତି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟସାରଣୀକୁ ସମୟାନୁବନ୍ଧିତ ଭାବେ କ୍ଷେତ୍ରାନ୍ୱୟନ କରିବାକୁ ସମ୍ପୃକ୍ତ ସଂସ୍ଥା, ସରକାରୀ ବିଭାଗ ଓ ଜିଲା ପ୍ରଶାସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦ୍ରୀୟ ସ୍ୱତନ୍ତ୍ର ସଚିବ ପ୍ରକଳ୍ପଗୁଡ଼ିକର ତ୍ୱରାନ୍ୱିତ କାର୍ଯ୍ୟାନ୍ୱୟନ ଏବଂ କ୍ଷେତ୍ରସ୍ତରୀୟ ସମସ୍ୟାର ସମାଧାନ ଦିଗରେ ରାଜ୍ୟ ସରକାରଙ୍କ ସମୟୋଚିତ ପ୍ରଚେଷ୍ଟାର ଉଚ୍ଚ ପ୍ରଶଂସା କରିଛନ୍ତି। ସେ କହିଥିଲେ , ସିସିଆଇ ପ୍ରକଳ୍ପ ତଦାରଖ ଗ୍ରୁପ୍ ପୋର୍ଟାଲରେ ଥିବା ଓଡ଼ିଶାର ୧୬୫ଟି ବୃହତ୍ ପୁଞ୍ଜିନିବେଶ ପ୍ରକଳ୍ପ ମଧ୍ୟରୁ ପ୍ରାୟ ଶତକଡ଼ା ୮୦ ଭାଗ ପ୍ରକଳ୍ପ ବିଶେଷ ଅଗ୍ରଗତି କରିଛି। ରାଜ୍ୟ ସରକାରଙ୍କ ଆଗୁଆ ପଦକ୍ଷେପ ଯୋଗୁ ଏହିସବୁ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ନିମନ୍ତେ କ୍ଷେତ୍ରସ୍ତରୀୟ ସମସ୍ୟାର ସମାଧାନ ହୋଇପାରିଛି। ଅବଶିଷ୍ଟ ଶତକଡ଼ା ୨୦ ଭାଗ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ବେଳେ ସୃଷ୍ଟି ହେଉଥିବା ସମସ୍ୟାର ସମାଧାନ ପନ୍ଥା ମଧ୍ୟ ତ୍ୱରାନ୍ୱିତ ଭାବେ ରାଜ୍ୟ ଓ ଜିଲା ପ୍ରଶାସନଙ୍କ ଦ୍ୱାରା ନିର୍ଣ୍ଣୟ କରାଯାଇଛି।

**୩୩ ବୃହତ୍ ପୁଞ୍ଜିନିବେଶ ପ୍ରକଳ୍ପର ସମୀକ୍ଷା**

ବୈଠକରେ ୩୩ ବୃହତ୍ ପୁଞ୍ଜିନିବେଶ ପ୍ରକଳ୍ପର ସମୀକ୍ଷା ହୋଇଥିଲା। ଏସବୁ ଦ୍ୱାରା ରେଳପଥ, ଜାତୀୟ ରାଜପଥ, ତୈଳ ଓ ଗ୍ୟାସ୍, ଖଣି, ସିମେଣ୍ଟ ଉତ୍ପାଦନ ଓ ଟେଲି ଯୋଗାଯୋଗ ଆଦି କ୍ଷେତ୍ରରେ ପ୍ରାୟ ୧,୨୬,୨୮୯ କୋଟି ଟଙ୍କା ବିନିଯୋଗ ହେବ। ପ୍ରକଳ୍ପ ଉନ୍ନୟନ ସଂସ୍ଥାଗୁଡ଼ିକ ଦ୍ୱାରା ଉପସ୍ଥାପନ କରାଯାଇଥିବା ସମୁଦାୟ ୮୨ଟି ସମସ୍ୟାର ସମାଧାନ ପନ୍ଥା ନିର୍ଣ୍ଣୟ କରାଯାଇଥିଲା। ବିଭିନ୍ନ ରେଳ ଟ୍ରାକ୍ ଦୋହରୀକରଣ ଆଦି ପ୍ରକଳ୍ପର ସମୀକ୍ଷାରେ ସ୍ଥାନ ପାଇଛି। ସେହିପରି ପାରାଦୀପ-ହାଇଦ୍ରାବାଦ ଉତ୍ପାଦ ପରିବହନ ପାଇପ୍‌ଲାଇନ୍, ଏମ୍‌ସିଏଲ୍ ୩ଟି କୋଇଲା ଖଣି ପ୍ରକଳ୍ପ, ନାଲ୍‌କୋର ୨ଟି କୋଇଲା ଖଣି ପ୍ରକଳ୍ପ ଆଦିର ଅଗ୍ରଗତି ସମୀକ୍ଷା ହୋଇଛି। ସେହିପରି ଆହୁରି ଅନେକ କାର୍ଯ୍ୟର ସମୀକ୍ଷା ମଧ୍ୟ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଭଲ କାମଗୁଡ଼ିଏ କରିବେ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସମ୍ମାନିତ ହେବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବାର ଅନୁକୂଳ ବାତାବରଣ ସୃଷ୍ଟି ହେବ। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ଓ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। ସଭାସମିତି, ରାଜନୀତି, କଳା, ଅଧ୍ୟାପନା କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ** ବନ୍ଧୁମାନଙ୍କ ନିକଟରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। କଳ୍ପନା କିମ୍ବା ଆଶା କରିନଥିବା ଜିନିଷ ଲାଭ କରି ଖୁସି ହୋଇଯିବେ। କଳା, ସାହିତ୍ୟ, ସଙ୍ଗୀତ ଓ ବକ୍ତୃତା କ୍ଷେତ୍ରରୁ ସୁଫଳ ମିଳିବ ଏବଂ ପ୍ରଶଂସିତ ହେବେ।

**ମିଥୁନ** ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ମନକଥା ମନରେ ରଖିପାରିବେ ନାହିଁ, ଫଳରେ ପାରିବାରିକ ସମସ୍ୟା ସୃଷ୍ଟି ହେବ। ସାମାଜିକ କ୍ଷେତ୍ର କିମ୍ବା ସଭାସମିତିରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**କର୍କଟ** ଅଭାବ ଅସୁବିଧା ନ ଥିଲେ ମଧ୍ୟ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ଗତକାଲିଠାରୁ ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ପାଇବେ। କାମ ସୁରୁଖୁରୁରେ ସମ୍ପନ୍ନ ହେବା ସକାଶେ ବନ୍ଧୁଙ୍କ ସାହାଯ୍ୟ ନେବାକୁ ପଡ଼ିପାରେ। ସଭାସମିତିରେ ସଫଳତା ହାସଲ କରିବେ, କିନ୍ତୁ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ** ଆତ୍ମୀୟମାନଙ୍କ ପରୋକ୍ଷ ଶତ୍ରୁତା ହେତୁ ମାନସିକ ଶାନ୍ତି ବ୍ୟାହତ ହେବାର ସୂଚନା ରହିଛି। ଶେଷ ସମୟରେ ସୁଯୋଗ ହାତଛଡ଼ା ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାରେ ହେଳା କଲେ ପରେ ଅନୁତାପ କରିବାକୁ ସମୟ ପାଇବେ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସୁଫଳ ଲାଭ ସକାଶେ ଆଶାବାଦିନୀ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ଅର୍ଥ ସଂକଟ ହେତୁ କାମଗୁଡିକ ସମ୍ପନ୍ନ ଦିଗରେ ସମସ୍ୟା ସୃଷ୍ଟି ହେବ।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାମ ହାସଲ କରିବେ। ବିଭିନ୍ନ ସୂତ୍ରରୁ ରୋଜଗାର ବୃଦ୍ଧି ପାଇବ, କିନ୍ତୁ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ପରିବହନ, ରପ୍ତାନି ବାଣିଜ୍ୟ, ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବେ।

**ବିଛା** ପ୍ରୟୋଗାତ୍ମକ କୌଶଳ କାରଣରୁ ଅସାଧ କାମ ସାଧନ କରିବାରେ ସମର୍ଥ ହେବେ। ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସରଳ ସମାଧାନ ହୋଇଯିବ। କୌଣସି ବନ୍ଧୁଙ୍କ ସହାୟତାରେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର କ୍ଷୀଣ ଆଶା ମନରେ ଉଙ୍କି ମାରିବ।

**ଧନୁ** ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ, କିନ୍ତୁ ନିଜ ଲୋକମାନଙ୍କ ନିକଟରୁ କ୍ରମଶଃ ଦୂରେଇ ଯାଇ ପାରନ୍ତି। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ିବେ, କିନ୍ତୁ କୌଣସି କାମ ଅଟକିବ ନାହିଁ। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ଘରେ ବିତର୍କକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ।

**ମକର** ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ପରିଲକ୍ଷିତ ହେବାରୁ ଦୁଶ୍ଚିନ୍ତା ବଢ଼ିଯାଇପାରେ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବା ଆଶାରେ ସହକର୍ମୀଙ୍କୁ ବିଭିନ୍ନ ପ୍ରକାର ବିନୟପୂର୍ଣ୍ଣ କଥା କହିବେ। କର୍ମକ୍ଷେତ୍ରରେ ଶେଷ ସମୟରେ ଆପଣଙ୍କ ପାଇଁ ବିଚାର ବଦଳି ଯାଇପାରେ। ଅଧିକାଂଶ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିବ।

**କୁମ୍ଭ** ମନ ବିଚଳିତ ରହିବ, କିନ୍ତୁ ପରକ୍ଷଣରେ ସବୁ କିଛି ଠିକ୍ ହୋଇଯିବ। ଆଗନ୍ତୁକଟି ଆପଣଙ୍କ ପ୍ରଶଂସାରେ ଶତମୁଖ ହୋଇ ଉଠିବ। ଜମା ଭଲ ପଡୁନଥିବା ଅନ୍ୟମାନଙ୍କ ମନଗଢ଼ା କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ପରିବାରର ବ୍ୟତିକ୍ରମ ଘଟଣାଟି ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ।

**ମୀନ** ଭାବପ୍ରବଣତାରେ ଭାସିଯାଇ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ପରିବାରରେ ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବେଳକୁ ବେଳ ପରିବାରର ଖର୍ଚ୍ଚଭାର ଯୋଗୁଁ ଚିନ୍ତାପ୍ରକଟ କରିବେ। କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

# ଲାଞ୍ଚ ନେଇ ଧରାପଡ଼ିଲେ ହିନ୍ଦୋଳ ଏସ୍‌ଡିପିଓ

**ଢେଙ୍କାନାଳ ଅଫିସ୍, ୧।୬:** ସୁବିଧାରେ ପଥର ପରିବହନ କରାଇଦେବା କହି ଜଣେ ଲିଜ୍‌ଧାରୀଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ବୁଧବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଢେଙ୍କାନାଳ ଜିଲା ହିନ୍ଦୋଳ ଏସ୍‌ଡିପିଓ ମଳୟ କିଶୋର ନାୟକ। ଭୁବନେଶ୍ୱର, ପୁରୀ, ଅନୁଗୋଳ, ଢେଙ୍କାନାଳ, ହିନ୍ଦୋଳ ଏବଂ ସମ୍ବଲପୁରରେ ଥିବା ଅଭିଯୁକ୍ତ ଏସ୍‌ଡିପିଓଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତି ଜବତ କରିବା ଲାଗି ଚଢ଼ାଉ ଜାରି ରହିଛି। ଏହି ଘଟଣାରେ କଟକ ଭିଜିଲାନ୍ସ ପିଏସ୍ କେସ୍ ନଂ. ୩୪/୨୨ରେ ଏକ ମାମଲା ରୁଜୁ କରାଯାଇଛି।



**ସତ୍ୟେନ୍ଦ୍ରଙ୍କୁ ପଦ୍ମବିଭୂଷଣ ଦିଆଯାଉ: କେଜ୍‌ରିୱାଲ**

ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ଜଣେ ସଚ୍ଚୋଟ ବ୍ୟକ୍ତି। ତାଙ୍କୁ ପଦ୍ମବିଭୂଷଣ ଦିଆଯିବା କଥା ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ କହିଛନ୍ତି।

୦୩

୦୪

**ଚର୍ଚ୍ଚାରେ ଗାଙ୍ଗୁଲିଙ୍କ ଟୁଇଟ୍**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ସଭାପତି ସୌରଭ ଗାଙ୍ଗୁଲିଙ୍କ ରହସ୍ୟାତ୍ମକ ଟୁଇଟ୍ ବୁଧବାର କ୍ରୀଡ଼ା ଜଗତରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।



# ଜନସେବାରେ ନବୀନ @୨୫



ଭୁବନେଶ୍ୱର,୧।୬(ବ୍ୟୁରୋ)

ନବୀନ ପଟ୍ଟନାୟକ, ଓଡ଼ିଶା ରାଜନୀତିର ଜଣେ ସ୍ୱର୍ଦ୍ଧିତ ବ୍ୟକ୍ତିତ୍ୱ। ଦୀର୍ଘ ଅଢ଼େଇ ଦଶନ୍ଧି ଧରି କ୍ଷମତାରେ ରହିବା ପରେ ମଧ୍ୟ ତାଙ୍କ ମ୍ୟାଜିକ୍ ଅକ୍ଷୁଣ୍ଣ ରହିଛି। ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଠାରୁ ଆରମ୍ଭ କରି ବିପର୍ଯ୍ୟୟ ମୁକାବିଲା ଦିଗରେ ତାଙ୍କ ବଳିଷ୍ଠ ନେତୃତ୍ୱ ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ତରରେ ପରିଚିତ କରିପାରିଛି। ନବୀନ ନିଜର ରାଜନୈତିକ ଜୀବନର ୨୫ ବର୍ଷ ଜନସେବାରେ ପୂରଣ କରିଛନ୍ତି। ଏହି ଅବସରରେ ସେ ଟୁଇଟ୍ କରି ସ୍ୱଭାବକବି ଗଙ୍ଗାଧର ମେହେରଙ୍କ କବିତା ପଂକ୍ତିକୁ ଉଲ୍ଲେଖ କରିବା ସହ ଓଡ଼ିଶାର ୪.୫ କୋଟି ଲୋକଙ୍କଠାରୁ ପାଇଥିବା ସ୍ନେହ ଓ ବିପୁଳ ସମର୍ଥନ ପାଇଁ କୃତଜ୍ଞତା ଜଣାଇଛନ୍ତି।

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ନବୀନ ୧୯୯୭ ଡିସେମ୍ବର ୨୬ ରେ ବିଜୁ ଜନତା ଦଳ ସ୍ଥାପନ କରିଥିଲେ। ସେ ୧୯୯୮ରେ ଆସ୍କା ନିର୍ବାଚନମଣ୍ଡଳୀରୁ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ୧୯୯୮ ମାର୍ଚ୍ଚ ୧୯ରୁ ୨୦୦୦ ମାର୍ଚ୍ଚ ୪ ପର୍ଯ୍ୟନ୍ତ ସେ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ କେନ୍ଦ୍ର ଇସ୍ପାତ ଓ ଖଣି ମନ୍ତ୍ରୀ ହୋଇଥିଲେ। ଏହା ପରେ ସେ ୨୦୦୦ ମାର୍ଚ୍ଚ ୫ ତାରିଖରେ ନବୀନ ରାଜ୍ୟ ଶାସନର ମଙ୍ଗ ଧରିଥିଲେ। ସେବେଠାରୁ ସେ ଆଉ ପଛକୁ ଫେରି ଚାହିଁନାହାନ୍ତି। ବହୁ ଘାତ ପ୍ରତିଘାତ ସତ୍ତ୍ୱେ ରାଜ୍ୟର ବିକାଶ ଦିଗରେ ସେ ନିଜକୁ ଅନବରତ ସମର୍ପି ଚାଲିଛନ୍ତି। ଦୃଢ଼ ଇଚ୍ଛାଶକ୍ତି ଏବଂ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ବହୁ ପଛରେ ପକାଇ ଲଗାତର ପଞ୍ଚମ ଥର ମୁଖ୍ୟମନ୍ତ୍ରୀ ☞ପୃଷ୍ଠା-୩

# ତ୍ରୁଟି ସୁଧାରିଲେ ସରକାର

## ପାଠପଢ଼ାରୁ ବାଦ୍ ପଡ଼ିଲା ୩ୟ ଶ୍ରେଣୀ ପଠନ ପୁସ୍ତିକାର ପ୍ରଥମ ପୃଷ୍ଠା

- ଇଂଲିଶ ଶବ୍ଦ ସହ ଘରୋଇ ବ୍ରାଣ୍ଡେଡ୍ ସାମଗ୍ରୀର ଫଟୋ ସ୍ଥାନିତ ଥିଲା
- ଧରିତ୍ରୀ ଖବରର ପ୍ରଭାବ
- ଓସେପା ନିର୍ଦ୍ଦେଶକଙ୍କୁ ଚିଠି, ଡିଇଓମାନେ ସ୍କୁଲରେ ଜଣାଇବେ
- ଶିକ୍ଷକମାନେ ତାହାକୁ ପଢ଼ାଇବେ ନାହିଁ




ଭୁବନେଶ୍ୱର,୧।୬(ବ୍ୟୁରୋ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପିଲାଙ୍କୁ ଗୁଣବତ୍ତାର ଶିକ୍ଷା ପ୍ରଦାନ କରିବା ନାଁରେ ଅନେକ ତ୍ରୁଟି କରାଯାଉଛି। ତୃତୀୟ ଶ୍ରେଣୀର ଓଡ଼ିଆ ଭାଷା ପଠନ ପୁସ୍ତିକାରେ କେତେକ ଘରୋଇ ବ୍ରାଣ୍ଡେଡ୍ କମ୍ପାନୀ ସାମଗ୍ରୀର ଛବି ପ୍ରକାଶ ପାଇଛି। ଏହାସହ ଚକୋଲେଟ୍, ହର୍ଲିକ୍ସ, ଫ୍ରୁଟି, କୁରକୁରେ ଭଳି ଇଂଲିଶ ଶବ୍ଦ ବ୍ୟବହାର କରାଯାଇଛି। ଏହାକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଥିବା ଦେଖିବାକୁ ମିଳିବା ପରେ ଧରିତ୍ରୀରେ ଗତ ୧୬ ତାରିଖରେ 'ଓଡ଼ିଆ ଭାଷା ପୁସ୍ତକରେ ପିଲା ପଢୁଛନ୍ତି ଇଂଲିଶ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ରାଜ୍ୟ ସରକାର ଭୁଲ୍ ହୋଇଥିବା କଥାକୁ ସ୍ୱୀକାର କରି ତାହାକୁ ସଂଶୋଧନ କରିଛନ୍ତି। ଏନେଇ ଗତ ୩୧ ତାରିଖରେ ରାଜ୍ୟ ଟିଚର ଏଜୁକେଶନ ଆଣ୍ଡ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି(ଓସେପା) ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଏକ ଚିଠି ଦିଆଯାଇଛି। ସେଥିରେ ତୃତୀୟ ଶ୍ରେଣୀ ଓଡ଼ିଆ ଭାଷା ପଠନ ପୁସ୍ତିକାର ପ୍ରଥମ ପୃଷ୍ଠାରେ ରହିଥିବା କେତେକ ବ୍ରାଣ୍ଡେଡ୍ ପ୍ରଡକ୍ଟର ଫଟୋ ଏବଂ ତା'ର ନାଁକୁ ବାଦ୍‌ଦେବା ଲାଗି ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ତୃତୀୟ ଶ୍ରେଣୀ ବହି ଜରିଆରେ ଉକ୍ତ ବ୍ରାଣ୍ଡଗୁଡ଼ିକର ଅବିକଳ ଛବିକୁ ପ୍ରଦର୍ଶିତ କରି ସେମାନଙ୍କ ପ୍ରଚାର ଚଳାଇଥିବା ଅଭିଭାବକମାନେ ଅଭିଯୋଗ କରିଥିଲେ। ଏହାଦ୍ୱାରା ପାଠ୍ୟପୁସ୍ତକ ଜରିଆରେ ବଡ଼ ବଡ଼ କମ୍ପାନୀର ଉତ୍ପାଦ ଶିଶୁମାନଙ୍କୁ ପଢ଼ିବାକୁ ଜାଣିଶୁଣି ଦିଆଯାଇଥିବା ମଧ୍ୟ ଅଭିଯୋଗ ହୋଇଥିଲା। ପିଲାଙ୍କ ବହିରେ ଥିବା ଉତ୍ପାଦଗୁଡ଼ିକର ଫଟୋ ଦେଖିଲେ ନିର୍ମାଣକାରୀ କମ୍ପାନୀଗୁଡ଼ିକ ମଧ୍ୟ ସହଜରେ ଜଣାପଡ଼ିଯାଉଛନ୍ତି; ☞ପୃଷ୍ଠା-୩

DIRECTORATE OF TEACHER EDUCATION AND SCERT : ODISHA : BHUBANESWAR

No......2711....... Date..31/05/2022 FLN-01

From
The Director, Educational Information
TE and SCERT,
Odisha, Bhubaneswar

To
The State Project Director,
Odisha School Education Programme Authority,
Bhubaneswar

Sub: Deletion of text and Pictures of branded products from class-III Pathan Pustika

Ref: Letter No. 11486/SME dated 27.05.2022

Sir,

In inviting a reference on the subject cited above, I am to inform you that Government has directed to delete the page No-1 of Class –III Pathana Pustika as Supplementary Reading Material which includes the text and pictures of the branded products. Necessary immediate steps may therefore,kindly be taken in this regard and DEOs may be instructed to ensure that teachers are properly sensitized not to use and demonstrate this page while teaching students.

Yours faithfully,
Director

Memo No..2712...... dated .31/05/2022
Copy forwarded to the Additional secretary, Department of School and Mass Education, Odisha, Bhubaneswar for information and necessary action.

Director

Memo No..2713........ dated .31/05/2022
Copy forwarded to all the DEOs for information and necessary action.

Director

Memo No..2714...... dated .31/05/2022
Copy forwarded to all the Principals, DIETs/ BIETs for information and necessary action.

Director

ଓସେପା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଦିଆଯାଇଥିବା ଚିଠିର ନକଲ ।

# ହାଇକୋର୍ଟରେ ଗଛ କଟା ବିବାଦ

କଟକ ଅଫିସ, ୧।୬

ବିଧାୟକଙ୍କ କ୍ୱାର୍ଟର୍ସ ନିର୍ମାଣ ପାଇଁ ଗଛ କାଟିବା ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। ଗଛ କାଟିବା ତୁରନ୍ତ ବନ୍ଦ କରିବା ସହ କଟାଯାଇଥିବା ଗଛ ବାବଦରେ କ୍ଷତିପୂରଣ ଦେବାକୁ ସାମାଜିକ କର୍ମୀ ଜୟନ୍ତୀ ଦାସ ବୁଧବାର କୋର୍ଟରେ ପ୍ରାର୍ଥନା କରିଛନ୍ତି। ରାଜ୍ୟ ସରକାର, କେନ୍ଦ୍ର ସରକାରଙ୍କ ସମେତ ୧୦ ଜଣଙ୍କୁ ଏଥିରେ ପକ୍ଷଭୁକ୍ତ କରାଯାଇଛି। ରାଜଧାନୀ ଭୁବନେଶ୍ୱର ୟୁନିଟ ୪ରେ ବିଧାୟକଙ୍କ ପାଇଁ ଅତ୍ୟାଧୁନିକ ସରକାରୀ କ୍ୱାର୍ଟର୍ସ ନିର୍ମାଣ ପାଇଁ ରବୀନ୍ଦ୍ର ମଣ୍ଡପ ନିକଟରୁ ପୋଲିସ କମିଶନର ମୁଖ୍ୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବହୁ ବର୍ଷ ପୁରୁଣା ଶତାଧିକ ଗଛ କଟାଯାଉଛି। ପ୍ରାୟ ହଜାର ଗଛ କାଟିବାକୁ ନିଷ୍ପତ୍ତି ନିଆଯାଇଛି। ରାଜଧାନୀକୁ ସବୁଜିମା ବଳୟରେ ରଖିବା ସହ ସୁରକ୍ଷା ଯୋଗାଉଥିବା ବୃକ୍ଷଗୁଡ଼ିକୁ ଏବେ କାଟିସଫା କରାଯାଉଛି। ଏନେଇ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଏବେ ଗଛ କଟାକୁ ବିରୋଧ କରି ଆନ୍ଦୋଳନ ପ୍ରତିବାଦ ତୀବ୍ର ହେବାରେ ଲାଗିଛି। ପରିବେଶବିତ୍, ସାମାଜିକ କର୍ମୀ, ରାଜନେତା ପ୍ରମୁଖ ଗଛକଟା ସ୍ଥଳରେ ଧାରଣା ଦେବା ସହ ଗଛ କଟା ତୁରନ୍ତ ବନ୍ଦ କରି ଭୁବନେଶ୍ୱରକୁ ବଞ୍ଚାଇବାକୁ ଦାବି କରିଛନ୍ତି।

# ଜୁଲାଇ ୪ରୁ ଓଜେଇଇ ପରୀକ୍ଷା

ଭୁବନେଶ୍ୱର,୧।୬(ବ୍ୟୁରୋ)

ଓଡ଼ିଶା ଜଏଣ୍ଟ ଏଣ୍ଟ୍ରାନ୍ସ ଏକ୍ଜାମିନେଶନ ବା ଓଜେଇଇ ୨୦୨୨ ପାଇଁ ପରୀକ୍ଷା ସୂଚୀ ପ୍ରକାଶ ପାଇଛି। ଜୁଲାଇ ୪ରୁ ପରୀକ୍ଷା ଆରମ୍ଭ ହୋଇ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ସକାଳ ୯ଟାରୁ ପ୍ରତିଦିନ ୩ଟି ଶିଫ୍ଟରେ ପରୀକ୍ଷା ହେବ। ଜୁଲାଇ ୪ରେ ୩ଟି ଯାକ ଶିଫ୍ଟରେ ଲାଟେରାଲ ଏଣ୍ଟ୍ରି ଡିପ୍ଲୋମା ପରୀକ୍ଷା ଅନୁଷ୍ଠିତ ହେବ। ସେହିପରି ଜୁଲାଇ ୫ର ପ୍ରଥମ ଓ ଦ୍ୱିତୀୟ ଶିଫ୍ଟରେ ଏମ୍‌ସିଏ/ଏଏସିସି କମ୍ପ୍ୟୁଟର ସାଇନ୍ସ ପରୀକ୍ଷା ହେବ। ଜୁଲାଇ ୫ର ତୃତୀୟ ଶିଫ୍ଟରେ ୧୧ଟି ବିଷୟରେ ଏମ୍‌ଟେକ୍, ଏମଆର୍‌ଏଚ୍, ଏମ୍‌ପ୍ଲାନ୍, ଏମ୍‌ଫାର୍ମ, ବି କ୍ୟାଟ ପରୀକ୍ଷା ହେବ। ୬ ତାରିଖ ପ୍ରଥମ ୨ଟି ଶିଫ୍ଟରେ ଏମ୍‌ବିଏ, ତୃତୀୟ ଶିଫ୍ଟରେ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ ପରୀକ୍ଷା ହେବ। ୮ ତାରିଖରେ କେବଳ ☞ପୃଷ୍ଠା-୩

# ସୋନିଆ, ରାହୁଲଙ୍କୁ ଜେରା କରିବ ଇଡି

## ନ୍ୟାଶନାଲ ହେରାଲ୍ଡ ଅର୍ଥ ହେରଫେର ମାମଲାରେ ସମନ

ନୂଆଦିଲ୍ଲୀ,୧।୬

କେନ୍ଦ୍ର ସରକାର ତଦନ୍ତକାରୀ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରୁଥିବା ନେଇ ଅଭିଯୋଗ ହେଉଥିବାବେଳେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ତାଙ୍କ ପୁଅ ତଥା ଦଳର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ବୁଧବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ ପଠାଇଛି। ନ୍ୟାଶନାଲ ହେରାଲ୍ଡ ଖବରକାଗଜ ସହ ଜଡ଼ିତ ଏକ ମନି ଲଣ୍ଡରିଂ ମାମଲାରେ ୭୫ ବର୍ଷୀୟା ସୋନିଆଙ୍କୁ ଜୁନ୍ ୮ରେ କେନ୍ଦ୍ରୀୟ ଦିଲ୍ଲୀସ୍ଥିତ ଇଡି ମୁଖ୍ୟାଳୟରେ ହାଜର ହୋଇ ଜେରାର ସମ୍ମୁଖୀନ ହେବାକୁ ଏଥିରେ କୁହାଯାଇଛି। ସେହିପରି ରାହୁଲ(୫୧)ଙ୍କୁ ୨ ତାରିଖ (ଗୁରୁବାର) ହାଜର ହେବାକୁ ନିର୍ଦ୍ଦେଶ ରହିଛି।

କଂଗ୍ରେସ ପୃଷ୍ଠପୋଷକତାରେ ପ୍ରକାଶିତ ନ୍ୟାଶନାଲ ହେରାଲ୍ଡରେ ଆର୍ଥିକ ଅନିୟମିତତା ହୋଇଥିବା ନେଇ ଭାଜପା ଏମ୍‌ପି ସୁବ୍ରମଣ୍ୟମ୍ ସ୍ୱାମୀ ୨୦୧୩ରେ ଅଭିଯୋଗ ଆଣିଥିଲେ।



ତାଙ୍କ ଅଭିଯୋଗକୁ ଭିତ୍ତିକରି ଇଡି ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। ଏହି ଖବରକାଗଜ ଆସୋସିଏଟେଡ୍ ଜର୍ନାଲ୍ସ ଲିମିଟେଡ୍ (ଏଜେଏଲ୍) ଦ୍ୱାରା ପ୍ରକାଶ ପାଉଥିବାବେଳେ ଏହାର ମାଲିକାନା ୟଙ୍ଗ୍ ଇଣ୍ଡିଆନ୍ ପ୍ରାଇଭେଟ୍ ଲିଃ ମାଲିକାନାରେ ରହିଛି। ସୋନିଆ ଓ ରାହୁଲଙ୍କ ସମେତ କଂଗ୍ରେସର ପ୍ରଥମ ପରିବାର ସଦସ୍ୟମାନେ ୟଙ୍ଗ୍ ଇଣ୍ଡିଆନ୍‌ର ଶେୟାର ହୋଲ୍ଡର୍ସ ରହିଛନ୍ତି। ମା'ପୁଅଙ୍କ ସମେତ ଦଳର ଅନ୍ୟ କେତେଜଣ ନେତା ଆସୋସିଏଟେଡ୍ ଜର୍ନାଲର ୯୦.୨୫ କୋଟି ଟଙ୍କାର ସମ୍ପତ୍ତିକୁ ୟଙ୍ଗ୍ ଇଣ୍ଡିଆନ୍ ପକ୍ଷରୁ ମାତ୍ର ୫୦ ଲକ୍ଷ ଟଙ୍କା ପଇଠ କରି ହେରଫେର କରିଥିଲେ ବୋଲି ସୁବ୍ରମଣ୍ୟମ୍ ଅଭିଯୋଗ ଆଣିଥିଲେ। ଗତବର୍ଷ ଫେବୃୟାରୀରେ ଦିଲ୍ଲୀ ହାଇକୋର୍ଟ ମା'ପୁଅଙ୍କୁ ସୁବ୍ରମଣ୍ୟମ୍‌ଙ୍କ ଆବେଦନ ଉପରେ ତଳ କୋର୍ଟରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉଭୟେ ୨୦୧୫ରେ ଜାମିନ ପାଇଥିଲେ। ତେବେ ପୂର୍ବରୁ ଇଡି ଏହି ମାମଲା ବନ୍ଦ କରିଦେଇଥିବାବେଳେ ☞ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

**ଅନେକରେ ଏକ**

**ନୂଆ ସଭାପତିଙ୍କ ପ୍ରଥମ ବୈଠକ, ୩ ବିଧାୟକ ଅନୁପସ୍ଥିତ**

☞ପୃଷ୍ଠା-୩






# ଘୂର୍ଣ୍ଣିବଳୟ: ୨ ଦିନ ଝଡ଼ବର୍ଷା

## ସୋନପୁର ୪୪.୪ ଡିଗ୍ରୀ

ଭୁବନେଶ୍ୱର,୧।୬(ବ୍ୟୁରୋ)

ଦକ୍ଷିଣ ବାଂଲାଦେଶ, ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ଆସନ୍ତା ୨ ଦିନ ଯାଏ ଘଡ଼ଘଡ଼ି ସହ ବର୍ଷା ହେବ। ଏନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଗାମୀ ୨ଦିନ ଯାଏ ଉତ୍ତର ଓଡ଼ିଶା ଓ ଉପକୂଳବର୍ତ୍ତୀ ଜିଲାରେ ବର୍ଷା ସମ୍ଭାବନା ରହିଛି। ରାଜ୍ୟର ୨୨ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲାଗୁଡ଼ିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର। ଅନ୍ୟପକ୍ଷରେ ସୋନପୁରରେ ବୁଧବାର ସର୍ବାଧିକ ୪୪.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ବୌଦ୍ଧ ୪୩, ସମ୍ବଲପୁର ୪୩.୬, ବଲାଙ୍ଗୀର ୪୩.୪, ଟିଟିଲାଗଡ ୪୨.୬, ହୀରାକୁଦ ୪୨.୧, ଭବାନୀପାଟଣା ୪୦.୫ ଏବଂ ନୂଆପଡାରେ ସର୍ବାଧିକ ତାପମାତ୍ରା ୪୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# କେକେଙ୍କ ପୋଷ୍ଟମର୍ଟମର ପ୍ରାଥମିକ ରିପୋର୍ଟ | ମୃତ୍ୟୁ ଅସ୍ୱାଭାବିକ ନୁହେଁ

କୋଲକାତା, ୧।୬

- ଗାୟକଙ୍କ ପରଲୋକକୁ ନେଇ ରାଜନୀତି
- କୋଲକାତା ବିମାନବନ୍ଦରରେ ତୋପ ସଲାମି
- ଆଜି ମୁମ୍ବାଇରେ ଶେଷକୃତ୍ୟ

ବିଶିଷ୍ଟ କଣ୍ଠଶିଳ୍ପୀ କ୍ରିଷ୍ଣକୁମାର କୁନ୍ନଥ ଓରଫ୍ କେକେଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ମଙ୍ଗଳବାର ଦକ୍ଷିଣ କୋଲକାତାର ନଜରୁଲ୍ ମଞ୍ଚରେ ସେ ସଙ୍ଗୀତ ପରିବେଷଣ କରିଥିବାବେଳେ ସେଠାରେ ତାଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇ ନ ଥିବା ଅଭିଯୋଗ ଆସିଛି। ଏଥିସହ କେକେଙ୍କ ମୁଣ୍ଡରେ ଆଘାତ ଲାଗିଥିବା ନେଇ ପ୍ରଥମେ ଜଣାପଡ଼ିବା ପରେ କୋଲାକାତାର ନ୍ୟୁ ମାର୍କେଟ ଥାନାରେ ଏହାକୁ ଅସ୍ୱାଭାବିକ ମୃତ୍ୟୁ ଦର୍ଶାଯାଇ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ତେବେ ବୁଧବାର ଅପରାହ୍ନରେ ଆସିଥିବା ପୋଷ୍ଟମର୍ଟମ ପ୍ରାଥମିକ ରିପୋର୍ଟରେ ତାହା ଅସ୍ୱାଭାବିକ ମୃତ୍ୟୁ ନୁହେଁ ବୋଲି ଦର୍ଶାଯାଇଥିବା ଜଣାପଡ଼ିଛି। କେକେଙ୍କୁ ହୃଦ୍‌ଘାତ ହୋଇଥିବା ଏବଂ ଯକୃତ ଓ ଫୁସ୍‌ଫୁସ୍‌ଜନିତ ରୋଗରେ ପୀଡ଼ିତ ଥିଲେ ବୋଲି ଏଥିରେ କୁହାଯାଇଛି। ଅପରପକ୍ଷେ କେକେଙ୍କ ମୃତ୍ୟୁକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। କୋଲାକାତା ପ୍ରଶାସନ କାର୍ଯ୍ୟକ୍ରମ ଆୟୋଜନ ସ୍ଥଳୀରେ ଉଚିତ ବ୍ୟବସ୍ଥା କରି ନ ଥିବାରୁ ଜଣେ କଳାକାରଙ୍କ



କ୍ରିଷ୍ଣକୁମାର କୁନ୍ନଥ (କେକେ)

ଜୀବନ ଚାଲିଗଲା ବୋଲି ଭାଜପା ଉପାଧ୍ୟକ୍ଷ ଦିଲୀପ ଘୋଷ କହିଛନ୍ତି।

ପୋଷ୍ଟମର୍ଟମ ପରେ କେକେଙ୍କ ମରଶରୀର କୋଲକାତା ବିମାନବନ୍ଦରକୁ ଅଣାଯାଇଥିଲା। ସେଠାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏୟାରପୋର୍ଟରେ କେକେଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ତୋପ ସଲାମି ପ୍ରଦାନ କରାଯାଇଥିଲା। ରବୀନ୍ଦ୍ର ସଦନରେ ତାଙ୍କ ମରଶରୀର ରଖାଯାଇଛି। ସେଠାରୁ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦର ଦେଇ କେକେଙ୍କ ପାର୍ଥିବ ଶରୀର ମୁମ୍ବାଇକୁ ନିଆଯିବ। ଗୁରୁବାର ମୁମ୍ବାଇରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାଯାଇଛି। ଅନ୍ୟପକ୍ଷରେ କନସର୍ଟରେ କେକେଙ୍କ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା ହୋଇ ନ ଥିଲା ବୋଲି ଅଭିଯୋଗ ଆସିଛି। ନର୍ଜୁଲ ମଞ୍ଚରେ ☞ପୃଷ୍ଠା-୩

**ଗାୟକ କେକେଙ୍କୁ ଅଶ୍ରୁଳ ବିଦାୟ।**



ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ। -ଶ୍ରୀଅରବିନ୍ଦ



# ଅନେକରେ ଏକ



ଦେବଦତ୍ତ ପଟ୍ଟନାୟକ

ପାଞ୍ଚଶହ ବର୍ଷ ପୂର୍ବେ ମୋଗଲମାନେ ଉତ୍ତର ଭାରତରେ ଶାସନ କରୁଥିବା ସମୟରେ ସାରା ଭାରତରେ ଶୀଘ୍ର ଭକ୍ତି କାବ୍ୟର ବ୍ୟାପକ ଜାଗରଣ ସୃଷ୍ଟି ହୋଇଥିଲା। ଭାରତର ଉତ୍ତରରୁ ଦକ୍ଷିଣ ପ୍ରାନ୍ତ ଯାଏ ଲୋକେ ଦୃଢ଼ଭାବ ସମ୍ବଳିତ ଭାଷାରେ ଦେବଦେବୀଙ୍କ ବିଭିନ୍ନ ରୂପ ପ୍ରତି ଭକ୍ତି ପ୍ରକାଶ କରୁଥିଲେ। ଦେବତାଙ୍କ ସେହି ରୂପଗୁଡ଼ିକ ମଧ୍ୟରେ କୃଷ୍ଣ ଅନ୍ୟତମ। କୃଷ୍ଣଙ୍କ ଉଦ୍ଦେଶ୍ୟରେ ସମର୍ପିତ ଭକ୍ତି ସଙ୍ଗୀତ ବା ଭଜନସବୁ ସ୍ଥାନୀୟ ଭାଷାରେ ରଚନା କରାଯାଇଛି। ଯେଉଁ ସବୁ ମନ୍ଦିରରେ କୃଷ୍ଣ ବିଭିନ୍ନ ନାମରେ ପରିଚିତ ତଥା ପୂଜିତ, ସେହି ମନ୍ଦିରଗୁଡ଼ିକ ସହ ଏହିସବୁ ଭଜନର ସମ୍ପର୍କ ରହିଛି। ସେଥିପାଇଁ କୃଷ୍ଣଙ୍କ ବିଭିନ୍ନ ରୂପକୁ ଆଧାର କରି ରଚିତ ଏହି ଭଜନଗୁଡ଼ିକ ସମ୍ପୂର୍ଣ୍ଣ ନିଆରା। ଯଦିଓ ସାରା ଭାରତରେ ପୁରାଣ, ଧର୍ମ ଏବଂ ଭାଷାରେ କୃଷ୍ଣ ଭକ୍ତିର ସମ୍ପର୍କ ରହିଛି ବୋଲି କହିଥାଉ, ତଥାପି ବାସ୍ତବତା ହେଉଛି ସେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ରୂପରେ ପ୍ରକଟ ହୋଇଛନ୍ତି। ଏପରିକି ଭାରତର ଗୋଟିଏ ଭାଗର ଲୋକେ ନିର୍ଦ୍ଦିଷ୍ଟ ଭାବେ ସବୁ ବିଷୟ ଅନୁଭବ ନ କରିବା ପର୍ଯ୍ୟନ୍ତ ଅନ୍ୟ ଅଞ୍ଚଳରେ ପୂଜାପାଉଥିବା କୃଷ୍ଣଙ୍କୁ ସେମାନେ ମାନିବା ସମ୍ଭାବନା ନ ଥାଏ। ଉଦାହରଣସ୍ୱରୂପ, ରାଜସ୍ଥାନରେ କୃଷ୍ଣଙ୍କୁ ଶ୍ରୀନାଥଜୀ ଡାକନ୍ତି। ସେ ତାଙ୍କ ଅଙ୍ଗୁଳିରେ ଗିରି ଗୋବର୍ଦ୍ଧନକୁ ଉଠାଇ ଧରିଥିବା ରୂପରେ ଦୃଶ୍ୟମାନ ଏବଂ ତାଙ୍କ ଚକ୍ଷୁଯୁଗଳ ଦେଖିବାକୁ ନୌକା ସଦୃଶ। କିନ୍ତୁ ଓଡ଼ିଶାରେ କୃଷ୍ଣଙ୍କୁ ଲୋକେ ଜଗନ୍ନାଥ ବୋଲି ସମ୍ବୋଧନ କରନ୍ତି। ସେଠାରେ ଜଗନ୍ନାଥଙ୍କ ଅଧାଗଢ଼ା କାଠ ବିଗ୍ରହ ରୂପରେ କୃଷ୍ଣ ବିଦ୍ୟମାନ। ଏହି ବିଗ୍ରହକୁ ପ୍ରତି ୧୨ ବର୍ଷରେ କିମ୍ବା ଏହାଠୁ ଅଧିକ ବର୍ଷରେ ବଦଳାଯାଏ ଅର୍ଥାତ୍ ଏହାର ନବକଳେବର କରାଯାଇଥାଏ। ଏହି ବିଗ୍ରହର ଚକ୍ଷୁଯୁଗଳ ଗୋଲାକାର। ରାଜସ୍ଥାନରେ ଶ୍ରୀନାଥଜୀ ଏକୁଟିଆ ପୂଜା ପାଉଥିବାବେଳେ ଜଗନ୍ନାଥ ବଡ଼ ଭାଇ ବଳରାମ ଏବଂ ଭଉଣୀ ସୁଭଦ୍ରାଙ୍କ ସହ ପୁରୀ ଶ୍ରୀମନ୍ଦିରରେ ପୂଜା ପାଉଛନ୍ତି। ତେବେ ଦର୍ଶନ କରିବା ପାଇଁ ରାଜସ୍ଥାନରୁ ପୁରୀ ଆସୁଥିବା ଶ୍ରଦ୍ଧାଳୁମାନେ ସବୁ ବିଷୟରେ ଅବଗତ ହେଲେ ହିଁ ଜଗନ୍ନାଥଙ୍କୁ କୃଷ୍ଣ ବୋଲି ଅବଗତ ହେବେ। କିନ୍ତୁ ନାଥଦ୍ୱାରରେ ପୂଜିତ ଶ୍ରୀନାଥଜୀଙ୍କ ପ୍ରତିମା ତୁଳନାରେ ଜଗନ୍ନାଥଙ୍କ ମୂର୍ତ୍ତି ଏବଂ ନାମରେ ପୂରା ଭିନ୍ନତା ଥିବା ଜାଣିପାରିବେ।



ଗୁଜରାଟରେ କୃଷ୍ଣ ଦ୍ୱାରକାଧୀଶ କିମ୍ବା ଦ୍ୱାରକାର ପ୍ରଭୁ ଭାବେ ଜଣାଶୁଣା। ଏଠାରେ କିନ୍ତୁ ଦ୍ୱାରକାଧୀଶ ଚାରିବାହୁ ବା ଚତର୍ଭୁଜ ଦେବ ଭାବେ ବିଦ୍ୟମାନ। ସେ ବେଶି ବିଷ୍ଣୁଙ୍କ ଭଳି ଓ କମ୍ କୃଷ୍ଣଙ୍କ ରୂପରେ ପ୍ରକାଶିତ। ଦ୍ୱାରକାର ଦ୍ୱାରକାଧୀଶଙ୍କ ମୂର୍ତ୍ତି ମଧ୍ୟ ଗୁଜରାଟର ଡକୋରରେ ଦେଖିବାକୁ ମିଳନ୍ତି। ପଶ୍ଚିମବଙ୍ଗରେ ବାଉଲ (ଆଧାତ୍ମିକ ଲୋକଗୀତ) ପରମ୍ପରାରେ କୃଷ୍ଣଙ୍କୁ ଡାକନ୍ତି କେଶଟୋ। ଚୈତନ୍ୟ ମହାପ୍ରଭୁ କୃଷ୍ଣଙ୍କ ମୂର୍ତ୍ତିକୁ ମୁରଲୀଧର କରିଦେଲେ। କୃଷ୍ଣ ବଂଶୀ ଧରି ରାଧାଙ୍କ ସହ ଠିଆ ହୋଇଥିବା ଯୁଗଳ ମୂର୍ତ୍ତି ବହୁଳ ଭାବେ ଲୋକପ୍ରିୟ। ଏହି ମୂର୍ତ୍ତି ଗୌଡ଼ୀୟ ବୈଷ୍ଣବ ପରମ୍ପରାରେ ଦେଖିବାକୁ ମିଳେ। ଆସାମର ଶଙ୍କରଦେବ ପରମ୍ପରାରେ ଏବଂ ଆସାମର ସତାରଗୁଡ଼ିକ( ବୈଷ୍ଣବବାଦର ଏକଶରଣ ପରମ୍ପରା)ରେ କୃଷ୍ଣ ମାଧବ ନାମରେ ବେଶି ପରିଚିତ। ତାଙ୍କୁ ମଧୁ ( ହନି) ସହ ଯୋଡ଼ି ଏଭଳି ନାମକରଣ କରାଯାଇଛି। ତେବେ ନାମଘରରେ କୃଷ୍ଣଙ୍କର କୌଣସି ମୂର୍ତ୍ତି ଦେଖିବାକୁ ମିଳେନାହିଁ। ହେଲେ ସେଠାରେ ତାଙ୍କ ନାମ ଗାନ ହୋଇଥାଏ ଏବଂ ତାଙ୍କ କାହାଣୀଗୁଡ଼ିକ ବର୍ଣ୍ଣନା କରାଯାଏ।

ତୁମେ ଯଦି ପୁରାତନ ତାମିଲ ସାହିତ୍ୟ ପଢ଼ିବ, ତେବେ ଜଣେ ଗୋପାଳ ଦେବତା ଦେଖିବ ଯାହାଙ୍କୁ କୁହାଯାଉଛି ମାୟୋନ। ମାୟୋନଙ୍କ ଚାରିପାଖରେ ଗାଈ ଦୁହୁଁଥିବା ମହିଳାମାନେ ଘେରି ରହିଛନ୍ତି। ତାଙ୍କୁ ଲୋକେ ଶ୍ରଦ୍ଧାରେ ଡାକନ୍ତି ନାପ୍ପିନାଇ। ବାସ୍ତବରେ ସେ କିଏ ତାହା ଜାଣିଲେ ଆମେ ଆଶ୍ଚର୍ଯ୍ୟ ହୋଇଯିବା। ଅତି ନିକଟରୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ସେ ହେଉଛନ୍ତି ହିନ୍ଦୀ ସାହିତ୍ୟର କୃଷ୍ଣ ଏବଂ ନାପ୍ପିନାଇ ହେଉଛନ୍ତି ରାଧା। ଏ ହେଉଛନ୍ତି ସେହି ସମାନ ଦେବତା ଯାହାଙ୍କୁ ଭାରତର ଉତ୍ତର ଭାଗ ଏବଂ ଦକ୍ଷିଣାଞ୍ଚଳରେ ସମ୍ପୂର୍ଣ୍ଣ ଭିନ୍ନ ଭାବେ ବର୍ଣ୍ଣନା କରାଯାଇଛି। କର୍ନାଟକରେ କୃଷ୍ଣ ଚେନ୍ନାକେଶବ ବା ବାଳକୃଷ୍ଣ ଭାବେ ପୂଜା ପାଉଛନ୍ତି ଓ ସେ ଗୋଟିଏ ହାତରେ ଦହି ଗୋଳାଇବାରେ ବ୍ୟବହାର କରାଯାଉଥିବା ଖୁଆ ଧରିଛନ୍ତି। କେରଳରେ କୃଷ୍ଣ ଗୁରୁବାୟୁର ରୂପରେ ଦୃଶ୍ୟମାନ। ଗ୍ରହରାଜ ବୃହସ୍ପତି ଏବଂ ପବନ ଦେବତା ବାୟୁଙ୍କ ଦ୍ୱାରା ପୂଜିତ ଦେବଙ୍କୁ ଗୁରୁବାୟୁର ବୋଲି କୁହାଯାଏ। ଏହା ମଧ୍ୟ କୁହାଯାଏ ଯେ, ଏକଦା ଏହି ମୂର୍ତ୍ତିକୁ ଦେବକୀ ପୂଜା କରୁଥିଲେ ଏବଂ ବହୁ ବର୍ଷ ପୂର୍ବେ ତାହାକୁ ସେ କେରଳର ରାଜାମାନଙ୍କୁ ହସ୍ତାନ୍ତର କରିଥିଲେ।

ମହାରାଷ୍ଟ୍ରର ପଣ୍ଡରପୁରରେ କୃଷ୍ଣ ବିଠଲ ଭାବେ ପୂଜା ପାଉଛନ୍ତି। ତାଙ୍କ ସହ ରହିଛନ୍ତି ରୁକ୍ମିଣୀ। ଏଠାରେ କୃଷ୍ଣ କହୁଣି ବାହାରକୁ କରି ପାପୁଲି ଅଣ୍ଟାରେ ଦେଇ ଗୋଟିଏ ଇଟା ଉପରେ ଦଣ୍ଡାୟମାନ ହୋଇଛନ୍ତି। ପୁରାତନ ମରାଠୀ ରଚନାରେ ବିଠୋବା ଶବ୍ଦକୁ ବିଷ୍ଣୁ ବା ବିଠୁଙ୍କ ସହ ସମ୍ବନ୍ଧିତ କରାଯାଇଛି। ଆନ୍ଧ୍ରପ୍ରଦେଶର ତିରୁପତିରେ କୃଷ୍ଣ ବିଷ୍ଣୁଙ୍କ ଭଳି ଚତୁର୍ଦ୍ଧାମୂର୍ତ୍ତି ଭାବେ ବିଦ୍ୟମାନ ହେଲେ ମଧ୍ୟ ତାଙ୍କୁ ଗୋବିନ୍ଦ କିମ୍ବା ଗୋପାଳ ବୋଲି ସମ୍ବୋଧନ କରାଯାଇଥାଏ। ଏହା ବ୍ୟତୀତ ଚେନ୍ନାଇରେ ଏକ ଅପୂର୍ବ ମନ୍ଦିର ରହିଛି। ସେଠାରେ ଲୋକେ କୃଷ୍ଣଙ୍କୁ ପାର୍ଥସାରଥି ବୋଲି ଡାକନ୍ତି କିମ୍ବା ଅର୍ଜୁନଙ୍କ ସାରଥି ଭାବେ ବିବେଚନା କରିଥାଆନ୍ତି। ଏହା ଏକ ବିଶାଳ ମୂର୍ତ୍ତି ଏବଂ ତାଙ୍କର ନିଶ ରହିଛି। ଏଭଳି ଅତି ବିଚିତ୍ର ରୂପ ଭାରତର ଅନ୍ୟ କୌଣସିଠାରେ ଦେଖିବାକୁ ମିଳେନାହିଁ। ପାର୍ଥସାରଥି ହାତରେ ବଂଶୀ ନୁହେଁ, ବରଂ ଏକ ଶଙ୍ଖ ଧରିଛନ୍ତି। ଶିଖ୍‌ମାନଙ୍କ ଗୁରୁଗ୍ରନ୍ଥ ସାହିବରେ କୃଷ୍ଣଙ୍କ ଅନ୍ୟନାମ ହରି ଓ ମଧୁସୂଦନ ବାରମ୍ବାର ଉଲ୍ଲେଖ କରାଯାଇଛି।

ଏହିପରି ଭାରତର ବିଭିନ୍ନ ଭାଗରେ ଭିନ୍ନ ଭିନ୍ନ ରୂପରେ ଭିନ୍ନ ନାମରେ ପ୍ରଭୁ କୃଷ୍ଣ ଦୃଶ୍ୟମାନ ହୋଇଛନ୍ତି। ଅନେକ ନାମ ଓ ରୂପରେ ସେ ହିଁ ଏକ, ଅର୍ଥାତ୍ ସେ ହିଁ କୃଷ୍ଣ। ଏହିପରି ଏକତା ଓ ବିବିଧତାର ବିଚାର ପୌରାଣିକ କାହାଣୀରେ ମଧ୍ୟ ପରିପ୍ରକାଶ ହୋଇଛି। ବିଷ୍ଣୁଙ୍କ ଅଷ୍ଟମ ଅବତାର ଭାବେ କୃଷ୍ଣଙ୍କୁ ଗ୍ରହଣ କରାଯାଏ। ତେବେ କୃଷ୍ଣଙ୍କର ବିଭିନ୍ନ ଆଞ୍ଚଳିକ ରୂପକୁ ପୌରାଣିକ ସିଦ୍ଧାନ୍ତ ଦ୍ୱାରା ଏକ ବୋଲି ଦର୍ଶାଯାଇଛି।

devdutt.pattanaik@gmail.com

## ଏଇ ଭାରତରେ

ପରିବା ଦୋକାନୀମାନେ ଆଉ କ୍ଷତି ସହିବେନି, କାରଣ କର୍ନାଟକର ମହୀଶୂର ବିଦ୍ୟାବର୍ଦ୍ଧକ ଇଞ୍ଜିନିୟରିଂ କଲେଜର ଛାତ୍ରମାନେ ନିର୍ମାଣ କରିଛନ୍ତି ଏକ ରେଫ୍ରିଜରେଟର। ଏହା ସୌରଶକ୍ତିରେ ଚାଲୁଛି। ଏଥିରେ ଚକ ଲଗାଯାଇଛି ଓ ଜଣେ ପ୍ୟାଡେଲ ମାରି ଏହାକୁ ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ନେଇପାରୁଛନ୍ତି। ଟିମ୍ ଲିଡର ନବୀନ ଏଚ୍‌ଭି ଏବଂ ତାଙ୍କ ବ୍ୟାଚ୍‌ମେଟ ଶୁଭମ୍ ସୈନ, ସୁପ୍ରୀତ୍ ଏସ୍ ଏବଂ ବିବେକ ଚନ୍ଦ୍ରଶେଖର ଏହି ରେଫ୍ରିଜରେଟର ବିକାଶ କରିଛନ୍ତି। ଏହାର ନାମ ରଖାଯାଇଛି ସୋଲାର କାର୍ଟ। ଏଥିରେ ୦ରୁ ୧୦ ଡିଗ୍ରୀ ତାପମାତ୍ରା ସେଟ୍ କରାଯାଇଛି। ସୋଲାର କାର୍ଟରେ ଖର୍ଚ୍ଚ ହୋଇଛି ପାଖାପାଖି ୫୨,୦୦୦ ଟଙ୍କା। ଏବେ ବଜାରରେ ଉପଲବ୍ଧ କୁଲିଂ କାର୍ଟର ଅଧା ଦାମ୍‌ରେ ଏହା ସମ୍ଭବ ହୋଇଛି ବୋଲି କହନ୍ତି ମେକାନିକାଲ ଇଞ୍ଜିନିୟରିଂ ବିଭାଗର ସହକାରୀ ପ୍ରାଧ୍ୟାପକ ଏନ୍‌ପି ମୁଥୁରାଜ। ଏହି ସୋଲାର କାର୍ଟରେ ପରିବା ୭ରୁ ୧୦ ଦିନ ଯାଏ ସତେଜ ରହୁଛି। ଏହାକୁ କିଭଳି ଅଧିକ ଶସ୍ତାରେ କୃଷକମାନେ ପାଇପାରିବେ, ସେଥିଲାଗି ପ୍ରୟାସ କରାଯାଉଛି ବୋଲି କହନ୍ତି ନବୀନ।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୨ ଜୁନ୍ ୧୯୯୭

- କୃଷ୍ଣସାଗର ନୌସେନା ଲିଜ ନେଇ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଏକ ଐତିହାସିକ ଚୁକ୍ତି ସ୍ୱାକ୍ଷରିତ।
- ନିଷିଦ୍ଧ ଘୋଷଣା କରାଯାଇଥିବା ନିଶାଦ୍ରବ୍ୟ ସେବନ ଅଭିଯୋଗରେ ଆମେରିକାର ୩ ଜଣ ଆଥଲେଟ୍ ସସ୍‌ପେଣ୍ଡ।
- ବୈଦେଶିକ ମୁଦ୍ରା ବିନିମୟ ଆଇନ (ଫେରା) ଉଲ୍ଲଂଘନ ଅଭିଯୋଗରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏନ୍.ଡି. ତିୱାରୀ, ଅରିଫ ମହମ୍ମଦ ଖାଁ, ବଳରାମ ଝାଖର ଏବଂ ପି. ଶିବଶଙ୍କରଙ୍କ ବିରୁଦ୍ଧରେ ରୁଜୁ ମକଦ୍ଦମାଗୁଡ଼ିକୁ ଏନ୍‌ଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ ବାତିଲ କରିଦେଇଛି।

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 8 | | | 5 | | | | 3 | |
| 4 | | | | 3 | | | | 9 |
| | | | 7 | | | | | |
| | | | | 7 | | 1 | 4 | |
| 5 | | | 9 | | | | 2 | 6 |
| | 6 | | | 1 | | 9 | | |
| | | | | | | | 5 | |
| | | 7 | | | 3 | | | 8 |
| 3 | | | 6 | 2 | 8 | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 4 | 2 | 7 | 9 | 5 | 1 | 6 |
| 6 | 1 | 2 | 8 | 5 | 4 | 3 | 9 | 7 |
| 5 | 7 | 9 | 1 | 3 | 6 | 2 | 8 | 4 |
| 4 | 8 | 3 | 7 | 6 | 2 | 1 | 5 | 9 |
| 1 | 9 | 7 | 3 | 4 | 5 | 6 | 2 | 8 |
| 2 | 5 | 6 | 9 | 8 | 1 | 4 | 7 | 3 |
| 9 | 6 | 1 | 4 | 2 | 8 | 7 | 3 | 5 |
| 3 | 4 | 8 | 5 | 1 | 7 | 9 | 6 | 2 |
| 7 | 2 | 5 | 6 | 9 | 3 | 8 | 4 | 1 |

ଗତକାଲିର ଉତ୍ତର

# ସାର୍ଥକ ସେହି ସଂଗ୍ରାମୀ ଜୀବନ



ଅରବିନ୍ଦ ପଟ୍ଟନାୟକ

୧୯୭୫ ଜୁନ୍ ୨୫ ମଧ୍ୟରାତ୍ରିରୁ ଇନ୍ଦିରା ଗାନ୍ଧୀ ଜରୁରିକାଳୀନ ବା ଇମର୍ଜେନ୍ସି ଜାରି କଲେ। ଏହା ବିରୋଧରେ ଗଣତାନ୍ତ୍ରିକ ମାନବ ଅଧିକାର ଫେରିପାଇବା ପାଇଁ ଲଢ଼େଇ ଆରମ୍ଭ ହେଲା। ନିରନ୍ତର ସଂଗ୍ରାମରତ ନେତା ଶିବାଜୀ ପଟ୍ଟନାୟକ, ଆଦରର ଶିବାଜୀ ଭାଇ ଥିଲେ ସେଇ ଲଢ଼େଇରେ ଆଗଧାଡ଼ିର ନେତା। ଶୁଣିଥିଲି ତାଙ୍କ ପଛରେ ସରକାରୀ ଗିରଫ ପରୱାନା ଗୋଡ଼ାଇଛି। ସେତିକି ବେଳର କଥା। ମୋ ଘର ଆଗରେ ମୁଣ୍ଡରେ ଟୋପି ଯୁବଜନ ସମ ଶାର୍ଟ ପ୍ୟାଣ୍ଟ ପରିହିତ ଜଣେ ଡେଙ୍ଗାଲୋକ ସାଇକେଲ ଚଢ଼ି ପହଞ୍ଚିଗଲେ ଏବଂ ସାଇକେଲଟି ରଖି ଦେଇ ତଡିତ୍ ବେଗରେ ଘର ଭିତରକୁ ପଶିଗଲେ। ମୁଁ ଜାଣିଥିଲି ଶିବାଜୀ ଭାଇ ଆସିବେ। କିନ୍ତୁ ସେ ଏମିତି ପହଞ୍ଚିଯିବେ ବୋଲି କଳ୍ପନା କରି ନ ଥିଲି। ଅଳ୍ପଦିନ ରହିଲେ। ଯେମିତି ଆସିଥିଲେ, ସେମିତି ଆଉ ପ୍ରକାରେ ହଠାତ୍ ଅନ୍ୟ କେଉଁ ଅଜ୍ଞାତ ବାସକୁ ଚାଲିଗଲେ। ଗିରଫ ହୋଇ ଜେଲରେ ରହିଲେ ସଂଗ୍ରାମ ଚାଲିବ କେମିତି? ଚଳାଇବ କିଏ? ଭାବୁଥିଲି, ଏବେ ବଡ଼ ବଡ଼ ପଦ ପଦବୀରେ ଥାଇ କ୍ଷମତା ଓ ସୌଭାଗ୍ୟଶାଳୀ ସହପାଠୀମାନଙ୍କଠାରୁ ଯଥେଷ୍ଟ ବୁଦ୍ଧିବିଦ୍ୟା ଥିବା ଶିବାଜୀ ଭାଇ ନିଜ କ୍ୟାରିୟର ଗଢ଼ିବା ଛାଡ଼ି ଏଇ ବାଟରେ ମାଡ଼ିଆସିଲେ- କେମିତି? ଝାମୁଯାତ ବେଳେ ଭଗତାମାନେ ରଡ଼ନିଆଁର ଲମ୍ବା ଅହିଆରେ ଚାଲିବା ଦେଖିଛି। କିନ୍ତୁ ସଂଘର୍ଷର ଏମିତି ପଥ ଦେଖିବା ଥିଲା ମୋ ପାଇଁ ଗୋଟିଏ ଆକର୍ଷଣ। ଦେଖିଲିନି ସିନା ପଢ଼ିଲି ତାଙ୍କ 'ସଂଘର୍ଷ ଓ ସଂକଳ୍ପର ପଥରେ' ବହିଟି।

ସଂଘର୍ଷ ଶଙ୍କିଳ ଦୀର୍ଘ ପଥରେ ଦୃପ୍ତ ଯାତ୍ରାର ବର୍ଣ୍ଣନା ଥିବା ଆତ୍ମଜୀବନୀଟିଏ। କଲେଜରେ ପଢୁଥିବା, ଜୀବନ ଯାତ୍ରା ଆରମ୍ଭ ସମୟ ବା ବୟସ କହିହେବ। ସେହି ସମୟର ବର୍ଣ୍ଣନା ଥିବା ଉପଶୀର୍ଷକଟିଏ-'ପ୍ରଥମ ଗିରଫଦାରି'ରେ ଲେଖିଛନ୍ତି- ''୧୯୪୮ରେ ପ୍ରଥମ ବାର୍ଷିକ ପରୀକ୍ଷା ସାରି ନୟାଗଡ଼ରେ ଯାଇ ରହିଥିଲା ବେଳେ ମୋର ପ୍ରଥମ ଗିରଫଦାରି। ଗଡ଼ଜାତ ମିଶ୍ରଣ ବେଳେ ପ୍ରଜାମାନଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିଗୁଡ଼ିକୁ ପାଳନ ନ କରି କଂଗ୍ରେସ ସରକାର କିପରି ବିଶ୍ୱାସଘାତକତା କରିଛି ତାହା ଦର୍ଶାଇ ସେଥିପାଇଁ ସ୍ୱର ଉତ୍ତୋଳନ କରିବାକୁ ପାର୍ଟି ତରଫରୁ ଆସିଥିବା ଏକ ପ୍ରଚାରପତ୍ର ବାଣ୍ଟିବା ଥିଲା ମୋର ଅପରାଧ। ମୋତେ ଘରୁ ଗିରଫ କରାଯାଇ ମୋ ପାଖରେ ଥିବା ଅବଶିଷ୍ଟ ପ୍ରଚାରପତ୍ର ଜବତ କରାଗଲା। ସକାଳ କଚେରି ସରିଥିବାରୁ ମୋତେ ମାଜିଷ୍ଟ୍ରେଟଙ୍କ ଘରକୁ ନେଇ ଥାନାକୁ ପଠାଇ ଦିଆଗଲା।'' ଏଠାରେ ଉପରେ ବ୍ୟବହାର କରାଯାଇଥିବା ''ବିଶ୍ୱାସଘାତକତା'' ଶବ୍ଦଟି ବଡ଼ ଗୁରୁତ୍ୱପୂର୍ଣ୍ଣ। ଭାରତ ଇଂରେଜମାନଙ୍କ କବଳରୁ ମୁକ୍ତ ହେବା ପରେ ଲୋକେ ନାଗରିକ ଅଧିକାର ପାଇବା ଏବଂ ଗୋଟିଏ ସ୍ୱାଧୀନ ଦେଶର ନାଗରିକ ଭାବରେ ମର୍ଯ୍ୟାଦାର ସହିତ ଜୀବନଯାପନ କରିବାର ଯେଉଁ ବିଶ୍ୱାସ କରିଥିଲେ ତାହା ପ୍ରତି ''ଘାତକତା'' ସାମାନ୍ୟ କଥା ନୁହେଁ। ସେଥିପାଇଁ ସଂଗ୍ରାମ କ'ଣ ଆବଶ୍ୟକ ନୁହେଁ?

ତାଙ୍କ ବାପା କୃପାସିନ୍ଧୁ ପଟ୍ଟନାୟକ ଥିଲେ ଜଣେ ପ୍ରତିଷ୍ଠିତ ଓକିଲ। ସେ ସମୟର ମୁଖ୍ୟମନ୍ତ୍ରୀ ଥିଲେ ତାଙ୍କର ସହପାଠୀ ଓ ବନ୍ଧୁ। ସେ ଇଚ୍ଛା କରିଥିଲେ ସାଲିସ୍ କରାଇ ପୁଅକୁ ପୁଣି କଲେଜରେ ଛାଡ଼ିଦେଇ, କହି ଆସିଥାନ୍ତେ- ''ବାବୁରେ ଏଥର ତୋର କ୍ୟାରିୟର ଗଢ଼।'' କିନ୍ତୁ ସେ ନିଜେ ଏକଦା ଥିଲେ ସ୍ୱାଧୀନତା ସଂଗ୍ରାମ ବେଳର କଂଗ୍ରେସ ଓ ଗଡ଼ଜାତ ଆନ୍ଦୋଳନ ସହିତ ସମ୍ପୃକ୍ତ ଜଣେ ସାଲିସ୍‌ବିହୀନ ବ୍ୟକ୍ତି।

### ଶିବାଜୀ ପଟ୍ଟନାୟକଙ୍କ ଏକାଦଶାହ ଉପଲକ୍ଷେ



ଶିବାଜୀ ପଟ୍ଟନାୟକଙ୍କର ଜନ୍ମ ୧୯୩୦ରେ। ସେଇଟି ଲବଣ ସତ୍ୟାଗ୍ରହ ବା ଆଇନ ଅମାନ୍ୟ ଆନ୍ଦୋଳନକୁ ଡାକରା ସମୟ। ତା' ପରେ, ତାଙ୍କୁ ଯେତେବେଳେ ୧୨ ବର୍ଷ, ସେତେବେଳେ ୧୯୪୨ ଭାରତ ଛାଡ଼ ଆନ୍ଦୋଳନ। ତାଙ୍କ ଘରକୁ ବିଶେଷ କରି ଗଡ଼ଜାତ ମିଶ୍ରଣ ତଥା କଂଗ୍ରେସ ସୋସିଆଲିଷ୍ଟ ପାର୍ଟିର ନେତାମାନଙ୍କର ଗମନାଗମନର ସମୟ। ସେ ସେତେବେଳେ ଭଗବତୀ ପାଣିଗ୍ରାହୀଙ୍କୁ ମଧ୍ୟ ଦେଖିଛନ୍ତି। ୧୯୩୭-୩୮ରେ ଓଳସିଂହଠାରେ ହାଇସ୍କୁଲରେ ପଢୁଥିବା ବେଳେ, ତାଙ୍କ ସ୍କୁଲ ରାଜନୈତିକ କେନ୍ଦ୍ରରେ ପରିଣତ ହୋଇଯାଇଥିଲା। ସେଠାରେ ଗଠିତ ହୋଇଥିଲା- ଛାତ୍ର ଫେଡେରେଶନ। ପୁରାତନ ଛାତ୍ର ସମ୍ମିଳନୀକୁ ଆସିଥିଲେ ମାଳତୀ ଚୌଧୁରୀ। ପ୍ରଧାନ ଶିକ୍ଷକ ମଧ୍ୟ ଥିଲେ ଜାତୀୟବାଦୀ। ୧୯୪୨ରେ ସ୍କୁଲରେ ତ୍ରିରଙ୍ଗା ପତାକା ଉଡ଼ାଇ କେତେଜଣ ଛାତ୍ର ରଷ୍ଟିକେଟ ହୋଇଥିଲେ। ଏହି ସମୟ ଓ ପରିବେଶ, ଛାତ୍ର ଫେଡେରେଶନରେ ମିଶିବା, ତାଙ୍କ ମନକୁ ଗୋଟାଏ ସ୍ୱତନ୍ତ୍ର ପାଗରେ ପକାଇଥିବ। ସେ କିପରି ତାଙ୍କ ସମୟର ନେତାମାନଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ ଓ ତା'ର ପରିଣତି ସମ୍ପର୍କରେ ଲେଖିଛନ୍ତି। ତାଙ୍କ ଆତ୍ମଜୀବନୀ ଉପରେ ଦୃଷ୍ଟିପଡ଼ିଲେ, ତାଙ୍କ ବ୍ୟକ୍ତିତ୍ୱର ମର୍ଯ୍ୟାଦା କେତେ ଉଚ୍ଚକୁ ଉଠିଯାଇଥିଲା ତାହା ଲକ୍ଷ୍ୟ କରିହେବ।

ମାଟ୍ରିକପାସ୍ କଲାପରେ, ରେଭେନ୍ସା କଲେଜରେ ପଢ଼ିବା ବେଳେ ସେ ସମ୍ପୃକ୍ତ ହୋଇଯାଇଥିଲେ କମ୍ୟୁନିଷ୍ଟ ପାର୍ଟି ଓ ଛାତ୍ର ଫେଡେରେଶନ କାମରେ। କମ୍ୟୁନିଷ୍ଟ ପାର୍ଟି କ୍ରମେ ବିଭାଜିତ ହେଲା, ଫଳରେ ସେ ସିପିଆଇ- ଏମ୍ ବା ଭାରତୀୟ କମ୍ୟୁନିଷ୍ଟ ପାର୍ଟି- ମାର୍କ୍ସବାଦୀ ଦଳରେ ସାମିଲ ହୋଇଛନ୍ତି। ଅବିଭାଜିତ ସିପିଆଇ ଏବଂ ବିଭାଜିତ ସିପିଆଇ-ଏମ୍‌ରେ ଓତପ୍ରୋତ ଭାବରେ ମିଶି, ସେ ପାର୍ଟି ଓ ତା'ର ଆଦର୍ଶ ଏବଂ କାର୍ଯ୍ୟକ୍ରମରେ ସମସ୍ତ ସମୟ ଦେଇ କାର୍ଯ୍ୟ କରିଛନ୍ତି। ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପୂର୍ବତନ ଅର୍ଥନୀତି ବିଜ୍ଞାନ ପ୍ରାଧ୍ୟାପକ ପ୍ରଭାତ ପଟ୍ଟନାୟକ ସଂଗ୍ରାମୀ ଶିବାଜୀ ପଟ୍ଟନାୟକଙ୍କୁ ଅତ୍ୟନ୍ତ ସଚ୍ଚୋଟ, ନିର୍ଭୀକ ଏବଂ ଜ୍ଞାନୀ ନେତା କହିବା ସହିତ ଲେଖିଛନ୍ତି- 'ନୀତି, ଆଦର୍ଶ ଓ ଚିନ୍ତାଧାରାର ମୌଳିକତା ଆଗରେ ବ୍ୟକ୍ତିଗତ ସମ୍ପର୍କ ହେଉଛି ଗୌଣ, ଏଇ କଥା ଶିବାଜୀବାବୁ ନିଜ ଜୀବନରେ ଦେଖାଇଥିଲେ।' ସେ, ''ସଂଘର୍ଷ ଓ ସଂକଳ୍ପ ପଥରେ'' ବହିଟିକୁ- 'ଜଣେ କମ୍ୟୁନିଷ୍ଟ ନେତା ତଥା ବିଶ୍ଳେଷକଙ୍କ ଆତ୍ମଜୀବନୀ' ବୋଲି ଉଲ୍ଲେଖ କରିଛନ୍ତି।

ଶିବାଜୀ ପଟ୍ଟନାୟକଙ୍କ ସଂଘର୍ଷ ଓ ସଂକଳ୍ପର ପଥ ଥିଲା ଦୀର୍ଘ। ଦେଶ ସ୍ୱାଧୀନ ହେବା ପରେ ଭାଗଚାଷୀ ଆନ୍ଦୋଳନର ପୁରୋଧା ସାଜି ସେ 'ଲଙ୍ଗଳ ଯାହାର ଜମି ତାହାର' ସ୍ଲୋଗାନ ଦେଇଥିଲେ। ସେ ରାଜ୍ୟର ଭାଗଚାଷୀଙ୍କୁ ସଂଗଠିତ କରିଥିଲେ। ଏହି ଆନ୍ଦୋଳନ ଫଳରେ ଓଡ଼ିଶାର ବହୁ ଭାଗଚାଷୀ ଜମିଦାରମାନଙ୍କଠାରୁ ସେମାନଙ୍କ ହକ୍ ଛଡ଼ାଇ ନେବାରେ ସମର୍ଥ ହୋଇଥିଲେ। ସେ ୧୯୭୭, ୧୯୮୯ ଓ ୧୯୯୧ରେ, ତିନିଥର ଭୁବନେଶ୍ୱର ଆସନରୁ ସିପିଆଇ-ଏମ୍ ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ି ଲୋକ ସଭାକୁ ଯାଇଥିଲେ। ନବେ ଦଶକରେ ଚିଲିକା ହ୍ରଦକୁ ଚିଙ୍ଗୁଡ଼ି ମାଫିଆମାନଙ୍କ କବଳରୁ ମୁକ୍ତ କରିବାକୁ ଆନ୍ଦୋଳନ କରିଥିଲେ। ଚିଙ୍ଗୁଡ଼ିଚାଷୀଙ୍କ ସୁରକ୍ଷା ପାଇଁ ଲଢ଼ିଥିଲେ। ସାଂସଦ ଭାବରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପାଇଁ ତାଙ୍କର ଭୂମିକା ଚିର ସ୍ମରଣୀୟ।

ଚାଷୀ ମୂଲିଆ, ଖଟିଖିଆ, ମେହନତୀ ମଣିଷଙ୍କ ପାଇଁ ସାରା ଜୀବନ ଲଢ଼ିଥିବା ଶିବାଜୀ ପଟ୍ଟନାୟକ ମେ' ୨୩ ତାରିଖ ୨୦୨୨ ମସିହା ଅପରାହ୍ନ ୨ଟା ୧୦ରେ ୯୨ବର୍ଷ ବୟସରେ ଦେହତ୍ୟାଗ କଲେ ସିନା, ତ୍ୟାଗ କରିଥିବା ଦେହଟିକୁ ସୁଦ୍ଧା ଶ୍ମଶାନକୁ ପାରମ୍ପରିକ ସାମାଜିକ ବିଧି ଅନୁସାରେ ସତ୍କାର ପାଇଁ ଯିବାକୁ ଦେଇନାହାନ୍ତି। ଅନ୍ତିମ ଇଚ୍ଛା କହିଦେଇଥିଲେ-ତାଙ୍କ ମରଶରୀରର ଅନ୍ତିମ ସଂସ୍କାର ହେବ ନାହିଁ। ତାହା ମେଡିକାଲ ବିଦ୍ୟାର୍ଥୀଙ୍କ ପାଠପଢ଼ା ପାଇଁ ଏମ୍ସକୁ ଦାନ କରାଯିବ। ସେଇ ଅନୁସାରେ ପାର୍ଥିବ ଶରୀରଟି ତାଙ୍କ ବାସଭବନରୁ ଯାଇ କମ୍ୟୁନିଷ୍ଟ ପାର୍ଟି କାର୍ଯ୍ୟାଳୟରେ ପହଞ୍ଚି ଶ୍ରଦ୍ଧାଳୁମାନଙ୍କ ଶେଷ ଦର୍ଶନ ଓ ପୁଷ୍ପ ଅର୍ପଣ ପରେ ସେହି ଆମ୍ବୁଲାନ୍ସରେ ଯାଇଥିଲା ଏମ୍ସ ଅଭିମୁଖେ। ଅପୂର୍ବ ସେଇ ଦୃଶ୍ୟ! ସାର୍ଥକ ସେଇ ଜୀବନ।

ବନଲତା ଆପାର୍ଟମେଣ୍ଟ, ଶହୀଦନଗର, ଭୁବନେଶ୍ୱର, ମୋ: ୯୪୩୭୫୮୮୬୭୨

# ଗୋଟିଏ ବୃକ୍ଷ ଗୋଟିଏ ଜୀବନ



ବିଷ୍ଣୁ ପ୍ରସାଦ ଦାସ

ଭାରତର ଜଳବାୟୁକୁ ପାଣିପାଗ ବିଭାଗ ଦ୍ୱାରା ଚାରୋଟି ଭାଗରେ ବିଭକ୍ତ କରାହୋଇଛି ଯଥା: ଜାନୁୟାରୀ ଏବଂ ଫେବୃୟାରୀ- ଶୀତ କାଳ, ମାର୍ଚ୍ଚ, ଏପ୍ରିଲ, ମେ'-ଗ୍ରୀଷ୍ମ କାଳ ; ଜୁନ୍, ଜୁଲାଇ, ଅଗଷ୍ଟ ଏବଂ ସେପ୍ଟେମ୍ବର- ବର୍ଷା କାଳ ; ଶେଷରେ ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର- ବର୍ଷା ପରବର୍ତ୍ତୀ କାଳ ବୋଲି ଧରାଯାଏ, ଯଦିଓ ଆମେ ନଭେମ୍ବର ଶେଷ କିମ୍ବା ଡିସେମ୍ବର ଆରମ୍ଭରୁ ଥଣ୍ଡା ଅନୁଭବ କରିଥାଉ । ଭାରତର ଉତ୍ତର ଦିଗ ଥଣ୍ଡା ରହୁଥିବା ବେଳେ ମଧ୍ୟଭାଗ ଗରମ ତଥା ଦକ୍ଷିଣ ଭାଗ ଗ୍ରୀଷ୍ମମଣ୍ଡଳୀୟ ଜଳବାୟୁ ଦୃଷ୍ଟିଗୋଚର ହୁଏ । ତେବେ ଭୌଗୋଳିକ ପରିବେଶକୁ ନଷ୍ଟ କରିବା ଦ୍ୱାରା ଦିନକୁ ଦିନ ତାପମାତ୍ରା ବଢ଼ି ଚାଲିଛି ଆଉ ଜୀବନଯାତ୍ରା କଷ୍ଟଦାୟକ ହେଉଛି । ଆମେ ଯଦି ସମସ୍ତେ ଚେଷ୍ଟା କରିବା ତେବେ କେତେକାଂଶରେ ଏହି ତାପମାତ୍ରାକୁ ନିୟନ୍ତ୍ରଣ କରିବାକୁ ସକ୍ଷମ ହେବା।

ପରିବେଶକୁ ଥଣ୍ଡା ରଖିବାକୁ ହେଲେ ଅନେକ ବିଷୟରେ ଧ୍ୟାନ ଦେବାକୁ ହେବ। ଗାଡ଼ି ମୋଟରରୁ ନିର୍ଗତ କାର୍ବନ ମନୋକସାଇଡ, କଳ କାରଖାନାରୁ ନିର୍ଗତ ଦୂଷିତ ଧୂଆଁ, ଜଙ୍ଗଲ ନିଆଁ, ନିର୍ମାଣ ଜନିତ ପ୍ରଦୂଷଣ , ଭୂଗର୍ଭ ସ୍ଥିତ ତୈଳର ଜ୍ୱଳନ, ଅତ୍ୟଧିକ ଶୀତତାପ ନିୟନ୍ତ୍ରଣ ଯନ୍ତ୍ରର ବ୍ୟବହାର , ନଦୀ, ପୁଷ୍କରିଣୀ ତଥା ଜଳାଶୟଗୁଡ଼ିକୁ ପୋତିଦେବା, ଭୂଗର୍ଭରୁ ଅଧିକରୁ ଅଧିକ ଖଣିଜ ଉତ୍ତୋଳନ ତଥା ଭୂଜଳକୁ ଆବଶ୍ୟକତାଠାରୁ ଅଧିକ ଉତ୍ତୋଳନ କରି ନଷ୍ଟ କରିବା ଦ୍ୱାରା ପରିବେଶର ଉତ୍ତାପ ବଢ଼ି ବଢ଼ି ଚାଲିଛି । ଏହାକୁ ରୋକିବାକୁ ହେଲେ ବୃକ୍ଷ ଲତାର ସଂରକ୍ଷଣ, ନୂତନ ଜଙ୍ଗଲ ସୃଷ୍ଟି କରିବା ସହିତ ଉପରୋକ୍ତ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦେବା ଜରୁରୀ । ମେରୁ ଅଞ୍ଚଳର ତାପମାତ୍ରା ବଢୁଛି ବୋଲି ବୈଜ୍ଞାନିକମାନେ ଚେତାବନୀ ଦେଲେଣି। ବରଫ ତରଳି ସମୁଦ୍ରର ଜଳ ସ୍ତର ବଢ଼ିଯିବା ଫଳରେ ସମୁଦ୍ର କୂଳରେ ଥିବା ସହର ତଥା ଜନବସତି ସମୁଦ୍ର ଜଳରେ ବୁଡ଼ିବ । ଆମେ କ'ଣ ସେଇ ଦିନକୁ ଅପେକ୍ଷା କରିବା ନା ତା' ଆଗରୁ କିଛି କରିବା, ଯାହାଦ୍ୱାରା ଏହି ବିପଦକୁ ଏଡାଇଯାଇ ହେବ । ପୃଥିବୀବାସୀ ଆଜି ଅନେକ ସମସ୍ୟା ଦେଇ ଗତି କରୁଥିବା ସମୟରେ ଜଳବାୟୁ ପରିବର୍ତ୍ତନ ସମସ୍ୟା ତା'ପାଇଁ ଅଧିକ ଜଟିଳ ପରିସ୍ଥିତି ସୃଷ୍ଟି କରିଚାଲିଛି। ପ୍ରଦୂଷଣ ଓ ବିଶ୍ୱ ତାପନ ବୃଦ୍ଧି ଜଳବାୟୁ ପରିବର୍ତ୍ତନକୁ ତୀବ୍ର କରୁଛି । ମିଳିତ ଜାତିସଂଘ ମଧ୍ୟ ଏଥିପାଇଁ ଅନେକ ଚିନ୍ତିତ। ପୃଥିବୀକୁ ଆମେମାନେ କୌଣସି ନା କୌଣସି ଉପାୟରେ ତିଳ ତିଳ କରି ଶୋଷଣ କରିଚାଲିଛୁ । କାଳିଦାସଙ୍କ ପରି ସେ ଯେଉଁ ଡାଳରେ ବସିଥିଲେ ସେହି ଡାଳକୁ କାଟୁଥିଲେ, ଆମେ ମାନେ ଆଜି ଲୋଭର ବଶବର୍ତ୍ତୀ ହୋଇ ପୃଥିବୀକୁ ଜଳ, ସ୍ଥଳ, ଆକାଶ ମାର୍ଗରେ ଶୋଷଣ କରିଚାଲିଛୁ , ପରିବେଶର ସନ୍ତୁଳନ ଦେଖିବାକୁ ବେଳ କାହିଁ ? ବିଭିନ୍ନ ପ୍ରକାର ଯୁଦ୍ଧାସ୍ତ୍ରର ପରୀକ୍ଷା ନିରୀକ୍ଷା କେତେବେଳେ ସମୁଦ୍ର ଗର୍ଭରେ ତ କେତେବେଳେ ଆକାଶ ମାର୍ଗରେ ଆଉ କେତେବେଳେ ଭୂମିତଳେ ହେଉଛି, ଏହା କ'ଣ ଆମ ପରିବେଶ ଖରାପ କରୁନାହିଁ? ଦେଶ ଦେଶ ଭିତରେ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି କିଏ କେତେ ଯୁଦ୍ଧାସ୍ତ୍ରର ଅଧିକାରୀ । ଏହି ମାନସିକତା ଦିନେ ଆମର ସତ୍ତା ଲୋପ କରିଦେଇପାରେ । ଆଜିକାଲି ଆଉ ଶାନ୍ତି ନାହିଁ ''ଶାନ୍ତିର କପୋତ ଉଡି ଯାଇଛି''। ଏବେ ସବୁଠି ପ୍ରତିଯୋଗିତା ଆଉ ଅଶାନ୍ତିର ବାତାବରଣ ଦୃଶ୍ୟମାନ। ଆମାଜନ ଜଙ୍ଗଲରେ ଯେତେବେଳେ ନିଆଁ ଲାଗିଥିଲା ସେତେବେଳେ ସମସ୍ତେ ଚିନ୍ତିତ ଥିଲେ, କାରଣ ଆମାଜନ ଜଙ୍ଗଲ ପୃଥିବୀକୁ ସବୁଠାରୁ ବେଶି ଅମ୍ଳଜାନ ଦେଇଥାଏ। କେବଳ ଆମାଜନ ନୁହେଁ, ପୃଥିବୀର ସବୁ ଜଙ୍ଗଲ ବର୍ତ୍ତମାନ ଆମର ଏକମାତ୍ର ସମ୍ବଳ। ଏହା ସାହାଯ୍ୟରେ ଆମେ ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ପ୍ରତିହତ କରିପାରିବା। ତେଣୁ ପରିବେଶ ସୁରକ୍ଷା ପାଇଁ କିଛି ନ ହେଲେ ବି ଆମେ ବୃକ୍ଷ ରୋପଣ କରି ନୂତନ ଜଙ୍ଗଲ ସୃଷ୍ଟି କରିପାରିବା। ଦୁଇଟି ସୁସ୍ଥ ସବଳ ବଡ଼ ଗଛରୁ ନିର୍ଗତ ହେଉଥିବା ଅମ୍ଳଜାନ ଚାରୋଟି ପରିବାରର ଅମ୍ଳଜାନ ଚାହିଦା ମେଣ୍ଟାଇ ପାରୁଛି ବୋଲି ବୈଜ୍ଞାନିକମାନଙ୍କ ମତ। ଏଣୁ ଏବେ ଆମେ ରୋପଣ କରୁଥିବା ଗୋଟିଏ ଗଛ ଅତି କମ୍‌ରେ ଗୋଟିଏ ଜୀବନ ବଞ୍ଚାଇବାକୁ ସକ୍ଷମ ହେବ। ନୂତନ ଜଙ୍ଗଲ ସୃଷ୍ଟି ଦ୍ୱାରା ଅନେକ ପରିମାଣରେ ଉତ୍ତାପକୁ କମାଇଦେଇ ପାରିବା । ତେବେ ଗଛ ନ କାଟି ବୃକ୍ଷ ରୋପଣ ଉପରେ ଗୁରୁତ୍ୱ ଦେଇ ପ୍ରଦୂଷଣ କମ୍ କରିବାକୁ ପଦକ୍ଷେପ ନେବା ଆବଶ୍ୟକ।

ଝାଞ୍ଜିରୀମଙ୍ଗଳା, କଟକ
ମୋ : ୯୯୩୭୧୭୪୦୯୭

## ଚିରନ୍ତନୀ

ମୁହୂର୍ତ୍ତର ବିରହ କଳ୍ପନା
ଜଗାଏ ସେ ହାହୁତାସ ବିରାଟ ବେଦନା।
ବିରହେ ଉଜ୍ଜ୍ୱଳ ହୁଏ ମିଳନ ସମ୍ଭୋଗ
ଏ ନୀତି ମାନିବ କେହୁ
ଲୋଡ଼ଇ ଯେ ଚିରନ୍ତନ ଯୋଗ !
ତଥାପି ଅନ୍ତରେ ଯାର ବଢ଼ଇ ପିପାସା
ହୃଦୟର ଯୋଗ କିବା ଅଙ୍ଗେ ଅଙ୍ଗ
ମିଶିବାକୁ ଉଚ୍ଛୁଳଇ ଆଶା !

-(ଯୁଗଳ ପ୍ରୟାଣେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଦକ୍ଷତା ଆଧାରରେ ଦରମା ବୃଦ୍ଧି ସ୍ୱାଗତଯୋଗ୍ୟ

ମହାଶୟ,

କେନ୍ଦ୍ର ସରକାର କର୍ମଚାରୀଙ୍କ ଦକ୍ଷତା ଆଧାରରେ ଦରମା ବୃଦ୍ଧି କରିବାକୁ ମସୁଧା ଚଳାଇଛନ୍ତି । ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ । କେତେଜଣ ସରକାରୀ କର୍ମଚାରୀ ଓ ଅଧିକାରୀ କାମ ନ କରି ମାସ ଶେଷରେ ଦରମା ନେଉଛନ୍ତି। ସେମାନେ ଜନସାଧାରଣଙ୍କୁ ଉଚିତ ନ୍ୟାୟ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାର ଅଭିଯୋଗ ହେଉଛି । ଲୋକେ ସେମାନଙ୍କ ଅସୁବିଧା ଦୂରୀକରଣ ପାଇଁ କାର୍ଯ୍ୟାଳୟରେ ପହଞ୍ଚି ଅଧିକାରୀ ଓ କର୍ମଚାରୀଙ୍କ ସାକ୍ଷାତ ନ ପାଇ ନିରାଶରେ ଫେରିବାକୁ ବାଧ୍ୟ ହେଉଛନ୍ତି। ଅବଶ୍ୟ ରାଜ୍ୟ ସରକାର ୫-ଟି ଜରିଆରେ କିଛି ମାତ୍ରାରେ ଲୋକଙ୍କ ସମସ୍ୟା ସୁଧାରିବା ପ୍ରୟାସ ଜାରି କରିଛନ୍ତି। କିନ୍ତୁ ତାହା ଯଥେଷ୍ଟ ନୁହେଁ। କେନ୍ଦ୍ର ସରକାର ପ୍ରତି ୧୦ବର୍ଷ ବ୍ୟବଧାନରେ କର୍ମଚାରୀଙ୍କ ଦରମା ବୃଦ୍ଧି ନିମିତ୍ତ କମିଶନ ବସାଇଥାନ୍ତି। କମିଶନ ସୁପାରିସ ଅନୁଯାୟୀ ଦରମା ଲାଗୁ କରିଥାନ୍ତି। ଏହି ସୁପାରିସ ଅନୁଯାୟୀ ରାଜ୍ୟ ସରକାର ମଧ୍ୟ କର୍ମଚାରୀମାନଙ୍କ ଅନୁରୂପ ଦରମା ବୃଦ୍ଧି କରିଥାନ୍ତି। କେବଳ କର୍ମଚାରୀମାନଙ୍କ କାର୍ଯ୍ୟଦକ୍ଷତାକୁ ତର୍ଜମାକରି ସେମାନଙ୍କ ପାଇଁ ଦରମା ନିର୍ଦ୍ଧାରଣ କରାଯିବା ଦରକାର।

-ନିର୍ମଳ ଚନ୍ଦ୍ର ସାମଲ, ବଡ଼ଚଣା, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନୂଆ ସଭାପତିଙ୍କ ପ୍ରଥମ ବୈଠକ, ୩ ବିଧାୟକ ଅନୁପସ୍ଥିତ



ପିସିସି ପକ୍ଷରୁ ଆୟୋଜିତ ନବସଂକଳ୍ପ ଶିବିରରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

■ ନବୀନ ସରକାର ହଟାଇବା ପାଇଁ ଯାହା ଦରକାର କରିବି: ଶରତ

■ ଆସିଲେନି ତାରା, ମୋକିମ, ରମେଶ

ଭୁବନେଶ୍ୱର,୧।୬(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ନବନିଯୁକ୍ତ ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନବ ସଂକଳ୍ପ ଶିବିର ବୁଧବାର ଭୁବନେଶ୍ୱର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ଉଦୟପୁର ନବ ସଂକଳ୍ପ ଚିନ୍ତନ ଶିବିରର ନିଷ୍ପତ୍ତିକୁ ସାରା ଓଡ଼ିଶାରେ କାର୍ଯ୍ୟକାରୀ କରିବା ନେଇ ରାଜ୍ୟ ଚିନ୍ତନ ଶିବିର ଅନୁଷ୍ଠିତ ହୋଇଯାଇଛି। ତେବେ ବୈଠକ ଆରମ୍ଭରୁ ୩ ଜଣ ବିଧାୟକଙ୍କ ଅନୁପସ୍ଥିତିକୁ ନେଇ ଶିବିରରେ ଆଲୋଚନା ଜୋର୍ ଧରିଥିବା ଦେଖିବାକୁ ମିଳିଛି। ବିଧାୟକ ତାରାପ୍ରସାଦ ବାହିନୀପତି, ମହମ୍ମଦ ମୋକିମ ଏବଂ ରମେଶ ଜେନାଙ୍କୁ ଦେଖିବାକୁ ମିଳି ନ ଥିଲା। ସଭାପତି ଚୟନ ପୂର୍ବରୁ ତାରା ଖୋଲାଖୋଲି ଭାବେ ବିଧାୟକଙ୍କ ଭିତରୁ ଜଣେ କାହାକୁ ସଭାପତି କରାଯାଉ ବୋଲି ଯୁକ୍ତି ରଖୁଥିବା ବେଳେ ମୋକିମ୍ ନିଜେ ଆଶାୟୀ ଥିବା ଚର୍ଚ୍ଚା ଲାଗି ରହିଥିଲା। ତେବେ ବିଧାୟକଙ୍କ ଦାବି ନ ଶୁଣି ନୂଆଦିଲ୍ଲୀଠାରେ ରାଜ୍ୟ ନେତାଙ୍କୁ ଭେଟିବା ପରେ ଶରତ ପଟ୍ଟନାୟକଙ୍କୁ ସଭାପତି କରାଗଲା। ତେଣୁ ଶରତ ଦାୟିତ୍ୱ ନେବାପରେ ବ୍ରଜରାଜନଗର ଉପନିର୍ବାଚନ ଶେଷ କରି ପ୍ରଥମ କରି କଂଗ୍ରେସ ଭବନ ଛାଡ଼ି ଅନ୍ୟ ଏକ ସ୍ଥାନରେ ଚିନ୍ତନ ଶିବିର କରିଛନ୍ତି। ବୈଠକ ୧୦ଟା ୩୦ ମିନିଟ୍‌ରେ ଆରମ୍ଭ ହୋଇ ୫ଟା ୩୦ ପର୍ଯ୍ୟନ୍ତ ଚାଲିଥିଲା। ହେଲେ ବୈଠକ ଶେଷ ହେବା ବେଳକୁ ୭୦ ଭାଗ ନେତା, ଆଗଧାଡ଼ି କର୍ମୀଙ୍କୁ ସେଠାରେ ଆଉ ଦେଖିବାକୁ ମିଳି ନ ଥିଲା।

ଏହି ଅବସରରେ ପିସିସି ସଭାପତିଙ୍କ ଭାଷଣ ଉପରେ ସମସ୍ତଙ୍କ ନଜର ରହିଥିଲା। ଶରତ କହିଛନ୍ତି, କଂଗ୍ରେସ ପରିବାର ହେଉଛି ଏକ। କିଏ କାହା ଘରକୁ ଗଲା କିଏ କ'ଣ କଲା ସେକଥା ବୁଝିବାର ନାହିଁ। ନବୀନ ପଟ୍ଟନାୟକଙ୍କୁ ହଟାଇବା ଲାଗି ଓଡ଼ିଶା ମାଟିରେ ଯାହା କରିବାକୁ ପଡିବ କରିବାକୁ ଯାଉଛନ୍ତି। ଶୃଙ୍ଖଳା ଭିତରେ ରହି ସମସ୍ତଙ୍କୁ କାମ କରିବା ଦରକାର। ଯେଉଁମାନେ ଭାବୁଛନ୍ତି ୯ ବିଧାୟକରେ କଂଗ୍ରେସ ଶାସନକୁ ଫେରିପାରିବ ନାହିଁ ତାହା ଭୁଲ୍। ସେମାନେ ୧୯୯୫ ମସିହା କଥା ମନେପକାଇବା ଦରକାର। ତୃଣମୂଳସ୍ତରରୁ କଂଗ୍ରେସକୁ ସଙ୍ଗଠିତ କରିବାକୁ ଅଗଷ୍ଟ ୯ରୁ ଜିଲାୱାରି ପଦଯାତ୍ରା ହେବ। ଗତ ୮ ବର୍ଷ ଧରି କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଦେଶକୁ ଲୁଟ୍ କରିବା ଛଡ଼ା ଆଉ କିଛି କରିନାହିଁ। ଦେଶବାସୀଙ୍କୁ ଅଚ୍ଛେଦିନ୍‌ର ସ୍ୱପ୍ନ ଦେଖାଇ ମହଙ୍ଗାର ବୋଝ ଲଦି ଦିଆଯାଇଛି। ଭାରତବର୍ଷର ୪୫ କୋଟି ଲୋକ ଆଜି ବେରୋଜଗାର। ଦଳ ଭିତରେ ଗୋଷ୍ଠୀ କନ୍ଦଳକୁ ଆଉ ପ୍ରଶ୍ରୟ ଦିଆଯିବନାହିଁ। ଶୃଙ୍ଖଳା ଭିତରେ ଦଳରେ କାମ କରିବାକୁ ପଡ଼ିବ। କାନ କୁହା କଥା ଶୁଣିବେନାହିଁ। ଓଡ଼ିଶା ପ୍ରଭାରୀ ଏ. ଚେଲ୍ଲାକୁମାର କହିଛନ୍ତି, ସାରା ରାଜ୍ୟରେ କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରାଯିବ। ସାରା ଓଡ଼ିଶାରେ କୋଣ ଅନୁକୋଣକୁ କଂଗ୍ରେସ ଚିନ୍ତାଧାରାର ବାର୍ତ୍ତା ପହଞ୍ଚାଯିବ। କେନ୍ଦ୍ରରେ ଦୀର୍ଘ ୮ ବର୍ଷ ଧରି ଏକ ଜନବିରୋଧୀ ସାମ୍ପ୍ରଦାୟିକତା ସୃଷ୍ଟି କରୁଥିବା ସରକାର ବିରୋଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଏକ ଜନବିପ୍ଳବ ସୃଷ୍ଟି କରିବ। ଠିକ୍ ସେହିପରି ଦୀର୍ଘ ୨୨ ବର୍ଷର ରାଜ୍ୟ ସରକାର ବିରୋଧରେ ନିର୍ଣ୍ଣାୟକ ଲଢ଼େଇ ହେବ।

ଆସନ୍ତା ଅଗଷ୍ଟ ୯ରୁ କଂଗ୍ରେସ ଭାରତ ଯୋଡ଼ ଅଭିଯାନ ଆରମ୍ଭ କରିବ। ଏଥିରେ କର୍ମୀମାନେ ୭୫ କି.ମି. ଯାତ୍ରା କରିବେ। ଜିଲା, ବ୍ଲକ ଏବଂ ମଣ୍ଡଳ ସ୍ତରରେ ବାର୍ଷିକ ଅଧିବେଶନ ହେବ। ଦଳ ଛାଡ଼ିଥିବା ନେତାଙ୍କୁ ଘରକୁ ଫେରାଇ ଆଣିବା ଲାଗି ପ୍ରୟାସ କରାଯିବ। ଏହି ବୈଠକରେ ଅଖିଳ ଭାରତ କଂଗ୍ରେସ କମିଟିର ନିଷ୍ପତ୍ତି ଅନୁଯାୟୀ ବିଭିନ୍ନ କମିଟି ଗଠନ ହୋଇଛି। ଚିନ୍ତନ ଶିବିରରେ ୬ଟି କମିଟି ଗଠନ କରାଯାଇଛି। ତେବେ ଗୁରୁବାର ଦ୍ୱିତୀୟ ଦିନ ବୈଠକ ଥିବା ବେଳେ ପ୍ରଥମ ଦିନରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସମସ୍ତଙ୍କୁ କୁଆଡେ ଖାଇବାକୁ ଦେବା ନେଇ ନିମନ୍ତ୍ରଣ ପତ୍ର ବାଣ୍ଟିଥିବା ଜାଣିବାକୁ ମିଳିଛି। ତେବେ ନବନିଯୁକ୍ତ ସଭାପତିଙ୍କ ଦ୍ୱାରା ଦୁଇଦିନିଆ ଗୁରୁତ୍ୱପୂର୍ଣ୍ଣ ବୈଠକ ଆରମ୍ଭ ହୋଇଥିବା ବେଳେ ନିରଞ୍ଜନଙ୍କ ଖାଇବାକୁ ଦିଆଯାଇଥିବା ନିମନ୍ତ୍ରଣ ନେଇ ଚର୍ଚ୍ଚା ଆହୁରି ବଢିଯାଇଛି।

# ଆଜିଠୁ ଭାଜପାର ୨ ଦିନିଆ ଜାତୀୟ କାର୍ଯ୍ୟକାରିଣୀ

ନୂଆଦିଲ୍ଲୀ,୧।୬

ତେଲଙ୍ଗାନା ରାଜଧାନୀ ହାଇଦ୍ରାବାଦରେ ଗୁରୁବାର ଓ ଶୁକ୍ରବାର ଭାଜପାର ଜାତୀୟ କାର୍ଯ୍ୟକାରିଣୀ ବୈଠକ ବସିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏଥିରେ ଦଳର କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସମେତ ସାରା ଦେଶର ବରିଷ୍ଠ ନେତାମାନେ ଏହି ବୈଠକରେ ସାମିଲ ହୋଇପାରନ୍ତି। ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଭାଜପା ବିରୋଧୀ ମେଣ୍ଟ ଗଢ଼ିବା ପାଇଁ ରଣନୀତି ପ୍ରସ୍ତୁତ କରୁଥିବାବେଳେ ରାଜ୍ୟରେ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍)ର ମୁଖ୍ୟ ଚ୍ୟାଲେଞ୍ଜର ଭାବେ ଉଭା ହେବା ପାଇଁ ଏହି କାର୍ଯ୍ୟକାରିଣୀ ବୈଠକକୁ ଭାଜପାର ପ୍ରସ୍ତୁତି ବୋଲି କୁହାଯାଉଛି।

11th Birthday Wish

K.Upansu (Subham)
"You are always close to our heart."
Best Wishes: Papa, Mama,Tata, Maama, Peda Tata, Peda Maama, Kuni, Aja, Aai, Tulu, July, Lachu, Lila, Giri, Puspa, Asish, Santu, Rinku, Rinki, Sonu, Monu, Joshna, Rudra, Bhawna, Sanvi, Purbika, Mohil & Tanvika.
ଧ-୬୭୧୨୫

# ସତ୍ୟେନ୍ଦ୍ରଙ୍କୁ ପଦ୍ମବିଭୂଷଣ ଦିଆଯାଉ: କେଜ୍‌ରିୱାଲ

ନୂଆଦିଲ୍ଲୀ,୧।୬


ଅରବିନ୍ଦ କେଜରିୱାଲ


ସତ୍ୟେନ୍ଦ୍ର ଜୈନ

ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ଗିରଫ ହୋଇଥିବା ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ଜଣେ ସଚ୍ଚୋଟ ବ୍ୟକ୍ତି। ତାଙ୍କୁ ପଦ୍ମବିଭୂଷଣ ସମ୍ମାନ ଦିଆଯିବା କଥା ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ କହିଛନ୍ତି। ଭାଜପା ଦିଲ୍ଲୀର ଆମ୍ ଆଦ୍‌ମୀ ପାର୍ଟି ସରକାରଙ୍କୁ ସମାଲୋଚନା ସହ ଜୈନଙ୍କୁ ଟାର୍ଗେଟ କରିଥିବାବେଳେ କେଜ୍‌ରିୱାଲ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସପକ୍ଷରେ ବାହାରିଛନ୍ତି। ତାଙ୍କୁ ମିଛ ମାମଲାରେ ଫସାଯାଇଛି। ଜୈନ ଜଣେ ଦେଶଭକ୍ତ ଓ ସଚ୍ଚୋଟ ବ୍ୟକ୍ତି। ମୋହଲ୍ଲାରେ ସେ ଦେଇଥିବା କ୍ଲିନିକ୍‌ରେ ରୋଗୀଙ୍କୁ ମାଗଣା ସେବା ମିଳୁଛି। ଏଥିପାଇଁ ଜୈନଙ୍କୁ ପଦ୍ମବିଭୂଷଣ କିମ୍ବା ପଦ୍ମଭୂଷଣ ପ୍ରଦାନ କରାଯିବା ଉଚିତ। ୨୦୧୫-୧୬ରେ ସରକାରୀ ଅଧିକାରୀ ଥିବା ଜୈନ କୋଲକାତାର କେତେକ କମ୍ପାନୀ ସହ ହାୱାଲା କାରବାରରେ ସମ୍ପୃକ୍ତ ଥିବା ଇଡି ଅଭିଯୋଗ କରିଛି। ଏହି ହାୱାଲା ସିଷ୍ଟମରେ ଉଭୟ ପକ୍ଷ ସ୍ଥାନୀୟ ଏଜେଣ୍ଟଙ୍କ ଜରିଆରେ ଟଙ୍କା କାରବାର କରୁଥିଲେ। ଉକ୍ତ ଟଙ୍କା କୌଣସି ବ୍ୟାଙ୍କକୁ ଯାଉ ନ ଥିଲା। ୪ କମ୍ପାନୀ ସହ ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ମନିଲଣ୍ଡରିଂରେ ସମ୍ପୃକ୍ତ ଥିବା ଅଭିଯୋଗ ପରେ ୨୦୧୭ରେ ସିବିଆଇ ଦୁର୍ନୀତି ନିବାରଣ ଆଇନରେ ଦାଏର କରିଥିବା ଏତଲା ଆଧାରରେ ଇଡି ତଦନ୍ତ ଚଳାଇଥିଲା। ପୂର୍ବରୁ ଇଡି ଜୈନ ଓ ତାଙ୍କ ପରିବାର ମାଲିକାନାରେ ଥିବା ୪.୮୧ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରିଥିଲା। ଗିରଫ ପରେ ଜୈନଙ୍କୁ ଜୁନ୍ ୯ ପର୍ଯ୍ୟନ୍ତ ଇଡି ହାଜତକୁ ପଠାଇ ଦିଆଯାଇଛି।

# ମୋଦିଙ୍କ ୮ ବର୍ଷ ଶାସନରେ ଓଡ଼ିଶାର ସମ୍ମାନ ବଢ଼ିଛି: ଭାଜପା

**ଭୁବନେଶ୍ୱର,୧।୬(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡ଼ିଆଙ୍କ ସମ୍ମାନ ବଢ଼ିଛି। ୩ ଜଣ ଓଡ଼ିଆଙ୍କୁ ରାଜ୍ୟପାଳ ଦାୟିତ୍ୱ ମିଳିଥିବା ବେଳେ ୫ ଜଣ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ ହୋଇଛନ୍ତି। ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ପଦ୍ମଶ୍ରୀ, ପଦ୍ମବିଭୂଷଣ, ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ କରାଯାଇଛି। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର, ଜାତୀୟ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ, ଏନ୍‌ବିଆଇ ନିର୍ଦ୍ଦେଶକ, ଏନ୍‌ଡିଏଫ୍ ଡିଜି, ସୈନ୍ୟବାହିନୀର ଗୁରୁତ୍ୱପୂର୍ଣ୍ଣ ଆଦି ପଦରେ ଓଡ଼ିଆଙ୍କୁ ନିଯୁକ୍ତି ଦିଆଯିବା, ୧୮୧୭ ମସିହା ପାଇକ ବିଦ୍ରୋହକୁ ଜାତୀୟ ମାନ୍ୟତା ପ୍ରଦାନ କରିବା ସହିତ ପାଠ୍ୟପୁସ୍ତକରେ ସାମିଲ କରିବା, ଖୋର୍ଦ୍ଧା ବରୁଣେଇଠାରେ ପାଇକ ସ୍ମାରକୀର ଶିଳାନ୍ୟାସ ଏବଂ ୨୦୦ କୋଟି ଟଙ୍କା ପ୍ରଦାନ ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ ବୋଲି ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି କହିଛନ୍ତି।

କେନ୍ଦ୍ରରେ ୮ବର୍ଷ ଧରି ଭାଜପା ନେତୃତ୍ୱାଧୀନ ସରକାର ସମଗ୍ର ଦେଶକୁ ସାମଗ୍ରିକ ବିକାଶର ଏକ ନୂଆ ଦିଗ ଦେଇଛି। ଜାତି, ପରିବାର, ଭ୍ରଷ୍ଟାଚାର, ତୁଷ୍ଟୀକରଣର ଭାରତୀୟ ରାଜନୀତି ଏବେ ଅତୀତ ପାଲଟିଛି। ଗରିବ, ପଛୁଆ, ଦଳିତ, ଆଦିବାସୀ, ମହିଳା, ଯୁବକ, ସଂଖ୍ୟାଲଘୁ ଏବଂ ସମାଜର ପ୍ରତ୍ୟେକ ସ୍ତରରେ ବାସ କରୁଥିବା ଲୋକଙ୍କ ଜୀବନମାନର ଉତ୍‌ଥାନ ସମ୍ଭବପର ହୋଇପାରିଛି। ଗରିବକଲ୍ୟାଣ ଯୋଜନାରେ ଓଡ଼ିଶାକୁ ମୋଦି ସରକାର ନିଜର ପ୍ରୟୋଗଶାଳା କରିବା ସହ ଜାତୀୟସ୍ତରରେ ଓଡ଼ିଆଙ୍କୁ ଗୁରୁଦାୟିତ୍ୱ ପ୍ରଦାନ କରିଛନ୍ତି। ଯାହାକି ଓଡ଼ିଶାବାସୀଙ୍କ ପାଇଁ ଗର୍ବର ବିଷୟ ବୋଲି ମହାନ୍ତି କହିଛନ୍ତି। କେନ୍ଦ୍ରରେ ମୋଦି ସରକାରଙ୍କ ୮ ବର୍ଷ ଶାସନର ପୂର୍ତ୍ତି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହାନ୍ତି କହିଛନ୍ତି ଯେ, କଠିନରୁ କଠିନତମ ପରିସ୍ଥିତି ଓ ଆହ୍ୱାନକୁ ସଫଳତାର ସହ ସାମ୍ନା କରିବାକୁ ଶିଖାଇଛି ଗତ ୮ ବର୍ଷର ମୋଦି ଶାସନ। ପ୍ରଧାନମନ୍ତ୍ରୀ ମୋଦିଙ୍କ ନିରନ୍ତର ପ୍ରୟାସ କାରଣରୁ ଅତୀତରେ କେବଳ କାଗଜକଲମରେ ସୀମିତ ହୋଇ ରହିଆସୁଥିବା ବିକାଶ କାର୍ଯ୍ୟ ଆଜି ବାସ୍ତବରେ ପରିଣତ ହୋଇଛି।

# ୱାର୍ଡମେମ୍ବରଠାରୁ ଜିଲା ପରିଷଦ ସଭ୍ୟଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ମିଳିବ ପ୍ରଶିକ୍ଷଣ

## ଆଜି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ

**ଭୁବନେଶ୍ୱର,୧।୬(ବ୍ୟୁରୋ):** ୱାର୍ଡମେମ୍ବରଠାରୁ ଆରମ୍ଭ କରି ଜିଲା ପରିଷଦ ସଭ୍ୟଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ରାଜ୍ୟ ସରକାର ପ୍ରଶିକ୍ଷଣ ଦେବେ। ରାଜ୍ୟରେ ନବନିର୍ବାଚିତ ୧ ଲକ୍ଷ ୬ ହଜାର ୩୫୨ ଜଣ ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟଙ୍କ ପାଇଁ ରାଜ୍ୟ ସରକାର ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କ ଦକ୍ଷତା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ୧୨ଟି ବିଭାଗକୁ ସାମିଲକରି ପ୍ରଥମଥର ପାଇଁ ପଞ୍ଚାୟତ ପ୍ରତିନିଧିଙ୍କ ନିମନ୍ତେ ଏଭଳି ସାମଗ୍ରିକ ସରକାରୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଗୁରୁବାର ଏହି ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ହେବାକୁ ଥିବାବେଳେ ଅଗଷ୍ଟ ସୁଦ୍ଧା ଜିଲା ଓ ବ୍ଲକସ୍ତରରେ ଏଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ପଞ୍ଚାୟତ ଜନପ୍ରତିନିଧିମାନଙ୍କ ଦକ୍ଷତା ବୃଦ୍ଧି କରାଯିବ ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନା ମୁତାବକ, ନବନିର୍ବାଚିତ ପଞ୍ଚାୟତ ଜନପ୍ରତିନିଧିମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଗୁରୁବାର ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ରାଜଧାନୀରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ସମସ୍ତ ଜିଲା ପରିଷଦ ସଭାପତି, ଉପସଭାପତି, ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ପ୍ରତ୍ୟେକ ବ୍ଲକରୁ ଜଣେ ଲେଖାଏ ସରପଞ୍ଚ ସାମିଲ ହେବେ। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ପଞ୍ଚାୟତିରାଜ ମନ୍ତ୍ରୀ, କୃଷି ମନ୍ତ୍ରୀ, ଯୋଗାଣ ମନ୍ତ୍ରୀ ସାମିଲ ହେବେ। ଏହା ସହ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ବିଭାଗୀୟ ସଚିବମାନେ ମଧ୍ୟ ସାମିଲ ହେବେ। ପ୍ରତ୍ୟେକ ନବନିର୍ବାଚିତ ପ୍ରତିନିଧିମାନଙ୍କୁ ସେମାନେ କାର୍ଯ୍ୟରେ ଯୋଗଦେବାର ୬ ମାସ ମଧ୍ୟରେ ପ୍ରଶିକ୍ଷଣ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିଲାଗି ଜିଲା ପରିଷଦ ଅଧ୍ୟକ୍ଷଙ୍କ ଲାଗି ୨ ଦିନ, ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ଲାଗି ୩ ଦିନ, ସରପଞ୍ଚଙ୍କ ଲାଗି ୫ଦିନ, ୱାର୍ଡ ମେମ୍ବରଙ୍କ ନିମନ୍ତେ ୩ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହା ଆଗାମୀ ଦିନରେ ଜିଲା ଓ ବ୍ଲକସ୍ତରରେ ଆୟୋଜନ ହେବ।

# ହୋମଗାର୍ଡଙ୍କ ଦରମା ବଢ଼ାଅ

## ଓଡ଼ିଶାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧।୬:** ଓଡ଼ିଶାରେ କାର୍ଯ୍ୟରତ ହୋମଗାର୍ଡଙ୍କ କମ୍ ଦରମାକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନଙ୍କ ଦରମା ଦିନକୁ ୩୦୦ ଟଙ୍କା ହିସାବରେ ମାସିକ ୯ ହଜାର ଟଙ୍କା ରହିଛି। ଦରଦାମ୍ ବଢ଼ି ଚାଲିଥିବାବେଳେ ଗୃହରକ୍ଷୀଙ୍କ ଦରମା ଉପରେ ପୁନର୍ବିଚାର କରିବାକୁ ସର୍ବୋଚ୍ଚ ଅଦାଲତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୧୫ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରତ ଅନେକ ହୋମଗାର୍ଡ ରାଜ୍ୟରେ ଅଛନ୍ତି। ରାଜ୍ୟ ପୋଲିସ କର୍ମଚାରୀମାନଙ୍କୁ (ଚୁକ୍ତିଭିତ୍ତିକ ନିଯୁକ୍ତିର ୬ ବର୍ଷ ପରେ) ପ୍ରାୟ ୨୧ ହଜାର ଟଙ୍କା ଦରମା ଦିଆଯିବା ସହ ୭ମ ବେତନ କମିଶନଙ୍କ ସୁପାରିସକ୍ରମେ ଅନ୍ୟ ସୁବିଧା ମଧ୍ୟ ମିଳୁଥିବା ସୁପ୍ରିମକୋର୍ଟ ଜାଣିବାକୁ ପାଇଥିଲେ। ଅନ୍ୟ ପୋଲିସ କର୍ମଚାରୀଙ୍କ ପରି ହୋମଗାର୍ଡ ମଧ୍ୟ ଅନୁରୂପ ଡ୍ୟୁଟି କରୁଛନ୍ତି। ତେଣୁ ସେମାନଙ୍କୁ ୯ ହଜାର ଟଙ୍କା ଦିଆଯିବା ଶୋଷଣ ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି। ଓଡ଼ିଶା ହାଇକୋର୍ଟଙ୍କ ଡିଭିଜନ ବେଞ୍ଚ୍‌ଙ୍କ ବିରୋଧରେ ଏକ ଆବେଦନର ଶୁଣାଣିବେଳେ ସର୍ବୋଚ୍ଚ ଅଦାଲତ ରାଜ୍ୟ ସରକାରଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଜନସେବାରେ ନବୀନ ...

ଆସନ ଅଳଙ୍କୃତ କରି ଇତିହାସ ସୃଷ୍ଟି କରିଛନ୍ତି। ବିଜେଡିକୁ ଦୀର୍ଘବର୍ଷ କ୍ଷମତାସୀନ କରି ନବୀନ ନିଜକୁ ଜଣେ ପରିପକ୍ୱ ରାଜନେତା ଭାବେ ପ୍ରତିପାଦିତ କରିପାରିଛନ୍ତି।

ଗତ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନରେ ନବୀନ ନିଜକୁ ପୁଣିଥରେ ଅପ୍ରତିଦ୍ୱନ୍ଦ୍ୱୀ ରାଜନେତା ଭାବେ ପ୍ରମାଣିତ କରିଛନ୍ତି। ଦୁର୍ନୀତି ବିରୋଧୀ ଶାସନ, ସରଳ ଓ ନିରାଡ଼ମ୍ବର ଜୀବନ ତାଙ୍କୁ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇ ପାରିଛି। ତାଙ୍କ ମ୍ୟାଜିକ୍ ଆଗରେ ପ୍ରମୁଖ ବିରୋଧୀ ଦଳ ନିଜର ସତ୍ତା ବଜାୟ ରଖିବାକୁ ସଂଘର୍ଷ କରୁଛନ୍ତି। ଯେତେ ଯାହା ରଣନୀତି ଆପଣାଇଲେ ମଧ୍ୟ ନବୀନଙ୍କ ଭାବମୂର୍ତ୍ତି ନିକଟରେ ବିରୋଧୀଙ୍କ ସମସ୍ତ ଉଦ୍ୟମ ଫେଲ୍ ମାରୁଛି।

ମହାବାତ୍ୟା ପରବର୍ତ୍ତୀ ସମୟରେ ବିପର୍ଯ୍ୟୟ ପରିଚାଳନାକୁ ସେ ଦୃଢ଼ ସଂକଳ୍ପ ଭାବେ ଗ୍ରହଣ କରିଥିଲେ। ବାତ୍ୟାରେ ଶୂନ ମୃତ୍ୟୁ ଲକ୍ଷ୍ୟ ନେଇ କାର୍ଯ୍ୟ କରି ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ପୁଣି ଓଡ଼ିଶା ପ୍ରଥମ ରାଜ୍ୟ ଭାବେ କରୋନା ମୁକାବିଲାରେ ଆଗଧାଡ଼ିରେ ଥିବା ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପୋଲିସ, ସଫେଇ କର୍ମଚାରୀଙ୍କୁ କରୋନା ଯୋଦ୍ଧା ଏବଂ ଶହୀଦର ମାନ୍ୟତା ଦେଇଛି। କରୋନା ମୁକାବିଲାରେ ଗୋଷ୍ଠୀକୁ ସାମିଲ କରିବା ଯୋଗୁ ଜାତିସଂଘ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ପ୍ରଶଂସା କରିଛି। କେବଳ ସେତିକି ନୁହେଁ, ଶାସନରୁ ଦୁର୍ନୀତିକୁ ହଟାଇବାଠାରୁ ଆରମ୍ଭ କରି ରାଜ୍ୟର ବିକାଶକୁ ସେ ସର୍ବଦା ପ୍ରାଥମିକତା ଦେଇ ଆସିଛନ୍ତି। ପ୍ରଶାସନକୁ ଅଧିକ ସ୍ୱଚ୍ଛ ଓ ଲୋକାଭିମୁଖୀ କରିବା ଲାଗି ନବୀନଙ୍କ ଅଭିନବ ପ୍ରୟାସ ୫-ଟି ଓ ମୋ ସରକାର ଅନେକାଂଶରେ ସଫଳ ହୋଇଛି। ଗରିବ, ଶ୍ରମିକ, ଦିନ ମଜୁରିଆ, କୃଷକ, ମହିଳା, ଆଦିବାସୀ ଲୋକମାନଙ୍କ ଜୀବନଧାରଣରେ ବିକାଶ ଆଣିବା ସହ ଗତ ୨୫ ବର୍ଷ ହେବ ଅନେକ ଜନହିତକର ଯୋଜନା ହାତକୁ ନେଇଛନ୍ତି। କୃଷକମାନଙ୍କ ଆୟ ବଢ଼ାଇବା ଲାଗି କୃଷି କ୍ୟାବିନେଟ, ସ୍ୱତନ୍ତ୍ର କୃଷି ବଜେଟ ସହ କାଳିଆ, ବଳରାମ ଭଳି ଅନେକ ଯୋଜନା କରି ସେ ଚାଷୀଙ୍କ ହୃଦୟ ଜିତି ପାରିଛନ୍ତି।

କ୍ରୀଡ଼ା ପ୍ରତି ନବୀନଙ୍କର ଏକ ସ୍ୱତନ୍ତ୍ର ରୁଚି ରହିଛି। ସ୍କୁଲରୁ ଅଲିମ୍ପିକ ଶିକ୍ଷା ଆରମ୍ଭ କରି ସେ ରାଜ୍ୟରେ ଯୁବ ଅଲିମ୍ପିଆନ ସନ୍ଧାନରେ ରହିଛନ୍ତି। ଭାରତୀୟ ହକି ଟିମ୍ ଆଜି ଯେଉଁ ସଫଳତା ହାସଲ କରିଛି, ତା' ପଛରେ ରହିଛି ନବୀନଙ୍କର ପ୍ରଚ୍ଛନ୍ନ ହାତ। ଯୁବ ଅବସ୍ଥାରେ ନବୀନ ହକି ଖେଳୁଥିଲେ। ଡୁନ୍ ସ୍କୁଲରେ ପାଠ ପଢୁଥିବା ବେଳେ ନବୀନ ଗୋଲକିପର ଭୂମିକା ତୁଲାଉଥିଲେ। ଭାରତୀୟ ହକିର ପ୍ରାୟୋଜକ ଥିବା ସାହାରା ପୁରୁଷ ଓ ମହିଳା ଟିମ୍ ସ୍ପନସରରୁ ଓହରି ଯାଇଥିଲା। ଯାହା ପରେ ହକିକୁ କୌଣସି ପ୍ରାୟୋଜକ ମିଳି ନ ଥିଲା। ତେବେ ଏଭଳି ବିପଦ ସମୟରେ ନବୀନ ହକିକୁ ସହାୟତାର ହାତ ବଢ଼ାଇଥିଲେ। ୨୦୧୮ରେ ଓଡ଼ିଶା ସରକାର ହକି ଇଣ୍ଡିଆ ସହ ୧୦୦ କୋଟି ଟଙ୍କାର ଚୁକ୍ତି କରିଥିଲେ। ୨୦୧୪ରେ ଓଡ଼ିଶାରେ ଆୟୋଜିତ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଥିଲା। ଏହା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ହକି ଉପରେ ନଜର ପଡ଼ିଥିଲା। ୨୦୧୭ରେ ଓଡ଼ିଶା ସରକାର ପ୍ରାୟୋଜକରେ କଳିଙ୍ଗ ଲାନ୍ସର୍ସ କ୍ଳବ୍ ହକି ଇଣ୍ଡିଆ ଲିଗ୍‌ରେ ବିଜେତା ହୋଇଥିଲା। ଏହା ପରେ ଓଡ଼ିଶା ୨୦୧୮ରେ ହକି ବିଶ୍ୱକପ୍ ଆୟୋଜନ କରିଥିଲା। ସେହିପରି ୨୦୧୯ରେ ଏଫ୍‌ଆଇଏଚ୍ ପୁରୁଷ ସେମିଫାଇନାଲ୍ସ ଓ ଅଲିମ୍ପିକ୍ସ ହକି କ୍ୱାଲିଫାୟର ଏବଂ ୨୦୨୦ରେ ଏଫ୍‌ଆଇଏଚ୍ ପ୍ରୋ'ଲିଗ୍ ଆୟୋଜିତ ହୋଇଥିଲା। ଏସବୁ ନବୀନ ପଟ୍ଟନାୟକଙ୍କ ସମୟରେ ହିଁ ସମ୍ଭବ ହୋଇଛି। ସହରବାସୀଙ୍କୁ ପାଣି ଟ୍ୟାପ୍‌ରୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ସ୍ୱଜଳ ଯୋଜନା ଆରମ୍ଭ କରିଛନ୍ତି। ପୁରାତନ ଐତିହ୍ୟ ଓ ପର୍ଯ୍ୟଟନ ସ୍ଥଳର ବିକାଶ ଦିଗରେ ପଦକ୍ଷେପ ନେଇ ନବୀନ କଳା ଓ ସଂସ୍କୃତି ପ୍ରତି ତାଙ୍କ ପ୍ରତିବଦ୍ଧତାକୁ ପ୍ରମାଣିତ କରିଛନ୍ତି। ପୁରୀ ଶ୍ରୀମନ୍ଦିର,ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର, ସମଲେଶ୍ୱରୀ ମନ୍ଦିର, ମା' ତାରାତାରିଣୀ ମନ୍ଦିରର ବିକାଶ କରି ରାଜ୍ୟକୁ ବିଶ୍ୱ ପର୍ଯ୍ୟଟନର ଦୃଷ୍ଟିଆକର୍ଷଣ କରି ପାରିଛନ୍ତି।

ନବୀନ ସଫଳତାର ପାହାଚ ପରେ ପାହାଚ ଚଢ଼ି ଚାଲିଛନ୍ତି। ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ଚାକିରିରୁ ବିଦା କରି ନବୀନ ଦୁର୍ନୀତି ଓ ସରକାରୀ ଅର୍ଥ ବାଟମାରଣା ପ୍ରତି ସର୍ବଦା ଶୂନ ସହନଶୀଳତା (ଜିରୋ ଟଲେରାନ୍ସ) ନୀତି ଅବଲମ୍ବନ କରି ଆସିଛନ୍ତି। ବିଭିନ୍ନ ପ୍ରସଙ୍ଗରେ ବିରୋଧୀ ଅନେକ ଥର ସରକାରଙ୍କୁ ଘେରିଥିଲେ ମଧ୍ୟ ନବୀନଙ୍କ ପ୍ରଚଣ୍ଡ ପ୍ରତିଭା ଆଗରେ ସବୁକିଛି ବିଫଳ ହୋଇଯାଇଛି।

## ତ୍ରୁଟି ସୁଧାରିଲେ ...

ଯେପରିକି ଟାଟା ଲୁଣ, କୁର୍‌କୁରେ, ହର୍ଲିକ୍ସ, ଡେଏରି ମିଲ୍କ ଇତ୍ୟାଦି। କୁର୍‌କୁରେ ଏକ ଜଙ୍କ୍ ଫୁଡ୍ ବୋଲି ଶିଶୁରୋଗ ବିଶେଷଜ୍ଞମାନେ କହୁଥିବା ବେଳେ ଫ୍ରୁଟି ଭଳି ମୃଦୁପାନୀୟ ପିଲାଙ୍କ ଦାନ୍ତ ଖରାପ କରୁଥିବା ଡାକ୍ତରମାନେ ମତ ଦେଉଛନ୍ତି। ତେଣୁ ଗଣଶିକ୍ଷା ବିଭାଗ କମ୍ପାନୀ ନାମ ଏବଂ ଫଟୋ ଥିବା ଉତ୍ପାଦ ଛାପିବା ଦ୍ୱାରା ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ଓସେପା ନିର୍ଦ୍ଦେଶକଙ୍କୁ ଦିଆଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି ଯେ, ସରକାର ତୃତୀୟ ଶ୍ରେଣୀ ପିଲାଙ୍କ ପାଠ୍ୟ ପୁସ୍ତକର ଏକ ନମ୍ବର ପୃଷ୍ଠାକୁ ପାଠପଢ଼ାରୁ ବାଦ୍ ଦିଆଗଲା। ଏ ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ। ଜିଲା ଶିକ୍ଷା ଅଧିକାରୀ(ଡିଇଓ)ମାନେ ପ୍ରତ୍ୟେକ ଶିକ୍ଷକଙ୍କୁ ଏ ବାବଦରେ ଜଣାଇବେ। ଯେପରି ଉକ୍ତ ପୃଷ୍ଠାକୁ ଶିକ୍ଷକମାନେ ପଢ଼ାଇବା ବେଳେ ବାଦ୍ ଦେବେ ସେଥିପ୍ରତି ଦାୟିତ୍ୱବାନ୍ ହେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ମୃତ୍ୟୁ ଅସ୍ୱାଭାବିକ ...

ସର୍ବାଧିକ ୩,୦୦୦ ଲୋକ ଏକାଠି ହେବାର କ୍ଷମତା ଥିବାବେଳେ କେକେଙ୍କ ପ୍ରଦର୍ଶନ ବେଳେ ସେଠାରେ ପ୍ରାୟ ୬,୦୦୦ ଲୋକ ପହଞ୍ଚିଯାଇଥିଲେ। ଅତ୍ୟଧିକ ଭିଡ଼ ଯୋଗୁ ଏୟାର କଣ୍ଡିସନର ଠିକ୍ ଭାବେ କାର୍ଯ୍ୟ କରି ନ ଥିଲା। ବହୁତ ଗରମ ଲାଗୁଥିବା ନେଇ କେକେ ଅନ୍ୟମାନଙ୍କୁ କହିବା ସହ ବାରମ୍ବାର ଟାୱେଲରେ ମୁହଁ ପୋଛୁଥିବା ଭିଡିଓରେ ଦେଖିବାକୁ ମିଳିଛି। ଏଥିଯୋଗୁ ସେ ଅଣନିଶ୍ୱାସୀ ହୋଇଯାଇଥିବା କୁହାଯାଉଛି। ତେବେ ଏହା ହିଁ ତାଙ୍କ ମୃତ୍ୟୁର କାରଣ ବୋଲି କୁହାଯାଇପାରିବ ନାହିଁ ବୋଲି କୋଲକାତା ପୋଲିସ କହିଛି।

ଘଟଣାରେ ଅଭିନେତା ଓମ୍ ପୁରିଙ୍କ ପୂର୍ବତନ ସ୍ତ୍ରୀ ନନ୍ଦିତା ପୁରି ମମତା ବାନାର୍ଜୀଙ୍କ ସରକାରକୁ ସମାଲୋଚନା କରିବା ସହ ଏହାର ସିବିଆଇ ତଦନ୍ତ ଦାବି କରିଛନ୍ତି। ପଶ୍ଚିମବଙ୍ଗ କଂଗ୍ରେସ ନେତା ତଥା ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀ କେକେଙ୍କ ମୃତ୍ୟୁର ତଦନ୍ତ ଦାବି କରିଛନ୍ତି। କେକେଙ୍କ ମୃତ୍ୟୁକୁ ନେଇ ରାଜନୀତି କରା ନ ଯାଉ ବୋଲି ଶାସକ ଟିଏମ୍‌ସି ନେତା ଦେବାଙ୍ଗଶୁ ଭଟ୍ଟାଚାର୍ଯ୍ୟ କହିଛନ୍ତି। ହୃଦ୍‌ଘାତ କାହାକୁ କେତେବେଳେ ଆସିବ ତାହା କହିହେବ ନାହିଁ ବୋଲି ସେ ପ୍ରତିକ୍ରିୟା ରଖିଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର କୋଲକାତାରେ ସଙ୍ଗୀତ ପରିବେଷଣ ପରେ ଅସୁସ୍ଥ ଅନୁଭବ କରିବାରୁ କେକେଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସୋନିଆ, ରାହୁଲଙ୍କୁ ..

ଏବେ ପୁରୁଣା ଫାଇଲ ପୁଣି ଖୋଲିଛି। ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ)ର ଆପରାଧିକ ଧାରାଗୁଡ଼ିକ ଅଧୀନରେ ସୋନିଆ ଓ ରାହୁଲଙ୍କ ବୟାନ ରେକର୍ଡ କରାଯିବ ବୋଲି ଇଡି ଅଧିକାରୀମାନେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ଏହାକୁ ପ୍ରତିଶୋଧମୂଳକ ରାଜନୀତି ବୋଲି ଅଭିହିତ କରିଛି। ସୋନିଆ ଏହି ଆଦେଶର ଅନୁପାଳନ କରିବେ। ତେବେ ମୋଦି ସରକାର ଜାଣିବା ଦରକାର ଯେ, ଏପରି ଜାଲ୍ ଓ ମନଗଢ଼ା ମାମଲା ରୁଜୁ କରି ସେମାନେ ନିଜ ଭୀରୁ ଷଡ଼ଯନ୍ତ୍ରରେ ସଫଳ ହେବେ ନାହିଁ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ଆଇନଜୀବୀ ଅଭିଷେକ ମନୁ ସିଂଘଭି ସୂଚନା ଦେଇଛନ୍ତି। ରାହୁଲ ଭାରତରେ ନ ଥିବାରୁ ଜୁନ୍ ୫ ପରବର୍ତ୍ତୀ ଏକ ତାରିଖ ଧାର୍ଯ୍ୟ କରିବାକୁ ଇଡିକୁ ପତ୍ର ଲେଖିଥିବା ନେଇ ଏଆଇସିସି ମୁଖପାତ୍ର ରଣଦୀପ ସୁର୍ଯେୱାଲା କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ଏହା କ୍ୟାବିନେଟ ନିଷ୍ପତ୍ତି ନୁହେଁ, ସରକାରୀ ସଂସ୍ଥାଗୁଡ଼ିକ ସେମାନଙ୍କ କାମ କରୁଛନ୍ତି। ପ୍ରକାଶ ଯେ, ଗତ ମାସରେ ଏହି ମାମଲାର ତଦନ୍ତ ବେଳେ ବରିଷ୍ଠ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ଓ ପବନ ବଂଶଲଙ୍କୁ ଇଡି ଜେରା କରିଥିଲା।

## ଜୁଲାଇ ୪ରୁ ଓଜେଇଇ...

ପ୍ରଥମ ଓ ଦ୍ୱିତୀୟ ଶିଫ୍ଟରେ ବି ଫାର୍ମ ପ୍ରବେଶିକା ପରୀକ୍ଷା ହେବ। ଏନେଇ ଓଜେଇଇ ଅଧ୍ୟକ୍ଷ ପ୍ରଦୀପ କୁମାର ଚାନ୍ଦ କହିଛନ୍ତି, ପରୀକ୍ଷା ନିମନ୍ତେ ଛାତ୍ରୀଛାତ୍ରଙ୍କ ହାତରେ ଆଉ ଗୋଟିଏ ମାସ ରହିଛି। ପ୍ରାୟ ୫୮ ହଜାର ପିଲା ଚଳିତ ଥର ପରୀକ୍ଷା ଦେବେ। ଗତବର୍ଷ ତୁଳନାରେ ୨ ହଜାର ପିଲା ଅଧିକ ପରୀକ୍ଷା ଦେବେ। ପୁରୁଣା ପ୍ରଣାଳୀରେ ପରୀକ୍ଷା କରାଯିବ। କରୋନାକୁ ଦୃଷ୍ଟିରେ ରଖି ଓଜେଇଇ ଓ ସ୍ୱତନ୍ତ୍ର ଓଜେଇଇ ଦୁଇଟି ପରୀକ୍ଷା ହେଉଥିଲା। ହେଲେ କରୋନା ସ୍ଥିତି ସ୍ୱାଭାବିକ ହୋଇଥିବାରୁ ପୁରୁଣା ପ୍ରଣାଳୀରେ ଏକାଥରକେ ପରୀକ୍ଷା ହେବ। ଏହାର ସବିଶେଷ ତଥ୍ୟ ପିଲାମାନେ ୱେବ୍‌ସାଇଟରୁ ପାଇବେ।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ଞ୍ଚଇଂ ଗଗନ ବିହାରୀ କଳେତ
ଆବିର୍ଭାବ: ୧୦।୦୫।୧୯୭୦
ତିରୋଧାନ: ୦୨।୦୬।୨୦୨୦
ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ଭାଇ ଘନ କଳେତ, କଲ୍ୟାଣୀ କଳେତ ଓ ଝିଅ ଜାଗୃତିରାଣୀ କଳେତ
ଗ୍ରାମ: ଗାଇସିଲେଟ, ଗାନ୍ଧିନଗର
ଧ-୬୧୮

ଶ୍ରଦ୍ଧାଞ୍ଜଳି

ଞ୍ଚବିଷ୍ଣୁଚରଣ ସାହୁ
ପ୍ଲଟ୍ ନଂ. ୮୫୯, ଜୟଦେବ ବିହାର, ଲେନ୍ ନଂ.୧୦, ଭୁବନେଶ୍ୱର
ଆବିର୍ଭାବ: ତା୧୬।୦୭।୧୯୪୪
ତିରୋଧାନ: ତା୨୩।୦୫।୨୦୨୨
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ ପୁତ୍ର ଦେବାଶିଷ ଓ ପରିବାରବର୍ଗ
ଧ-୬୧୭

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଞ୍ଚ ଲିଙ୍ଗରାଜ ସେଠୀ
ଗ୍ରା- ନରସିଂହପୁର, ପିପିଲି
ଆବିର୍ଭାବ- ୧୦।୦୨।୧୯୫୩
ତିରୋଧାନ- ୧୩।୦୬।୨୦୨୧
ଚାହୁଁ ଚାହୁଁ ଆଜି ବରଷ ପୂରିଲା, ଗଲ ତୁମେ ସ୍ମୃତି ହୋଇ। ତୁମ ସ୍ନେହବୋଳା କଥା ଭାବୁଅଛୁ, ଶ୍ରଦ୍ଧା ପୁଷ୍ପାଞ୍ଜଳି ଦେଇ। ତୁମେ ଚାଲିଗଲ ଅଫେରା ବାଟକୁ, କରି ଆମକୁ ହତାଶ, ତୁମରି ସ୍ମୃତିକୁ ଝୁରି ଝୁରି ଆମେ, ମାଗୁ ତୁମକୁ ଆଶିଷ।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ପରିବାରବର୍ଗ
ଧ-୬୨୦

# ଭାରତକୁ ବ୍ରୋଞ୍ଜ ପଦକ

**ଜାକର୍ତ୍ତା, ୧।୬ (ପି.ଟି.)**

ଓଡ଼ିଆ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରାଙ୍କ ନେତୃତ୍ୱାଧୀନ ଭାରତୀୟ ହକି ଦଳ ଏସିଆ କପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛି। ବୁଧବାର ଅନୁଷ୍ଠିତ ପ୍ଲେ-ଅଫ୍ ମ୍ୟାଚରେ ଭାରତ ୧-୦ ଗୋଲରେ ଜାପାନକୁ ପରାସ୍ତ କରିଛି। ମଙ୍ଗଳବାର ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ସୁପର୪ ମ୍ୟାଚରେ ଦକ୍ଷିଣ କୋରିଆ ସହିତ ମ୍ୟାଚ ୪-୪ରେ ଡ୍ର ରଖିବାରୁ ଗୋଲ ବ୍ୟବଧାନରେ ପଛରେ ପଡ଼ି ଫାଇନାଲ ପ୍ରବେଶରୁ ବଞ୍ଚିତ ହୋଇଥିବା ଭାରତ ପ୍ଲେ-ଅଫ୍‌ରେ କିନ୍ତୁ ଉତ୍ସାହୀ ପ୍ରଦର୍ଶନ କରିଥିଲା। ରାଜକୁମାର ପାଲ୍ ମ୍ୟାଚର ୭ମ ମିନିଟରେ ସ୍କୋର କରିଥିବା ଫିଲ୍ଡ ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ମ୍ୟାଚଟି ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଜାପାନ ଗୋଲଟି ପରିଶୋଧ କରିବାକୁ ସକ୍ଷମ ହୋଇ ନ ଥିଲା।

ଉଭୟ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲେ। ୭ମ ମିନିଟରେ ଉତ୍ତମ ସିଂ କାଉଣ୍ଟର ଆକ୍ରମଣ କରି ରାଜକୁମାରଙ୍କ ପାଇଁ ଗୋଲ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ। ଏହାର ସଦ୍‌ବ୍ୟବହାର ମଧ୍ୟ କରିଥିଲେ ରାଜକୁମାର। ସେ ଜାପାନୀ ଗୋଲକିପର ତାକାଶି ୟୋଶିକାୱାଙ୍କୁ ଚକ୍‌ମା ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ଏହାର ୩ ମିନିଟ ପରେ ଭାରତ ଲଗାତର ୨ଟି ପେନାଲ୍ଟି କର୍ଣ୍ଣର ପାଇଥିଲେ ହେଁ ତାହାର ସଦୁପଯୋଗ କରିପାରି ନ ଥିଲା। ପ୍ରଥମ କ୍ୱାର୍ଟରର ଶେଷ ୫ ମିନିଟରେ ଜାପାନ ଗୋଲ ପରିଶୋଧ ପାଇଁ ଅନେକ ଚେଷ୍ଟା କରିଥିଲେ ହେଁ ଭାରତୀୟ ରକ୍ଷଣଭାଗ ତାହା ହେବାକୁ ଦେଇ ନ ଥିଲେ। ସେହିପରି ୨୦ତମ ମିନିଟରେ ଏହି ଦଳ କ୍ରମାଗତ ୨ଟି ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲା। ଦ୍ୱିତୀୟାର୍ଦ୍ଧର ୨ଟି କ୍ୱାର୍ଟରରେ ଉଭୟ ଦଳ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ଗୋଲ ହୋଇପାରି ନ ଥିଲା। ୪୮ତମ ମିନିଟରେ ଜାପାନକୁ ଲଗାତର ୩ଟି ପେନାଲ୍ଟି କର୍ଣ୍ଣର ମିଳିଥିଲା। ମାତ୍ର ତାହାକୁ ବୀରେନ୍ଦ୍ର ଲାକ୍ରାଙ୍କ ନେତୃତ୍ୱାଧୀନ ଦଳ ବ୍ୟର୍ଥ କରିଥିଲେ।


ଭାରତ ଓ ଜାପାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## କୋରିଆକୁ ରେକର୍ଡ ୫ମ ଟାଇଟଲ

ଫାଇନାଲରେ ମାଲେସିଆକୁ ୨-୧ ଗୋଲରେ ପରାସ୍ତ କରି ଦକ୍ଷିଣ କୋରିଆ ଏସିଆ କପ୍ ଟାଇଟଲ ହାସଲ କରିଛି। କୋରିଆ ପକ୍ଷରୁ ମାନ୍‌ଜି ଜୁଙ୍ଗ୍ ୧୭ ଓ ଟେଇଲ ହାୱାଙ୍ଗ୍ ୫୨ତମ ମିନିଟରେ ୨ଟି ଫିଲ୍ଡ ଗୋଲ ଦେଇଥିବାବେଳେ ମାଲେସିଆର ସୟଦ ଚୋଲାନ ୨୫ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଏହା ପୂର୍ବରୁ କୋରିଆ ୧୯୯୪, ୧୯୯୯, ୨୦୦୯ ଓ ୨୦୧୩ରେ ଚାମ୍ପିୟନ ହୋଇଥିଲା।

## ଗୁରୁତ୍ୱପୂର୍ଣ୍ଣ ସୂଚନା


**ଦେବରାଜ ସାମଲ**
ପିତା: ଦୈତାରୀ ସାମଲ
ରେଡ୍ଡୁଆ, ରଘୁନାଥପୁର, ଜଗତ୍‌ସିଂହପୁର


**ଜ୍ୟୋତିରଞ୍ଜନ ଜେନା**
ପିତା: ସୁରେଶ ଚନ୍ଦ୍ର ଜେନା
ଧନୀରାମପୁର, ପାଟକୁରା, କେନ୍ଦ୍ରାପଡ଼ା


**ଅଜୟ କୁମାର ଜାଡ଼ବା**
ପିତା: କାଶୀନାଥ ଜାଡ଼ବା
ମହତାବ ରୋଡ୍, ପୁରୁଣା ଭୁବନେଶ୍ୱର

ଏତଦ୍ୱାରା ସୂଚାଇ ଦିଆଯାଉଛି ଯେ, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ପ୍ରସାରଣ ବିଭାଗରେ କାର୍ଯ୍ୟ କରୁଥିବା ଦେବରାଜ ସାମଲ, ଜ୍ୟୋତିରଞ୍ଜନ ଜେନା ଓ ଅଜୟ କୁମାର ଜାଡ଼ବା ବିନା ସୂଚନାରେ କାର୍ଯ୍ୟକୁ ଆସିବା ବନ୍ଦ କରିଛନ୍ତି। ସେମାନଙ୍କ ପାଖରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମନି ରସିଦ୍ ବହି ଥିବାରୁ ସମସ୍ତଙ୍କୁ ଅନୁରୋଧ କରାଯାଉଛି ଯେ, ଏହି ୩ ଜଣଙ୍କ ସହ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପର୍କରେ କୌଣସି ଅର୍ଥ ଦେଣନେଣ କରିବେ ନାହିଁ। ଫୋନ୍‌ପେ ଏବଂ ଅନ୍ୟ କୌଣସି ମାଧ୍ୟମରେ ସେମାନଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ବାବଦ ଅର୍ଥ ପୈଠ କରିବେ ନାହିଁ। ଏହା କଲେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ କର୍ତ୍ତୃପକ୍ଷ ଦାୟୀ ହେବେ ନାହିଁ। ସେମାନେ ଯଦି କୌଣସି ବ୍ୟକ୍ତିଙ୍କୁ ଅର୍ଥ ଦେୟ ବାବଦରେ ଯୋଗାଯୋଗ କରନ୍ତି, ତେବେ ଧରିତ୍ରୀ କାର୍ଯ୍ୟାଳୟକୁ ଜଣାଇବା ସହ ପୋଲିସରେ ଏତଲା ଦେବା ପାଇଁ ଅନୁରୋଧ।

**ମୁଖ୍ୟ, ପ୍ରସାରଣ ବିଭାଗ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ**

# ସିଏବି କ୍ୟୁରେଟର ଓସିଏକୁ ସହଯୋଗ କରିବେ

**ଭୁବନେଶ୍ୱର, ୧।୬ (କ୍ରୀଡ଼ା ପ୍ରତିନିଧି):** ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ ପାଇଁ ବାରବାଟୀ ଷ୍ଟାଡିୟମ ଗ୍ରାଉଣ୍ଡ ପ୍ରସ୍ତୁତି ନିମନ୍ତେ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ଏହାର ମୁଖ୍ୟ କ୍ୟୁରେଟର ସୁଜନ ମୁଖାର୍ଜୀଙ୍କୁ ଓଡ଼ିଶା ପଠାଇବ। ''ଓସିଏ ସମ୍ପାଦକ ସଞ୍ଜୟ ବେହେରାଙ୍କ ସହିତ ମୁଁ କଥା ହୋଇଛି। ପଡ଼ିଆକୁ ଘୋଡ଼େଇ ରଖିବା ପାଇଁ ସେମାନେ ନୂଆ କଭର ଆଣିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ ସହିତ ଆମର ନିବିଡ଼ ସମ୍ପର୍କ ରହିଛି। ତେଣୁ ସେମାନେ ଆମଠାରୁ ସ୍ୱାଭାବିକଭାବେ ଉତ୍ତମ ସହଯୋଗ ପାଇବେ। ମ୍ୟାଚ ପୂର୍ବରୁ କଭର ସମ୍ପର୍କରେ ବୈଷୟିକ ଜ୍ଞାନ ଦେବାପାଇଁ ଆମେ ସୁଜନ ମୁଖାର୍ଜୀଙ୍କୁ ଅନୁରୋଧ କରିଛୁ'' ବୋଲି ସିଏବି ସଭାପତି ଅଭିଷେକ ଡାଲମିଆ ପ୍ରକାଶ କରିଛନ୍ତି। ''ମ୍ୟାଚ ସମୟରେ ବର୍ଷା ହେବା ସମ୍ଭାବନା ରହିଛି। ତେଣୁ ସେମାନଙ୍କୁ ସହଯୋଗ କରିବାକୁ ଆମ ଟେକ୍ନିକାଲ ଏକ୍ସପର୍ଟମାନେ ବାରବାଟୀରେ ରହିବେ'' ବୋଲି ସିଏବି ସମ୍ପାଦକ ସ୍ନେହାଶିଷ ଗାଙ୍ଗୁଲି କହିଛନ୍ତି। ନୂଆ କଭରରେ ପଡ଼ିଆକୁ ଘୋଡ଼ାଇବା ପାଇଁ ବିଶେଷ ଜ୍ଞାନ ରଖିଥିବା ବେଙ୍ଗଲର ୪ ଗ୍ରାଉଣ୍ଡସ୍‌ମ୍ୟାନ କଟକ ଆସି ଓସିଏ ପ୍ରତିପକ୍ଷଙ୍କୁ ଟ୍ରେନିଂ ଦେବେ ବୋଲି ଜଣାଯାଇଛି। ମ୍ୟାଚ ପୂର୍ବଦିନ ପଡ଼ିଆ ଉପରେ ନଜର ରଖିବା ପାଇଁ ସୁଜନ ମୁଖାର୍ଜୀ ବାରବାଟୀରେ ଉପସ୍ଥିତ ରହିବେ।

# ଆଜିଠାରୁ କଟକରେ ଅନ୍ତର୍ଜାତୀୟ ଜୁନିୟର ବାସ୍କେଟବଲ

**ଭୁବନେଶ୍ୱର, ୧।୬(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଓଡ଼ିଶା ବାସ୍କେଟବଲ ଆସୋସିଏଶନ ଆନୁକୂଲ୍ୟରେ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନ୍ତର୍ଜାତୀୟ ବାସ୍କେଟବଲ ଫେଡେରେଶନ (ଏଫ୍‌ଆଇବିଏ)ର ୧୮ ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍ ଗୁରୁବାର ଆରମ୍ଭ ହେବ। ଏହା ସାଉଥ୍ ଏସିଆନ ବାସ୍କେଟବଲ ଆସୋସିଏଶନ (ଏସ୍‌ଏବିଏ) କ୍ୱାଲିଫାୟର ଭାବେ ମଧ୍ୟ ବିବେଚିତ ହେଉଛି। ୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ପ୍ରତିଯୋଗିତାରେ ୩ଟି ଦଳ ଭାରତ, ବାଂଲାଦେଶ ଓ ମାଳଦ୍ୱୀପ ଅଂଶଗ୍ରହଣ କରୁଛନ୍ତି। ଗୁରୁବାର ବାଂଲାଦେଶ ଓ ମାଳଦ୍ୱୀପ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଭାରତ ଏହାର ପ୍ରଥମ ମ୍ୟାଚ ୩ ତାରିଖରେ ମାଳଦ୍ୱୀପ ସହ ଏବଂ ଦ୍ୱିତୀୟ ମ୍ୟାଚ ୪ ତାରିଖରେ ବାଂଲାଦେଶ ବିପକ୍ଷରେ ଖେଳିବ। ମ୍ୟାଚଗୁଡ଼ିକ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବ।


ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ବୁଧବାର ବାଂଲାଦେଶ ଦଳର ଅଭ୍ୟାସ।

# ଗାଙ୍ଗୁଲିଙ୍କ ଟୁଇଟ୍‌କୁ ନେଇ ଚର୍ଚ୍ଚା

**ସୌରଭ ବିସିସିଆଇ ସଭାପତି ପଦରୁ ଇସ୍ତଫା ଦେଇନାହାନ୍ତି: ଜୟ ଶାହା**

**ନୂଆଦିଲ୍ଲୀ, ୧।୬ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲିଙ୍କ ରହସ୍ୟାତ୍ମକ ଟୁଇଟ୍ ବୁଧବାର ବେଶ୍ ଚର୍ଚ୍ଚାରେ ରହିଥିଲା। ଏପରି କି ସେ ସଭାପତି ପଦ ଜାରି ରଖିବେ କି ନାହିଁ ତାହାକୁ ନେଇ ମଧ୍ୟ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଗାଙ୍ଗୁଲି ସ୍ପଷ୍ଟଭାବେ କିଛି ପ୍ରକାଶ ନ କରି 'ନୂଆ ଯାତ୍ରା' ସମ୍ପର୍କରେ ନିଜ ଟୁଇଟ୍‌ରେ ସୂଚନା ଦେଇଥିଲେ। ଗାଙ୍ଗୁଲି ଲେଖିଥିଲେ ଯେ, ''୧୯୯୨ରେ କ୍ରିକେଟରେ ମୋ ଯାତ୍ରା ଆରମ୍ଭ ହୋଇଥିବାରୁ ୨୦୨୨କୁ ୩୦ ବର୍ଷ ପୂରଣ ହୋଇଛି। ସେବେଠାରୁ କ୍ରିକେଟ ମୋତେ ଅନେକ କିଛି ଦେଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହା ମୋତେ ଆପଣମାନଙ୍କ ସମର୍ଥନ ପ୍ରଦାନ କରିଛି। ମୁଁ ଆଜି ଯେଉଁଠି ପହଞ୍ଚିଛି ସେଥିପାଇଁ ମୋତେ ସମର୍ଥନ ଏବଂ ସାହାଯ୍ୟ କରିଥିବା ଏବଂ ମୋ ଯାତ୍ରାର ଅଂଶବିଶେଷ ଥିବା ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କୁ ଧନ୍ୟବାଦ ଜଣାଇବାକୁ ଚାହୁଁଛି। ଆଜି ମୁଁ ଏପରି କିଛି ଆରମ୍ଭ କରିବାକୁ ଯୋଜନା କରିଛି, ଯାହାକି ଲୋକମାନଙ୍କୁ ସାହାଯ୍ୟ କରିବ ବୋଲି ଅନୁଭବ କରୁଛି। ଜୀବନର ଏହି ଅଧ୍ୟାୟରେ ମଧ୍ୟ ଆପଣମାନଙ୍କର ସମର୍ଥନ ଜାରି ରହିବ ବୋଲି ଆଶା କରୁଛି।'' ତେବେ ସୌରଭ ସଭାପତି ପଦରୁ ଇସ୍ତଫା ଦେଇନାହାନ୍ତି ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା ସ୍ପଷ୍ଟ କରିଥିଲେ। ''ଗାଙ୍ଗୁଲିଙ୍କ ଇସ୍ତଫାକୁ ନେଇ ଯେଉଁ ଗୁଜବ ପ୍ରଚାରିତ ହେଉଛି ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ। ଭାରତୀୟ କ୍ରିକେଟର ଉନ୍ନତି ଉପରେ ମୁଁ ଓ ମୋ ସାଥୀ ଫୋକସ କରୁଛୁ'' ବୋଲି ଶାହା ଏକ ବିବୃତି ମାଧ୍ୟମରେ ପ୍ରକାଶ କରିଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଗାଙ୍ଗୁଲି ପରେ ନିଜ ଟୁଇଟ ସମ୍ପର୍କରେ ସ୍ପଷ୍ଟ କରିଥିଲେ। ସେ ବିଶ୍ୱବ୍ୟାପୀ ଏକ ଏଜୁକେଶନାଲ ଆପ୍ ଲଞ୍ଚ କରିବାକୁ ଯାଉଥିବା କହିଥିଲେ। ପ୍ରକାଶ ଯୋଗ୍ୟ ଯେ, ଗାଙ୍ଗୁଲି ୨୦୧୯ ଅକ୍ଟୋବରରେ ବିସିସିଆଇ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ତିନିବର୍ଷ କାର୍ଯ୍ୟକାଳ ପୂରଣ ହେବା ପାଇଁ ଆହୁରି ୪ ମାସ ବାକିଅଛି। ତେବେ ସୌରଭଙ୍କ ଏହି ଟୁଇଟ୍ ସୋସିଆଲ ମିଡିଆରେ ଝଡ଼ ସୃଷ୍ଟି କରିଥିଲା।


ସୌରଭ ଗାଙ୍ଗୁଲି

# ଆଇଏସ୍‌ଏଫ୍ ୱାର୍ଲ୍ଡ ସ୍କୁଲ୍ସ ଭଲିବଲ୍‌ରେ କିସ୍ ଭାଗନେବ

**ଭୁବନେଶ୍ୱର, ୧।୬ (କ୍ରୀଡ଼ା ପ୍ରତିନିଧି)**

ଇଣ୍ଟରନ୍ୟାଶନାଲ ସ୍କୁଲ ସ୍ପୋର୍ଟ ଫେଡେରେଶନ (ଆଇଏସ୍‌ଏଫ୍) ଆନୁକୂଲ୍ୟରେ ୱାର୍ଲ୍ଡ ସ୍କୁଲ୍ସ ଭଲିବଲ (୧୮ ବର୍ଷରୁ କମ୍ ବାଳିକା, ବାଳକ) ଚାମ୍ପିୟନଶିପ୍ ବ୍ରାଜିଲର ଫୋଜ୍ ଡୁ ଇଗୁଆକୁଠାରେ ଚଳିତ ମାସ ୧୯ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତୀୟ ସ୍କୁଲ ଭଲିବଲ (ବାଳିକା, ବାଳକ) ପକ୍ଷରୁ କିସ୍ ସ୍କୁଲ ଭଲିବଲ ଦଳ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଛି। ବିଶ୍ୱ ଭଲିବଲ ଚାମ୍ପିୟନଶିପ୍‌ରେ ଓଡ଼ିଶାରୁ ଏକ ସ୍କୁଲ ପ୍ରଥମଥର ପାଇଁ ଅଂଶଗ୍ରହଣ କରିବାକୁ ଯାଉଛି। ଭାରତର ଏକମାତ୍ର ସ୍କୁଲ ଭାବେ କିସ୍ ଆଗାମୀ ପ୍ରତିଯୋଗିତାରେ ଭାଗନେବ। ପ୍ରକାଶଯୋଗ୍ୟ ଯେ, ଗଗନେନ୍ଦୁ ଦାଶ ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ)ର ସମ୍ପାଦକ ହେବା ପରେ ରାଜ୍ୟରେ ଏହି କ୍ରୀଡ଼ାର ବ୍ୟାପକ ଉନ୍ନତି ଘଟିଛି। ଓଡ଼ିଶା ଭଲିବଲ ଦଳ ଜାତୀୟ ପ୍ରତିଯୋଗିତାରେ ପ୍ରଦର୍ଶନର ଛାପ ଛାଡ଼ିଛି। କେବଳ ସେତିକି ନୁହେଁ ଓଡ଼ିଶାରେ ପ୍ରଥମଥର ପାଇଁ ଏକାଧିକ ଜାତୀୟ ଭଲିବଲ ଟୁର୍ନାମେଣ୍ଟ ଆୟୋଜନ ହୋଇଛି। ଭାରତୀୟ ଦଳର କ୍ୟାମ୍ପ ମଧ୍ୟ ଏଠାରେ ଅନୁଷ୍ଠିତ ହୋଇଛି। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ସଭାପତି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ପ୍ରକାଶ କରିବା ସହ ଆଗାମୀ ପ୍ରତିଯୋଗିତା ପାଇଁ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଜୋକୋଭିଚ୍‌ଙ୍କୁ ହରାଇଲେ ନାଡାଲ


ରାଫାଲ ନାଡାଲ

**ପ୍ୟାରିସ୍, ୧।୬:** ବର୍ଷର ଅନ୍ୟତମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନ ସେମିଫାଇନାଲରେ ରାଫାଲ ନାଡାଲ ଓ ତୃତୀୟ ସିଡ୍ ଆଲେକ୍ସଜାଣ୍ଡର ଜେରେଭ ସ୍ଥାନ ପକ୍କା କରିଛନ୍ତି। ଏକମାତ୍ର ପୁରୁଷ ଭାବେ ୨୧ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ନାଡାଲ ବିଳମ୍ବିତ ରାତିରେ ଚିରପ୍ରତିଦ୍ୱନ୍ଦ୍ୱୀ ନୋଭାକ ଜୋକୋଭିଚ୍‌ଙ୍କୁ ହରାଇ କ୍ୟାରିୟରର ୧୫ତମ ଫ୍ରେଞ୍ଚ ଓପନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୧୩ ଥର ରୋଲାଣ୍ଡ ଗାରୋସ ଚାମ୍ପିୟନ ୬-୨, ୪-୬, ୬-୨, ୭-୬(୭/୪) ସେଟ୍‌ରେ ଜୋକୋଭିଚ୍‌ଙ୍କୁ ପରାସ୍ତ କରିଥିଲେ। ଦୁଇ ଭେଟେରାନ ଖେଳାଳିଙ୍କ ମଧ୍ୟରେ ଏହା ଥିଲା ୫୯ ତମ ମ୍ୟାଚ୍। ଫ୍ରେଞ୍ଚ ଓପନ ରାଜା ଭାବେ ପରିଚିତ ନାଡାଲ ଏହି କ୍ୱାର୍ଟର ଫାଇନାଲ ମ୍ୟାଚ୍‌କୁ ୪ ଘଣ୍ଟା ୧୨ ମିନିଟ୍‌ରେ ଜିତି ନେଇଥିଲେ। ଡିଫେଣ୍ଡିଂ ଚାମ୍ପିୟନ ତଥା ବିଶ୍ୱର ନଂ୧ ଜୋକୋଭିଚ୍‌ଙ୍କ ବିପକ୍ଷରେ ନାଡାଲ ଫ୍ରେଞ୍ଚ ଓପନ ୧୦ରୁ ୮ମ ମୁକାବିଲା ଜିତିଛନ୍ତି। ଏହି ବିଜୟ ସହ ସେ କ୍ୟାରିୟରର ୨୨ ତମ ଗ୍ରାଣ୍ଡସ୍ଲାମ ଟାଇଟଲ ନିକଟତର ହୋଇଛନ୍ତି। ୩୫ ବର୍ଷୀୟ ନାଡାଲ ୨୦୦୫ଠାରୁ ଫ୍ରେଞ୍ଚ ଓପନରେ ୧୧୩ ମ୍ୟାଚ୍ ଖେଳି କେବଳ ୩ ଥର ପରାଜିତ ହୋଇଛନ୍ତି। ନାଡାଲ ଶୁକ୍ରବାର ସେମିଫାଇନାଲ ମୁକାବିଲାରେ ତୃତୀୟ ସିଡ୍ ଜେରେଭଙ୍କୁ ଭେଟିବେ। ଜର୍ମାନୀର ଜେରେଭ ତାଙ୍କ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଉଦୀୟମାନ ଖେଳାଳି କାର୍ଲୋସ ଆଲକାରାଜଙ୍କୁ ୪ ସେଟ୍ ବିଶିଷ୍ଟ ରୋମାଞ୍ଚକ ମୁକାବିଲାରେ ହରାଇ ଦେଇଛନ୍ତି। ତୃତୀୟ ର୍ୟାଙ୍କ ଜେରେଭ ୬-୪, ୬-୪, ୪-୬, ୭-୬(୯/୭) ସେଟ୍‌ରେ ମ୍ୟାଚ୍‌କୁ ଜିତି ନେଇଥିଲେ। ଏହି ମୁକାବିଲାରେ ୩ ଘଣ୍ଟା ୧୮ ମିନିଟ୍ ଧରି ଦୁଇ ଖେଳାଳିଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଏହି ବିଜୟ ସହ ଜେରେଭ ସ୍ପାନିଶ ଖେଳାଳି ଆଲକାରାଜଙ୍କଠାରୁ ମାଡ୍ରିଡ୍ ଓପନ ଫାଇନାଲ ପରାଜୟର ପ୍ରତିଶୋଧ ନେଇଛନ୍ତି।

# ୧୩ କାଉଣ୍ଟର, ୨ ଏସି କଣ୍ଟେନରରେ ଟିକେଟ

**କଟକ ଅଫିସ, ୧।୬**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆସନ୍ତା ୧୨ ତାରିଖରେ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଏଲ୍‌ଇଡି ଫ୍ଲଡ୍ ଲାଇଟ୍‌ରେ ଅନୁଷ୍ଠିତ ହେବ। ଏହି ମ୍ୟାଚ୍ ନିମନ୍ତେ ଏକ ପ୍ରସ୍ତୁତି ବୈଠକ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି)ଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍‌ଡିସି ଡ. ସୁରେଶ ଚନ୍ଦ୍ର ଦଳାଇ ଅଧ୍ୟକ୍ଷତା କରିଥିଲେ। ଉକ୍ତ ବୈଠକରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ପାଦକ ସଞ୍ଜୟ କୁମାର ବେହେରା

**ଟି୨୦ ମ୍ୟାଚ୍ ପାଇଁ ପ୍ରସ୍ତୁତି ବୈଠକ**

**■ ୭୦ ପ୍ଲାଟୁନ ଫୋର୍ସ, ୯୦ ସେକ୍ସନ ପୋଲିସ ନିୟୋଜିତ ହେବେ**

ଯୋଗଦେଇ କହିଥିଲେ, ଆସନ୍ତା ୧୦ ତାରିଖରେ ଉଭୟ ଦଳ ଆସିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ୧୧ ତାରିଖ ଅପରାହ୍ନରେ ଉଭୟ ଦଳ ଅଭ୍ୟାସ କରିବେ। ଭୁବନେଶ୍ୱରର ହୋଟେଲ ମେ' ଫେୟାରରେ ସମସ୍ତ ଦଳ, ମ୍ୟାଚ୍ ଅଫିସିଆଲ ଓ ମୁଖ୍ୟ ବ୍ୟକ୍ତିବିଶେଷ ରହିବାର ବ୍ୟବସ୍ଥା ହୋଇଛି। ବୁଧବାର ୫ହଜାର ଟିକେଟ ଅନ୍‌ଲାଇନରେ ବିକ୍ରି ହୋଇଛି। ଅବଶିଷ୍ଟ ଟିକେଟ ୧୩ଟି କାଉଣ୍ଟର ଓ ୨ଟି ଏସି କଣ୍ଟେନରରେ ବିକ୍ରି ବ୍ୟବସ୍ଥା କରାଯିବ। ସେହିପରି ଡିସିପି ପିନାକ ମିଶ୍ର କହିଥିଲେ, ପ୍ରାୟ ୬୦ହଜାର ଜନସମାଗମକୁ ଦୃଷ୍ଟିରେ ରଖି ୭୦ ପ୍ଲାଟୁନ ଫୋର୍ସ ଓ ୯୦ ସେକ୍ସନ ପୋଲିସଙ୍କୁ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରାଯିବ। ଷ୍ଟାଡିୟମ ଭିତର ଓ ବାହାର, ଟ୍ରାଫିକ୍ ବ୍ୟବସ୍ଥା, ସହରର ସମସ୍ତ ରାସ୍ତାର ସୁରକ୍ଷା ପାଇଁ ଏକ ଏସ୍‌ଓପି ବ୍ୟବସ୍ଥା କରାଯାଉଛି। ଏଥିନିମନ୍ତେ ମକ୍‌ଡ୍ରିଲ୍ ଆସନ୍ତା ୮ ତାରିଖରୁ ଆରମ୍ଭ ହେବ ବୋଲି ଡିସିପି ମିଶ୍ର କହିଥିଲେ। ସେହିପରି ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ବସ୍‌ଷ୍ଟାଣ୍ଡ ଓ ରେଳ ଷ୍ଟେଶନରୁ ଲୋକମାନଙ୍କୁ ପରିବହନ ନିମନ୍ତେ ସ୍ୱତନ୍ତ୍ର ବସ୍ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ମ୍ୟାଚ୍ ସମୟରେ ସର୍ବନିମ୍ନ ୬ଟି ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବ ବୋଲି ସିଡିଏମ୍‌ଓ ଡା. ସତ୍ୟବ୍ରତ ଛୋଟରାୟ ସୂଚନା ଦେଇଥିଲେ। ପ୍ରତ୍ୟେକ ୧୦୦ ମିଟର ବ୍ୟବଧାନରେ ଜଣେ ସାନିଟାରୀ ଇନ୍ସପେକ୍ଟର ନିୟୋଜିତ କରାଯାଇ ସଫେଇ କାର୍ଯ୍ୟ ତଦାରଖ କରାଯିବ। ପାର୍କିଂ ବ୍ୟବସ୍ଥା ନିମନ୍ତେ ବାଲିଯାତ୍ରା ଉପର, ମଝି ଓ ତଳ ପଡ଼ିଆରେ ସିଏମ୍‌ସି ପକ୍ଷରୁ ଆନୁଷଙ୍ଗିକ ସୁବିଧା ଯୋଗାଇ ଦିଆଯିବ। ଶେଷରେ ଆର୍‌ଡିସିଙ୍କ ଅତିରିକ୍ତ ସଚିବ ବିବେକାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।

## ଘଣ୍ଟେ ୧୫ ମିନିଟରେ ଶେଷ

**ଭୁବନେଶ୍ୱର, ୧।୬ (କ୍ରୀଡ଼ା ପ୍ରତିନିଧି):** ଚଳିତ ମାସ ୧୨ ତାରିଖରେ କଟକର ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପାଇଁ ବୁଧବାର ଅନ୍‌ଲାଇନ ଟିକେଟ ବିକ୍ରି ହୋଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଟିକେଟ ବିକ୍ରି ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବା କଥା। ମାତ୍ର ସିଷ୍ଟମରେ ସମସ୍ୟା ଏବଂ ସର୍ଭର କ୍ରାସ୍ ଯୋଗୁ ୨ ଘଣ୍ଟା ୪୫ ମିନିଟ ବିଳମ୍ବରେ ଅର୍ଥାତ୍ ଅପରାହ୍ନ ୧ଟା ୪୫ରେ ଟିକେଟ ବିକ୍ରି ଆରମ୍ଭ ହୋଇଥିଲା। ତେବେ ମାତ୍ର ୧ ଘଣ୍ଟା ୧୫ ମିନିଟରେ ଉପଲବ୍ଧ ଥିବା ସମସ୍ତ ୫୦୦୦ଯାକ ଟିକେଟ ବିକ୍ରି ହୋଇ ଯାଇଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ସୂଚନା ଦିଆଯାଇଛି। ଏଥିରୁ ଆଗାମୀ ମ୍ୟାଚ ଦେଖିବା ପାଇଁ ରାଜ୍ୟ କ୍ରିକେଟପ୍ରେମୀମାନେ କିପରି ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି ତାହା ସ୍ପଷ୍ଟ ହୋଇଛି।


ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ପାଇଁ ବୁଧବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକ।

# ପ୍ରଗତି ସ୍ପୋର୍ଟିଂ ବିଜୟୀ

**ଭୁବନେଶ୍ୱର, ୧।୬ (ସ୍ପୋର୍ଟ୍ସ ବ୍ୟୁରୋ):** ପାରାମାଉଣ୍ଟ ସ୍ପୋର୍ଟ୍ସ ପକ୍ଷରୁ ଆୟୋଜିତ ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ ୧୬ ବର୍ଷରୁ କମ୍ ପ୍ରିମିୟର ଲିଗ୍‌ର ବୁଧବାର ମ୍ୟାଚ୍‌ରେ ପ୍ରଗତି ସ୍ପୋର୍ଟିଂ ୬୪ ରନ୍‌ରେ ରାମେଶ୍ୱର ସ୍ପୋର୍ଟିଂକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ପ୍ରଗତି ସ୍ପୋର୍ଟିଂ ୪୦ ଓଭରରେ ୭ ଉଇକେଟ ହରାଇ ୧୯୦ ରନ୍ କରିଥିଲା। ଦଳ ପାଇଁ ଆୟୁଷ ସୂତାର ସର୍ବାଧିକ ୯୬ ଓ ସନ୍ଧାନ ମହାନ୍ତି ୫୨ ରନ୍ କରିଥିଲେ। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ୪୦ ଓଭରରେ ୯ ଉଇକେଟରେ ୧୨୬ ରନ କରିବାକୁ ସକ୍ଷମ ହୋଇଥିଲା। ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିବା ଆୟୁଷ ସୂତାରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ସ୍ୱୟମ ପ୍ରକାଶ ପଣ୍ଡାଙ୍କୁ ଶ୍ରେଷ୍ଠ ଫିଲ୍ଡର ବିବେଚିତ କରାଯାଇଛି।






4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

(ପୃଷ୍ଠା-୮+୮)
ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଜୁନ୍ ୨/୨୦୨୨ (୮+୮=୧୬ ପୃଷ୍ଠା) Bhubaneswar, Thursday, June 2/2022 | ପୃଷ୍ଠା-୧

# ମାଡ଼ିଗଲା ଡାକ୍ତରଖାନା ଗାଡ଼ି

## ଜଣେ ରୋଗୀ ମୃତ, ୨ ଗୁରୁତର


ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଲୋକଙ୍କ ଭିଡ଼ ଜମିଛି।

**ଭଦ୍ରକ ଅଫିସ,୧।୬**

■ ଡ୍ରାଇଭରଙ୍କ ଅବହେଳାରୁ ଦୁର୍ଘଟଣା ଘଟିଥିବା ଅଭିଯୋଗ
■ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା

ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ ଦେହ ଭଲ କରିବା ପାଇଁ। ହେଲେ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ବୋଲେରୋ ଡ୍ରାଇଭରଙ୍କ ସାମାନ୍ୟ ଅବହେଳାରୁ ଚାଲିଗଲା ଜୀବନ। ଏପରି କି ଆଉଟଡୋର ଟିକେଟ ପାଇଁ ଧାଡ଼ିରେ ଛିଡ଼ା ହୋଇଥିବା ଲୋକଙ୍କ ଉପରେ ବୋଲେରୋ ମାଡ଼ିଯିବାରୁ ୮ଜଣ ଆହତ ହୋଇଛନ୍ତି। ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ପୂର୍ବାହ୍ନରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ସ୍ଥାନୀୟ ବଡ଼ବର୍ଚ୍ଛିକୟାଁ ଗ୍ରାମର ଶ୍ରୀଧର ଲେଙ୍କା(୨୫)। ବୋଲେରୋ ଡ୍ରାଇଭରଙ୍କ ବେପରୁଆ ମନୋଭାବ ପାଇଁ ଏଭଳି ଦୁର୍ଘଟଣା ଘଟିଲା ବୋଲି ସେଠାରେ ଉପସ୍ଥିତ ଲୋକମାନେ ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା।

ସୂଚନା ଅନୁଯାୟୀ, ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓଡ଼ିଶା ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଏକ ବୋଲେରୋ (ନଂ. ଓଡି ୨୨ -ଏଫ୍-୨୯୨୬) ନିୟୋଜିତ ହୋଇଛି। ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଚଳଚଞ୍ଚଳ ଥିବାବେଳେ ଉକ୍ତ ବୋଲେରୋ ଗାଡ଼ିକୁ ସେଠାରେ ରଖାଯାଇଥିଲା। ବୋଲେରୋ ଡ୍ରାଇଭର ଗାଡ଼ିରେ ଚାବି ଲଗାଇ ଅନ୍ୟତ୍ର ଚାଲିଯାଇଥିଲେ। ଏହି ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ମହେଶ୍ୱର ଗୋଚ୍ଛାୟତ ବୋଲେରୋର ଡୋର୍ ଖୋଲି ଷ୍ଟାର୍ଟ କରି ହର୍ନ ମାରିବା ପାଇଁ ଚେଷ୍ଟା କରୁଥିବାବେଳେ ଗାଡ଼ିଟି ହଠାତ୍ ଆଗକୁ ମାଡ଼ିଯାଇଥିଲା। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରର ଆଉଟଡୋରେ ଟିକେଟ ପାଇଁ ଧାଡ଼ିରେ ଅପେକ୍ଷା କରିଥିବା ରୋଗୀ ଓ ସେମାନଙ୍କ ☞ପୃଷ୍ଠା-୬

# ୧୩୫ ଟଙ୍କା କମିଲା କମର୍ସିଆଲ ଗ୍ୟାସ୍

**ନୂଆଦିଲ୍ଲୀ,୧।୬**

ଭାରତରେ ବର୍ତ୍ତମାନ ଦରବୃଦ୍ଧି ଏକ ପ୍ରମୁଖ ବିଷୟ ହୋଇଥିବା ବେଳେ କ୍ରମାଗତ ଭାବେ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଖାଉଟିଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ହେଲେ ଜୁନ୍ ୧ରୁ କମର୍ସିଆଲ ଗ୍ୟାସ୍ (୧୯ କେଜି) ଦର ହ୍ରାସ ପାଇଛି। ଦେଶର ପ୍ରମୁଖ ତୈଳ ବିପଣନକାରୀ କମ୍ପାନୀଗୁଡ଼ିକଙ୍କ ସୂଚନା ଅନୁଯାୟୀ ବୁଧବାର ଭୁବନେଶ୍ୱରରେ ୧୯ କି.ଗ୍ରା. ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୧୨୧ ଟଙ୍କା ହ୍ରାସ ଘଟିଛି। ଫଳରେ ଏଠାରେ ୧୯ କି.ଗ୍ରା. ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୨୩୫୨ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ ଖାଉଟି ୨୪୭୩ ଟଙ୍କାରେ ଉକ୍ତ ସିଲିଣ୍ଡର କ୍ରୟ କରୁଥିଲେ। ସେହିଭଳି ଘରୋଇ ସିଲିଣ୍ଡର (୧୪ କେଜି)ର ମୂଲ୍ୟ ପୂର୍ବପରି ୧୦୨୯ ଟଙ୍କା ରହିଛି।



ଅପରପକ୍ଷରେ ନୂଆଦିଲ୍ଲୀରେ ୧୯ କି.ଗ୍ରା. ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୧୩୫ ଟଙ୍କା କମି ସିଲିଣ୍ଡର ପିଛା ୨,୨୧୯ ଟଙ୍କାରେ ବିକ୍ରୟ ହେଉଥିବା ବେଳେ ଘରୋଇ ସିଲିଣ୍ଡର (୧୪ କେଜି)ର ମୂଲ୍ୟ ପୂର୍ବପରି ୧୦୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ୧୯ କେଜି ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୨,୩୨୨ ଟଙ୍କା ରହିଥିବା ବେଳେ ମୁମ୍ବାଇରେ ୨,୧୭୧.୫୦ ଟଙ୍କା ଏବଂ ଚେନ୍ନାଇରେ ୨,୩୭୩ ଟଙ୍କାରେ ବିକ୍ରୟ କରାଯାଉଛି।






## ଟଙ୍କା ମୂଲ୍ୟରେ ଆଖିଦୃଶିଆ ବୃଦ୍ଧି

**ନୂଆଦିଲ୍ଲୀ:** ବୁଧବାର କାରବାର ଦିବସରେ ଟଙ୍କା ମୂଲ୍ୟରେ ଆଖିଦୃଶିଆ ବୃଦ୍ଧି ଦେଖିବାକୁ ମିଳିଛି। ଦିନରେ ଡଲାର ତୁଳନାରେ ଟଙ୍କାରେ ୨୦ ପଇସା ବୃଦ୍ଧି ସହିତ ୭୭.୫୧ ସ୍ତରରେ ବନ୍ଦ ହୋଇଛି। ଡଲାର ତୁଳନାରେ ଭାରତୀୟ ମୁଦ୍ରା ୭୭.୫୮ ସ୍ତରରେ ଖୋଲିଥିଲା। ଦିନର କାରବାର ସମୟରେ ଏହା ୭୭.୫୧ରୁ ୭୭.୭୨ ମଧ୍ୟରେ ଉପରତଳ ହୋଇଥିଲା। ମଙ୍ଗଳବାର କାରବାରରେ ଡଲାର ତୁଳନାରେ ଭାରତୀୟ ମୁଦ୍ରା ୧୭ ପଇସା ହ୍ରାସ ଘଟି ୭୭.୭୧ରେ ସର୍ବକାଳୀନ ସର୍ବନିମ୍ନ ସ୍ତରରେ ବନ୍ଦ ହୋଇଥିଲା। ଏହାଛଡ଼ା ଡଲାର ଇଣ୍ଡେକ୍ସରେ ମଙ୍ଗଳବାର ୦.୧୭% ବୃଦ୍ଧି ସହିତ ଏହା ୧୦୯.୯୨ ସ୍ତରରେ ରହିଥିଲା।

**ସଂକ୍ଷେପରେ**

### ପେଟ୍ରୋଲ-ଡିଜେଲ ବିକ୍ରି ପରିମାଣ ବୃଦ୍ଧି

**ନୂଆଦିଲ୍ଲୀ,୧।୬ :** ଭାରତ ବଜାରରେ ପେଟ୍ରୋଲ ଓ ଡିଜେଲର ବିକ୍ରି ଚଳିତ ବର୍ଷ ମେ ମାସରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ବିଶେଷକରି ଗ୍ରୀଷ୍ମର ପ୍ରକୋପ ସାଙ୍ଗକୁ ସ୍କୁଲ, କଲେଜ ଛୁଟି ଯୋଗୁ ଲୋକେ ଅନ୍ୟ ସହର ବୁଲିଯିବା ଯୋଗୁ ଏଭଳି ହୋଇଥିବା ତୈଳ କମ୍ପାନୀଗୁଡିକ ଆକଳନ କରୁଛନ୍ତି। ସାର୍ବଜନିକ କ୍ଷେତ୍ରରେ ପେଟ୍ରୋଲିୟମ କମ୍ପାନୀଙ୍କ ଖୁଚୁରା ଇନ୍ଧନ ବିକ୍ରିର ପ୍ରାରମ୍ଭିକ ତଥ୍ୟ ଅନୁସାରେ ମେ'ରେ ୨୮ଲକ୍ଷ ଟନ ପେଟ୍ରୋଲ ବିକ୍ରି ହୋଇଛି। ଗତବର୍ଷର ଏହି ମାସ ତୁଳନାରେ ୫୫.୭% ରୁ ଅଧିକ ବୋଲି ଜଣାପଡିଛି। ଗତବର୍ଷ କୋଭିଡ୍-୧୯ର ବିଭିନ୍ନ ଲହର ଯୋଗୁ ଅର୍ଥ ବ୍ୟବସ୍ଥା ଉପରେ ପ୍ରତିକୂଳ ପ୍ରଭାବ ପଡିଥିଲା। ଫଳରେ ଖୁଚୁରା ଇନ୍ଧନ କାରବାରରେ ମଧ ସାର୍ବଜନିକ କ୍ଷେତ୍ରର ବଜାର ଭାଗୀଦାରି ପ୍ରାୟ ୯୦% ରହିଥିଲା। ଦେଶରେ ସର୍ବାଧିକ ଖର୍ଚ୍ଚ ହେଉଥିବା ଇନ୍ଧନ ଡିଜେଲ ବିକ୍ରି ମେ ମାସରେ ବାର୍ଷିକ ଆଧାରରେ ୩୯.୪% ବଢି ୬୮.୨ ଲକ୍ଷ ଟନ ବିକ୍ରି ହୋଇଛି। ଗତ ଏପ୍ରିଲ ମାସର ୬୭ ଟନ ତୁଳନାରେ ୧.୮%ରୁ ଅଧିକ ବୋଲି କୁହାଯାଇଛି। ତେବେ ଏହି ବିକ୍ରି ମେ ୨୦୧୯ ତୁଳନାରେ ୨.୩% କମ୍ ବୋଲି ଜଣାପଡିଛି।

### ଟ୍ରାକ୍‌କୁ ଫେରୁଛି ଅଟୋମୋବାଇଲ ବଜାର

**ନୂଆଦିଲ୍ଲୀ,୧।୬:** ଦୀର୍ଘ ଦିନ ଧରି ଲାଗି ରହିଥିବା ସମସ୍ୟାର ସମାଧାନ ସାଙ୍ଗକୁ ଧୀରେ ଧୀରେ ଟ୍ରାକ୍‌କୁ ଫେରୁଛି ଅଟୋମୋବାଇଲ ବଜାରର କାରବାର। ଗତ ଦୁଇବର୍ଷ ଧରି କୋଭିଡ୍ କଟକଣା ଓ ଅନ୍ୟାନ୍ୟ ସମସ୍ୟା ଯୋଗୁ ଗାଡ଼ି ବିକ୍ରି ମାନ୍ଦା ରହିଥିଲା। ଚଳିତ ବର୍ଷ ମେ ମାସରେ ମାରୁତି ସୁଜୁକି, ହ୍ୟୁଣ୍ଡାଇ ଓ ଟାଟା ମୋଟର୍ସ ଭଳି ପ୍ରମୁଖ ଗାଡ଼ି କମ୍ପାନୀର କାର୍ ବିକ୍ରି ଆଶାନୁସାରେ ବୃଦ୍ଧି ଦେଖିବାକୁ ମିଳିଛି। ବିଶ୍ୱ ବଜାରରେ ସେମିକଣ୍ଡକ୍ଟର ଅଭାବ ସତ୍ତ୍ୱେ ବି କାର୍ ବିକ୍ରିରେ ବୃଦ୍ଧି ଦେଖିବାକୁ ମିଳିଛି। ଅପରପକ୍ଷରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, କିଆ ଇଣ୍ଡିଆ, ଟୟୋଟା କିର୍ଲୋସ୍କର ମୋଟର, ସ୍କୋଡା ଭଳି ଅଗ୍ରଣୀ କମ୍ପାନୀ ଏପ୍ରିଲ ଅପେକ୍ଷା ମେ'ରେ ଭଲ ବ୍ୟବସାୟ କରିଛନ୍ତି।

# କମିଲା ଜିଏସ୍‌ଟି ସଂଗ୍ରହ

ନୂଆଦିଲ୍ଲୀ,୧।୬

ମାସିକ ଆଧାରରେ ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) ସଂଗ୍ରହରେ ଚଳିତ ବର୍ଷ ମେ' ମାସରେ ୧୬% ହ୍ରାସ ଘଟି ୧.୪୧ ଲକ୍ଷ କୋଟିରେ ରହିଯାଇଛି। ପୂର୍ବ ମାସ ଅର୍ଥାତ୍ ଏପ୍ରିଲରେ ଜିଏସ୍‌ଟି ସଂଗ୍ରହ ୧.୬୮ ଲକ୍ଷ କୋଟି ଟଙ୍କା ରହିଥିଲା। ଜିଏସ୍‌ଟି ବ୍ୟବସ୍ଥା ଆରମ୍ଭ ହେବା ପରଠାରୁ ୨୦୨୨ ଏପ୍ରିଲରେ ସଂଗ୍ରହ ହାର ସର୍ବକାଳୀନ ଉଚ୍ଚ ସ୍ତରରେ ରହିଥିଲା। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟରୁ ଏ ସମ୍ପର୍କରେ ଜଣାପଡ଼ିଛି। ତେବେ ତଥ୍ୟ ଅନୁସାରେ ୨୦୨୧ ମେ' ମାସ ତୁଳନାରେ ଚଳିତ ବର୍ଷରେ ଉକ୍ତ ଅବଧିରେ ଜିଏସ୍‌ଟି ସଂଗ୍ରହ ୪୪% ବୃଦ୍ଧି ପାଇଛି। ମନ୍ତ୍ରଣାଳୟ ବୟାନ ଅନୁସାରେ, ପ୍ରତ୍ୟେକ ବର୍ଷ ମେ' ମାସରେ ଜିଏସ୍‌ଟି ସଂଗ୍ରହ ସାଧାରଣତଃ ଏପ୍ରିଲ ଅପେକ୍ଷା କମ୍ ରହିଥାଏ। ଏପ୍ରିଲ ମାସରେ ଆର୍ଥିକ ବର୍ଷର ଆରମ୍ଭ ହୋଇଥାଏ। ଫଳରେ ମେ' ମାସର ସଂଗ୍ରହ ଏପ୍ରିଲ ମାସର ରିଟର୍ନ ସହିତ ଯୋଡ଼ା ହୋଇଥାଏ। ଏହାସତ୍ତ୍ୱେ ଚଳିତ ବର୍ଷ ମେ' ମାସରେ ଜିଏସ୍‌ଟି ସଂଗ୍ରହ ୧.୪୦ ଲକ୍ଷ କୋଟିର ସରକାରୀ ଆକଳନଠାରୁ ଅଧିକ ରହିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମେ' ମାସର ମୋଟ୍ ଜିଏସ୍‌ଟି ସଂଗ୍ରହରେ ୨୫,୦୩୬ କୋଟି ଟଙ୍କା ସେଣ୍ଟ୍ରାଲ ଜିଏସ୍‌ଟି, ୩୨୦୦୧ କୋଟି ଟଙ୍କାର ରାଜ୍ୟ ଜିଏସ୍‌ଟି, ୭୩୩୪୫ କୋଟି ଟଙ୍କାର ଇଣ୍ଟିଗ୍ରେଟେଡ୍ ଜିଏସ୍‌ଟି ଏବଂ ୧୦,୫୦୨ କୋଟି ଟଙ୍କାର କମ୍ପେନ୍‌ସେସନ୍ ସେସ୍ ଅଂଶ ସାମିଲ ରହିଛି। ଉକ୍ତ ମାସର ଇଣ୍ଟିଗ୍ରେଟେଡ୍ ଜିଏସ୍‌ଟି ମଧ୍ୟରୁ ୨୭,୯୨୪ କୋଟି ଟଙ୍କା କେନ୍ଦ୍ର ଜିଏସ୍‌ଟି ଏବଂ ୨୩,୧୨୩ କୋଟି ଟଙ୍କାକୁ ରାଜ୍ୟ ଜିଏସ୍‌ଟିରେ ଭାଗ ବାଣ୍ଟି ଦେଇଛନ୍ତି। ଏହି ଭାଗବଣ୍ଟା ସମାଧାନ ପରେ କେନ୍ଦ୍ର ଜିଏସ୍‌ଟିର ମୋଟ୍ ସଂଗ୍ରହ ୫୨,୯୬୦ କୋଟି ଟଙ୍କା ଥିବା ବେଳେ ରାଜ୍ୟ ଜିଏସ୍‌ଟିରେ ମୋଟ୍ ସଂଗ୍ରହ ୫୫,୧୨୪ କୋଟି ଟଙ୍କା ରହିଛି। ୨୦୧୭ ଜୁଲାଇରୁ ଜିଏସ୍‌ଟି ବ୍ୟବସ୍ଥା ଲାଗୁ ହେବା ପରଠାରୁ ମେ' ମାସ ସଂଗ୍ରହକୁ ନଜରରେ ରଖି ୪ର୍ଥ ଥର ପାଇଁ ମାସିକ ଜିଏସ୍‌ଟି କଲେକ୍ସନ୍ ୧.୪୦ ଲକ୍ଷ କୋଟି ଟଙ୍କାରୁ ଅଧିକ ରହିଛି। ଏହାଛଡ଼ା ଲଗାତର ୧୧ତମ ମାସ ପାଇଁ ଜିଏସ୍‌ଟି ସଂଗ୍ରହ ୧ଲକ୍ଷ କୋଟିରୁ ଅଧିକ ରହିଥିବା କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।




- ଜିଏସ୍‌ଟି ସଂଗ୍ରହରେ ୧୬% ହ୍ରାସ
- ୨୦୨୧ ମେ' ତୁଳନାରେ ୪୪% ବୃଦ୍ଧି
- ୪ର୍ଥ ମାସ ପାଇଁ ଜିଏସ୍‌ଟି ସଂଗ୍ରହ ୧.୪୦ ଲକ୍ଷ କୋଟି ଟଙ୍କାରୁ ଅଧିକ

## ବେଦାନ୍ତ ପକ୍ଷରୁ ଫର୍କଲିଫ୍ଟ ସେବା




ନୂଆଦିଲ୍ଲୀ,୧।୬

ଦେଶର ପ୍ରମୁଖ ଘରୋଇ କମ୍ପାନୀ ବେଦାନ୍ତ ଆଲୁମିନିୟମ ଭାରତର ବୃହତମ ଆଲୁମିନିୟମ ସାମଗ୍ରୀ ଉତ୍ପାଦକ ସଂସ୍ଥା ଗିୟର (ଜେମିନି ଇକ୍ୟୁପମେଣ୍ଟ ଆଣ୍ଡ ରେଣ୍ଟାଲ୍ସ ପ୍ରା.ଲି.) ଇଣ୍ଡିଆ ସହ ଅନ୍ୟତମ ବୃହତ୍ ଲିଥିୟମ ଆୟନ ବ୍ୟାଟେରି ପାୱାରଯୁକ୍ତ ଇଲେକ୍ଟ୍ରିକ ଫର୍କଲିଫ୍ଟ ପରିଚାଳନା କାର୍ଯ୍ୟ ଆରମ୍ଭ କରିଛି। ଫଳରେ ଏହା ବେଦାନ୍ତ ଆଲୁମିନିୟମ ପରିସରରେ ଯାନବାହନ ଚଳାଚଳକୁ ଡି କାର୍ବୋନାଇଜଡ କରିବ। ଏପରିକି କମ୍ପାନୀର ଓଡ଼ିଶା ୟୁନିଟ୍ (ଝାରସୁଗୁଡ଼ା)ରେ ଗତ ମାସଠାରୁ ଏହିପରି ୨୭ଟି ଫର୍କଲିଫ୍ଟକୁ କାର୍ଯ୍ୟକାରୀ କରାଯାଉଛି। ଏହା ଏକ ଚାଇନାରେ ବିଶ୍ୱର ବୃହତ୍ ଏକକ ସ୍ଥାନ ବିଶିଷ୍ଟ ଆଲୁମିନିୟମ ସ୍ମେଲଟର । ସେହିଭଳି ମୂଳ ଉତ୍ପାଦନ କାର୍ଯ୍ୟରେ ଲିଙ୍ଗଗତ ବିବିଧତା ବୃଦ୍ଧି କ୍ଷେତ୍ରରେ ଏହାର ପ୍ରୟାସ ପ୍ରମାଣ ଭାବେ ବେଦାନ୍ତ ଆଲୁମିନିୟମ ମହିଳାମାନଙ୍କୁ ଏହି ଟପ୍ ଅଫ୍ ଦି ଲାଇନ ଫର୍କଲିଫ୍ଟ ଚଳାଇବା ଲାଗି ନିଯୁକ୍ତି ଦେଇଛି। ସେହିପରି ଛତିଶଗଡ଼ର ବାଲ୍‌କୋଠାରେ ଏହାର ଆଲୁମିନିୟମ ପରିଚାଳନାରେ କମ୍ପାନୀ ଟ୍ରାନ୍ସଜେଣ୍ଡରମାନଙ୍କୁ ମଧ ନିଯୁକ୍ତି ଦେଇଛି। ଏହି ବିଦ୍ୟୁତ୍‌ଚାଳିତ ଫର୍କଲିଫ୍ଟଗୁଡ଼ିକ ସର୍ବୋଚ୍ଚ ସ୍ତରୀୟ ସୁରକ୍ଷାକୁ ନିଶ୍ଚିତ କରିବାରେ ସାହାଯ୍ୟ କରିବା ଲାଗି ଅତ୍ୟାଧୁନିକ ସ୍ମାର୍ଟ ଫ୍ଲିଟ୍ ମ୍ୟାନେଜମେଣ୍ଟ ସିଷ୍ଟମକୁ ବ୍ୟବହାର କରୁଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ ଆଲୁମିନିୟମ ବିଜ୍‌ନେସ ରାହୁଲ ଶର୍ମା କହିଛନ୍ତି, କମ୍ପାନୀ ଆଲୁମିନିୟମର ସର୍ବୋଚ୍ଚ ଉତ୍ପାଦକ ଭାବେ ଆମେ ଗ୍ରାହକମାନଙ୍କ ପାଇଁ ସର୍ବୋତ୍ତମ ଉତ୍ପାଦ ପ୍ରସ୍ତୁତ କରିବା ଲାଗି ପ୍ରତିଶ୍ରୁତିବଦ୍ଧ। ଆମ ବ୍ୟବସାୟର ନିରନ୍ତର ଅଭିବୃଦ୍ଧି ସୁନିଶ୍ଚିତ କରିବା ଲାଗି ଆମେ ନିଜର ବ୍ୟବସାୟିକ ଯୋଜନାଗୁଡ଼ିକୁ ବିକଶିତ କରିଛୁ।

## ମେ'ରେ ୪୬୦୪ ୟୁନିଟ୍ ଗାଡ଼ି ବିକ୍ରି କରିଛି ସ୍କୋଡା

ନୂଆଦିଲ୍ଲୀ,୧।୬

ସ୍କୋଡା ଅଟୋ ଇଣ୍ଡିଆର ବିକ୍ରି ସଂଖ୍ୟାରେ ଉଲ୍ଲେଖନୀୟ ଅଭିବୃଦ୍ଧି ସହ ଚଳିତ ବର୍ଷ ମେ ରେ ୪୬୦୪ ୟୁନିଟ୍ ଗାଡ଼ି ବିକ୍ରି କରିଛି। ଏପରିକି ୨୦୨୧ ମେ ରେ କମ୍ପାନୀ ୭୧୬ଟି କାର୍ ବିକ୍ରି କରିଥିବା ବେଳେ ୨୦୨୨ ମେ ରେ ଉଲ୍ଲେଖନୀୟ ଭାବରେ କାର୍ ବିକ୍ରି କ୍ଷେତ୍ରରେ ବୃଦ୍ଧି ଦେଖାଦେଇଛି।

ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ଡାଇରେକ୍ଟର ଜାକ୍ ହୋଲିସ କହିଛନ୍ତି, ଏହା ଏକ ଆନନ୍ଦର ବିଷୟ ଯେ ସେମିକଣ୍ଡକ୍ଟର ଅଭାବ ପରି ଆହ୍ୱାନମୂଳକ ପରିସ୍ଥିତି ସତ୍ତ୍ୱେ ମଧ ବିକ୍ରି କ୍ଷେତ୍ରରେ ପ୍ରଗତିର ଧାରା ବଜାୟ ରଖିଛୁ। ନୂତନ ପ୍ରଚେଷ୍ଟା ମାଧ୍ୟମରେ ଗ୍ରାହକମାନଙ୍କୁ ଆଉ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁ ନାହିଁ ଓ ଖୁବ୍‌ଶୀଘ୍ର ସେମାନଙ୍କର କାର୍ ପାଇ ପାରୁଛନ୍ତି। ଆମର କାର୍ ବିକ୍ରି ବୃଦ୍ଧି ହେବାର ଏହା ଏକ ପ୍ରମୁଖ କାରଣ ହୋଇପାରିଛି। ଏହି ଅତୁଳନୀୟ ବାର୍ଷିକ ବିକ୍ରୟ ବୃଦ୍ଧି ହାସଲ କରିବା କ୍ଷେତ୍ରରେ ସହଯୋଗ କରିଥିବାରୁ ମୁଁ ଆମର ନେଟ୍‌ୱର୍କ କର୍ମଚାରୀ ଓ ଗ୍ରାହକମାନଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି। ବିଶେଷକରି ସ୍ଲାଭିଆ ଓ କୁସାକ୍ ଭଳି କାର୍ ଇଣ୍ଡିଆ ୨.୦ର ଷ୍ଟାର ଅଟନ୍ତି। ଏହା ମେଡ୍-ଫର୍-ଇଣ୍ଡିଆ ଏମ୍‌କ୍ୟୁବି-ଏ୦-ଇନ୍ ପ୍ଲାଟ୍‌ଫର୍ମରେ ଆଧାରିତ। ଏହା ସହାୟତାରେ କମ୍ପାନୀ ବିକ୍ରି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି। ଏହା ବ୍ୟତୀତ ସ୍କୋଡା ଅଟୋ ଇଣ୍ଡିଆର ଗ୍ରାହକ ଟଚ୍ ପଏଣ୍ଟକୁ ମଧ ବୃଦ୍ଧି କରିଛି। ଏହାର ଶୋ'ରୁମ୍‌ରେ ଅନେକ ଆଧୁନିକ ପରିବର୍ତ୍ତନ କରିଛି।




## ଗ୍ରୀନ୍ ଏନର୍ଜି କମାଉଛି କୋଇଲା ସଙ୍କଟ

ନୂଆଦିଲ୍ଲୀ,୧।୬

ମେ' ମାସରେ ବିଦ୍ୟୁତ୍ ଚାହିଦା ୨୩.୫% ବୃଦ୍ଧି ସତ୍ତ୍ୱେ ଦେଶର ଗ୍ରୀନ୍ ଏନର୍ଜି ଉତ୍ପାଦନ କ୍ଷମତା ଭାରତର କୋଇଲା ଉପରେ ନିର୍ଭରତାକୁ କମ୍ କରିଛି। ଏ ସମ୍ପର୍କରେ ରଏଟର୍ସ ତଥ୍ୟରୁ ଜଣାଯାଇଛି। ଚାହିଦାର ଅଧିକ ମାତ୍ରାରେ ବୃଦ୍ଧି ସତ୍ତ୍ୱେ ନବୀକରଣଯୋଗ୍ୟ ଶକ୍ତିରେ ଯୋଗାଣ ବଢୁଥିବା କାରଣରୁ ଦେଶରେ କୋଇଲା ଅଭାବ ଅନୁଭବ ହେଉନାହିଁ। ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଅକ୍ଷୟ ଶକ୍ତି ଉତ୍ସଗୁଡ଼ିକର ଅଂଶଗ୍ରହଣ ମେ' ମାସରେ ବୃଦ୍ଧି ପାଇ ୧୪.୧% ହୋଇଯାଇଛି। ଏପ୍ରିଲରେ ଏହି ଅଂଶଗ୍ରହଣ ହାର ୧୦.୨% ଥିଲା। ବିଦ୍ୟୁତ୍‌ଶକ୍ତି ଅଭାବ, ବଢୁଥିବା ବିଦ୍ୟୁତ୍ ଚାହିଦା ଉପରେ ନିର୍ଭର କରେ। ତେଣୁ ଏହାକୁ ନଜରରେ ରଖିଲେ ୨୦୨୩ ମାର୍ଚ୍ଚ ସୁଦ୍ଧା ବିଦ୍ୟୁତ୍ ଚାହିଦା ୩୮ ବର୍ଷରେ ସର୍ବାଧିକ ରହିପାରେ ବୋଲି ଆଶା କରାଯାଉଛି।

## କଳିଙ୍ଗ ହସ୍ପିଟାଲରେ ଡିଏନ୍‌ବି ପାଠ୍ୟକ୍ରମ

ଭୁବନେଶ୍ୱର,୧।୬

ଓଡ଼ିଶାର ପ୍ରଥମ କର୍ପୋରେଟ୍ ହସ୍ପିଟାଲ କଳିଙ୍ଗର ରେଡିଓ ଡାଇଗ୍ନୋସିସ୍ ବିଭାଗ ଓ ନ୍ୟୁରୋଲୋଜି ବିଭାଗରେ ନୂତନ ମ୍ୟାନେଜମେଣ୍ଟ ଦ୍ୱାରା ଡିଏନ୍‌ବି ପାଠ୍ୟକ୍ରମର ଶୁଭାରମ୍ଭ ହୋଇଛି। ନ୍ୟାଶନାଲ ବୋର୍ଡ ଅଫ୍ ଏକଜାମିଶନ ଇନ୍ ମେଡିକାଲ ସାଇନ୍ସସ ପକ୍ଷରୁ ରେଡିଓ ଡାଇଗ୍ନୋସିସ୍ ବିଭାଗ ପାଇଁ ୨ଟି ସିଟ୍ ଏବଂ ନ୍ୟୁରୋଲୋଜି ବିଭାଗ ପାଇଁ ୨ଟି ସିଟ୍ ମଞ୍ଜୁରୀ ମିଳିଛି। କଳିଙ୍ଗ ହସ୍ପିଟାଲର ନୂତନ ଚେୟାରମ୍ୟାନ୍ ଡା.ଏସ୍.କେ. ଦାଶ ରେଡିଓଲୋଜି ବିଭାଗରେ ଡିଏନ୍‌ବି ଛାତ୍ରୀଛାତଙ୍କ ପାଇଁ ଏକ ସ୍ୱତନ୍ତ୍ର କକ୍ଷର ଉଦ୍‌ଘାଟିତ କରିଛନ୍ତି। ଏହି ଅତ୍ୟାଧୁନିକ କକ୍ଷରେ ଛାତ୍ରୀଛାତ୍ରଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ରହିଛି। ମହାରାଷ୍ଟ୍ର ରାଜୀବ ଗାନ୍ଧୀ ମେଡିକାଲ କଲେଜରୁ ଏମ୍‌ବିବିଏସ୍ ପାଠ୍ୟକ୍ରମ ପାସ୍ କରିଥିବା ଡାକ୍ତରୀ ଛାତ୍ରୀ ରିୟା ଦୁବେ ପ୍ରଥମ ଛାତ୍ରୀ ଭାବେ ରେଡିଓ ଡାଇଗ୍ନୋସିସ୍ ବିଭାଗରେ ଡିଏନ୍‌ବି ପାଠ୍ୟକ୍ରମରେ ଆଡ୍‌ମିଶନ ନେଇଛନ୍ତି। କଳିଙ୍ଗ ହସ୍ପିଟାଲର ଚେୟାରମ୍ୟାନ୍ ଡାକ୍ତର ଏସ୍‌.କେ.ଦାଶ ତାଙ୍କୁ ଅଭିବାଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି।

**ଫୁରସତ୍**

# ପାପକ୍ଷୟ ପାଇଁ ମୁଣ୍ଡନ ହୁଅନ୍ତି ଭକ୍ତ

**ମହିଳାଙ୍କ ସୌନ୍ଦର୍ଯ୍ୟ ହେଉଛି କେଶ। ଶରୀରର ଯତ୍ନ ନେବାରେ ହୁଏ ତ ସେମାନେ ଅଣଦେଖା କରିପାରନ୍ତି କିନ୍ତୁ କେଶର ଯତ୍ନରେ ନୁହେଁ । ତିରୁପତି ମନ୍ଦିରରେ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ମହିଳା ଲଣ୍ଡା ହେବାର ଦେଖାଯାଏ । ପାପ ଓ ନିଜ ଭିତରେ ଥିବା ଅହଂକାର କ୍ଷୟ ପାଇଁ ମହିଳାମାନେ ଏପରି କରୁଥିବା ବିଶ୍ୱାସ ରହିଛି । ତେବେ ମହିଳାମାନେ ତିରୁପତି ମନ୍ଦିର ଯାଇ ଲଣ୍ଡା ହେବା ପଛରେ କେଉଁ ବିଶ୍ୱାସ ଲୁଚି ରହିଛି ସେ ବିଷୟରେ ଜାଣିବା।**



**ନୂଆଦିଲ୍ଲୀ:** ଯଦି କାହାରି ମାନସିକ ପୂରଣ ହୋଇଯାଏ ତେବେ ସେମାନେ ତିରୁପତି ମନ୍ଦିର ଯାଇ ଲଣ୍ଡା ହୋଇଆସନ୍ତି। ବିନା ମାନସିକରେ ଯଦି କୌଣସି ବ୍ୟକ୍ତି ମନ୍ଦିର ଯାନ୍ତି ତେବେ ସେମାନେ କରିଥିବା ପାପ ଓ ସେମାନଙ୍କ ଭିତରେ ଥିବା ଅହଂକାରର ବିନାଶ ପାଇଁ ମନ୍ଦିରରେ କେଶ ଦାନ କରିଆସନ୍ତି। ତେବେ ଏହାପଛରେ କିଛି ପୌରାଣିକ କଥାବସ୍ତୁ ମଧ ରହିଛି। ଭଗବାନ ଭେଙ୍କଟେଶ୍ୱର କୁବେରଙ୍କଠାର ଟଙ୍କା ଧାର ସ୍ୱରୂପ ନେଇଥିବାବେଳେ ତାହାକୁ ଚୁକ୍ତି କରିବା ପାଇଁ ଭକ୍ତମାନେ ତିରୁପତି ଯାଇ ମୁଣ୍ଡନ କରିଆସୁଥିବା କୁହାଯାଉଛି। ଏହାମଧ ବିଶ୍ୱାସ ରହିଛି, ଯେତିକି ପରିମାଣର କେଶ ଭକ୍ତ ମନ୍ଦିରରେ ଦାନ କରନ୍ତି ତା'ର ୧୦ ଗୁଣା ସମ୍ପତ୍ତି ଭଗବାନ ଦେଇଥାନ୍ତି। ଅନ୍ୟପଟେ ଲଣ୍ଡାହେବା ଦ୍ୱାରା ସେମାନଙ୍କ ଉପରେ ଲକ୍ଷ୍ମୀଙ୍କ କୃପା ରୁହେ ବୋଲି ବିଶ୍ୱାସ ରହିଛି। କେଶ ଦାନକୁ ନେଇ ଏକ ବହୁ ପୁରୁଣା ଲୋକକଥା ରହିଛି। ବାଲାଜୀ ପ୍ରଭୁଙ୍କ ଦେହରେ ପିମ୍ପୁଡ଼ିମାନେ ବସା କରିଥିଲେ, ଯାହା ଏକ ପାହାଡ ସ୍ୱରୂପ ଦେଖାଯାଉଥିଲା। ପ୍ରତିଦିନ ଗୋଟିଏ ଗାଇ ସେହି ପିମ୍ପୁଡ଼ି ପାହାଡ଼ରେ କ୍ଷୀର ଦେବାକୁ ଯାଏ। ଦିନେ ଗାଈ ମାଲିକ ଗାଈର ଏ ପ୍ରକାର କାର୍ଯ୍ୟ ଦେଖି ରାଗିଗଲେ ଏବଂ ଏକ ଖଣ୍ଡାରେ ତା' ମୁଣ୍ଡକୁ ପ୍ରହାର କଲେ। ତେବେ ଖଣ୍ଡା ପ୍ରହାରରେ ବାଲାଜୀ ପ୍ରଭୁଙ୍କ କିଛି କେଶ କାଟି ହୋଇଯିବା ସହ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଲା। ଠାକୁରାଣୀ ନୀଳାଦେବୀ ନିଜ କେଶ କାଟି ପ୍ରଭୁଙ୍କ କ୍ଷତ ସ୍ଥାନରେ ଦେବାଦ୍ୱାରା ନାରାୟଣଙ୍କୁ ଉପଶମ ମିଳିବା ସହ ଏଥିରେ ପ୍ରଭୁ ପ୍ରଶନ୍ନ ହୋଇଥିଲେ। ଏହାପରେ ବାଲାଜୀ ମନ୍ଦିରକୁ ଯାଉଥିବା ଭକ୍ତ ଭଗବାନଙ୍କ କୃପା ପାଇଁ ସେଠାରେ କେଶ ଦାନ କରିବା ଆରମ୍ଭ କରିଥିଲେ।

ବର୍ଷକୁ ଟନ୍ ଆକାରରେ ଭକ୍ତମାନଙ୍କ ଦ୍ୱାରା ଦାନ କରାଯାଉଥିବା କେଶକୁ ଏକ ଶୀତତାପ ନିୟନ୍ତ୍ରିତ କୋଠରିରେ ରଖାଯାଏ। ଏହାପୂର୍ବରୁ କେଶକୁ ଭଲଭାବେ ଗରମପାଣିରେ ଧୋଇ ସୁଖାଯାଏ। ଇ-ନିଲାମୀ ଦ୍ୱାରା କେଶର ନିଲାମ ହୋଇଥାଏ। ପ୍ରତିବର୍ଷ ଟନ୍ ଟନ୍ କେଶ ବିକ୍ରି ହେଉଥିବାବେଳେ କୋଟିଏରୁ ଅଧିକ ଟଙ୍କା ଆୟ ହେଉଥିବା କୁହାଯାଉଛି। ଏହି କେଶରୁ ୱିଗ୍ (ନକଲି କେଶ) ତିଆରି କରାଯାଉଛି। ବଡ଼ ବଡ଼ ଅନ୍ତର୍ଜାତୀୟ କମ୍ପାନୀମାନେ କେଶ କିଣି ୱିଗ୍ ତିଆରି କରି ଭଲ ବ୍ୟବସାୟ କରୁଛନ୍ତି। ମୁଖ୍ୟତଃ ୟୁରୋପ, ଚାଇନା, ଆଫ୍ରିକାରେ ୱିଗ୍‌ର ଚାହିଦା ଅଧିକ। ପ୍ରତ୍ୟେକ ଦିନ ୨୦ ହଜାରରୁ ଅଧିକ ଭକ୍ତ ତିରୁପତି ମନ୍ଦିର ପରିଦର୍ଶନ କରିବାକୁ ଆସୁଥିବାବେଳେ ଭକ୍ତଙ୍କୁ ଲଣ୍ଡା କରିବା କାମରେ ପାଖାପାଖି ୬ ହଜାର କର୍ମଚାରୀ ନିୟୋଜିତ ଅଛନ୍ତି।

**ଅନ୍ତର୍ଜାତୀୟ ବଜାରରେ ନିଲାମ ହେଉଛି କେଶ**

**ବର୍ଷରେ କୋଟିଏରୁ ଊର୍ଦ୍ଧ୍ୱ ଆୟ**

## ଆବୁଧାବି ଯିବାକୁ ରିଆଙ୍କୁ ଅନୁମତି

**ମୁମ୍ବାଇ:** ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଅପମୃତ୍ୟୁ ମାମଲାରେ ଛନ୍ଦି ହୋଇଯାଇଥିବା ରିଆ ଚକ୍ରବର୍ତ୍ତୀଙ୍କୁ ବୁଧବାର ମୁମ୍ବାଇର ସ୍ୱତନ୍ତ୍ର କୋର୍ଟ ଆବୁଧାବି ଯିବା ପାଇଁ ଅନୁମତି ପ୍ରଦାନ କରିଛନ୍ତି। ରିଆଙ୍କ ପାସ୍‌ପୋର୍ଟ ତାଙ୍କୁ ଫେରାଇବା ପାଇଁ ସ୍ୱତନ୍ତ୍ର ଜଜ୍ ଏ.ଏ. ଜୋଗଲେକର ନାରକୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ (ଏନ୍‌ସିବି)କୁ ନିର୍ଦ୍ଦେଶ ଦେଇଛନ୍ତି। ଆଇଫା ଆୱାର୍ଡ ସେରେମୋନୀରେ ସାମିଲ୍ ହେବା ପାଇଁ ରିଆ ଆବୁଧାବି ଯିବେ। ସେଠାରେ ସେ ୪ ଦିନ ଅର୍ଥାତ୍ ୨ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ରହିବେ। ତେବେ ଏ ନେଇ କୋର୍ଟ ପକ୍ଷରୁ ସର୍ତ୍ତ ମଧ ରଖାଯାଇଛି। ଆବୁଧାବିରେ ଥିବା ଭାରତୀୟ ଦୂତାବାସରେ ପ୍ରତ୍ୟେକ ଦିନ ରିଆ ଯାଇ ହାଜରା ପକାଇବା ସହ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ଏନ୍‌ସିବି କାର୍ଯ୍ୟାଳୟରେ ଦାଖଲ କରିବା ସହ ଆବୁଧାବିରୁ ଫେରିବା ପରେ ନିଜ ପାସ୍‌ପୋର୍ଟ ପୁଣିଥରେ ଏନ୍‌ସିବି କାର୍ଯ୍ୟାଳୟରେ ଜମା କରିବା ପାଇଁ କୋର୍ଟ ସର୍ତ୍ତ ରଖିଛନ୍ତି। ଏଥିସହ ସିକ୍ୟୁରିଟି ବାବଦକୁ କୋର୍ଟରେ ୧ ଲକ୍ଷ ଟଙ୍କା ଜମା ରଖିବାକୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି।ଆଇଫା ଆୱାର୍ଡ ପାଇଁ ରିଆଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ ସମାରୋହରେ ସେ ଅଂଶ ଗ୍ରହଣ କରିବାକୁ ଥିବା କୋର୍ଟରେ ତାଙ୍କ ଓକିଲ ନିଖିଲ ମାନେସିନ୍ଧେ କହିଥିଲେ। ରିଆଙ୍କ ଉପରେ ହୋଇଥିବା ଆପରାଧିକ ଅଭିଯୋଗ ତାଙ୍କ ଆକ୍ଟିଂ କ୍ୟାରିୟର୍‌କୁ ପ୍ରଭାବିତ କରୁଥିବା ଓକିଲ ଜଣାଇଥିଲେ। ୨୦୨୦ ସେପ୍ଟେମ୍ବରରେ ରିଆ ଗିରଫ ହୋଇଥିବାବେଳେ ପ୍ରାୟ ୧ ମାସ ପରେ ତାଙ୍କୁ ବମ୍ବେ ହାଇକୋର୍ଟଙ୍କ ପକ୍ଷରୁ ଜାମିନ ମିଳିଥିଲା।



## 'ପଢ଼ା ବହିରେ ପୃଥ୍ୱୀରାଜଙ୍କ ବିଷୟରେ ନାହିଁ ଅଧିକ ତଥ୍ୟ'

ନୂଆଦିଲ୍ଲୀ

ରିଲିଜ୍ ହେବାକୁ ଯାଉଛି ସୁପରଷ୍ଟାର ଅକ୍ଷୟ କୁମାରଙ୍କ ଦ୍ୱାରା ଅଭିନୀତ ହିନ୍ଦୀ ଫିଲ୍ମ 'ସମ୍ରାଟ୍ ପୃଥ୍ୱୀରାଜ'। ରାଜପୁତ ବଂଶର ଏହି ରାଜାଙ୍କ ବିଷୟରେ ପଢ଼ା ବହିରେ ପର୍ଯ୍ୟାପ୍ତ ତଥ୍ୟ ନ ଥିବା କହିଛନ୍ତି ଅଭିନେତା ଅକ୍ଷୟ କୁମାର। ସ୍କୁଲରେ ପଢ଼ାଯାଉଥିବା ଇତିହାସ ବହିରେ ମାତ୍ର ଦୁଇରୁ ତିନି ଲାଇନ୍ ପୃଥ୍ୱୀରାଜଙ୍କ ବିଷୟରେ ଲେଖାଯାଇଛି। ପୃଥ୍ୱୀରାଜଙ୍କ ଜୀବନୀ ଉପରେ ଆଧାରିତ ଫିଲ୍ମରେ ଅଭିନୟ କରିବା ଦ୍ୱାରା ସମ୍ରାଟଙ୍କ ବିଷୟରେ ଅଧିକ ଜାଣିବାକୁ ପାଇଥିବା ଅକ୍ଷୟ ଏକ ସାକ୍ଷାତ୍‌କାରରେ କହିଛନ୍ତି। ଯେତେବେଳେ ସେ ପୃଥ୍ୱୀରାଜଙ୍କ ବିଷୟରେ ତାଙ୍କ ପୁଅଙ୍କୁ ପଚାରିଥିଲେ ସେତେବେଳେ ସେ ତାଙ୍କୁ ଜାଣି ନ ଥିବା ସହ ବ୍ରିଟିଶ ଶାସନ, ମୋଗଲ ଶାସନ ବିଷୟରେ ଜାଣିଥିବା କହିଥିଲେ। ସ୍କୁଲରେ ପଢ଼ାଯାଉଥିବା ବହିରେ ମୋଗଲଙ୍କ ବିଷୟରେ ଅଧିକ କଥା ଲେଖାଯାଇଥିବାବେଳେ ଭାରତୀୟ ରାଜା ପୃଥ୍ୱୀରାଜ ଏବଂ ସ୍ୱାଧୀନତା ସଂଗ୍ରାମୀ ଝାନ୍ସୀ ରାଣୀ ଲକ୍ଷ୍ମୀବାଈଙ୍କ ବିଷୟରେ କମ୍ ତଥ୍ୟ ଲେଖାଯାଇଥିବା ସେ କହିଛନ୍ତି। ଫିଲ୍ମର ନାମ ପ୍ରଥମେ ପୃଥ୍ୱୀରାଜ ରଖାଯାଇଥିବାବେଳେ କର୍ଣିସେନା ପକ୍ଷରୁ ଅଭିଯୋଗ ହେବା ପରେ ଏହାର ନାମ ପରିବର୍ତ୍ତନ କରି 'ସମ୍ରାଟ୍ ପୃଥ୍ୱୀରାଜ' କରାଯାଇଛି। ଜୁନ୍ ୩ରେ ଫିଲ୍ମଟି ରିଲିଜ୍ ହେବ। ବିଶ୍ୱ ସୁନ୍ଦରୀ ମାନୁଷୀ ଛିଲରଙ୍କର ଏହା ବଲିଉଡ୍ ଡେବ୍ୟୁ ଫିଲ୍ମ । ୟଶରାଜ୍ ଫିଲ୍ମ ବ୍ୟାନରରେ ତିଆରି ହୋଇଥିବା ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଚନ୍ଦ୍ରପ୍ରକାଶ ଦ୍ୱିବେଦୀ।



## ଅଳିଆ ଗାଡ଼ିରେ ମୃତଦେହ ବୁହାହେଲା



**ଜୟପୁର:** ଯୋଧପୁରରେ ପୋଲିସ ଅଧିକାରୀ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଅଳିଆ ବୁହା ଗାଡ଼ିରେ ହସ୍ପିଟାଲ ନେଇଯିବା ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ମୃତବ୍ୟକ୍ତି ଜଣଙ୍କ ଅଳିଆ ଗୋଟାଳି ହୋଇଥିବାବେଳେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ବୁଧବାର ସକାଳେ ଯୋଧପୁରର ପ୍ରତାପନଗର ଏସିପି ଅଫିସ୍ ନିକଟରେ ବ୍ୟକ୍ତି ଜଣଙ୍କ ଅଳିଆ ଗୋଟାଉଥିବାବେଳେ ଏକ ବସ୍ ତାଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ହିଁ ବ୍ୟକ୍ତି ଜଣଙ୍କ ପ୍ରାଣ ହରାଇଥିବାବେଳେ ସେଠାରେ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଅଳିଆବୁହା ଗାଡ଼ିରେ ନେଇଥିଲେ। ତେବେ ଏ ଘଟଣାର ଭିଡ଼ିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଥିବାବେଳେ ସୋସିଆଲ ମିଡିଆ ୟୁଜର ଯୋଧପୁର ପୋଲିସକୁ ଖୁବ୍ ସମାଲୋଚନା କରିଛନ୍ତି।

## ଶିକ୍ଷାର୍ଥୀଙ୍କ ଦ୍ୱାରା ପଥ ସଞ୍ଚଳନ

ଭୁବନେଶ୍ୱର,(ବ୍ୟୁରୋ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଦ୍ୱିତୀୟ ସଂଘ ଶିକ୍ଷାବର୍ଷ ଅବସରରେ ବୁଧବାର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଏକ ଭବ୍ୟ ପଥ ସଞ୍ଚଳନ ଆୟୋଜିତ ହୋଇଯାଇଛି। ଏହା ସ୍ଥାନୀୟ ଉତ୍କଳ ବିପନ୍ନ ସହାୟତା ସମିତି ପରିସରରେ ମେ' ୧୫ରୁ ଅନୁଷ୍ଠିତ ହୋଇଆସୁଛି। ଏଥିରେ ଓଡ଼ିଶାରୁ ୮ଜଣ ଶିକ୍ଷାର୍ଥୀ, ୪୦ଜଣ ଶିକ୍ଷକ, ୧୨୦ଜଣ ପ୍ରବନ୍ଧକ ଯୋଗଦେଇଥିଲେ। ସେମାନେ ବିଭିନ୍ନ ଶାରୀରିକ ଓ ବୌଦ୍ଧିକ କାର୍ଯ୍ୟକ୍ରମ ଅଭ୍ୟାସ କରୁଛନ୍ତି।

### ସଂକ୍ଷେପରେ

## ବଙ୍ଗଳା ସିନେମାରେ ଓଡ଼ିଶାର ଗୁଲ୍‌ଜାର



ବାଲିପାଟଣା,୧।୬(ଡି.ଏନ୍.ଏ.)- ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ନିକଟ ସାହେବ ନଗରରେ ଜନ୍ମଗ୍ରହଣ କରିଥିବା ଶେଖ ଗୁଲଜାର ପଞ୍ଚସଖା ଶିଶୁ ଅନନ୍ତ ଦାସଙ୍କ ଉପରେ ପ୍ରାମାଣିକ ଚିତ୍ର କରି ଅନ୍ତର୍ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ହୋଇପାରିଛନ୍ତି। ଏଥିପାଇଁ ତାଙ୍କ ଅଞ୍ଚଳ ଗର୍ବିତ ଥିବାବେଳେ ଏବେ ତାଙ୍କୁ ପୁଣି ଏକ ସଫଳତା ମିଳିଛି। ଶେଖ ଗୁଲଜାର୍ ହୁସେନ ଏବେ ବଙ୍ଗଳା ଚଳଚ୍ଚିତ୍ର ଜଗତରେ ପାଦ ଥାପିଛନ୍ତି। ବଙ୍ଗଳା ଚଳଚ୍ଚିତ୍ର ଜଗତର ଖ୍ୟାତନାମା ନିର୍ଦ୍ଦେଶକ ରାହୁଲ ଶାହାଙ୍କ ନିର୍ଦ୍ଦେଶନାରେ ନିର୍ମିତ ବଙ୍ଗଳା ଚଳଚ୍ଚିତ୍ର 'ମୋମୋ ଦି ଗେମ୍ ଅଫ୍ ଡେଥ୍''ରେ ଅଭିନୟ କରିବାର ସୁଯୋଗ ପାଇଛନ୍ତି। ଏହି ଚଳଚ୍ଚିତ୍ରର ଶୁଟିଂ ନିକଟରେ ସରିଥିବା ବେଳେ ଏବେ ଡବିଂ ପ୍ରକ୍ରିୟା ଚାଲୁ ରହିଛି। ରେଡ୍ ଇନକ୍ରାନେଶନ ଓ ସୁନୀତା ମିଶ୍ରାଙ୍କ ମିଳିତ ପ୍ରଯୋଜନାରେ ନିର୍ମିତ ଏହି ଚଳଚ୍ଚିତ୍ରରେ କ୍ୟାମେରା ପରିଚାଳନାରେ ଅଛନ୍ତି ମହେଶ ହାଜରା ଓ ଦୁର୍ଗା ପ୍ରସାଦ। ସଙ୍ଗୀତ- ପୀୟୁଷ ଚକ୍ରବର୍ତ୍ତୀ, ଗୀତ- ସୁମିତ ଆଚାର୍ଯ୍ୟ, ସ୍କ୍ରିପ୍ଟ ନ୍ୟାରେସନ - ଦେବଜୟ ବାନାର୍ଜୀ କରିଛନ୍ତି।

## ୧୪୬ ଦେଶରେ ହେବ ରଥଯାତ୍ରା ପ୍ରସାରଣ

ପୁରୀ ଅଫିସ,୧।୬:

ଶ୍ରୀକ୍ଷେତ୍ରର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ବୁଧବାର ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଅଧ୍ୟକ୍ଷତା କରିଥିଲେ। ବୈଠକରେ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଦୂରଦର୍ଶନ ପକ୍ଷରୁ ରଥଯାତ୍ରାର ସିଧା ପ୍ରସାରଣ କରାଯିବ। ଏହାବ୍ୟତୀତ ଓଡ଼ିଆ, ହିନ୍ଦୀ, ବଙ୍ଗଳା ଓ ତାମିଲ ପ୍ରଭୃତି ଆଞ୍ଚଳିକ ଭାଷାର ଟିଭି ଚ୍ୟାନେଲ ସମେତ ସାମାଜିକ ଗଣମାଧ୍ୟମ ସହାୟତାରେ ୧୪୬ଟି ଦେଶରେ ରଥଯାତ୍ରାର ପ୍ରସାରଣ କରାଯିବ। ପ୍ରଶାସନ ପକ୍ଷରୁ ଏକ ୱେବସାଇଟ୍ ଓ ମୋବାଇଲ୍ ଆପ୍ ପ୍ରଚଳନ କରାଯିବ। ରଥଯାତ୍ରା ସମୟରେ ସୁନାବେଶ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ପକ୍ଷରୁ ଦୈନିକ ୪୦ଟି ଟ୍ରେନ୍ ପୁରୀକୁ ଚଳାଚଳ କରିବ। ଗହଳିକୁ ଦୃଷ୍ଟିରେ ରଖି ଶହେରୁ ୨ଶହ ଅତିରିକ୍ତ କୋଚ୍ ସଂଯୋଗ କରାଯିବ। ବ୍ୟାପକ ସଂଖ୍ୟାରେ ଆରପିଏଫ୍ ଏବଂ ଜିଆରପି ନିୟୋଜିତ ହେବେ। ୫ଶହ ଆର୍‌ପିଏଫ୍ କର୍ମଚାରୀଙ୍କୁ ନିଯୁକ୍ତ କରାଯିବ। ୩୫ଟି ଟିକେଟ୍ କାଉଣ୍ଟର ଖୋଲାଯିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ରଥଟଣା ଲାଗି ୨୨୦ ଫୁଟ୍‌ର ୧୨ଟି ଦଉଡ଼ି ଓ ୪୫୦ ଫୁଟ୍ କର୍ଡନ ଦଉଡ଼ି ପ୍ରସ୍ତୁତ ହୋଇ ରହିଛି। ପୁରୀ ସହରରେ ଜୁଲାଇ ୧ରୁ ୧୩ ତାରିଖ ମଧ୍ୟରେ ରଥଯାତ୍ରାରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ବୀମା ଯୋଜନା କାର୍ଯ୍ୟକାରୀ ହୋଇଛି। ସର୍ବାଧିକ ୩୦ ମୃତକଙ୍କୁ ବୀମା ଅର୍ଥ ଦିଆଯିବ। ଶ୍ରୀଜଗନ୍ନାଥ ମେଡିକାଲ କଲେଜର ୭୮ଜଣ ସ୍ପେଶାଲିଷ୍ଟ ଡାକ୍ତର ରଥଯାତ୍ରାରେ ନିୟୋଜିତ ହେବେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଖାଲି ପଡ଼ିଥିବା ୩୦ଟି ଡାକ୍ତର ପଦବୀ ମଧ୍ୟରୁ ୧୫ଟି ପଦବୀ ପୂରଣକୁ ଅନୁମୋଦନ ମିଳିଛି। ପାନୀୟଜଳ ମାନ ପରୀକ୍ଷା ଲାଗି ଭ୍ରାମ୍ୟମାଣ ଗାଡ଼ି ବୁଲିବ। ଯେକେହି ଟୋଲ୍ ଫ୍ରି ନମ୍ବରରେ କଲ୍ କରି ପାନୀୟଜଳ ଯୋଗାଇପାରିବେ। ସ୍ନାନଯାତ୍ରା ପୂର୍ବରୁ ସମସ୍ତ ସେବାୟତ ପ୍ରିକୋସନ୍ ଡୋଜ୍ ନେବେ। ରଥଯାତ୍ରା ପାଇଁ ପୁରୀ ଜିଲାରେ ୨୧୭ ଅତିରିକ୍ତ ଶଯ୍ୟା ପ୍ରସ୍ତୁତ ରଖିବାକୁ ନିଷ୍ପତ୍ତି ହୋଇଛି ବୋଲି ସିଡିଏମ୍‌ଓ ସୁଜାତା ମିଶ୍ର କହିଛନ୍ତି। ୩୫ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଇଛି। ବିଦ୍ୟୁତ ବିଭାଗ ପକ୍ଷରୁ ବଡ଼ଦାଣ୍ଡ, ଶ୍ରୀମନ୍ଦିର, ସମୁଦ୍ରକୂଳ, ଗୁଣ୍ଡିଚାମନ୍ଦିର ଓ କିଛି ସଂଲଗ୍ନ ଅଞ୍ଚଳରେ ଅଣ୍ଡରଗ୍ରାଉଣ୍ଡ କେବୁଲିଂ କାର୍ଯ୍ୟ ସରିଛି। ଫଳରେ ନୀରବଚ୍ଛିନ୍ନ ବିଦ୍ୟୁତ୍ ସେବା ମିଳିପାରିବ। ଆଇନ ମନ୍ତ୍ରୀ କହିଛନ୍ତି, ସମସ୍ତଙ୍କ ସହ ଆଲୋଚନା କ୍ରମେ ପ୍ରସ୍ତୁତି ଚାଲିଛି। ରଥ ନିର୍ମାଣ କାର୍ଯ୍ୟ ମଧ୍ୟ ଜାରି ରହିଛି। ଚଳିତବର୍ଷ ରଥଯାତ୍ରାରେ ବହୁ ଜନସମାଗମ ହେବାକୁ ଥିବାରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ବୈଠକରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ସୂଚନା ଲୋକସମ୍ପର୍କ ଓ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାଶ, ଶକ୍ତି ଓ ଶିଳ୍ପ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ରାଧାକୃଷ୍ଣ ଶର୍ମା, ଆଇନ ବିଭାଗ ପ୍ରମୁଖ ସଚିବ ପ୍ରତାପ କୁମାର ଜେନା, ଦେବୋତ୍ତର କମିଶନର ଶିଶିର କୁମାର ରଥ, ବାଣିଜ୍ୟ ପରିବହନ ସ୍ୱତନ୍ତ୍ର ସଚିବ ମନୋଜ ମିଶ୍ର, ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା, କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ, ପୁରୀ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂଙ୍କ ସମେତ ସତ୍ୟବାଦୀ, ବ୍ରହ୍ମଗିରି ଓ ପୁରୀ ବିଧାୟକ ଏବଂ ଜିଲା ପରିଷଦ ଅଧ୍ୟକ୍ଷା ଉପସ୍ଥିତ ଥିଲେ।

### ଘୋଷଯାତ୍ରା ସମୟରେ ଦିନକୁ ୪୦ ଟ୍ରେନ୍

- ସେବାରେ ନିୟୋଜିତ ହେବେ ୭୮ ସ୍ପେଶାଲିଷ୍ଟ ଡାକ୍ତର
- ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ୱେବସାଇଟ୍, ମୋବାଇଲ ଆପ୍



ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକକୁ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରୁଛନ୍ତି।

## ୩ରୁ ଚାର୍ଟାର୍ଡ଼ଆକାଉଣ୍ଟାଣ୍ଟ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର,୧।୬(ବ୍ୟୁରୋ)

ଭାରତୀୟ ଚାର୍ଟାର୍ଡ଼ଆକାଉଣ୍ଟାଣ୍ଟ ପରିଷଦର ପ୍ରଫେଶନାଲ ଡେଭେଲପମେଣ୍ଟ କମିଟି ଦ୍ୱାରା ୨ ଦିନିଆ ଚାର୍ଟାର୍ଡ଼ଆକାଉଣ୍ଟାଣ୍ଟ ଜାତୀୟ ସମ୍ମିଳନୀ ଆସନ୍ତା ୩ ଓ ୪ ତାରିଖରେ ପାହାଳସ୍ଥିତ ଥିବା ପାଲହାଇଟ୍ ମନ୍ତ୍ରରେ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ସମ୍ମାନିତ ଅତିଥି ଭାବେ ନାଲ୍‌କୋର ସିଏମ୍‌ଡି ଶ୍ରୀଧର ପାତ୍ର ଓ ବିଶିଷ୍ଟ ଶିଳ୍ପପତି ମହେନ୍ଦ୍ର ଗୁପ୍ତାଙ୍କ ସହ ଭାରତୀୟ ଚାର୍ଟାର୍ଡ ଏକାଉଣ୍ଟାଣ୍ଟ ପରିଷଦ ଓ ପୂର୍ବାଞ୍ଚଳ ପରିଷଦର ବରିଷ୍ଠ କର୍ମକର୍ତ୍ତାମାନେ ଯୋଗଦେବେ। ସମ୍ମିଳନୀରେ ଆୟକର, ଜିଏସ୍‌ଟି କର, କ୍ଷୁଦ୍ର ଓ ବୃହତ ଶିଳ୍ପ ପାଇଁ ଶିଳ୍ପନୀତି, ଅଡିଟ୍‌ର ନୂତନ ପଦ୍ଧତି, ନୂତନ ଯାନ୍ତ୍ରିକ ବିଜ୍ଞାନର ବ୍ୟବହାର ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଦେଶର ବିଭିନ୍ନ ପ୍ରାନ୍ତରୁ ଚାର୍ଟାର୍ଡ଼ଆକାଉଣ୍ଟାଣ୍ଟମାନେ ଏହି ସମ୍ମିଳନୀରେ ଯୋଗଦେବା ପାଇଁ ପଞ୍ଜୀକରଣ କରିଛନ୍ତି।

## ଗ୍ୟାସ୍ ଏଜେନ୍ସି କରାଇଦେବା ଆଳରେ ୧୫ ଲକ୍ଷ ଠକେଇ
## ଅଢ଼େଇ ବର୍ଷ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧।୬(ବ୍ୟୁରୋ): ଗ୍ୟାସ ଏଜେନ୍ସି କରାଇଦେବା ଆଳରେ ଜଣେ ବ୍ୟକ୍ତିଙ୍କଠାରୁ ୧୫ ଲକ୍ଷ ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତଙ୍କୁ ଅଢ଼େଇ ବର୍ଷ ପରେ ଏୟାରଫିଲ୍ଡ ଥାନା ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନା କଳିଙ୍ଗନଗରରେ ରହୁଥିବା କନ୍ଧମାଳ ଜିଲା ଫୁଲବାଣୀ ଥାନା ଅଞ୍ଚଳର ମହମ୍ମଦ ସକିଲ (୪୩)। ପୋଲିସ ଅଭିଯୁକ୍ତ ମହମ୍ମଦଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ୨ ମହିଳାଙ୍କ ସମେତ ୩ ଜଣ ସମ୍ପୃକ୍ତ ଅଛନ୍ତି। ସେମାନଙ୍କୁ ଧରିବାକୁ ପୋଲିସ ଅନୁସନ୍ଧାନ ଜାରି ରଖିଛି। ସୂଚନା ଅନୁଯାୟୀ, ଠକେଇର ଶିକାର ହୋଇଥିଲେ ଲିଙ୍ଗରାଜ ଥାନା ଅନ୍ତର୍ଗତ ସାମନ୍ତରାପୁରରେ ରହୁଥିବା ନିହାଲ ରଏ। ପାରିବାରିକ ସମ୍ପର୍କ ଦ୍ୱାରା ମହମ୍ମଦ ତାଙ୍କ ସହ ପରିଚିତ ହୋଇଥିଲେ। ତେବେ ପରବର୍ତ୍ତୀ ସମୟରେ ମହମ୍ମଦ ଅନ୍ୟ ସହଯୋଗୀଙ୍କ ସହ ମିଶି ନିହାଲଙ୍କଠାରୁ ଠକେଇ କରିବାକୁ ଜାଲ ବିଛାଇଥିଲେ। ବଡ଼ ଅଧିକାରୀଙ୍କ ଚିହ୍ନା ଥିବାରୁ ଏୟାରଫିଲ୍ଡ ଅଞ୍ଚଳରେ ଏକ ଗ୍ୟାସ ଏଜେନ୍ସି ଖୋଲାଇ ଦେବାକୁ ମହମ୍ମଦ ପ୍ରତିଶ୍ରୁତି ଦେଇ ନିହାଲଙ୍କଠାରୁ ୧୫ ଲକ୍ଷ ଟଙ୍କା ନେଇଥିଲେ। କିନ୍ତୁ କୌଣସି କାର୍ଯ୍ୟ ନ ହେବାରୁ ନିହାଲ ଠକେଇର ଶିକାର ହୋଇଥିବା ଜାଣିବା ପରେ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିଥିଲେ। ୨୦୧୯ ନଭେମ୍ବର ୨୯ରେ ପୋଲିସ ଆଇପିସି ଦଫା ୪୧୯, ୪୨୦, ୪୦୬, ୩୪ରେ ଏକ ମାମଲା (ନଂ.୨୨୨/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଆରମ୍ଭ



ଭୁବନେଶ୍ୱର,୧।୬(ବ୍ୟୁରୋ)

ହସ୍ତତନ୍ତ ଉତ୍ପାଦର ଅଧିକ ପ୍ରଚାର ପ୍ରସାର ପାଇଁ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ସହଯୋଗରେ ସମ୍ବଲପୁରୀ ବସ୍ତ୍ରାଳୟ ହସ୍ତତନ୍ତ ସମବାୟ ସମିତି ପକ୍ଷରୁ ବୁଧବାର ଏକମ୍ର ହାଟଠାରେ ସ୍ୱତନ୍ତ୍ର ହସ୍ତତନ୍ତ ମେଳା-୨୦୨୨ ଆରମ୍ଭ ହୋଇଛି। ଏହାକୁ ବିଭାଗୀୟ ମନ୍ତ୍ରୀ ପଦ୍ମିନୀ ଦିଆନ ଉଦ୍‌ଘାଟନ କରି କହିଲେ, ଓଡ଼ିଶାର ହସ୍ତତନ୍ତ ସାମଗ୍ରୀ କେବଳ ଆମ ଦେଶ କାହିଁକି, ସାରା ପୃଥିବୀର ବିଭିନ୍ନ ଦେଶରେ ଆଦୃତି ଲାଭ କରିଛି। ସମ୍ମାନିତ ଅତିଥି ଭାବେ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ଟୁକୁନି ସାହୁ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଶାସନ ସଚିବ ଶୁଭା ଶର୍ମା ଯୋଗଦେଇଥିବାବେଳେ ଓଡ଼ିଶା ବୟନଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ, ସ୍ୱତନ୍ତ୍ର ସଚିବ ଓ ସେରିଫେଡ୍ ତଥା ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ପଟେଲ, ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଶିଶିର କୁମାର ନାଗ ଉପସ୍ଥିତ ଥିଲେ। ଏହି ମେଳାରେ ସମ୍ବଲପୁରୀ ବସ୍ତ୍ରାଳୟ ହସ୍ତତନ୍ତ ସମବାୟ ସମିତି ସହ ବରଗଡ଼, କଟକ, ସୋନପୁର, ଆଠଗଡ଼, ଢେଙ୍କାନାଳ, ବାରିପଦା, ଖୋର୍ଦ୍ଧା, ନୟାଗଡ଼, କଳାହାଣ୍ଡି, ବଲାଙ୍ଗୀର ଓ ବୌଦ୍ଧ ବୟନମଣ୍ଡଳଗୁଡ଼ିକରୁ ୩୩ ସମବାୟ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ସାମଗ୍ରୀର ପ୍ରଦର୍ଶନ ଓ ବିକ୍ରୟ ହେଉଛି। ବୁଣାକାରଙ୍କୁ ୩୩ଟି ଦେୟମୁକ୍ତ ଷ୍ଟଲ ପ୍ରଦାନ କରାଯାଇଛି। ଏହି ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଅଟୋ ଚାଳକଙ୍କୁ ହତ୍ୟା

ଚୌଦ୍ୱାର/ମଙ୍ଗୁଳି, ୧।୬(ଡି.ଏନ୍.ଏ.)

୫୫ନଂ. ଜାତୀୟ ରାଜପଥର କଟକ ଜିଲା ଚୌଦ୍ୱାର ଥାନା ଅଧୀନ ନୁଷ୍ଟିକିରି ନିକଟ ରାସ୍ତାପାର୍ଶ୍ୱରେ ଜଣେ ଅଟୋଚାଳକଙ୍କୁ ହତ୍ୟା କରି ଫିଙ୍ଗି ଦିଆଯାଇଛି। ସେ ହେଲେ ଚୌଦ୍ୱାର ଥାନା ଅଧୀନ ଓଟିଏମ୍ ଦୁର୍ଗାବଜାର ଅଞ୍ଚଳର ଲୋକନାଥ ବିଶ୍ୱାଳ(୪୬)। ତାଙ୍କ ଗୋଡ଼ ଭାଙ୍ଗି ଯାଇଥିବାବେଳେ ବେକ, ମୁଣ୍ଡ, କାନ୍ଧ ଓ ଅଣ୍ଟାରେ ଗଭୀର କ୍ଷତଚିହ୍ନ ରହିଥିବା ଦେଖିବାକୁ ମିଳିଛି। ଜୋନ-୧ ଏସିପି ଏସ୍.ଏନ୍. ମୁଦୁଲି, ଜଗତ୍‌ପୁର ଥାନାଧିକାରୀ ରବୀନ୍ଦ୍ର ନାଥ ମେହେର, ଚୌଦ୍ୱାର ଥାନାଧିକାରୀ ବିରଞ୍ଚି ନାରାୟଣ ପତି ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲେ। ଲୋକନାଥଙ୍କ ପକେଟ୍‌ରୁ ୨୬,୮୦୦ ଟଙ୍କା ଓ କିଛି ଦରକାରୀ କାଗଜ ପୋଲିସ ଜବତ କରିଛି। ପ୍ରାଥମିକ ତଦନ୍ତରୁ ଏହା ହତ୍ୟାକାଣ୍ଡ ବୋଲି ଜଣାପଡିଛି। ଲୋକନାଥଙ୍କ ଭାଇ ବିଶ୍ୱନାଥଙ୍କ ଅଭିଯୋଗକ୍ରମେ ଦଫା ୩୦୨ ଅନୁଯାୟୀ ଚୌଦ୍ୱାର ଥାନାରେ ଏକ ହତ୍ୟା ମାମଲା (ନଂ.୨୫୯/୨୨) ରୁଜୁ ହୋଇଛି।

ଲୋକନାଥ ମଙ୍ଗଳବାର ଅପରାହ୍ଣ ପ୍ରାୟ ୪ଟାରେ ସ୍ଥାନୀୟ ଏକ ଦୋକାନରୁ ନିଜ ଅଟୋରେ ମାର୍ବଲ ନେଇ ଜଗତ୍‌ପୁର ଥାନା ଅଧୀନ କଟିକଟା ଅଞ୍ଚଳର ଏକ ଦୋକାନକୁ ଦେବାକୁ ଯାଇଥିଲେ। ରାତିରେ କେହି ଜଣେ ତାଙ୍କ ସ୍ତ୍ରୀଙ୍କ ମୋବାଇଲ୍ ଫୋନ୍‌କୁ କଲ୍ କରି ମଙ୍ଗୁଳି ପାଖ ବିରୂପା ବ୍ରିଜ୍ ଉପରେ ଲୋକନାଥଙ୍କ ଅଟୋ ଓଲଟି ପଡିଥିବା ଜଣାଇଥିଲେ। ଖବରପାଇ ଲୋକନାଥଙ୍କ ଶାଳକ ବିକ୍ରମ ବିଶ୍ୱାଳ ଓ ଭାଇ ବିଶ୍ୱନାଥ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚିବା ପରେ ଅଟୋ ସେଠାରେ ନ ଥିବା ଦେଖିବାକୁ ପାଇଥିଲେ। ବୁଧବାର ସକାଳ ସାଢେ ୫ଟାରେ ଲୋକନାଥଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ନୁଷ୍ଟିକିରି ନିକଟ ରାସ୍ତାପାର୍ଶ୍ୱରେ ପଡିଥିବା ସ୍ଥାନୀୟ ଲୋକେ ଦେଖି ଚୌଦ୍ୱାର ପୋଲିସ ଓ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି।

## ବିଏମ୍‌ସି ଷ୍ଟାଣ୍ଡିଂ କମିଟି ବୈଠକ ଆରମ୍ଭ, ୭ଦିନରେ ସରିବ

ଭୁବନେଶ୍ୱର, ୧।୬ (ବ୍ୟୁରୋ)

ବିଏମ୍‌ସି ସଭାଗୃହରେ ବୁଧବାରଠାରୁ ଷ୍ଟାଣ୍ଡିଂ କମିଟି ବୈଠକ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୨ କମିଟି ବୈଠକ ଅନୁଷ୍ଠିତ ହୋଇଥିବାବେଳେ ୭ ତାରିଖ ମଧ୍ୟରେ ସମସ୍ତ ଷ୍ଟାଣ୍ଡିଂ କମିଟିର ବୈଠକ ସାରିବାକୁ ଯୋଜନା ରହିଛି। ଆରମ୍ଭରୁ ମେୟର ସୁଲୋଚନା ଦାସ ସମସ୍ତ କମିଟି ସଦସ୍ୟା/ସଦସ୍ୟ, ଅଧିକାରୀ ଓ କର୍ମଚାରୀଙ୍କୁ ସ୍ୱାଗତ କରିଥିଲେ। ପ୍ରତ୍ୟେକ ଷ୍ଟାଣ୍ଡିଂ କମିଟି କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବେ। ଜନସାଧାରଣଙ୍କ ପାଇଁ ନଗର ଯନ୍ତ୍ରୀଙ୍କ ପକ୍ଷରୁ କାର୍ଯ୍ୟ ଯୋଜନା ପ୍ରସ୍ତୁତ ହେଲେ ମଧ୍ୟ ବୈଠକରେ ଏ ସଂକ୍ରାନ୍ତୀୟ ଆଲୋଚନା, ସମୀକ୍ଷା ଏବଂ ଆବଶ୍ୟକ ପଦକ୍ଷେପ ନେବା ପାଇଁ ମେୟର ପରାମର୍ଶ ଦେଇଛନ୍ତି। ନିଜ ୱାର୍ଡ଼ର ଆବଶ୍ୟକତା ସମ୍ପର୍କରେ କର୍ପୋରେଟରମାନେ ସମ୍ପୃକ୍ତ ଷ୍ଟାଣ୍ଡିଂ କମିଟିକୁ ଅବଗତ କରାଇବା ତଥା ସ୍ଥିତି ସମ୍ପର୍କରେ ବିଏମ୍‌ସି କିପରି ସମ୍ପୂର୍ଣ୍ଣ ତଥ୍ୟ ପାଇପାରିବ ସେ ଦିଗରେ ଷ୍ଟାଣ୍ଡିଂ କମିଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ।

ପ୍ରଥମ ଦିନରେ 'ପବ୍ଲିକ ୱାର୍କସ୍' କମିଟିର ବୈଠକ ବସିଥିଲା। ଏହାର ଅଧ୍ୟକ୍ଷ ଅମରେଶ ଜେନା ସମସ୍ତଙ୍କର ସହଯୋଗ ଲୋଡ଼ିବା ସହ କହିଲେ, ୱାର୍ଡ଼ର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇ ତ୍ୱରିତ ପଦକ୍ଷେପ ଗ୍ରହଣ ଦ୍ୱାରା କମିଟି କମ୍ ସମୟରେ ବିଏମ୍‌ସି ପାଇଁ ଅଧିକ କିଛି ବିକାଶ ମୂଳକ କାର୍ଯ୍ୟ କରିପାରିବ। କମିଟି ସଦସ୍ୟ କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା, ଜୟନ୍ତୀ ସାହୁ, ସମିତା ମହାନ୍ତି, ଶ୍ରୀଧର ବେହେରା, ସନ୍ତୋଷ କୁମାର ସିଂହ, ସେକ୍ ନୁରହାସନ୍‌ଙ୍କ ସମେତ ନଗର ଯନ୍ତ୍ରୀ ଅରୁଣ କୁମାର ନାୟକ, ଭୁବନେଶ୍ୱର ମହାନଗର ନିଗମ ସଚିବ କମଳାକାନ୍ତ ବେହେରା ଏବଂ ଉପ ଆୟୁକ୍ତ (ଆଇନ୍) ପ୍ରମୋଦ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଅନୁରୂପ ଭାବେ 'ଗ୍ରୀଭାନ୍‌ସେସ୍ ଆଣ୍ଡ ସୋସିଆଲ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି'ର ଆଲୋଚନା ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା। କର୍ପୋରେଟର ବିନୟିନୀ ଜେନା ଅଧ୍ୟକ୍ଷତା କରିଥିଲେ। ଡେପୁଟି କମିଶନର ରମେଶ ଚନ୍ଦ୍ର ଜେନା ଯୋଗଦେଇ କହିଲେ, ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମର ଅଗ୍ରଗତି ସରକାରଙ୍କ ନିୟମ ଅନୁଯାୟୀ ଚାଲୁ ରହିଛି। ଅନ୍‌ଲାଇନ୍‌ରେ ହିତାଧିକାରୀଙ୍କ ଆକାଉଣ୍ଟକୁ ମାସିକ ଭତ୍ତା ଯାଉଛି। ସମସ୍ୟା ହେଲେ ତୁରନ୍ତ ସମାଧାନ କରାଯାଉଛି। ବୈଠକରେ ଡେପୁଟି କମିଶନର (ଗ୍ରୀଭାନ୍ସ) ଗାୟତ୍ରୀ ସାମନ୍ତରାୟ ଓ ସଚିବ ଉପସ୍ଥିତ ଥିଲେ। କର୍ପୋରେଟର ଶିବ ନାରାୟଣ ରାୟ, ଇତିଶ୍ରୀ ଦାସ, ପ୍ରଭାସିନି ମହାନ୍ତି, ଗିତାଞ୍ଜଳୀ ସାହୁ, ସଞ୍ଜୁକ୍ତା ସୁନ୍ଦରାୟ ଯୋଗଦେଇଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଓ କମିଟି ସଦସ୍ୟା ସଦସ୍ୟମାନେ।

## ରେଭେନ୍‌ଶା ଛାତ୍ରଙ୍କ ମୃତ୍ୟୁ, ଆତ୍ମହତ୍ୟା ସନ୍ଦେହ

କଟକ ଅଫିସ, ୧।୬



ଏସ୍. ଅମିତ୍ କୁମାର।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଜଗନ୍ନାଥ ଛାତ୍ରାବାସରେ ରହୁଥିବା ଜଣେ ଛାତ୍ରଙ୍କ ବୁଧବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ବିଶ୍ୱବିଦ୍ୟାଳୟର ଇନ୍‌ଫର୍ମେଶନ ଟେକ୍ନୋଲୋଜି ମ୍ୟାନେଜମେଣ୍ଟ (ଆଇଟିଏମ୍)ର ସ୍ନାତକ ତୃତୀୟ ବର୍ଷର ଛାତ୍ର ଏସ୍. ଅମିତ କୁମାର(୨୦)। ତାଙ୍କ ଘର ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ଅଧୀନ ଜିରୁଳୀ ଅଞ୍ଚଳରେ। ଅମିତ ଆଲୁମିନିୟମ ଫସ୍‌ଫେଟ ବିଷ ପିଇ ଆତ୍ମହତ୍ୟା କରିଥିବା ଅନ୍ତେବାସୀମାନେ କହିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଏସ୍‌ସିବିରେ ଭର୍ତ୍ତି କରାଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ତେବେ ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ଅମିତ୍ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏନେଇ ମଙ୍ଗଳାବାଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ହେଲେ ଘଟଣାର ତଦନ୍ତକୁ ନେଇ ଏବେ ୨ଥାନା ମଧ୍ୟରେ ଟଣା ଓଟରା ଚାଲିଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମାଲ୍‌ଗୋଦାମ୍ ଥାନା ଅଞ୍ଚଳରେ ହୋଇଥିବାରୁ ଘଟଣାର ତଦନ୍ତ ମାଲ୍‌ଗୋଦାମ ପୋଲିସ କରିବ ବୋଲି ମଙ୍ଗଳାବାଗ ପୋଲିସ କହୁଥିବାବେଳେ ଘଟଣା ସମ୍ପର୍କରେ ତାଙ୍କ ନିକଟକୁ କୌଣସି ଚିଠି ଆସି ନ ଥିବା ମାଲ୍‌ଗୋଦାମ ଥାନା ଅଧିକାରୀ ତୃପ୍ତିରଞ୍ଜନ ନାୟକ କହିଛନ୍ତି।

## ସିରିଜ୍ ଦୁର୍ଘଟଣା: କାର୍‌କୁ ପିଟିଲା ମାଲ୍‌ବାହୀ ଟ୍ରକ୍

### ୪ରୁ ଅଧିକ କାର୍ ସମେତ ୭ ଗାଡ଼ି କ୍ଷତିଗ୍ରସ୍ତ

ଭୁବନେଶ୍ୱର,୧।୬(ବ୍ୟୁରୋ)



ରାଜଧାନୀ ଶହୀଦନଗର ଥାନା ସତ୍‌ସଙ୍ଗ ବିହାର ନିକଟ ବାଣୀବିହାର ଓଭର୍ ବ୍ରିଜ୍ ଉପରେ ବୁଧବାର ବିଳମ୍ବିତ ରାତିରେ ସିରିଜ୍ ଦୁର୍ଘଟଣା ଘଟିଛି। ଏକ ମାଲ୍‌ବାହୀ ଟ୍ରକ୍ ପ୍ରଥମେ ଗୋଟିଏ କାର୍‌କୁ ଧକ୍କା ଦେବାରୁ ଏହା ରେଳ ଓଭରବ୍ରିଜ୍ ବାଡ଼ାରେ ପିଟିହୋଇ ଓଲଟି ପଡ଼ିଥିଲା। ପରେ ପଛକୁ ପଛ ୭ରୁ ଅଧିକ ଗାଡ଼ି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ଦୁର୍ଘଟଣା ଘଟାଇ ଟ୍ରକ୍‌ଟି ଘଟଣାସ୍ଥଳରୁ ପଳାଇଯାଇଥିବାବେଳେ ତେଲେଙ୍ଗାପେଣ୍ଠ ନିକଟରେ ପୋଲିସ ତାକୁ ଅଟକାଇ ପଚରାଉଚରା କରୁଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ରାତି ପ୍ରାୟ ୧୦ଟା ୩୦ରେ ରସୁଲଗଡ଼ ଅଞ୍ଚଳରେ ରହୁଥିବା ପ୍ରିୟମ ବେହେରା ତାଙ୍କ ସାନ ଭାଇଙ୍କୁ ଏୟାରପୋର୍ଟରୁ ନେଇ ଏସ୍‌ପ୍ଲାନେଡ୍ ନିକଟରେ ଥିବା ଘରକୁ ଆସୁଥିଲେ। ବାଣୀବିହାର ରେଳ ଓଭରବ୍ରିଜ୍ ଉପରେ କୌଣସି କଥାକୁ କେନ୍ଦ୍ର କରି କିଛି ଲୋକ ହାତ ଦେଖାଇ ଗାଡ଼ିକୁ ଅଟକାଇଥିଲେ। ଫଳରେ ପ୍ରିୟମ ତାଙ୍କ କାର୍‌ର ବେଗକୁ ଧୀର କରି ଦେଇଥିଲେ। ଏହି ସମୟରେ ପଛପଟୁ ଆସୁଥିବା ମାଲ୍‌ବାହୀ ଟ୍ରକ୍‌ଟି ଲଗାତର ୩ ଥର ତାଙ୍କ କାରକୁ ଧକ୍କା ଦେଇଥିଲା। ପ୍ରିୟମ ଭାରସାମ୍ୟ ହରାଇ କାର୍‌କୁ ବାମ ପଟକୁ ନେଉଥିବାବେଳେ ଓଭରବ୍ରିଜ୍ ବାଡ଼ାରେ ପିଟି ହୋଇ ଓଲଟି ପଡ଼ିଥିଲା। କାର୍‌ର ୭୦ ପ୍ରତିଶତ ନଷ୍ଟ ହୋଇଯାଇଛି। ପରେ ଟ୍ରକ୍‌ଟି ଦ୍ରୁତ ବେଗରେ ରସୁଲଗଡ଼ ଉଭରବ୍ରିଜ୍ ଉପର ଦେଇ ପଳାଇ ଯାଇଥିଲା। ସୌଭାଗ୍ୟବଶତଃ କାର୍‌ର ଚାଳକ ଏବଂ ଅନ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହି ସମୟରେ ପଛପଟୁ ଆସୁଥିବା ପ୍ରାୟ ୪ଟି କାର, ବାଇକ୍ ଏବଂ ସ୍କୁଟି ପଛକୁ ପଛ ଧକ୍କା ହୋଇଥିଲେ। ଚାହୁଁ ଚାହୁଁ ଲୋକେ ଜମା ହୋଇଯାଇଥିଲେ। ଏନେଇ ମଞ୍ଚେଶ୍ୱର ଓ ଶହୀଦନଗର ଥାନା ପୋଲିସ ସେଠାରେ ପହଞ୍ଚି ସ୍ଥିତି ସମ୍ଭାଳିଥିଲ। କ୍ରେନ୍ ସାହାଯ୍ୟରେ ଅତ୍ୟଧିକ କ୍ଷତି ହୋଇଥିବା ପ୍ରିୟମଙ୍କ କାରକୁ ଥାନାକୁ ନିଆଯାଇଥିଲା। ଫେରାର ଟ୍ରକ୍‌କୁ ଧରିବାକୁ ପାହାଳ ଥାନା ପୋଲିସକୁ ଖବର ଦିଆଯାଇଥିଲା। ପରେ ତେଲେଙ୍ଗାପେଣ୍ଠ ନିକଟରେ ଟ୍ରକ୍‌କୁ ଧରାଯାଇଥିବା ପୋଲିସ କହିଛି।

## ଆଉ ୮ ସୁନାଚେନ୍, ଭୁଜାଲି ଜବତ

ଭୁବନେଶ୍ୱର,୧।୬(ବ୍ୟୁରୋ)

### ଆଜି ରାଜେଶ, ରବିନଙ୍କ ରିମାଣ୍ଡ ସରିବ

- ପୁଣି ୫ ଦିନିଆ ରିମାଣ୍ଡ ଆବେଦନ ହେବ
- ପୋଲିସ ସ୍କାନରରେ ରାଜେଶଙ୍କ ପୂରା ପରିବାର

ଭୁବନେଶ୍ୱର ସହ ଖୋର୍ଦ୍ଧା, ପୁରୀ, ନୟାଗଡ଼ ଆଦି ଜିଲାରେ ଆତଙ୍କ ଖେଳାଇଥିବା କଟୁରି ଗ୍ୟାଙ୍ଗର ୮ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୋଲିସ। ଅଭିଯୁକ୍ତଙ୍କୁ ପର୍ଯ୍ୟାୟକ୍ରମେ ରିମାଣ୍ଡରେ ଆଣି ଗ୍ୟାଙ୍ଗ୍ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରୁଛି। ଅଭିଯୁକ୍ତ ରାଜେଶ ମହାପାତ୍ର ଓ ରବିନ ଶତପଥୀଙ୍କୁ ଶନିବାରଠାରୁ ୫ ଦିନିଆ ରିମାଣ୍ଡରେ ଆଣି ଜେରା କରୁଥିବାବେଳେ ବୁଧବାର ଆଉ ୮ ସୁନା ଚେନ୍ ସହ ଗୋଟିଏ ଭୁଜାଲି ଜବତ କରିଛି। ଏହା ମଧ୍ୟରୁ ୪ଟି ସୁନାଚେନ୍ ରାଜେଶ ତାଙ୍କ ଜେଜେବାପାଙ୍କ ସହ ମିଶି ଘରପାଖ ଜୁଏଲେରୀ ଦୋକାନରେ ବନ୍ଧକ ରଖିଥିଲେ। ଅନ୍ୟ ୪ଟି ସୁନାଚେନ୍ ନିରାକାରପୁର ଥାନାସ୍ଥିତ ତାଙ୍କ ଅଜାଙ୍କ ଘରେ ସେ ଲୁଚାଇ ରଖିଥିଲେ। ରାଜେଶଙ୍କ ବୟାନ ଆଧାରରେ ପୋଲିସ ଜୁଏଲେରୀ ଦୋକାନୀଠାରୁ ସୁନାଚେନ୍ ଜବତ କରିବା ସହ ରାଜେଶ ଅଜାଙ୍କ ଘରୁ ମଧ୍ୟ ସୁନାଚେନ୍ ଆଣିଥିଲା। ପୂର୍ବରୁ ରାଜେଶଙ୍କ ମା' ଜ୍ୟୋତ୍ସ୍ନାରାଣୀ ମହାପାତ୍ର ମଧ୍ୟ ଗିରଫ ହୋଇ ଜେଲରେ ଅଛନ୍ତି। ରାଜେଶଙ୍କ ଅନ୍ୟ ପରିବାର ସଦସ୍ୟ ଅପରାଧରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ତେଣୁ ପୋଲିସ ରାଜେଶଙ୍କ ପରିବାର ଓ ବନ୍ଧୁବାନ୍ଧବଙ୍କୁ ସ୍କାନରକୁ ଆଣିଛି। ଅନ୍ୟପଟେ ଗୁରୁବାର ରାଜେଶ ଓ ରବିନଙ୍କ ୫ ଦିନିଆ ରିମାଣ୍ଡ ଅବଧି ସରିବ। ଉଭୟ ଅଭିଯୁକ୍ତ ରାଜଧାନୀରେ ଏକାଧିକ ଅପରାଧ କରିଥିବା ପୋଲିସ ଜାଣିବାକୁ ପାଇଛି। ତେଣୁ ରାଜେଶ ଓ ରବିନଙ୍କୁ ଆଉ ୫ ଦିନିଆ ରିମାଣ୍ଡରେ ଆଣିବାକୁ ଆବେଦନ କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗତ ମେ ୧୧ ବିଳମ୍ବିତ ରାତିରେ କଟୁରି ଗ୍ୟାଙ୍ଗର ସଦସ୍ୟମାନେ ବରମୁଣ୍ଡା ଖେଳପଡ଼ିଆରେ ଡକାୟତି ପାଇଁ ଯୋଜନା ବେଳେ ସ୍ପେଶାଲ ସ୍କ୍ୱାଡ୍ ଓ ଖଣ୍ଡଗିରି ପୋଲିସ ଚଢ଼ାଉ କରିଥିଲା। ପୋଲିସ ଉପରକୁ ଗ୍ୟାଙ୍ଗ୍ ସଦସ୍ୟମାନେ ବୋମା ଓ ଗୁଳିମାଡ଼ କରିଥିଲେ। ପୋଲିସର ପାଲଟା ଗୁଳିରେ ଚକ୍ରଧର ବାରିକ ଓରଫ ଚକରା ଆହତ ହୋଇ ଧରାପଡ଼ିଥିବାବେଳେ ରାଜେଶ, ରବିନ ଓ ଅନ୍ୟମାନେ ଖସି ପଳାଇଥିଲେ।

# ଲିଖିତ ପ୍ରତିଶ୍ରୁତି ଦାବିରେ ପୁଣି ଧାରଣା

## ଗଛକଟା ବନ୍ଦ ପାଇଁ ବଢୁଛି ଚାପ



ଏମ୍‌ଏଲ୍‌ଏ କଲୋନୀ ସମ୍ମୁଖରେ ଧାରଣା ଦେଇଥିବା ମହାନଦୀ ବଞ୍ଚାଅ ଆନ୍ଦୋଳନ, ପ୍ରେରଣା, ଓଡ଼ିଶା ଦଳର କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୧୬(ବ୍ୟୁରୋ)

ବିଧାୟକ କ୍ୱାର୍ଟର୍ସ ନିର୍ମାଣ ଲାଗି ପୁରୁଣା ଏମ୍‌ଏଲ୍‌ଏ କଲୋନୀରୁ ଶହ ଶହ ଗଛକୁ ବଳି ପକାଇ ଦିଆଯାଇଛି। ଏହାକୁ ନେଇ ବିରୋଧ ତେଜିବାରେ ଲାଗିଛି। ମହାନଦୀ ବଞ୍ଚାଅ ଆନ୍ଦୋଳନ କାର୍ଯ୍ୟକର୍ତ୍ତାଙ୍କ ସହ ବୁଦ୍ଧିଜୀବୀ, ରାଜନେତା ଓ ପରିବେଶବିତ୍‌ଙ୍କ ସହ ବିଭିନ୍ନ ମହଲରୁ ତୀବ୍ର ବିରୋଧ ପରେ ମଙ୍ଗଳବାରଠାରୁ ଗଛକଟାକୁ ବନ୍ଦ ରଖାଯାଇଛି। ତେବେ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକୁ ମଧ୍ୟ ସ୍ଥଗିତ କରାଯାଇଥିଲା। କିନ୍ତୁ ସରକାରଙ୍କ ପକ୍ଷରୁ ଗଛକଟାକୁ ସାମୟିକ ଭାବେ ବନ୍ଦ ରଖାଯାଇଥିବା ଜଣାପଡିବା ପରେ ପୁଣି ଆନ୍ଦୋଳନ ଆରମ୍ଭ ହୋଇଛି। ମହାନଦୀ ବଞ୍ଚାଅ ଆନ୍ଦୋଳନର କାର୍ଯ୍ୟକର୍ତ୍ତାମାନେ ବୁଧବାର କ୍ୱାର୍ଟର୍ସ ନିର୍ମାଣ ହେବାକୁ ଥିବା ସ୍ଥାନରେ ଧାରଣା ଦେଇଥିଲେ। ଏଥିରେ ଓଡ଼ିଶା ଦଳ ସମେତ ପ୍ରେରଣାର କର୍ମକର୍ତ୍ତା ଓ ଅନ୍ୟମାନେ ସାମିଲ ହୋଇ ପ୍ରତିବାଦ କରିଥିଲେ। ଗଛକଟାକୁ ସ୍ଥାୟୀ ଭାବେ ବନ୍ଦ କରିବାକୁ ସେମାନେ ଲିଖିତ ପ୍ରତିଶ୍ରୁତି ଦାବି କରିଛନ୍ତି। ଏଥିସହ ପ୍ରେରଣା ପକ୍ଷରୁ ବିଭିନ୍ନ ସ୍ଥାନରେ କଳାକୃତି ରଖାଯାଇ ଗଛକଟାକୁ ଅଭିନବ ଉପାୟରେ ବିରୋଧ କରାଯାଇଛି। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି, ଓଡିଶା ଫରେଷ୍ଟ ଡେଭଲପମେଣ୍ଟ କର୍ପୋରେଶନର କ୍ଷେତ୍ର ଅଧିକାରୀ ମହେନ୍ଦ୍ର ନାଏକ ଗଛ କଟାଯିବାର କୌଣସି ନିର୍ଦ୍ଦେଶ ନ ଥିବା ଜଣାଇଛନ୍ତି। ତେଣୁ ବେଆଇନ ଭାବେ ଗଛ କଟାଉଥିଲା ବୋଲି ଦାସ କହିଛନ୍ତି। ଅନ୍ୟପଟେ ଏହି ସଙ୍ଗଠନର କାର୍ଯ୍ୟକର୍ତ୍ତା ଉକ୍ତ ଗଛ ମୂଳରେ ପଢୁଥିବା ପିଲାଙ୍କୁ ଭେଟି ସେମାନଙ୍କ ସହଯୋଗ ଲୋଡିଥିବାବେଳେ କଟାଯିବା ଲାଗି ମାର୍କିଂ ହୋଇଥିବା ସବୁ ଗଛରେ ପୋଷ୍ଟର ଲଗାଇଛନ୍ତି। ଏହାସହ ଆଗକୁ ଯେପରି ଆନ୍ଦୋଳନ ଜାରି ରହିବ ସେନେଇ ଉଦ୍ୟମ ଆରମ୍ଭ ହୋଇଛି। ଏଥିରେ ଛୋଟପିଲା ଓ ଛାତ୍ରୀଛାତ୍ର ସାମିଲ ହେବେ। ଗୁରୁବାର ବିଭିନ୍ନ ସ୍କୁଲ୍‌ର ଛାତ୍ରୀଛାତ୍ରମାନେ ଘଟଣାସ୍ଥଳରେ ପହଞ୍ଚି ପ୍ରତିବାଦ ଜଣାଇବେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ସାମିଲ ହୋଇ 'ଗଛ ଆମର ଜୀବନ' କୁ ନେଇ ରଙ୍ଗ ତୂଳୀରେ ଗଛ ବଞ୍ଚାଇବାର ପ୍ରୟାସ କରିବେ। ସମସ୍ତଙ୍କୁ ପ୍ରମାଣପତ୍ର ଓ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ସେଠାରେ ବିଧାୟକଙ୍କ ଲାଗି ୨୭୫ କୋଟି ଟଙ୍କା ବ୍ୟୟରେ ୧ ମହଲା ବିଶିଷ୍ଟ ଆପାର୍ଟମେଣ୍ଟ ନିର୍ମାଣ ହେବ। ଏଥିପାଇଁ ୮୦୦ ମୂଲ୍ୟବାନ ଓ ପୁରାତନ ଗଛ କଟାଯିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ସମସ୍ତଙ୍କ ମୁହଁରେ ଗୋଟିଏ କଥା, ଗଛ ନ କାଟି ବିଧାୟକଙ୍କ ପାଇଁ କ୍ୱାର୍ଟର୍ସ ନିର୍ମାଣ ହେଉ। ଅନ୍ୟ ସ୍ଥାନରେ ନିର୍ମାଣ କରିବାରେ ଅସୁବିଧା କେଉଁଠି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏପଟେ ଗଛକଟାକୁ ବନ୍ଦ କରିବା ଲାଗି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ନିବେଦନ କରି ବୁଧବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି।

### ଆଜି ପ୍ରତିବାଦ କରିବେ ଛୋଟପିଲା

### ରାଜ୍ୟପାଳଙ୍କୁ ଦାବିପତ୍ର

ବିଧାୟକ କ୍ୱାର୍ଟର୍ସ ପାଇଁ ଗଛକଟାକୁ ବିରୋଧ କରି ପ୍ରେରଣାର ଅଧ୍ୟକ୍ଷ ଡ. ଦିଲୀପ ଶ୍ରୀଚନ୍ଦନ ଓ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ବୁଧବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଏକ ଚାରିଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ବିଧାୟକ କଲୋନୀ ପରିସରରୁ ଆଉ ଯେପରି ଗୋଟିଏ ଗଛ କଟା ନ ଯିବ, ସେଥିପାଇଁ ସରକାର ସଂକଳ୍ପବଦ୍ଧ ହେବେ, ଯେଉଁ ଗଛଗୁଡ଼ିକ କଟାଯାଇଛି, ତା'ର ଭରଣା ପାଇଁ ଭୁବନେଶ୍ୱର ସହର ଓ ଉପକଣ୍ଠରେ ୧୦୦ ଗୁଣ ବୃକ୍ଷରୋପଣ କରି ଏକ ଉଦ୍ୟାନ ସୃଷ୍ଟି କରିବା, ରାଜଧାନୀର ଚତୁଃପାର୍ଶ୍ୱରେ ୫୦ ମିଟର ବ୍ୟାସାର୍ଦ୍ଧରେ ବୃକ୍ଷରାଜିପୂର୍ଣ୍ଣ ଏକ ସବୁଜ ବଳୟ ସୃଷ୍ଟି କିରବା ଏବଂ ଦିଲୀ ଭଳି ଗଛ ଆଇନ୍ ପ୍ରଣୟନ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଉକ୍ତ ଦାବିଗୁଡ଼ିକୁ ରାଜ୍ୟ ସରକାର ମାନିନେବାକୁ ସେମାନେ ଦାବି କରିଛନ୍ତି। ପ୍ରାୟ ୪୦/୫୦ ବର୍ଷର ୧ ହଜାର ପାଖାପାଖି ଗଛ କଟାଯିବା ଦ୍ୱାରା ଭୁବନେଶ୍ୱର ଏକ ଉତ୍ତପ୍ତ ସହରରେ ପରିଣତ ହେବା ସହ ସହରର ପରିବେଶ ସମ୍ପୂର୍ଣ୍ଣ ଭାବେ ପ୍ରଦୂଷିତ ହେବ। ତେଣୁ ଏହାକୁ ବିରୋଧ କରି ସଂଗଠନ ପକ୍ଷରୁ ଗତ ତିନିଦିନ ଧରି ବିଧାୟକ କଲୋନୀ ସମ୍ମୁଖରେ ଧାରଣା ଦିଆଯାଇଛି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୦୧।୦୬।୨୦୨୨

| ୩,୧୧, ୭୬୭ ଟଙ୍କା | |
|---|---|
| ସୁନା | ୩୦.୪୯୦ ଗ୍ରାମ |
| ରୁପା | ୪୬.୧୯୦ ଗ୍ରାମ |

## ଶ୍ରୀନିବାସ ଘଟୁଆରୀ ଶ୍ରେଷ୍ଠ କୋରିଓଗ୍ରାଫର

**ଭୁବନେଶ୍ୱର,୧।୬(ବ୍ୟୁରୋ):** ବଲିଉଡ୍ ଫିଲ୍ମ ମାଗାଜିନ 'ଜି-ଟାଉନ୍' ପକ୍ଷରୁ ଦିଲ୍ଲୀସ୍ଥିତ ଧ୍ୟାନଚାନ୍ଦ ଷ୍ଟାଡିୟମରେ ଆଜାଦୀ କା ମହୋତ୍ସବ ପାଳନ ଅବସରରେ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ପାଞ୍ଚ ପାଇକଙ୍କ କାହାଣୀକୁ ନେଇ ପ୍ରସ୍ତୁତ କ୍ଷୁଦ୍ର ଚଳଚ୍ଚିତ୍ର 'ମୁକ୍ତି କୀ ମହାନାୟକ' ସର୍ବଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ଭାବେ ମନୋନୀତ ହୋଇଛି। ତେବେ ଏହି ଚଳଚ୍ଚିତ୍ରରେ ପାଇକ ନୃତ୍ୟ ଏବଂ ଓଡ଼ିଶୀ ନୃତ୍ୟ ମୁଖ୍ୟ ଆକର୍ଷଣ ସାଜିଥିଲା। ଓଡ଼ିଶୀ ନୃତ୍ୟଶିଳ୍ପୀ ଶ୍ରୀନିବାସ ଘଟୁଆରୀ ଏହାର କାହାଣୀ ଓ ନୃତ୍ୟ ରଚନା କରିଥିଲେ। ତାଙ୍କୁ ଶ୍ରେଷ୍ଠ କୋରିଓଗ୍ରାଫର ଓ କାହାଣୀକାର ଭାବେ ପୁରସ୍କୃତ କରାଯାଇଛି। ବଲିଉଡ୍ ଅଭିନେତ୍ରୀ ମିନୀଷା ଲାମ୍ବା ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଅଭିନେତା ସୋନୁ ସୁଦ୍, ନିର୍ଦ୍ଦେଶକ ସୁବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ମିନୀଷା ଲାମ୍ବାଙ୍କଠାରୁ ଶ୍ରୀନିବାସ ଘଟୁଆରୀ ପୁରସ୍କାର ଗ୍ରହଣ କରୁଛନ୍ତି।

## 'ଗାଲାକ୍ସି ଅଫ୍ ଷ୍ଟାର୍ସ' ପ୍ରୋଜେକ୍ଟ ଉଦ୍‌ଘାଟିତ

### ଶିକ୍ଷା କ୍ଷେତ୍ରରେ ଡ. ବିଜୟ ସାହୁଙ୍କ ଅବଦାନ ମନେ ରହିବ: ରାଜ୍ୟପାଳ

ଭୁବନେଶ୍ୱର, ୧।୬ (ବ୍ୟୁରୋ)

ସାଇ ଇଣ୍ଟରନ୍ୟାଶନାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ସ୍ୱର୍ଗତ ଡ. ବିଜୟ କୁମାର ସାହୁଙ୍କ ଜନ୍ମ ବାର୍ଷିକୀ ପାଳନ ଅବସରରେ ତାଙ୍କ ସ୍ୱପ୍ନର ପ୍ରୋଜେକ୍ଟ 'ଗାଲାକ୍ସି ଅଫ୍ ଷ୍ଟାର୍ସ'କୁ ବୁଧବାର ସ୍କୁଲ ପରିସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ଘାଟନ କରିଛନ୍ତି। ରାଜ୍ୟପାଳ କହିଛନ୍ତି, ଛାତ୍ରୀଛାତ୍ରଙ୍କ ଆଖିରେ ଥିବା ଚମକ, କୌତୂହଳ ଓ ମନର ଆଶା କେବେ ମଉଳିବା ଉଚିତ୍ ନୁହେଁ। ଶିକ୍ଷା ମାଧ୍ୟମରେ ସ୍ୱର୍ଗକୁ ପୃଥିବୀ ପୃଷ୍ଠକୁ ଅଣାଯାଇ ପାରିବ ଏବଂ ଜୀବନରେ ସଫଳତାର ଶୀର୍ଷକୁ ଛୁଇଁ ହେବ। 'ବିଦ୍ୟା ଦଦାତି ବିନୟମ୍'ର ବ୍ୟାଖ୍ୟା କରିବା ସହ ସମସ୍ତଙ୍କୁ ଭଲପାଇବା ଓ ଗୁରୁଜନଙ୍କ ପ୍ରତି ମନରେ ସମ୍ମାନ ରଖିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ଶିକ୍ଷା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଡ. ସାହୁ ସର୍ବଦା ମନେ ରହିବେ ବୋଲି ରାଜ୍ୟପାଳ ମତ ଦେଇଛନ୍ତି।

ଜ୍ୟୋତିର୍ବିଜ୍ଞାନ ପ୍ରକୋଷ୍ଠ 'ଗାଲାକ୍ସି ଅଫ୍ ଷ୍ଟାର୍ସ' ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଜ୍ଞାନିକ ସ୍ୱଭାବ ସହ ବିଜ୍ଞାନ ସମାଲୋଚିତ ଚିନ୍ତାଧାରାକୁ ବୃଦ୍ଧି କରିବ। ବୈଜ୍ଞାନିକ ଅନୁସନ୍ଧାନ ପାଇଁ ଏହି କେନ୍ଦ୍ର ଦ୍ୱାରା ବିଭିନ୍ନ ଶୈକ୍ଷଣିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ପ୍ରତିବର୍ଷ ଡ. ବିଜୟ କୁମାର ସାହୁ ସ୍ମାରକୀ ବକ୍ତୃତା ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି। ଉଦ୍‌ଘାଟନ ଅବସରରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଭାଇସ୍ ଚ୍ୟାନ୍‌ସେଲ୍‌ର ଡ. ପ୍ରଶାନ୍ତ ମହାପାତ୍ର 'ଭବିଷ୍ୟତ ଶିକ୍ଷା ଉପରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ପ୍ରଭାବ' ସଂକ୍ରାନ୍ତରେ ବକ୍ତୃତା ପ୍ରଦାନ କରିଥିଲେ। ଏହି ବକ୍ତୃତା ଗତିଶୀଳ ଏକାଡେମିକ୍ ବିତର୍କ ଶିକ୍ଷା କ୍ଷେତ୍ରରେ ବିଶ୍ୱସ୍ତରୀୟ ଚିନ୍ତାଧାରାର ଆଦାନ ପ୍ରଦାନ ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବ। କୃତ୍ରିମ ବୁଦ୍ଧି ଓ ମାନବ ବୁଦ୍ଧିର ମିଶ୍ରଣ ଉପରେ ଡ. ମହାପାତ୍ର ଗୁରୁତ୍ୱାରୋପ କରି କହିଲେ, ଛାତ୍ରୀଛାତ୍ରମାନେ କୃତ୍ରିମ ବୁଦ୍ଧିମତ୍ତାର ମୌଳିକତା ଉପରେ ଅଧିକ ଧ୍ୟାନ ଦେବା ଓ ଏହାଦ୍ୱାରା ପ୍ରଦାନ କରାଯାଇଥିବା ପ୍ରୟୋଗଗୁଡିକରେ କମ୍ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ତ୍ରୁଟି ବୁଝିବା ସହ ଭଲ ଓ ଖରାପ ମଧ୍ୟରେ ପାର୍ଥକ୍ୟ ଜାଣିବା ଅତ୍ୟନ୍ତ ପ୍ରାସଙ୍ଗିକ ବୋଲି ସେ କହିଥିଲେ।

ଅନୁଷ୍ଠାନ ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଲେ, ଶିକ୍ଷା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଡ. ସାହୁଙ୍କ ମଧୁର ସ୍ମୃତିରେ ପ୍ରତିବର୍ଷ ଏଭଳି ମେମୋରିଆଲ୍ ଲେକଚର୍ ଆୟୋଜନ କରାଯିବ। ଭବିଷ୍ୟତର ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେବା ସହ ନୂତନ ଓ ବିକଶିତ ଭାରତ ଗଠନରେ ଏହା ବିଶେଷ ସହାୟକ ହୋଇ ପାରିବ।

ସ୍କୁଲର ସଙ୍ଗୀତ ଶିକ୍ଷକ ହିମାଂଶୁ ଶେଖର ସ୍ୱାଇଁଙ୍କ ନେତୃତ୍ୱରେ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିପରି ଛାତ୍ରୀଛାତ୍ରଙ୍କ ଦ୍ୱାରା ଡ. ସାହୁଙ୍କ ସ୍ମୃତିରେ ଏକ ଚଳଚ୍ଚିତ୍ର ଉପସ୍ଥାପନ କରାଯାଇଥିଲା। ସ୍କୁଲର ସିନିୟର ପ୍ରିନ୍ସିପାଲ ନୀଳକଣ୍ଠ ପାଣିଗ୍ରାହୀ, ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ ସ୍କୁଲ ପ୍ରଧାନଶିକ୍ଷକ ଅମିତାଭ୍ ଅଗ୍ନିହୋତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



'ଗାଲାକ୍ସି ଅଫ୍ ଷ୍ଟାର୍ସ' ଉଦ୍‌ଘାଟନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ସାଇ ଇଣ୍ଟରନ୍ୟାଶନାଲର ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଓ ଅନ୍ୟ ଅତିଥିମାନେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ଡ. ପ୍ରାଣକୃଷ୍ଣ ପରିଜାଙ୍କ ୪୪ତମ ଶ୍ରାଦ୍ଧୋତ୍ସବ, ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରସ୍ଥ ପ୍ରତିମୂର୍ତ୍ତି ସ୍ଥଳ, ସକାଳ ୮ଟା।
- ତ୍ରିଧାରା ପକ୍ଷରୁ ଦେବସ୍ମୃତି ଓଡ଼ିଶୀ ନୃତ୍ୟୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ଓଡ଼ିଶା ନାଟ୍ୟସଂଘ ଆୟୋଜିତ ନାଟ୍ୟଧାରା 'ଫେରନ୍ତା ମୌସୁମୀ', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା ୩୦।

କଟକ

- ବୈଜ୍ଞାନିକ ପ୍ରଫେସର ପ୍ରାଣକୃଷ୍ଣ ପରିଜାଙ୍କ ପୁଣ୍ୟତିଥି, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପୂଜା



@ ଭାସ୍କର



@ ମନୋରଞ୍ଜନ



@ ସୁରେନ୍ଦ୍ର



@ ସୌମ୍ୟ

## ସୁପ୍ରିମକୋର୍ଟରେ ଆଜି ଶ୍ରୀମନ୍ଦିର ଶୁଣାଣି

ନୂଆଦିଲ୍ଲୀ,୧।୬

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମାମଲାରେ ହାଇକୋର୍ଟ ଗତ ୯ତାରିଖରେ ଦେଇଥିବା ନିର୍ଦ୍ଦେଶ ବିରୋଧରେ ହୋଇଥିବା ଏକାଧିକ ଆବେଦନ ଉପରେ ଗୁରୁବାର ସୁପ୍ରିମ୍‌କୋର୍ଟରେ ଶୁଣାଣି ହେବ। ବିଚାରପତି ବି.ଆର୍. ଗଭାଇ ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ ବୋଲି ଜଣାପଡ଼ିଛି। ଗତ ମଙ୍ଗଳବାର ଉକ୍ତ ମାମଲାରେ ଟେକ୍ନିକାଲ ଡିଫିକଲ୍ଟି(ବୈଷୟିକ ତ୍ରୁଟି) ଥିବା ଦର୍ଶାଇ ଜଷ୍ଟିସ୍ ଗଭାଇ ଏବଂ କୋହଲିଙ୍କ ଖଣ୍ଡପୀଠ ଏହାର ଶୁଣାଣି କରି ନ ଥିଲେ।

ସୂଚନାଯୋଗ୍ୟ, ଗତ ୯ତାରିଖରେ ହାଇକୋର୍ଟ ଶ୍ରୀମନ୍ଦିର ଚାରିପାଖେ ହେଉଥିବା ନିର୍ମାଣକୁ ସ୍ଥଗିତ କରିବା ନେଇ ନିର୍ଦ୍ଦେଶ ଦେବାକୁ ମନା କରିଦେଇଥିଲେ। ହାଇକୋର୍ଟଙ୍କ ଉକ୍ତ ରାୟ ବିରୋଧରେ ଗତ ୨୩ ତାରିଖରେ ଅର୍ଦ୍ଧେନ୍ଦୁ ଦାସ ଏବଂ ୨୭ ତାରିଖରେ ସୁମନ୍ତ ଘଡ଼େଇ ସୁପ୍ରିମକୋର୍ଟରେ ୨ଟି ପୃଥକ୍ ସ୍ପେଶାଲ ଲିଭ୍ ପିଟିଶନ ଆବେଦନ କରିଥିଲେ। ଆବେଦନ ଗୁଡ଼ିକର ତ୍ୱରିତ ଶୁଣାଣି ନିମନ୍ତେ ଆବେଦନକାରୀ ଘଡ଼େଇଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମହାଲକ୍ଷ୍ମୀ ପାଭାନୀ ଏବଂ ଦାସଙ୍କ ପକ୍ଷରୁ ଆଇନଜୀବୀ ନଚିକେତା ଜୋଷୀ ମଙ୍ଗଳବାର ଖଣ୍ଡପୀଠଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ହେଲେ ବିଚାରପତି ଗଭାଇ ଏବଂ କୋହଲି ଏହି ଆବେଦନଗୁଡ଼ିକର ଶୁଣାଣି ପ୍ରଧାନ ବିଚାରପତିଙ୍କ ପରିସରଭୁକ୍ତ ହୋଇଥିବାରୁ ତାଙ୍କ ବିନା ଅନୁମତିରେ ଶୁଣାଣି ଆମେ ଶୁଣାଣି କରିପାରିବୁ ନାହିଁ ବୋଲି କହିଥିଲେ।



ଭୁବନେଶ୍ୱରସ୍ଥିତ ବିଜେଇଏମ୍ ସ୍କୁଲ ପରିସରରେ ଚାଲିଥିବା ଗ୍ରୀଷ୍ମ ଶିବିରର ଉଦ୍‌ଯାପନୀ ଦିବସରେ ବୁଧବାର ଛାତ୍ରୀଛାତ୍ରମାନେ ଯୋଗ ସହ ଘୋଡ଼ା ଚଢ଼ା ଶିଖୁଛନ୍ତି।



ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ନାଟ୍ୟଧାରା କାର୍ଯ୍ୟକ୍ରମରେ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ବୁଧବାର ଅନୁଗୋଳ ନାଟ୍ୟମ ଅନୁଷ୍ଠାନ ପକ୍ଷରୁ ପରିବେଷିତ ନାଟକ 'ପ୍ରତିହିଂସା'ର ଏକ ଦୃଶ୍ୟ।



ଦାବି ପୂରଣ ନ ହେଲେ କାର୍ଯ୍ୟ ବନ୍ଦ ଧମକ ଦେଇ ନିଖିଳ ଉତ୍କଳ ଠିକାଦାର ମହାସଂଘ ପକ୍ଷରୁ ଭୁବନେଶ୍ୱରସ୍ଥିତ ନିର୍ମାଣ ସୌଧ ସମ୍ମୁଖରେ ବୁଧବାର ଦିଆଯାଇଥିବା ଧାରଣା।

# ଗଞ୍ଜାମରୁ ଆରମ୍ଭ

## ଲୋକ ସଭାକୁ ୩, ବିଧାନସଭାକୁ ୫ ଥର ନିର୍ବାଚିତ



## ଲେଖକରୁ ଧୁରୀଣ ରାଜନୀତିଜ୍ଞ

କଲେଜ ଜୀବନରେ ରାଜନୀତିଠାରୁ ଦୂରେଇ ରହିଥିବା ନବୀନ ପଟ୍ଟନାୟକ ବାପା ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ରାଜନୀତିରେ ପ୍ରବେଶ କରିଥିଲେ । ଜଣେ ପ୍ରତିଷ୍ଠିତ ଲେଖକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ନବୀନ ପରେ ନିଜକୁ ଧୁରୀଣ ରାଜନୀତିଜ୍ଞ ଭାବେ ପ୍ରମାଣିତ କରିଛନ୍ତି । ସାଢ଼େ ୪କୋଟି ଲୋକଙ୍କ ବିଶ୍ୱାସଭାଜନ ହୋଇ ଜନସେବାରେ ୨୫ବର୍ଷ ପୂରଣ କରିଛନ୍ତି ନବୀନ । ଆଜଠୁ ଠିକ୍ ୨୫ବର୍ଷ ତଳେ ଅର୍ଥାତ୍ ୧୯୯୭ ଜୁନ୍ ୧ରେ ଆସିକା ଲୋକ ସଭା ନିର୍ବାଚନମଣ୍ଡଳୀରୁ ଉପନିର୍ବାଚନରେ ବିଜୟୀ ହୋଇ ଜନସେବାକୁ ନିଜର ବ୍ରତ ଭାବେ ଗ୍ରହଣ କରିଥିଲେ । ପରେ ଅଟଳ ବିହାରୀ ବାଜପେୟୀଙ୍କ ଶାସନରେ ୧୯୯୮ ମାର୍ଚ୍ଚ ୨୦ରେ କେନ୍ଦ୍ର ମନ୍ତ୍ରୀ ଭାବେ ଦାୟିତ୍ୱ ନେଇ ସୁଚାରୁରୂପେ କାର୍ଯ୍ୟ କରିଥିଲେ । ୨୦୦୦ ମାର୍ଚ୍ଚ ୫ରେ ପ୍ରଥମ ଥର ପାଇଁ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । ନିଜର ବିଚକ୍ଷଣ ବୁଦ୍ଧି ଏବଂ ଜନସେବା ମନୋଭାବ ପାଇଁ ସେ ଲଗାତର ୫ମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରି ଓଡ଼ିଶାବାସୀଙ୍କ ସେବା କରିଆସୁଛନ୍ତି ।

ବ୍ରହ୍ମପୁର ଅଫିସ,୧।୬

ଗଞ୍ଜାମ ଜିଲାରୁ ନବୀନ ପଟ୍ଟନାୟକ ରାଜନୀତି ଆରମ୍ଭ କରିବାର ୨୫ ବର୍ଷ ବିତିଛି । ଏହି ସମୟ ମଧ୍ୟରେ ସେ ୩ ଲୋକ ସଭା ଓ ୫ ବିଧାନସଭା ନିର୍ବାଚନ ଲଢ଼ିଛନ୍ତି । ସବୁ ନିର୍ବାଚନରେ ଅପରାଜିତ ହୋଇ ରାଜନୈତିକ କ୍ଷେତ୍ରରେ ରେକର୍ଡ ସୃଷ୍ଟି କରିଛନ୍ତି । ଅପରପକ୍ଷରେ ହିଞ୍ଜିଳି ବିଧାନସଭା କ୍ଷେତ୍ରରୁ ୨୦୦୦ରୁ ୨୦୧୯ ମଧ୍ୟରେ ହୋଇଥିବା ୫ ନିର୍ବାଚନରେ ଲଗାତର ଭାବେ ବିଜେଡି ପ୍ରାର୍ଥୀ ରୂପେ ନିର୍ବାଚିତ ହୋଇ ସେ ୫ଥର ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ୫ମ ପାଳି ମୁଖ୍ୟମନ୍ତ୍ରିତ୍ୱକୁ ୩ ବର୍ଷ ପୂରିଛି । ଓଡ଼ିଶାରେ ନବୀନଙ୍କ ବିକଳ୍ପ ଏଯାବତ ସୃଷ୍ଟି ହୋଇ ନ ଥିବା ବେଳେ ଜାତୀୟ ରାଜନୀତିରେ ମଧ୍ୟ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ଗୌରବ ଆଣିଛନ୍ତି । ଅନେକ ନୂଆ ପଦକ୍ଷେପ ନେଇ ସେ ଚର୍ଚ୍ଚାକୁ ଆସିଛନ୍ତି ।

ସୂଚନାଯୋଗ୍ୟ, ୧୯୯୬ ଲୋକ ସଭା ନିର୍ବାଚନରେ ସ୍ୱର୍ଗତ ବିଜୁ ପଟ୍ଟନାୟକ ଆସିକା କ୍ଷେତ୍ରରୁ ଜନତା ଦଳରୁ ନିର୍ବାଚିତ ହୋଇଥିଲେ । କଂଗ୍ରେସ ପ୍ରାର୍ଥୀ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମଚନ୍ଦ୍ର ରଥଙ୍କୁ ପରାସ୍ତ କରିଥିଲେ । ୧୯୯୭ ଏପ୍ରିଲ ୧୭ରେ ତାଙ୍କର ପରଲୋକ ହୋଇଥିଲା । ତେଣୁ ସେଠାରେ ହୋଇଥିବା ଉପନିର୍ବାଚନରେ ପୁତ୍ର ନବୀନ ଜନତା ଦଳରୁ ପ୍ରତିଦ୍ୱନ୍ଦ୍ୱିତା କରି କଂଗ୍ରେସ ପ୍ରାର୍ଥୀ ରାମଚନ୍ଦ୍ର ରଥଙ୍କୁ ହରାଇଥିଲେ । ୧୯୯୮ରେ ହୋଇଥିବା ମଧ୍ୟବର୍ତ୍ତିକାଳୀନ ଲୋକ ସଭା ନିର୍ବାଚନରେ ନବୀନ ସେହି ଆସିକା ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିଲେ । କଂଗ୍ରେସ ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁଙ୍କୁ ବିପୁଳ ଭୋଟରେ ପରାସ୍ତ କରି ଏମ୍‌ପି ହେଲେ । ୧୯୯୯ ଲୋକ ସଭା ନିର୍ବାଚନରେ ନବୀନ ଆସିକାରୁ ତୃତୀୟ ଥର ନିର୍ବାଚିତ ହୋଇଥିଲେ । ନବୀନ କେନ୍ଦ୍ରରେ ମଧ୍ୟ ଦୁଇଥର କ୍ୟାବିନେଟ ମନ୍ତ୍ରୀ ପଦ ପାଇଥିଲେ । ବିଜୁବାବୁଙ୍କ ପୁଅ ଭାବେ ସେତେବେଳେ ସେ ଅଟଳ ବିହାରୀ ବାଜପେୟୀ ଓ ଲାଲକୃଷ୍ଣ ଆଡଭାନୀଙ୍କ ସମେତ ଅନ୍ୟ ଜାତୀୟ ନେତାମାନଙ୍କ ଆଦରଣୀୟ ହୋଇଥିଲେ । ତେଣୁ ଭାଜପା ସହ ବିଜେଡିର ଗଠବନ୍ଧନ କରାଯାଇଥିଲା । ରାଜ୍ୟରେ ମେଣ୍ଟ ରାଜନୀତି ଆରମ୍ଭ ହେଲା ।

୨୦୦୦ ବିଧାନସଭା ନିର୍ବାଚନରେ ନବୀନ ହିଞ୍ଜିଳିକୁ ବାଛିଥିଲେ । ଜିତିବାପରେ ମେଣ୍ଟ ସରକାରର ସେ ପ୍ରଥମେ ମୁଖ୍ୟମନ୍ତ୍ରୀ ହୋଇଥିଲେ । ସେଠାରୁ ଲଗାତର ଭାବେ ନିର୍ବାଚିତ ହୋଇ ୫ ଥର ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ହିଞ୍ଜିଳି ଅଞ୍ଚଳରେ ବହୁମୁଖୀ ବିକାଶ କରାଇ ଚେହେରା ବଦଳାଇ ଦେଇଛନ୍ତି । ହିଞ୍ଜିଳି ସମେତ ସମଗ୍ର ଗଞ୍ଜାମ ଜିଲାବାସୀଙ୍କ ଗଭୀର ଆସ୍ଥାଭାଜନ ହୋଇଛନ୍ତି । ପଞ୍ଚାୟତଠାରୁ ସବୁ ନିର୍ବାଚନରେ ଏହି ଜିଲାରେ ବିଜେଡିର ବିଜୟବାନା ଉଡୁଛି । ବିରୋଧୀ ଦଳକୁ ସେ ପଛରେ ପକାଇ ଦେଇଥିବାରୁ ବିଜେଡି ମାଡ଼ି ଚାଲିଛି । ତେଣୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା କ୍ରମଶଃ ବଢ଼ି ଚାଲିଛି । ଆଗାମୀ ଦିନରେ ମଧ୍ୟ ଏହି ରାଜନୈତିକ ସ୍ଥିତି ଅପରିବର୍ତ୍ତିତ ରହିବ ବୋଲି ବିଭିନ୍ନ ମହଲରେ ଆଲୋଚନା ଚାଲିଛି ।























## ପୂର୍ବ ତଟ ରେଳପଥ

(1) ଟେଣ୍ଡର ବିଜ୍ଞପ୍ତି ସଂ.20-KUR-TRD-0T-2022-23

**କାର୍ଯ୍ୟର ନାମ:** 24 ଘଣ୍ଟିଆ ଉପଲବ୍ଧତା ସହିତ ଦୁଇ ବର୍ଷ ନିମନ୍ତେ ତାଳଚେର ଠାରେ OHE ଡିପୋ ନିମନ୍ତେ ତାଳଚେର ସାଇଡ଼ିଙ୍ଗରେ ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ (Attending Breakdown) ହେବା ଏବଂ OHE ର ରକ୍ଷଣାବେକ୍ଷଣ ନିମନ୍ତେ ରକ୍ଷଣାବେକ୍ଷଣ ଉପକରଣ ଏବଂ ୱାର୍କମ୍ୟାନ୍ ବାସ୍କେଟ୍ (Workman basket) ସହିତ ବୋଝେଇ ହୋଇଥିବା ଟ୍ରକ୍ (11T GVW) ଭଡ଼ା ସୂତ୍ରରେ ନେବା ଏବଂ ପରିଚାଳନା ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 76,66,460/-, EMD (ଟଙ୍କାରେ): 1,53,300/-.

(2)ଟେଣ୍ଡର ବିଜ୍ଞପ୍ତି ସଂ.21-KUR-TRD-0T-2022-23

**କାର୍ଯ୍ୟର ନାମ:** 24 ଘଣ୍ଟିଆ ଉପଲବ୍ଧତା ସହିତ ଦୁଇ ବର୍ଷ ନିମନ୍ତେ ପାରାଦୀପ ଷ୍ଟେସନ ,ରାହାମା ଠାରେ OHE ଡିପୋ ନିମନ୍ତେ ପାରାଦୀପ ସାଇଡ଼ିଙ୍ଗରେ ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ (Attending Breakdown) ହେବା ଏବଂ OHE ର ରକ୍ଷଣାବେକ୍ଷଣ ନିମନ୍ତେ ରକ୍ଷଣାବେକ୍ଷଣ ଉପକରଣ ଏବଂ ୱାର୍କମ୍ୟାନ୍ ବାସ୍କେଟ୍ (Workman basket) ସହିତ ବୋଝେଇ ହୋଇଥିବା ଟ୍ରକ୍ (11T GVW) ଭଡ଼ା ସୂତ୍ରରେ ନେବା ଏବଂ ପରିଚାଳନା ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 73,43,435/-, EMD (ଟଙ୍କାରେ): 1,46,900/-.

ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,900/- (ଉଭୟ ଟେଣ୍ଡର ନିମନ୍ତେ), ଶେଷ ହେବା ଅବଧି: 730 ଦିନ (ଉଭୟ ଟେଣ୍ଡର ନିମନ୍ତେ) ।

ବିଡ୍ ଆରମ୍ଭ ହେବା ତାରିଖ: ତା.03.06.2022 ରିଖ (ଉଭୟ ଟେଣ୍ଡର ନିମନ୍ତେ), **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.17.06.2022 ରିଖ 1300 ଘଣ୍ଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD)/ ଖୋର୍ଦ୍ଧା ରୋଡ୍

PR-150/N/22-23



## ସାର୍ବଜନୀନ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି ।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

ମଡେଲ ନଂ. AL3118
ଗାଡ଼ି ନଂ.- OD14Q8844
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1253666.40

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ । ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ: ତାପସ ମହାନ୍ତି 9861502061/ ଦୁର୍ଗା ସ୍ୱାଇଁ 9692645791**



## ODISHA JOINT ENTRANCE EXAMINATION - 2022 (OJEE - 2022)

### SCHEDULE FOR OJEE - 2022

No. OJEE/246 Date: 01.06.2022

**CORRIGENDUM TO THE OJEE NOTICE NO. 245 DATED 31.05.2022 AND CORRECTED SCHEDULE FOR OJEE - 2022**

No. h-57: In partial correction to the OJEE Schedule, published yesterday in Newspapers vide Notice No. OJEE/245 dated 31.05.2022, the corrected schedule for OJEE - 2022 is as follows:

| Exam Date | Shift - 1 9.00 A.M. - 11.00 A.M. | Shift - 2 12.30 P.M. - 2.30 P.M. | Shift - 3 4.00 P.M. - 6.00 P.M. |
|---|---|---|---|
| 04.07.2022 | LE Tech (Diploma) | LE Tech (Diploma) | LE Tech (Diploma) |
| 05.07.2022 | MCA/ M.Sc. (Comp. Sc.) | MCA/ M.Sc. (Comp. Sc.) | M. Tech (11 Subjects) + M. Arch + M. Plan + M. Pharm + B. CAT (1 Hour) (Cinematography and Sound Recording & Design)) |
| 06.07.2022 | MBA | MBA | (1 Hour Duration) Integrated MBA + LE Pharm + LE Tech (B.Sc.) + B. CAT (Film Editing)) |
| 08.07.2022 | B. Pharm | B. Pharm | --- |

Admit Cards will be available for downloading with effect from 27.06.2022.

Sd./- Chairman, OJEE
OIPR-14020/11/0007/2223



## ଦ.ପୂ. ରେଳପଥ ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୩୭-ଜିଆର୍‌ସି-ସିଇ-ସି-II-୨୧-୨୦୨୨, ତାରିଖ: ୦୧।୦୬।୨୦୨୨। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ଚିଫ୍ ଇଞ୍ଜିନିୟର (ସିଓଏନ୍)/II/ଗାର୍ଡେନ୍ ରିଚ୍, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ କରାଯାଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖ ଦିନ ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଝାରସୁଗୁଡ଼ାଠାରେ **୧୩୫** ବର୍ଷ ପୁରୁଣା ପୋଷ୍ଟ ଅଫିସ୍ ବିଲ୍‌ଡିଂର ପୁନରୁଦ୍ଧାର ଏବଂ ପରିପାର୍ଶ୍ୱର ବିକାଶ କାର୍ଯ୍ୟ ନିର୍ବାହ । **ଆନୁମାନିକ ମୂଲ୍ୟ:** ₹୧.୩୪ କୋଟି । **ବିଡ୍ ଅମାନତ:** ₹୨,୧୬,୯୦୦/- । **ସମାପ୍ତି ଅବଧି:** ୧୮ ମାସ । **ସମାପ୍ତି ତାରିଖ:** ୨୩।୦୬।୨୦୨୨ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । (PR-176)



## Office Of The Chief District Medical & Public Health Officer, Puri

Grand Road, Medical Square,Puri,Pin No-752002
Phone No-06752-222124(O) & 232294(C.S) E Mail-cdspuri@gmail.com

No.E-181: **TENDER CALL NOTICE**

No - 3118 Sub Store Puri Dated-31.05.2022

**FOR SUPPLY OF DRUGS & MEDICAL CONSUMABLES, LABORATORY REAGENTS & KITS & BCL ITEMS FOR PURI DISTRICT.**

| | | |
|---|---|---|
| DATE OF PUBLICATION OF BID DOCUMENT IN WEBSITE | : | Dt. 01.06.2022 from 11:00 AM |
| PRE BID MEETING | : | Dt. 08.06.2022 at 11:00 AM |
| LAST DATE & TIME OF RECEIPT OF BID DOCUMENTS | : | Dt. 22.06.2022 upto 04:30 P.M |
| DATE & TIME OF OPENING OF TENDER (Cover-A) | : | Dt. 23.06.2022 at 11.00 AM |
| Venue | : | D.T.U-I O/O- CDM & PHO,Puri. |

" for detail regarding this tender call notice please visit the website www.puri.nic.in or contact office of the undersigned during the office hour in all working days.

Sd./-Chief District Medical & Public Health Officer, Puri
OIPR-10021/11/0010/2223



## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଢେଙ୍କାନାଳ

**ବିଜ୍ଞପ୍ତି**

No.g-26:

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ଶିଶୁଟି ଢେଙ୍କାନାଳ ଜିଲ୍ଲାର ଗୋବିନ୍ଦପୁରସ୍ଥିତ ଜୀବନଜ୍ୟୋତି ଏମ୍.ଆର.ବିଦ୍ୟାଳୟ (Jibanjyoti M.R. School) ଶିଶୁଯତ୍ନ ଅନୁଷ୍ଠାନରେ ରଖାଯାଇଅଛି । ଉକ୍ତ ଶିଶୁଟିର ଯଦି କେହି ପିତା ମାତା କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ସବ୍ କଲେକ୍ଟର କାର୍ଯ୍ୟାଳୟ, ଢେଙ୍କାନାଳ- ୭୫୯୦୦୧, ଫୋନ୍-୦୬୭୬୨-୨୨୩୨୪୬ କିମ୍ବା ଶିଶୁ ମଙ୍ଗଳ ସମିତି, ବଡପଣ୍ଡା ସାହି, ଦୁର୍ଗା ବଜାର ଢେଙ୍କାନାଳ, ଫୋନ୍- ୦୬୭୬୨-୨୨୫୦୦୨କୁ ଯୋଗାଯୋଗ କରନ୍ତୁ । ଏହି ସମୟ ସୀମାର ପରିସମାପ୍ତି ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଏହି ଶିଶୁଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୧୫ ଅନୁଯାୟୀ ଆବଶ୍ୟକ ଥଇଥାନ ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ।

ନିମ୍ନରେ ଶିଶୁଟିର ବିବରଣୀ ପ୍ରଦାନ କରାଗଲା:-

| କ୍ର.ନଂ. | ଶିଶୁର ନାମ | ପୁଅ/ଝିଅ | ବୟସ / ଜନ୍ମ ତାରିଖ | କେବେ ମିଳିଛି | କେଉଁ ସ୍ଥାନରୁ ଉଦ୍ଧାର | ଫଟୋ |
|---|---|---|---|---|---|---|
| ୧ | ପ୍ରଭାତ୍ (ଆନୁଷ୍ଠାନିକ ନାମ) | ପୁଅ | ୦୫ ବର୍ଷ | ୨୮.୦୩.୨୦୨୨ | ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ଢେଙ୍କାନାଳ |  |

OIPR-33030/11/0001/2223



## OFFICE OF THE PANCHAYAT SAMITI, RAJBORASAMBAR, BARGARH

Ph.: 06683223443

Letter No. 986 Date: 26.05.2022

**INVITATION FOR BIDS (IFB)**

**BID IDENTIFICATION NO. PS 01/2022 DT. 26.05.2022**

No. i-38: On behalf of Panchayat Samiti, Rajborasambar, invites percentage rate bids in Double Cover System for the construction of works as detailed in the table from the Class of Civil contractors registered with Rajborasambar Panchayat Samiti, Rajborasambar. The proof of registration from the appropriate authority shall be enclosed along with the Bid.

| Sl. No. | Name of the Work | Approximate Value of Work (In lakh) (Excluding of GST 12%) | Period of Completion | Class of Contractor | Bid Security | Cost of Document (In Rs.) | Last Date of Receipt of Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Udyamitra Kendra at Dahita | 34 00558 | 240.00 days | C & B | 1% of Estimated Cost | 6000/- | 08.06.2022 |
| 2 | Construction of Udyamitra Kendra at Dahita | 11 64383 | 150.00 days | D & C | 1% of Estimated Cost | 6000/- | 08.06.2022 |
| 3 | Construction of Kalyan Mandap at Buden | 34 02616 | 240.00 days | C & B | 1% of Estimated Cost | 6000/- | 08.06.2022 |
| 4 | Construction of Kalyan Mandap at Dahita | 20 4055 | 240.00 days | C & B | 1% of Estimated Cost | 6000/- | 08.06.2022 |
| 5 | Construction of Kalyan Mandap at Dahigaon | 20 4055 | 240.00 days | C & B | 1% of Estimated Cost | 6000/- | 08.06.2022 |
| 6 | Construction of Stadium at Dahita | 33 38396 | 240.00 days | C & B | 1% of Estimated Cost | 6000/- | 08.06.2022 |
| 7 | Construction of Stadium at Dahita | 13 04243 | 240.00 days | D & C | 1% of EstimatedCost | 6000/- | 08.06.2022 |

1. The bid documents will be available in the Office of the Panchayat Samiti, Rajborasambar from 01.06.2022 to 08.06.2022 at 11.00 A.M. to 5.00 P.M. in the official days.
2. All corrigendum and addendum will be published in the Notice Board of Panchayat Samiti, Rajborasambar.
3. Other details can be seen in the bidding documents.

OIPR-19186/11/0002/2223 Sd./- Block Development Officer, Rajborasambar



## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR

(E-mail: serwbpr2004@yahoo.com, Tel/Fax:0680-2404287)
At: Ambapua, PO-Engineering School, Near Income Tax Office, Berhampur-760011

**NATIONAL COMPETITIVE BIDDING THROUGH e-Procurement**

No.O-380: **Bid Identification No. Online Tender/15-2022-23/BPR**

| Identification No. | Name of Work | No.of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ 15-2022-23/BPR | Bridge Works (BSY) | 02 Nos. | From Rs.639.04 Lakhs to Rs.839.89 Lakhs | "Special" & "Super" Class as applicable | 18 (Eighteen) & 24 (Twenty Four) Calendar Months as provided |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W.Circle, Berhampur | Online Tender/ 15-2022-23/ BPR | 04.06.2022 at 10.00 A.M. | 18.06.2022 upto 3.00 P.M. |

(i) No EMD is required as per O.M. No. 8484 Dt.05.04.2022 of Finance Department, Govt. of Odisha. But Bid Security declaration should be furnished by the bidders as mentioned in the DTCN. (ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender. Further details & Corrigendum if any can be seen from the website; - **www.tendersodisha.gov.in.**

Sd./-Chief Construction Engineer, R.W.Circle, Berhampur
OIPR-25071/11/0023/2223

## ସଂକ୍ଷେପରେ

### ବ୍ରାଉନସୁଗାର ସହ ଲକ୍ଷେ ଟଙ୍କା ଜବତ, ମହିଳା ଗିରଫ

ଭୁବନେଶ୍ୱର,୧।୬(ବ୍ୟୁରୋ): ନିଶା କାରବାରରେ ମହିଳା। କିଛି ମାସ ମଧ୍ୟରେ ରାଜଧାନୀରେ ୩ରୁ ଅଧିକ ମହିଳା ଗିରଫ ହୋଇ ଜେଲ ଯାଇଥିବାବେଳେ ବୁଧବାର ଆଉଜଣେ ଧରାପଡିଛନ୍ତି। ସକାଳ ପ୍ରାୟ ୬ଟାରେ ଚନ୍ଦ୍ରଶେଖରପୁର ଥାନା ଆଦର୍ଶ ବସ୍ତି ନିକଟରେ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ସେ ହେଲେ ଉକ୍ତ ବସ୍ତିରେ ରହୁଥିବା ଚନ୍ଦକା ଥାନା ଦାରୁଠେଙ୍ଗ ଗ୍ରାମର ନିତୁ ପଟ୍ଟନାୟକ(୨୨)। ତାଙ୍କଠାରୁ ଏକ ସ୍କୁଟି ସହ ନଗଦ ୧ ଲକ୍ଷ ୨ ହଜାର ୧୦୦ ଟଙ୍କା, ୭ ଗ୍ରାମର ବ୍ରାଉନସୁଗାର ଓ ୨ଟି ମୋବାଇଲ ଫୋନ ଜବତ ଜବତ କରାଯାଇଛି। ଏନେଇ ପୋଲିସ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୧୮୧/୨୨) ରୁଜୁ କରି ଅଭିଯୁକ୍ତ ନିତୁଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ନିତୁଙ୍କ ଶ୍ୱଶୁର କିରନ୍ ପଟ୍ଟନାୟକ ମଦ ବିକ୍ରି ମାମଲା ଓ ସ୍ୱାମୀ ନୀଳ ଚୋରା ସାମଗ୍ରୀ ବିକ୍ରି ମାମଲାରେ ଗିରଫ ହୋଇ ଏକାଧିକଥର ଜେଲ ଯାଇଥିବା ପୋଲିସ କହିଛି।

# ‘ଆରାମଦାୟକ ଜୀବନଶୈଳୀ ବିଶ୍ୱକୁ ଧ୍ୱଂସ ମୁହଁକୁ ଠେଲିଦେଉଛି’

- ୨ଜଣଙ୍କୁ ‘ମଦର ଟେରେସା ସମ୍ମାନ’
- ୩ଜଣଙ୍କୁ ‘ଭାରତ ଶ୍ରୀଗୌରବ ସମ୍ମାନ’

ଭୁବନେଶ୍ୱର, ୧।୬(ବ୍ୟୁରୋ)

ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ଏକ ବିରାଟ ଆହ୍ୱାନ ହୋଇଛି। ବିଜ୍ଞାନ ଯେତିକ ବିକଶିତ ହେଉଛି ପରିବେଶ ସେତିକି ବିଷାକ୍ତ ହେବାରେ ଲାଗିଛି। ମାନବ ସଭ୍ୟତାର ଆରାମଦାୟକ ପରିବର୍ତ୍ତିତ ଜୀବନଶୈଳୀ ବିଶ୍ୱକୁ ଧ୍ୱଂସ ମୁହଁକୁ ଠେଲି ଦେଉଛି। ବୁଧବାର ସୂଚନା ଭବନଠାରେ ୱାର୍ଲ୍ଡ ହ୍ୟୁମାନ ରାଇଟ୍ସ ପ୍ରୋଟେକ୍ସନ ଅର୍ଗାନାଇଜେଶନ (ଡବ୍ଲ୍ୟୁଏଚ୍‌ଆର୍‌ପିଓ) ପକ୍ଷରୁ ଆୟୋଜିତ ‘ଜଳବାୟୁ ପରିବର୍ତ୍ତନ ଓ ମାନବାଧିକାର’ ଶୀର୍ଷକ ଅନ୍ତର୍ଜାତୀୟ କର୍ମଶାଳାରେ ଏହି ମତ ପ୍ରକାଶ ପାଇଛି।

ଡବ୍ଲ୍ୟୁଏଚ୍‌ଆର୍‌ପିଓ ରାଷ୍ଟ୍ରୀୟ ସଭାପତି ଡ. ଅଭିନ୍ନ ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ଲୋବାଲ ଆଲିଆନ୍ସ ଫର୍ କ୍ଲାଇମେଟ୍ ଆକ୍ସନର ଉପାଧ୍ୟକ୍ଷ ଖ୍ରୀଷ୍ଟିଆନ ବସମ୍ୟାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ବିଜ୍ଞାନ ଓ କାରିଗରି କୌଶଳ ଦୁନିଆକୁ ନୂଆ ଦିଶା ଦେଇଛି, କିନ୍ତୁ ଏହାର ପରବର୍ତ୍ତୀ ପ୍ରତିକ୍ରିୟା ସ୍ୱରୂପ ନିରନ୍ତର ଭାବେ ପ୍ରକୃତିକୁ ବିଲୁପ୍ତ କରି ଚାଲିଛି। ମୁଖ୍ୟ ବକ୍ତାଭାବେ ତିବ୍ବତ ପାର୍ଲାମେଣ୍ଟର ପୂର୍ବତନ ବାଚସ୍ପତି ଆଚାର୍ଯ୍ୟ ୟସି ଫ୍ରାନ୍ସୁକ କହିଲେ, ଏବେଠୁ ସଚେତନ ନ ହେଲେ ଆମର ଭବିଷ୍ୟତ ପିଢ଼ି ଶକ୍ତିହୀନ ହୋଇ ପଡିବେ। ପରିବେଶକୁ ନଷ୍ଟ କରୁଥିବା ବ୍ୟକ୍ତି ରାଷ୍ଟ୍ରଦ୍ରୋହୀ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ଭାରତରେ ଅବସ୍ଥାପିତ ସାଉଥ ଆଫ୍ରିକା ରାଷ୍ଟ୍ରଦୂତଙ୍କ ଅର୍ଥନୈତିକ ପରାମର୍ଶଦାତା ଶରତ ପ୍ରଧାନ, ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ନାଲ୍‌କୋ ନିର୍ଦ୍ଦେଶକ (ମାନବ ସମ୍ବଳ) ରାଧାଶ୍ୟାମ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡା. ଅୟସ କାନ୍ତ ମହାନ୍ତି, ଡା. ବିଷ୍ଣୁ ମୋହନ ମହାନ୍ତିଙ୍କୁ ‘ମଦର ଟେରେସା ସମ୍ମାନ’ ଓ ପଦ୍ମଶ୍ରୀ କ୍ରିଷ୍ଣାମୋହନ ପାଢ଼ୀ, ପ୍ରଫେସର ତନ୍ମୟ ମହାନ୍ତି ଓ କିମ୍ସ ମେଡିକାଲର ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ଡା. କମଳକାନ୍ତ କରଙ୍କୁ ‘ଭାରତ ଶ୍ରୀଗୌରବ ସମ୍ମାନ’ ପ୍ରଦାନ କରାଯାଇଥିଲା।

# ‘ଗ୍ରୀନ୍ ଓଡ଼ିଶା’ ଜରିଆରେ ଲଗାଯିବ ୫ ଲକ୍ଷ ଚାରା

ଭୁବନେଶ୍ୱର,୧।୬(ବ୍ୟୁରୋ)



ଗ୍ରୀନ୍ ଓଡ଼ିଶା କାର୍ଯ୍ୟକ୍ରମର ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା ଅତିଥିମାନେ।

ଓଡ଼ିଶା ରାଜ୍ୟ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ପକ୍ଷରୁ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ‘ଗ୍ରୀନ୍ ଓଡ଼ିଶା’ କାର୍ଯ୍ୟକ୍ରମ ବୁଧବାର ଆରମ୍ଭ ହୋଇଛି। ସଦସ୍ୟ ଲୋକାୟୁକ୍ତ ଡ. ଦେବବ୍ରତ ସ୍ୱାଇଁ ଓ ବନ ସଂରକ୍ଷକ ସତ୍ୟନାରାୟଣ ବେଉରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ସଙ୍ଗଠନ ଦ୍ୱାରା ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅତିଥିମାନଙ୍କୁ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡ. କାଳିପ୍ରସାଦ ମିଶ୍ର ଅବଗତ କରାଇଥିଲେ। ଶିବିରରୁ ଶିକ୍ଷାଲାଭ କରିଥିବା କୌଶଳ ଓ ପ୍ରଣାଳୀ ଜରିଆରେ ନିଜ ଅଞ୍ଚଳରେ ଗଛ ଲଗାଇଲେ ଶିବିରର ସାର୍ଥକତା ରହିବ ବୋଲି ଅତିଥିମାନେ ମତ ଦେଇଥିଲେ। ଗ୍ରୀନ୍ ଓଡ଼ିଶା ଜରିଆରେ ଜୁଲାଇ ଶେଷ ସୁଦ୍ଧା ଓଡ଼ିଶାରେ ୫ଲକ୍ଷ ଚାରା ଲଗାଯିବାର ଲକ୍ଷ୍ୟ ରଖାଯାଇଛି। ରାଜ୍ୟ ତାଲିମ କମିଶନର ସୁଶ୍ରୀ ପ୍ରିୟଦର୍ଶିନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

---

**GOVERNMENT OF ODISHA** No. B-241

## e-Procurement Notice, Angul (R&B) Division

**Bid Identification No. 04 of 2022-23**

**e-mail ID: angulrbdivision@yahoo.co.in**

| | | |
|---|---|---|
| 1. Number of Works | : | 05 (Five) number of Building works 01 (One) number of Road work |
| 2. Approximate estimated cost | : | Varies from Rs.13.00 lakh to 99.00 lakhs |
| 3. Period of Completion | : | Varies from 02 (Two) to 06 (Six) Calendar months |
| 4. Date & time of availability of bid document in the portal | : | Dt.02.06.2022 at 10.00 A.M. |
| 5. Last date/time for receipt of bid in the portal | : | Dt.17.06.2022 upto 5.00 P.M. |
| 6. Date of Opening Bid | : | Dt.18.06.2022 at 11.00 A.M. |
| 7. Name and address of the Office Inviting Bid | : | Superintending Engineer, Angul (R&B) Division, Angul |

8. The bidders have to participate in ONLINE bidding only.
Further details can be seen from the e-procurement portal **https://tendersodisha.gov.in**.

**Sd./- Superintending Engineer**
**Angul (R&B) Division**
OIPR-34074/11/0002/2223

---

**GOVERNMENT OF ODISHA**

## OFFICE OF THE EXECUTIVE ENGINEER MINOR IRRIGATION DIVISION, BALANGIR

**AT/P.O.: BALANGIR, DIST.: BALANGIR**
**E-Mail: mid_balangir@yahoo.co.in**

**No. 1708** **Date: 01.06.2022**

**1st CORRIGENDUM to e-PROCUREMENT NOTICE**
**IDENTIFICATION No. EEMID BGR - 02/2022-23**

No. A-285: The work at Sl. No. 4 of e-procurement notice vide Identification No. EEMID BGR-02/2022-23 i.e. Improvement Mursingh M.I.P. in Deogaon Block of Balangir district under RR&R for the year 2022-23 is hereby cancelled due to technical reasons.

**Executive Engineer**
**Minor Irrigation Division, Balangir**
OIPR-32063/11/0003/2223

---

## ତହସିଲ କାର୍ଯ୍ୟାଳୟ, କାଳିମେଳା, ଜିଲ୍ଲା–ମାଲକାନଗିରି

ବିଜ୍ଞପ୍ତି ସଂଖ୍ୟା...../୨୦୨୨ (ସୈରାତ) ତାରିଖ–୨୦.୦୫.୨୦୨୨

**ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

No.F-62:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ କାଳିମେଳା ତହସିଲ ଅନ୍ତର୍ଗତ ନିମ୍ନପ୍ରଦତ୍ତ ଲଘୁଖଣିଜ ସୈରାତ ଉତ୍ସଗୁଡିକର ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ–୨୦୧୬, ସଂଶୋଧନ ଆଇନ–୨୦୧୮ ଓ ଏହାର ସଂଶୋଧନ ଆଇନ–୨୦୧୮ ମୁତାବକ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules-2016 ର ଫର୍ମ-M (Form-M) ପୂରଣ କରି ଏହାର ତିନି କପି ସହ ଆବଶ୍ୟକୀୟ କାଗଜାତର ନକଲ ସଂଲଗ୍ନ ପୂର୍ବକ ଠିକ୍ ଭାବରେ ବନ୍ଦଥିବା ଲଫାପା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ଶେଷ ତାରିଖ ୦୬.୦୬.୨୦୨୨ ପୂର୍ବାହ୍ନ ଘ.୧୧.୩୦ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଠିକା ପେଟିକା (Tender Box) ରେ ପକାଇପାରିବେ କିମ୍ବା ରେଜିଷ୍ଟ୍ରି ବା କ୍ଷିପ୍ର ଡାକ ମାଧ୍ୟମରେ ପଠାଇପାରିବେ । ଏହି ବିଜ୍ଞାପନର ସମସ୍ତ ବିସ୍ତୃତ ବିବରଣୀ ମାଲକାନଗିରି ଜିଲ୍ଲା ୱେବସାଇଟ୍ www.malkangiri.nic.in ରେ ଦେଖିପାରିବେ । ଯଦି ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

| | |
|---|---|
| 1. ଆରଣାମାଳା ପଥର ଖାଦାନ | 4.ଅନନ୍ତପଲ୍ଲି ମୋରମ ଖାଦାନ |
| 2. ତାମନପାଲି–୧ ବାଲି ଖାଦାନ | 5.ଆମ୍ବାଗୁଡା ମୋରମ ଖାଦାନ |
| 3. ପାତକୁଣ୍ଡା ପଥର ଖାଦାନ –୨ | 6. ଟିଗଲ ମୋରମ ଖାଦାନ |

ସ୍ୱା./–ତହସିଲଦାର, କାଳିମେଳା
OIPR-24289/11/0002/2223

---

## ଭୁବନେଶ୍ୱର ମହାନଗର ନିଗମ

Phone:0674-2431253,Fax:0674-2432895,
E-mail:info@bmc.gov.in., Web:bmc.gov.in
ସଂଖ୍ୟା ୨୭୨୯୭, ତାରିଖ ୦୧.୦୬.୨୦୨୨

**ନୋଟିସ**

**ୟୁନିଫର୍ମ ପ୍ରସ୍ତୁତି ନିମନ୍ତେ କପଡ଼ା କିଣିବା ଏବଂ ଏହାକୁ ସିଲାଇ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ଚୟନ ନିମନ୍ତେ ପ୍ରସ୍ତାବ ଆହ୍ୱାନ ପାଇଁ ବିଜ୍ଞପ୍ତି ଜାରି**

**No.C-412:**ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ଥିବା ସମ୍ବଳ କେନ୍ଦ୍ରଗୁଡିକରେ କାର୍ଯ୍ୟରତ ସ୍ୱଚ୍ଛକର୍ମୀଙ୍କ ନିମନ୍ତେ ୟୁନିଫର୍ମ କପଡ଼ା କିଣିବା ଏବଂ ଏହାକୁ ସିଲାଇ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ ଏଚ୍ ଜି)ଙ୍କଠାରୁ ପ୍ରସ୍ତାବପତ୍ର ଆହ୍ୱାନ କରାଯାଉଅଛି । ଏହି ପ୍ରସ୍ତାବପତ୍ର ଟେଣ୍ଡର ଦସ୍ତାବିଜ୍ ଅନୁସାରେ ପ୍ରସ୍ତୁତ ହୋଇ ମୁଦଦିଆ ଲଫାପାରେ ଦିଆଯିବ ଆବଶ୍ୟକ । ଇଚ୍ଛୁକ ଥିବା ଉଭୟ ବିଏମ୍‌ସି ନିବନ୍ଧିତ ଏବଂ ମିଶନ ଶକ୍ତି ତାଲିକାଭୁକ୍ତ ଏସ୍ ଏଚ୍ ଜିମାନେ ଯେଉଁମାନେ କି ଟେଲରିଂ ବା ଦରଜି କାର୍ଯ୍ୟ ଇତ୍ୟାଦି ପାଇଁ ଟେଣ୍ଡର ଦସ୍ତାବିଜ୍ ଅନୁସାରେ ଯୋଗ୍ୟତା ମାନଦଣ୍ଡଗୁଡ଼ିକୁ ପୂରଣ କରୁଥିବେ ସେହି ଏସ୍ ଏଚ୍ ଜିମାନେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ନିୟମ ଅନୁସାରେ ଧାର୍ଯ୍ୟ ସମୟ ଓ ତାରିଖ ମଧ୍ୟରେ ନିଜର ପ୍ରସ୍ତାବ ସିଧାସଳଖ କିମ୍ବା ଡାକ ମାଧ୍ୟମରେ ଦେଇପାରିବେ । ପ୍ରସ୍ତାବପତ୍ର ଦେବା ପାଇଁ ବିଏମ୍‌ସି ୱେବ୍‌ସାଇଟ www.bmc.gov.in କୁ ଯାଇ ଟେଣ୍ଡର ଦସ୍ତାବିଜ୍ ଦେଖି ସେଥିରୁ ପୁଙ୍ଖାନୁପୁଙ୍ଖ ସୂଚନା ଜାଣନ୍ତୁ । ଏହି ଦସ୍ତାବିଜ୍ ତା.୦୨.୦୬.୨୦୨୨ ରିଖଠାରୁ ପ୍ରସ୍ତାବ ଦାଖଲ କରିବାର ଶେଷ ତାରିଖ ତା.୦୮.୦୬.୨୦୨୨ ରିଖ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ବିଏମ୍‌ସି ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ।

ଆୟୁକ୍ତ, ବି.ଏମ୍.ସି.ଙ୍କ ଆଦେଶକ୍ରମେ
ସ୍ୱା./–ଉପ ଆୟୁକ୍ତ (ପରିମଳ), ଭୁବନେଶ୍ୱର ମହାନଗର ନିଗମ
OIPR-13002/11/0044/2223

---

## BHUBANESWAR MUNICIPAL CORPORATION

**SHORT QUOTATION CALL NOTICE**

**No. 27302/BMC** **Dated: 01.06.2022**

No. C-413: On behalf of the Commissioner, Bhubaneswar Municipal Corporation (BMC), sealed quotations are invited from authorized shoes manufacturers/distributors/dealers for **“procurement of shoes for Swachha Karmis engaged in Material Recovery Facility Centres (MRFs)”**.

The bidder shall submit the application along with the financial proposal on or before 08.06.2022 till 5.00 P.M. by Hand/Post/Courier. For further details regarding the short quotation call notice, the intending bidders may visit the BMC website **https://www.bmc.gov.in** for view or download information.

For any queries, please contact D.C. (Sanitation), BMC.

**By Order of Commissioner, BMC**
**Sd./- Dy. Commissioner (Sanitation)**
**Bhubaneswar Municipal Corporation**
OIPR-13002/11/0045/2223

---

**GOVERNMENT OF ODISHA**

## OFFICE OF THE SUPERINTENDING ENGINEER SAMBALPUR (R&B) DIVISION NO. II, SAMBALPUR

**E-mail - eesbprnbdivision2@gmail.com**
**Phone -0663-2410104**
**BID IDENTIFICATION No. SE / R and B / SBP II / 08 (online)/2022-23**

**E-Procurement Notice**

**No.1845** **/Dated.27.05.2022**

**No.B-244:**The Superintending Engineer, Sambalpur (R&B) Division No.II, Sambalpur on behalf of Governor of Odisha, invites Percentage Rate bids in Single cover System in ONLINE MODE.

| | | | |
|---|---|---|---|
| 1. | No. of work | :- | 1 (One) No of Building work |
| 2. | Tender Cost | :- | Rs. 6000/- |
| 3. | Class of Contractor | :- | “B” & “A” class Contractors |
| 4. | Availability of bid document in the website. | :- | 18:00 Hours of 04.06.2022 to 17:00 Hours of 16.06.2022 |
| 5. | Date of Opening of Tenders | :- | 11:30 Hours on dt.17.06.2022 |

6. The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/cancellation of tender will be displayed in the website said only.

**Sd/- Superintending Engineer**
**Sambalpur (R&B) Division No.II**
OIPR-34136/11/0010/2223

---

## COLLECTORATE, KORAPUT (NIZARAT SECTION)

**No. 260/II-61/22** **Dated- 12.05.2022**

**NOTICE FOR AUCTION SALE OF GOVT. VEHICLE (AMBASSADOR CAR)**

**No. F-60:-** Sealed tenders in plain paper are invited from the intending purchasers in Auction Sale of Govt. vehicle bearing Registration No-OR10-D-0001 (Ambassador Car) of Collector, Koraput by the undersigned on 22.06.22 at 04 PM in the office Chamber of the Collector, Koraput. The upset price of the condemned vehicle is fixed to Rs.32000/- (Rupees Thirty two thousand) only. The vehicle can be inspected during office hours on any working day from 10 A.M. to 5 P.M. in the garage of Collectorate, Koraput. Intending tenderers are required to enclose a demand draft/bankers cheque of Rs.3200/- (Rupees Three thousand two hundred) only in favour of Nizarat Officer Collectorate, Koraput payable at SBI, Koraput as earnest money failing which the tender will not be considered. The earnest money shall be refunded to the unsuccessful tenderers after finalization of the tender. The sealed Tender covers containing the Tender Paper with “Tender Paper for purchase of vehicle (condemned)” written in the top of the cover shall be received by 2 P.M. in the Nizarat Section at Collectorate, Koraput on or before 22.06.2022 and shall be opened on the same day at 4 PM in presence of the tenderers or their authorized representative in the office chamber of Collector, Koraput. The highest tenderer whose tender would be accepted shall deposit 25% of the offered amount immediately after the sale is confirmed and balance amount within 07 days (seven days) from the date of acceptance of the tender failing which the deposited amount along with the earnest money shall be forfeited.

The undersigned reserves the right to reject any or the entire tender papers without assigning any reason thereof.

**Sd./- District Magistrate & Collector, Koraput**
OIPR-24057/11/0008/2223

---

## ମାର୍କଫେଡ ଓଡ଼ିଶା

# ବଳକା ଅଣଧାନ ଶସ୍ୟର ବିକ୍ରୟ ନିମନ୍ତେ ସୂଚନା

**No.CAD-674** **ମୁଗ, ବିରି, ସୂର୍ଯ୍ୟମୁଖୀ ଏବଂ ଚିନାବାଦାମ**

➢ ଏତଦ୍ୱାରା ଓଡ଼ିଶାର ସମସ୍ତ ଚାଷୀଭାଇମାନଙ୍କ ଅବଗତି ନିମନ୍ତେ ସୂଚନା ଦିଆଯାଉଅଛି ଯେ, ୨୦୨୧–୨୨ ରବି ଋତୁରେ ଅମଳ କରାଯାଇଥିବା ଅଣଧାନ ଶସ୍ୟ ଯଥା ମୁଗ, ବିରି, ସୂର୍ଯ୍ୟମୁଖୀ ଓ ଚିନାବାଦାମର ଅଭାବି ବିକ୍ରିକୁ ରୋକିବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ମାର୍କଫେଡ ମାଧ୍ୟମରେ ନିକଟସ୍ଥ ସ୍ଥିରୀକୃତ ସମବାୟ ସମିତି (PACS/LAMPCS/FPOs) ଦ୍ୱାରା ସରକାର ନିମ୍ନୋକ୍ତ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀଙ୍କ ନିକଟରୁ ଉପଯୁକ୍ତ ମାନ ବହନ କରୁଥିବା ଶସ୍ୟକ୍ରୟ କରାଯିବା ନିମନ୍ତେ ବ୍ୟବସ୍ଥା କରାଯାଇଛି ।

| | | |
|---|---|---|
| ଉପଯୁକ୍ତ ମାନ ବହନ କରୁଥିବା ଶସ୍ୟର କ୍ୱିଣ୍ଟାଲ ପ୍ରତି ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ (ଟଙ୍କାରେ) | ମୁଗ | ୭୨୭୫/– |
| | ବିରି | ୬୩୦୦/– |
| | ସୂର୍ଯ୍ୟମୁଖୀ | ୬୦୧୫/– |
| | ଚିନାବାଦାମ | ୫୫୫୦/– |

➢ ଯେଉଁ ଚାଷୀଭାଇମାନଙ୍କ ନିକଟରେ ଉପରୋକ୍ତ ଶସ୍ୟ ବଳକା ରହିଅଛି ସେମାନେ ନିକଟସ୍ଥ କୃଷି କର୍ମଚାରୀଙ୍କ ସହ ଯୋଗାଯୋଗ କରି ସେମାନଙ୍କ ଜମିର ଦସ୍ତାବିଜ, ଫଟୋ ପରିଚୟ ପତ୍ର ଓ ବ୍ୟାଙ୍କ ଖାତାର ନକଲ ଦାଖଲ କରି ନିଜ ନାମ ନିକଟସ୍ଥ ସେବା ସମବାୟ ସମିତି ଓ କୃଷକ ଉତ୍ପାଦକ ସଂସ୍ଥାରେ ପଞ୍ଜୀକୃତ କରିପାରିବେ ଏବଂ ସ୍ୱୟଂ ପଞ୍ଜୀକରଣ ଇ–ସମୃଦ୍ଧି ମୋବାଇଲ୍ ଆପ୍ ମାଧ୍ୟମରେ ଏହି ସୁବିଧାର ଲାଭ ନିଅନ୍ତୁ ।

➢ ଆବଶ୍ୟକ ସ୍ଥଳେ ସବିଶେଷ ବିବରଣୀ ଯଥା ବିକ୍ରୟ ହେବାକୁ ଥିବା ଅଣଧାନ ଶସ୍ୟର କ୍ରୟ ତାରିଖ, ବିକ୍ରୟ ସ୍ଥାନ ସମ୍ବନ୍ଧରେ ସମ୍ପୃକ୍ତ ସମବାୟ ସମିତି ସମୂହର ଉପ ନିବନ୍ଧକ/ସହ ନିବନ୍ଧକ/ମାର୍କଫେଡ କ୍ଷେତ୍ର ପରିଚାଳକ ଓ କୃଷି ବିଭାଗ କର୍ମଚାରୀଙ୍କ ସହ ଯୋଗାଯୋଗ ପାଇଁ ଅନୁରୋଧ କିମ୍ବା କଲ୍ ସେଣ୍ଟର ଟେଲିଫୋନ ନମ୍ବର ୦୬୭୪–୨୩୧୩୮୩୬ ରେ ଯୋଗାଯୋଗ କରିପାରିବେ ।

### ମୂଲ୍ୟ ସହାୟକ ଯୋଜନାରେ ମୁଗ, ବିରି, ସୂର୍ଯ୍ୟମୁଖୀ ମଞ୍ଜି ଓ ଚିନାବାଦାମ ସଂଗ୍ରହ ନିମନ୍ତେ ଅନୁମୋଦିତ ମାନ

| କ୍ର. ନଂ. | ବାହ୍ୟ ପଦାର୍ଥ | ସମୂଚିତ ହାରାହାରି ମାନ ସ୍ତରରେ ବାହ୍ୟ ପଦାର୍ଥର ସର୍ବାଧିକ ସହଣୀର ପରିମାଣ (%) | | |
|---|---|---|---|---|
| | | ମୁଗ ଓ ବିରି | ସୂର୍ଯ୍ୟମୁଖୀ ମଞ୍ଜି | ଚିନାବାଦାମ |
| ୧ | ବାହ୍ୟବସ୍ତୁ (ମାଟି, ଗୋଡି, ବାଲି,କାଠି, କୁଟା ଇତ୍ୟାଦି) | ୨ % | ୨ % | ୨ % |
| ୨ | ମିଶ୍ରଣ (Admixture) | ୩ % | – | – |
| ୩ | ଖରାପ ଥିବା ଚିନାବାଦାମ | – | – | ୨ % |
| ୪ | ଭଙ୍ଗା ହୋଇଥିବା ମଞ୍ଜି | – | ୩ % | – |
| ୫ | ନଷ୍ଟ ଓ ପୋକ ଖିଆ (Damaged Pulses & Oilseeds) | ୩ % | ୪ % | – |
| ୬ | ସାମାନ୍ୟ ନଷ୍ଟ ଡାଲି (Slightly Damaged Pulses) | ୪ % | – | – |
| ୭ | ଅପରିପକ୍ୱ ଶଙ୍କୁଚିତ (Immature Shrivelled) | ୩ % | ୫ % | ୪ % |
| ୮ | ଅନ୍ୟ କିସମର ଚିନାବାଦାମ | – | – | ୪ % |
| ୯ | ଅସୁଲ ଚିନାବାଦାମ ମଞ୍ଜିର ପରିମାଣ | – | – | ୬୫% – ୭୦% |
| ୧୦ | ପୋକଖିଆ (Weevilled Pulses/Oilseeds) | ୪ % | – | – |
| ୧୧ | ଆର୍ଦ୍ରତା (Moisture) / ଜଳୀୟଅଂଶ | ୧୨ % | ୯ % | ୮ % |

Sd./- Managing Director
**OIPR-39007/11/0007/2223**

---

## OFFICE OF THE DIVISIONAL FOREST OFFICER, KALAHANDI SOUTH DIVISION

**At/P.O.: Parmanandpur, Bhawanipatna, Ward No. 4, Rly. Station Road, Dist.- Kalahandi, Odisha, PIN - 766002**
**Phone & Tele Fax No. 06670-230268 (O)**
**(e-Mail ID: dfo.kalahandisouth@odisha.gov.in)**

**SHORT TENDER CALL NOTICE**

**Short Tender Call Notice No. 01/DFOKLDS/1F-Acct. Sec/ Date: 25.05.2022**

No. MM-42: Sealed Tenders are invited from Individuals/Organization/Firms etc. for supply of Vermi Compost, Urea, Bio-NPK, Granular Chemical Insecticides (Chloropyriphos), Agro Net Shed Gabion, Bio-Insecticide (Neem Cake), NPK (Chemical Granular) during 2022-23 under various schemes for use in different Plantation Site of Kalahandi South Division.

The tender document can be downloaded from concerned website **www.kalahandi.nic.in** and shall be submitted and put into Tender Box kept in the office of the undersigned or By Post. The tender paper should accompany all required documents, GSTIN No. & GST Clearance Certificate, Manufacturing Licence, Marketing Licence and it must be submitted/put inot the tender box kept in the office of the undersigned or by post latest by 01.00 P.M. on 10.06.2022. A Demand Draft drawn in favour of Divisional Forest Officer, Kalahandi South Division for Rs.1,180/- (Rupees one thousand one hundred eighty) only towards participation/tender processing fees which is non-refundable amount and should be attached with tender paper, failing which the tender shall not be accepted. **The tender inviting authority reserves the right to accept or reject any or all bids without assigning any reason thereof.**

| Sl. No. | Name of the Component | Date & Time |
|---|---|---|
| 01 | Sale of Tender Document | 31.05.2022 to 10.06.2022 upto 01.00 P.M. |
| 02 | Last date for submission of Sealed Tender Document | 10.06.2022 by 01.00 P.M. |
| 03 | Date & Time of Opening of Tender Paper | 13.06.2022 at 10.00 A.M. |

**Sd./- Divisional Forest Officer**
**Kalahandi South Division**
**OIPR-08122/11/0002/2223**

---

## Bhubaneswar Smart City Limited

**Block-1, 5th Floor, BMC - Bhawani Mall, Saheed Nagar, Bhubaneswar - 751007**
**E-mail Id: bbsr.bscl@gov.in, CIN: U74990OR2016PLC020016**
**Telephone: 0674-2548428, Fax: 0674-2540811**

**No. 1121/BSCL** **Date: 01.06.2022**

**“RFP for selection of consultants for preparation of detailed project report & supervision during construction for various Infrastructure projects & Development and Implementation of nature-based water Treatment solutions along with its operation and maintenance for 3 years in the lake Zones I and II of the Natural Drainage Channel No. 10, Bhubaneswar under ongoing CITIIS Programme”**

No. C-411: M/s. Bhubaneswar Smart City Limited (BSCL), Bhubaneswar invites sealed proposals from registered and experienced agencies for suitable consultancy services for development of various infrastrcutre projects along with its supervision during construction and operation and maintenance post implementation under the CITIIS Programme of Bhubaneswar Smart City Limited. The details of Terms of Reference (ToR) can be downloaded from the website of BSCL i.e. **www.smartcitybhubaneswar.gov.in**. Interested agencies may submit their proposal in a sealed cover super-scribing as **RFP for selection of consultants for preparation of detailed project report & supervision during construction for various Infrastructure projects & Development and Implementation of nature-based water Treatment solutions along with its operation and maintenance for 3 years in the lake Zones I and II of the Natural Drainage Channel No. 10, Bhubaneswar under ongoing CITIIS Programme”** with Advertisement Number and Date to the General Manager (Admin), Bhubaneswar Smart City Limited, 5th Floor, Block - 1, BMC Bhawani Mall, Saheed Nagar, Bhubaneswar - 751007 through Speed Post/Registered Post/Courier services only, which should reach on or before **3.00 P.M. on 20.06.2022** positively and the same will be opened at **3.30 P.M.** on the same day. Proposal received after the due date and time shall be rejected. The undersigned reserves the right to reject any or all the tender without assigning any reason thereof.

**By order of MD & CEO, BSCL**
**Sd./- General Manager (Administration)**
**Bhubaneswar Smart City Limited**
**OIPR-13070/11/0003/2223**

---

## Directorate of Sch. Castes & Sch. Tribes Research & Training Institute (SCSTRTI),

**CRPF Square, Bhubaneswar, 751003**
**(Telephone No. 0674-2561635 Email ID: scstrti@yahoo.co.in)**

**No.1990/SCSTRTI** **Date: 01.06.2022**

**Tender Call Notice**

**No. V-26:-** Sealed Tenders are invited under the two- bid system from reputed & experienced registered Facility Management Service (FMS) providers to provide Comprehensive Facility Management Service (CFMS) at SCSTRTI Campus, CRPF Square, Bhubaneswar, PIN- 751003 for a period of 3 years subject to satisfactory performance and mutual consent. The FMS providers shall submit their duly completed proposals along with requisite documents as per the Formats and terms & condition of the Tender Documents on or before 02.07.2022, 5.30 pm by Registered Post/ Speed Post/ Courier. The Tender Documents can be downloaded from Website www.scstrti.in & www.stscodisha.gov.in

Any Addendum / Corrigendum / Cancellation Notice of RFP can also be seen in the Website www.scstrti.in & www.stscodisha.gov.in

Interested Firms those having experience in the work can submit their bids for this proposal.

The undersigned reserves the right to accept or reject any or all RFPs without assigning any reson thereof.

**Sd./- Advisor-cum-Director & Spl. Secretary, SCSTRTI**
OIPR-26026/11/0004/2223

---

See Career Appointment on every Wednesday & Saturday

# ଅନୁତାପ କରୁଛନ୍ତି ଦିଶା

କଥାରେ ପରା ଅଛି- 'ବୋହି ଗଲା ପାଣି ଆଉ ଧନୁରୁ ତୀର ଖସିଲା ପରେ ତାହା ଆଉ ଫେରିଆସେନା।' ଦେଖୁନାହାନ୍ତି, ନୂଆ ଅଫର ପାଇବା ପରେ ସେଥିରେ ଅଭିନୟ କରିବେ ନାହିଁ ବୋଲି ଦିଶା ପଟାନି କହିଥିଲେ। ହେଲେ କିଛି ଦିନ ପରେ ନିଜର ନୂଆ ନିଷ୍ପତ୍ତି ବିଷୟରେ ଯେତେ ବେଳେ ପ୍ରଯୋଜନା ସଂସ୍ଥା ସହ ଯୋଗାଯୋଗ କଲେ, ସେତେ ବେଳେ ସବୁକିଛି ଓଲଟ ପାଲଟ ହୋଇ ଯାଇଥିଲା। ଅଫରଟି ହାତଛଡ଼ା କରିବା ପରେ ଏବେ ତାଙ୍କ ସ୍ଥାନରେ ସୋନାକ୍ଷୀ ସିହ୍ନାଙ୍କୁ ସାଇନ୍ କରାଯିବାର ଯୋଜନା ରହିଛି। ଏ ନେଇ ଦିଶା କହନ୍ତି, 'ଏହି ଅଫରଟି ମିଳିବା ସମୟରେ ମୁଁ ସେଥିରେ ଆକ୍ଟିଂ କରିବି ନାହିଁ ବୋଲି ମନା କରିଦେଇଥିଲି। ହେଲେ ପରେ ଯେତେବେଳେ ସେ ନେଇ ଗଭୀର ଭାବେ ଚିନ୍ତା କଲି ଏବଂ ପ୍ରଯୋଜନା ସଂସ୍ଥାକୁ ମୋ ପକ୍ଷରୁ ନିଷ୍ପତ୍ତି ପରିବର୍ତ୍ତନ ନେଇ ଜଣାଇଲି, ସେତେବେଳକୁ ସବୁକିଛି ଶେଷ ହୋଇ ଯାଇଥିଲା। ମୁଁ ଅଫରଟିକୁ ହାତଛଡ଼ା କରିବା ପରେ ସେମାନେ ସୋନାକ୍ଷୀଙ୍କୁ ସାଇନ୍ କରାଇ ସାରିଥିଲେ। ସେଭଳି ଅଫର ହାତଛଡ଼ା କରିବା ପରେ ଅନୁତାପ ହିଁ କରୁଛି।'


ଦିଶା

# ଚାଲିଛି ଦିନଗଣା

କଥାରେ ଅଛି–ଅପେକ୍ଷାର ଫଳ ମିଠା। ହେଲେ ସେ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିବାର ଅଛି। କଥା କ'ଣ କି କ୍ରିତି ସାନନ ଏବେ ଦିନ ଗଣିବା ଆରମ୍ଭ କରିଦେଇଛନ୍ତି। କାରଣ ଆସନ୍ତା ମାସ ୧୦ରେ ସେ ଏକ ନୂଆ ପ୍ରୋଜେକ୍ଟ ସାଇନ୍ କରିବାକୁ ଯାଉଛନ୍ତି। ତେଣୁ ଏ ନେଇ ତାଙ୍କର ଉତ୍ସୁକତା ଏବେଠାରୁ ବଢ଼ିଗଲାଣି। ଏ ନେଇ କ୍ରିତି କହନ୍ତି, 'ଏହି ଫିଲ୍ମର କାହାଣୀ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ତା'ସହ ଏହାର ଉପସ୍ଥାପନା କିପରି ଠିକ୍ ଭାବରେ ହୋଇପାରିବ, ସେ ନେଇ ନିର୍ଦ୍ଦେଶକ ମାଇଣ୍ଡ ମେକ୍ଅପ କରିସାରିଲେଣି। ତେଣୁ ଏଥିପାଇଁ ମୁଁ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲିଣି। ଏହି ଫିଲ୍ମରେ ମୁଁ କମେଡି କରୁଥିବାର ଦର୍ଶକ ଦେଖିବାକୁ ପାଇବେ। ତେଣୁ ସେ ନେଇ ଏବେଠାରୁ କମେଡି ସିନେମା ଦେଖିବା ଆରମ୍ଭ କରିଛି।' ତେବେ କମେଡି ରୋଲ୍‌ରେ କ୍ରିତି ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।


କ୍ରିତି

ପରଦାରେ

# ଭାବେ ସିନା କହିପାରେନା

ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ଓଡ଼ିଆ ସିନେମା 'ଭାବେ ସିନା କହିପାରେନା' ପରଦା ଉପରକୁ ଆସିଛି। ଦେବୋଲିନା ପ୍ରଡକ୍ସନ ବ୍ୟାନରରେ ନିର୍ମିତ, ପଙ୍କଜ କୁମାର ରାଉତଙ୍କ ପ୍ରଯୋଜିତ ଏବଂ ଅଭିନେତାରୁ ନିର୍ଦ୍ଦେଶକ ସାଜିଥିବା ଅସୀତ ପତିଙ୍କ ନିର୍ଦ୍ଦେଶିତ ଏହି ଚିତ୍ରଟି ଚଳିତ ମାସ ୧ ତାରିଖରେ ୧୫ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ରୋମାଣ୍ଟିକ୍ ପ୍ରେମ କାହାଣୀକୁ ଆଧାର କରି କାହାଣୀ ଗତିଶୀଳ। ଫିଲ୍ମର ମୁଖ୍ୟ ଭୂମିକାରେ ଅଭିଷେକ ରଥ ଅଭିନୟ କରିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ନବାଗତା ଅର୍ଚ୍ଚିତା। ଏମାନଙ୍କ ବ୍ୟତୀତ ଦୁଷ୍ମନ୍ତ ପଣ୍ଡା, ପ୍ରଦ୍ୟୁମ୍ନ ଲେଙ୍କା, ଅସୀତ ପତି, ମନୀଷା ରଥ ଏବଂ ପୁପୁନ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି। ''ମୋର ପ୍ରଥମ ସିନେମା 'ଦେଲେ ଧରା କଥା ସରେ' ପରେ ଏହି ଫିଲ୍ମଟିକୁ ଦର୍ଶକ ଗ୍ରହଣ କରିବେ ବୋଲି ଆଶା ରଖିଛି। ଫିଲ୍ମଟିର ନିର୍ମାଣ ସମୟରେ ସବୁ ଦିଗ ପ୍ରତି ଧ୍ୟାନ ଦିଆଯାଇଛି ବୋଲି କହନ୍ତି ପଙ୍କଜ।''


ଅଭିଷେକ–ଅର୍ଚ୍ଚିତା

# ଅଲ୍‌ରାଉଣ୍ଡର ଓଁକାର

ଥିଏଟର ନାଟକରୁ ଆରମ୍ଭ ହୋଇଥିଲା ଓଁକାରଙ୍କର ଅଭିନୟ କ୍ୟାରିୟର। ତା'ପରେ କେତୋଟି ଆଲବମ୍ ଏବଂ କ୍ଷୁଦ୍ର ଚଳଚ୍ଚିତ୍ରରେ ଆକ୍ଟିଂ କରିଥିଲେ। ଓଡ଼ିଆ ଚଳଚ୍ଚିତ୍ର 'ମନେ ମନେ ମନ ଖୋଜୁଥିଲା'ରୁ ଏହି ଅଲ୍‌ରାଉଣ୍ଡର ଆରମ୍ଭ କରିଥିଲେ ନିଜର ବଡ଼ ପରଦା ଜୀବନ। ବର୍ତ୍ତମାନ ରିଲିଜ୍ ଅପେକ୍ଷାରେ ଥିବା 'ପ୍ରେମୀ ଆୱାରା'ର ନାୟକ ସାଜିଛନ୍ତି ସେ। ଏକାଥରେ ଚାରୋଟି ଫିଲ୍ମ 'ଲଭ୍ ରିଆକ୍ସନ', 'ଗାୟିକା ନା ନାୟିକା', 'ଜଙ୍ଗଲ୍ ଲଭ୍', 'କ୍ରିଷ୍ଣା', 'କରୀମ'ରେ ସେ ମୁଖ୍ୟ ଭୂମିକାରେ ମଧ୍ୟ ଅଭିନୟ କରୁଛନ୍ତି। 'ଶତାବ୍ଦୀର କଳାକାର'ରୁ ତାଙ୍କର ଅଭିନୟ ଜୀବନ ଆରମ୍ଭ। ଆକ୍ଟିଂ ବ୍ୟତୀତ ଓଁକାର ଓଡ଼ିଶୀ ନୃତ୍ୟ ଏବଂ ହିନ୍ଦୁସ୍ତାନ ଭୋକାଲରେ ଡିଗ୍ରୀ ହାସଲ କରିବା ସହ କିକ୍ ବକ୍ସିଂରେ ରାଜ୍ୟସ୍ତରୀୟ ପୁରସ୍କାର ମଧ୍ୟ ହାସଲ କରିଛନ୍ତି। ଏପରି କି ଛାତ୍ର ଜୀବନରେ ସେ ଛାତ୍ର ସଂସଦର ସଭାପତି ହେବାର ଗୌରବ ଅର୍ଜନ କରିଥିଲେ।


ଓଁକାର

# ଅକ୍ଷୟଙ୍କ ପ୍ରଶଂସାରେ ସାରା

ସାରା ଅଲ୍ଲୀ ଖାଁ ଏବେ ଚାରିଆଡ଼େ ଖିଲାଡ଼ି ମାଷ୍ଟର ଅକ୍ଷୟ କୁମାରଙ୍କ ପ୍ରଶଂସା କରିବୁଲୁଛନ୍ତି। ଏହା ପଛରେ ସେପରି କାରଣ ମଧ୍ୟ ରହିଛି। ଗୋଟିଏ ପଟେ ଅକ୍ଷୟ ଅଭିନୟ କରିବାକୁ ଯାଉଥିବା ନୂଆ ସିନେମାର ସେ ନାୟିକା ସାଜିବାର ଯୋଜନା ରହିଛି। ଏ ନେଇ ସାରାଙ୍କୁ ଅଫର ଦିଆଯାଇଛି, ହେଲେ ସେ ସମ୍ପର୍କରେ ନିଷ୍ପତ୍ତି ନେବାକୁ ସୈଫ ତନୟା କିଛି ସପ୍ତାହ ସମୟ ନେଇଛନ୍ତି। ଏ ନେଇ ସାରା କହନ୍ତି, ''ଅକ୍ଷୟ କୁମାରଙ୍କ ପରି ଅଭିନେତାଙ୍କ ସହ କାମ କରିବାର ମଜା ନିଆରା। ଏହି ଫିଲ୍ମରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ ପାଇଁ ଏକ ଚ୍ୟାଲେଞ୍ଜ ବୋଲି କହିବି। ତେଣୁ ଏ ବିଷୟରେ ନିଷ୍ପତ୍ତି ନେବାକୁ ମୁଁ କିଛି ଦିନ ସମୟ ନେଇଛି। ସେପଟେ ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ ଏବଂ ପ୍ରାରମ୍ଭିକ କାମ ଚାଲିଛି। ମୋତେ ଯେଉଁ ରୋଲ୍ ମିଳୁ ନା କାହିଁକି, ତାହା ବଡ଼ ହୋଇଥାଉ କି ଛୋଟ–ସବୁ ଭୂମିକାକୁ ମୁଁ ଗୁରୁତ୍ୱର ସହ ନେଇଥାଏ। ଅକ୍ଷୟଙ୍କ ନିକଟରୁ ଆକ୍ଟିଂ ବିଷୟରେ ଅନେକ କିଛି ଶିଖିବାର ଅଛି। ତାଙ୍କର ପଙ୍କ୍ଚୁଆଲିଟି ମୋତେ ସବୁଠାରୁ ବେଶୀ ପ୍ରଭାବିତ କରିଛି। ଏହାବ୍ୟତୀତ ତାଙ୍କର ଡେଲି ରୁଟିନ୍ ଲାଇଫକୁ ମୁଁ ଫଲୋ କରିବାକୁ ଚେଷ୍ଟା କରୁଛି।''


ସାରା

# ଇମୋଶନାଲ ନୁସରତ

ନୁସରତ ଭରୁଚା କେତେ ଇମୋଶନାଲ ତାହା ନିକଟରେ ଦେଖିବାକୁ ମିଳିଥିଲା। ନିକଟରେ ତାଙ୍କୁ ଏକ ନୂଆ ଅଫର ମିଳିଥିଲା। ଯେତେବେଳେ ଏହାର ନିର୍ଦ୍ଦେଶକ ତାଙ୍କୁ କାହାଣୀ ଶୁଣାଇଲେ, ଆରମ୍ଭରୁ ସେ ବେଶ୍ ଗମ୍ଭୀରତାର ସହ ଶୁଣିଥିଲେ। ହେଲେ ଯେତେବେଳେ କାହାଣୀର କ୍ଲାଇମାକ୍ସ ଆସିଲା, ସେତେବେଳେ ନୁସରତଙ୍କ ଆଖି ଛଳଛଳ ହୋଇଯାଇଥିଲା। ତାଙ୍କର ହଠାତ୍ ଏପରି ଅବସ୍ଥା ଦେଖି ନିର୍ଦ୍ଦେଶକ ଅଡୁଆରେ ପଡିଯାଇଥିଲେ। ଏଭଳି ଘଟଣା ସମ୍ପର୍କରେ ନୁସରତ କହନ୍ତି, ''ଏହାର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ହେଲେ ମୁଁ କାହାଣୀ ସହ ଏପରି ମଜ୍ଜି ଯାଇଥିଲି ଯେ କ୍ଲାଇମାକ୍ସ ସମୟରେ ମୁଁ ହଠାତ୍ ଇମୋଶନାଲ ହୋଇପଡିଥିଲି। ଜଣେ ଗାଉଁଲି ନାରୀର ସଂଘର୍ଷମୟ ଜୀବନୀକୁ ନେଇ କାହାଣୀ ରଚିତ। ତା'ସହ ଏପରି ଭୂମିକାକୁ ତୁଲାଇବାକୁ ମୋତେ ଅଧିକ ପରିଶ୍ରମ କରିବାକୁ ପଡିବ।'' ତେବେ ଏହି ନୂଆ ଫିଲ୍ମଟି ନୁସରତଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।


ନୁସରତ

# ପ୍ରେମ-ବିବାହ-ବିଚ୍ଛେଦ

ପ୍ରଥମେ ପ୍ରେମ, ତା'ପରେ ବିବାହ ଆଉ ଶେଷରେ ବିଚ୍ଛେଦ। ଏଭଳି ରୋମାଞ୍ଚକର କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ଶର୍ଟ ଫିଲ୍ମ 'ହାର୍ଟ ଲେଶ୍'। ଗୋଟିଏ ପଟେ ଅୟସ ଆରାମ ଆଉ ଗୋଟିଏ ପଟେ ସ୍ୱାମୀଙ୍କ ଇଚ୍ଛା ଅନିଚ୍ଛାର ଲକ୍ଷ୍ମଣରେଖା। ଏହାରି ଭିତରେ ସନ୍ତୁଳି ହେଉଥିବା ସ୍ତ୍ରୀ କ'ଣ କରିପାରେ? ତେବେ ପ୍ରେମ, ବିବାହ ଓ ବିଚ୍ଛେଦକୁ ନେଇ ଓଟିଟି ପ୍ଲାଟଫର୍ମ 'କଞ୍ଚାଲଙ୍କା'ରେ ଏହି ଫିଲ୍ମଟି ଚଳିତ ମାସ ୩ରେ ଷ୍ଟ୍ରିମିଂ ହେବ ବୋଲି ସୂଚନା ଦିଆଯାଇଛି। ଏଥିରେ ଡାକ୍ତରଖାନାରେ ମରଣ ସହ ଲଢ଼େଇ କରୁଥିବା ଝିଅକୁ ନେଇ ସ୍ୱାମୀ କିଭଳି ସ୍ତ୍ରୀ ସହ ସଉଦା କରୁଛି ତାହା ଦେଖିବାକୁ ମିଳିବ। ସିନେମାର କାହାଣୀ ଓ ଚିତ୍ରନାଟ୍ୟ ସୁଧାରାଗ ବାନାର୍ଜୀ ଲେଖିଥିବା ବେଳେ ନିଶାନ୍ତ ମାଜିଥିଆ ସଂଳାପ ରଚନା କରିଛନ୍ତି। ପ୍ରୀତିରାଜ, ମମତା ଓ ପ୍ରସନ୍‌ଜିତ ଏଥିରେ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବେ। ପ୍ରକାଶ ପ୍ରହରାଜଙ୍କ ପ୍ରଯୋଜିତ ଏହି ଶର୍ଟ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ରାଜା ଡି।


ପ୍ରୀତିରାଜ–ମମତା

ଅପେରା ହାଟଲାଲ

# କିଛି ଗୋଟେ ଘଟିବ ନିଶ୍ଚୟ

ଆସନ୍ତା ଯାତ୍ରା ସିଜନ ପାଇଁ ପ୍ରସ୍ତୁତି ଏବେ ପୂରାଦମ୍‌ରେ ଆଗେଇ ଚାଲିଛି। ନୂଆ ପାର୍ଟି ଗଠନ ସହ ନାଟକ ରଚନା ଚାଲୁ ରହିଛି। ଜଲିଉଡ୍‌ରେ ଏବେ ଆଲୋଚନାର ଶିରୋନାମା ପାଲଟିଛି ନବଗଠିତ ଅପେରାର 'ଅପେରା ସାଇଦୁର୍ଗା'। ଅତ୍ୟାଧୁନିକ ସାଜସଜ୍ଜା ଏବଂ ଦମ୍‌ଦାର ଷ୍ଟାରକାଷ୍ଟ ନେଇ ମଇଦାନକୁ ଓହ୍ଲାଉଛି ଏହି ପାର୍ଟି। ଏ ସମ୍ପର୍କରେ ପାର୍ଟିର ମୁଖ୍ୟ ପରିଚାଳକ ମନୋରଞ୍ଜନ ନାୟକ ଓରଫ ମନୁ ବାବୁ କହନ୍ତି, ''କିଛି ଗୋଟେ ଘଟିବ ନିଶ୍ଚୟ। କାରଣ ଦର୍ଶକଙ୍କ ମାନସିକତାକୁ ଦୃଷ୍ଟିରେ ରଖି ଆମେ ଆଗଉଛୁ। ଟେଣ୍ଟ ଭିତରେ ଯାତ୍ରାଦର୍ଶକ ଯେମିତି ଶତ ପ୍ରତିଶତ ମନୋରଞ୍ଜନ ପାଇବେ, ସେଥିପାଇଁ ଆମ ପାର୍ଟି ଦୃଢ଼ ପ୍ରତିଶ୍ରୁତିବଦ୍ଧ। ନାଟକଠାରୁ ଆରମ୍ଭ କରି କଳାକାର ଚୟନ ପର୍ଯ୍ୟନ୍ତ କେଉଁଥିରେ ଆଦୌ କମ୍ପ୍ରୋମାଇଜ କରାଯାଇ ନାହିଁ। ଆସନ୍ତା ଯାତ୍ରା ସିଜନରେ ଅପେରା ସାଇଦୁର୍ଗା ଧମାକା ସୃଷ୍ଟି କରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।'' ଏଥର ଏହି ଅପେରାର ମୁଖ୍ୟ ଆକର୍ଷଣ ସାଜିବେ ଆକ୍ସନ କିଙ୍ଗ ସୁବାସ ବେହେରା। ତାଙ୍କ ବ୍ୟତୀତ ଗୁନୁ–ମାମା, ଦେବ ମିଶ୍ର, ଅଭିରାଜ, ଅନୁ, ସବିତା ମହାନ୍ତି ଏବଂ ଖଳ ଅଭିନେତା ଇଗଲ କୁମାରଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଏଥର ଗୁଣ୍ଡିଚାରୁ ପାର୍ଟିର ଆଖଡ଼ା ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ମୁଖ୍ୟ ପରିଚାଳକ। ପ୍ରସ୍ତୁତି ପଥରେ ନାଟକଗୁଡ଼ିକ ହେଉଛି– 'କିଏ ସେ କହିବ କିଏ ମୋ ସ୍ୱାମୀ' (ରଚନା–ନିର୍ଦ୍ଦେଶନା : ଆଶୁତୋଷ ମହାପାତ୍ର), 'ବାଟୋଇ ମୁଁ ଏକା ଏକା' (ରଚନା–ଜଗନ୍ନାଥ ରାଉତ, ନିର୍ଦ୍ଦେଶନା–ସୁବୋଧ ମିଶ୍ର), 'ମଝି ନଈରେ ମାଝି' (ରଚନା–ଅରୁଣ ବାରିକ, ନିର୍ଦ୍ଦେଶନା–ତାପସ ସ୍ୱାଇଁ) ଏବଂ ଗଣେଶ ରାଉତଙ୍କ ରଚିତ 'ଛେଳି ଚୋର ଜିନ୍ଦାବାଦ୍'।


ସୁବାସ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜୁନ୍ ୨/୨୦୨୨ Bhubaneswar, Thursday, June 2/ 2022

# ବିହାରରେ ଜାତିଗତ ଜନଗଣନା ହେବ

ପାଟନା,୧।୬



ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟରେ ଜାତିଭିତ୍ତିକ ଜନଗଣନା କରାଯିବ ବୋଲି ଘୋଷଣା କରିଛନ୍ତି। ପାଟନାସ୍ଥିତ ରାଜ୍ୟ ସେକ୍ରେଟାରିଏଟ୍‌ରେ ବୁଧବାର ସନ୍ଧ୍ୟାରେ ଆୟୋଜିତ ସର୍ବଦଳୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି। ଉକ୍ତ ବୈଠକରେ ବିଧାନସଭାରେ ପ୍ରତିନିଧିତ୍ୱ କରୁଥିବା ସମସ୍ତ ୯ଟି ରାଜନୈତିକ ଦଳର ନେତା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ କେତେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ଜାତିଭିତ୍ତିକ ଜନଗଣନା କରାଇବାକୁ ଚାହୁଁ ନ ଥିବାବେଳେ ସବୁ ଜାତି ଓ ସମ୍ପ୍ରଦାୟର ଲୋକଙ୍କ ସାମାଜିକ, ଅର୍ଥନୈତିକ ସ୍ଥିତିକୁ ନେଇ ଏହି ପ୍ରସ୍ତାବିତ ସେନ୍‌ସସ୍ ଆଗକୁ ଜାତୀୟ ରାଜନୀତିରେ ନୂଆ ସମୀକରଣ ସୃଷ୍ଟିର ସମ୍ଭାବନା ବହନ କରେ।

ସର୍ବଦଳୀୟ ବୈଠକରେ ଅଧ୍ୟକ୍ଷତା କରିବା ପରେ ଗଣମାଧ୍ୟମକୁ ନୀତୀଶ କହିଛନ୍ତି, ଭାଜପା ସମେତ ସବୁ ଦଳର ନେତାମାନେ ଜାତିଭିତ୍ତିକ ଜନଗଣନା କରାଯିବା ଉପରେ ସର୍ବସମ୍ମତିକ୍ରମେ ସହମତି ପ୍ରକାଶ କରିଛନ୍ତି। ଜନଗଣନାର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ସମ୍ପର୍କରେ ଆମେ ଖୁବ୍‌ଶୀଘ୍ର ସାର୍ବଜନୀନ କରିବୁ। ପ୍ରଥମ ପର୍ଯ୍ୟାୟରେ ଜାତିଭିତ୍ତିକ ଜନଗଣନା ସମ୍ପର୍କରେ ଅଧିକାରୀ ଓ କର୍ମଚାରୀମାନଙ୍କୁ ଉପଯୁକ୍ତ ତାଲିମ ଦେବୁ। ଏହା ସମୟବଦ୍ଧ ଭାବେ ସମ୍ପୂର୍ଣ୍ଣ ହେବ। କ୍ୟାବିନେଟ ନିଷ୍ପତ୍ତି ପରେ ରାଜ୍ୟ ସରକାର ଏ ବାବଦ ସମସ୍ତ ଖର୍ଚ୍ଚ ବହନ କରିବେ। ଭାଜପାକୁ ବାଦ୍ ଦେଇ ଅନ୍ୟ ସବୁ ଦଳ ପକ୍ଷରୁ ଏହି ଜନଗଣନା କରାଯାଉ ବୋଲି ଦାବି ହେଉଥିଲା। ତେଣୁ ବୈଠକରେ ଭାଜପା କିଛି ଆପତ୍ତି ଉଠାଇଥିଲା କି ବୋଲି ଖବରଦାତାମାନେ ପ୍ରଶ୍ନ କରିବାରୁ ନୀତୀଶ କହିଥିଲେ, ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବାକୁ ଦିଲ୍ଲୀ ଯାଇଥିବା ପ୍ରତିନିଧି ମଣ୍ଡଳୀରେ ଭାଜପା ନେତାମାନେ ମଧ୍ୟ ସାମିଲ ଥିଲେ। ତେଣୁ ଗୈରିକ ଦଳ ପକ୍ଷରୁ କୌଣସି ଆପତ୍ତି ଉଠିବା ବା ଦ୍ୱନ୍ଦ୍ୱ ରହିବାର ପ୍ରଶ୍ନ ଉଠୁନାହିଁ ବୋଲି ନୀତୀଶ କହିଛନ୍ତି। ବୈଠକରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ରୁ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ପ୍ରତିନିଧିତ୍ୱ କରିଥିଲେ। ଭାଜପାରୁ ଉପମୁଖ୍ୟମନ୍ତ୍ରୀ ତାରିକେଶ୍ୱର ପ୍ରସାଦ ଓ ଦଳର ରାଜ୍ୟ ସଭାପତି ସଞ୍ଜୟ ଜୟସ୍ୱାଲ ଉପସ୍ଥିତ ଥିଲେ। ଜାତିଭିତ୍ତିକ ଜନଗଣନା ପାଇଁ ବିପୁଳ ଅର୍ଥ ଆବଶ୍ୟକ ହେବାକୁ ଥିବାରୁ କେନ୍ଦ୍ର ସରକାର ପାଣ୍ଠି ଯୋଗାଇଦିଅନ୍ତୁ ବୋଲି ତେଜସ୍ୱୀ ଦାବି କରିଥିଲେ।

## ସର୍ବଦଳୀୟ ବୈଠକ ପରେ ନୀତୀଶ କୁମାରଙ୍କ ଘୋଷଣା

## ଭାଜପାର ହିନ୍ଦୁତ୍ୱ ଏକତାକୁ ପ୍ରହାର

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ରାଜନୈତିକ ମହତ୍ତ୍ୱାକାଂକ୍ଷାକୁ ନେଇ ଊଣାଅଧିକେ ସମସ୍ତେ ଅବଗତ। ୬ ଥର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ଜେଡିୟୁ ନେତାଙ୍କ ନଜର ପ୍ରଧାନମନ୍ତ୍ରୀ ଚୌକି ଉପରେ ଥିବା ତାଙ୍କ ଆଭିମୁଖ୍ୟ ଓ ରଣନୀତିରୁ ସଙ୍କେତ ମିଳିଥାଏ। ରାଜନୈତିକ ବାଧ୍ୟବାଧକତାରେ ଏନ୍‌ଡିଏ ସହ ମେଣ୍ଟ କରି କ୍ଷମତାସୀନ ହୋଇଥିଲେ ସୁଦ୍ଧା ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବରିଷ୍ଠ ଭାଜପା ନେତାଙ୍କଠାରୁ ଭିନ୍ନ ମତ ପୋଷଣ କରିଥିବାର ଅନେକ ନଜିର ରହିଛି। ଭାଜପା ସାମ୍ପ୍ରଦାୟିକ ରାଜନୀତିରେ ବିଶ୍ୱାସ କରୁଥିବା ନେଇ ଅଭିଯୋଗ ହେଉଥିବାବେଳେ ନୀତୀଶ ଧର୍ମନିରପେକ୍ଷତାକୁ ଜୋର୍ ଦେଉଥିବା କୁହାଯାଏ। ଅତୀତରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗୈରିକ ଦଳ ସହ ନୀତୀଶଙ୍କ ମତଭେଦ ଦେଖିବାକୁ ମିଳିଛି। ଜାତି ଆଧାରରେ ମୁଣ୍ଡ ଗଣତି କରାଇବାକୁ କେନ୍ଦ୍ର ସରକାର ଚାହୁଁନାହାନ୍ତି ବୋଲି ୨୦୨୧ ଜୁଲାଇ ୨୦ରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏ ଲୋକ ସଭାରେ ସ୍ପଷ୍ଟ କରିଥିଲେ। ଭାଜପା ଜାତିଭିତ୍ତିକ ଜନଗଣନାକୁ ହିନ୍ଦୁ ଏକତା ବିରୋଧୀ ବିବେଚନା କରି ଭୋଟ ବ୍ୟାଙ୍କ ଭାଙ୍ଗିଯିବା ଭୟରେ ବିରୋଧ କରିଆସୁଥିବାବେଳେ ଏବେ ନୀତୀଶ ଏହାକୁ ଅସ୍ତ୍ର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଜାତିଭିତ୍ତିକ ଜନଗଣନା ପାଇଁ ନିଷ୍ପତ୍ତି ହୋଇଛି। ବିହାର ପରେ ଆଗକୁ ଅନେକ ଅଣଭାଜପା ଶାସିତ ରାଜ୍ୟରେ ଅନୁରୂପ ଦାବି ଉଠିପାରେ। ରାଜନୈତିକ ଦଳର ଟିକେଟ ବଣ୍ଟନ ହେଉ କି ସରକାରୀ ନିଯୁକ୍ତି, ସବୁଠି ଯଦି ଜାତିକୁ ଆଧାର କରାଯାଏ ତେବେ ଜାତିଭିତ୍ତିକ ଜନଗଣନା କରାଯିବାରେ ଅସୁବିଧା ନାହିଁ ବୋଲି ଅନେକ ବିଶେଷଜ୍ଞ ମତ ଦେଇଥାଆନ୍ତି। କାରଣ ଭାରତୀୟ ସମାଜରେ ଜାତି ପ୍ରଥା ଏବେ ବି ପ୍ରଚଳିତ।

> ସମାଜରେ ପ୍ରତ୍ୟେକ ବର୍ଗଙ୍କ ଉନ୍ନତି ଲକ୍ଷ୍ୟ ରଖି ଜାତିଗଣନା କରାଯିବ। ଏ ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଖୁବ୍‌ଶୀଘ୍ର ଅନୁମୋଦନ କରିବ।
> —ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ

# ୟୁକ୍ରେନ୍‌କୁ 'ହିମାର୍ସ' ଦେବ ଆମେରିକା

କିଭ୍, ୧।୬

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ବୁଧବାର ଶହେ ଦିନ ପୂରିଛି। ଏବେ ମସ୍କୋ ପୂର୍ବ ୟୁକ୍ରେନ୍‌ର ଡୋନ୍‌ବାସ୍ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଥିବାବେଳେ କେତେକ ଛୋଟ ଛୋଟ ସହରକୁ ଦଖଲ କରିଛି। ରୁଷିଆକୁ ରୋକିବାକୁ ହେଲେ ଅଧିକରୁ ଅଧିକ ଅସ୍ତ୍ରଶସ୍ତ୍ର ଆବଶ୍ୟକ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଆମେରିକା ସମେତ ପାଶ୍ଚାତ୍ୟ ଦେଶକୁ ନିବେଦନ ଜାରି ରଖିଛନ୍ତି। ଏପରିସ୍ଥିତିରେ ଆମେରିକା ୟୁକ୍ରେନ୍‌କୁ ଦୂରଲକ୍ଷ୍ୟ ଭେଦ କରିପାରୁଥିବା ରକେଟ୍ ସିଷ୍ଟମ୍ ସହ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଯୋଗାଇଦେବ ବୋଲି କହିଛି। ସେଥିମଧ୍ୟରେ ଏମ୍‌୧୪୨ ହାଇ ମୋବିଲିଟି ଆର୍ଟିଲାରି ରକେଟ ସିଷ୍ଟମ୍ ବା 'ହିମାର୍ସ' ରହିଛି। ଦିନକ ପୂର୍ବରୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ରୁଷିଆକୁ ଟାର୍ଗେଟ କରିବା ଭଳି ରକେଟ୍ ଦେବେ ନାହିଁ ବୋଲି କହିଥିଲେ। ରୁଷିଆ ସୀମା ଭିତରକୁ ରକେଟ ଛଡ଼ାଯିବ ନାହିଁ ବୋଲି ଜେଲେନ୍‌ସ୍କି ସୁନିଶ୍ଚିତ କରିବା ପରେ ଆମେରିକା ଏହି ନିଷ୍ପତ୍ତି ନେଇଛି। ସେହିପରି ପାଶ୍ଚାତ୍ୟ ଦେଶଗୁଡ଼ିକ ମଧ୍ୟ ୟୁକ୍ରେନ୍‌କୁ ଏମ୍-୭୭୭ ହାୱିଜର୍ ସହ ଦୀର୍ଘ ରେଞ୍ଜ୍‌ର ଯୁଦ୍ଧାସ୍ତ୍ର ଦେବାକୁ ରାଜି ହୋଇଛନ୍ତି। ଏ ନେଇ ରୁଷିଆ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରି କରି ଆମେରିକା ନିଆଁରେ ଘିଅ ଢାଳିବା କାମ କରୁଛି। ଆମେରିକା ୟୁକ୍ରେନ୍‌କୁ ଯୁଦ୍ଧାସ୍ତ୍ର ପ୍ରଦାନ ଜାରି ରଖିଲେ ମସ୍କୋ-ୱାଶିଂଟନ୍ ମଧ୍ୟରେ ପ୍ରତ୍ୟକ୍ଷ ଯୁଦ୍ଧର ଆଶଙ୍କା ବଢ଼ିବ ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେରେଗି ଲାଭ୍ରୋଭ କହିଛନ୍ତି।



## ନିଆଁରେ ଘିଅ ଢାଳୁଛି ଆମେରିକା: ଲାଭ୍ରୋଭ



# ରାମମନ୍ଦିର ଗର୍ଭଗୃହର ଶିଳାନ୍ୟାସ



ଅଯୋଧ୍ୟା, ୧।୬

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୁଧବାର ରାମମନ୍ଦିର ଗର୍ଭଗୃହ ନିର୍ମାଣର ଶିଳାନ୍ୟାସ କରିଛନ୍ତି। ଏହି ପରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆଗେଇବ। ରାମମନ୍ଦିର 'ରାଷ୍ଟ୍ରୀୟ ମନ୍ଦିର' ଭାବେ ପରିଚିତ ହେବ ବୋଲି ଯୋଗୀ କହିଥିଲେ। କୋଟି କୋଟି ହିନ୍ଦୁ ଲୋକ ଦୀର୍ଘ ଦଶନ୍ଧିରୁ ଏହି ଦିନକୁ ଅପେକ୍ଷା କରି ରହିଥିଲେ। ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଏବଂ ମନ୍ଦିର ଟ୍ରଷ୍ଟର ସଦସ୍ୟମାନେ ଉପସ୍ଥିତ ଥିଲେ। ଗର୍ଭଗୃହ ନିର୍ମାଣରେ ରାଜସ୍ଥାନର ମକ୍ରାନା ପାହାଡ଼ରୁ ଶ୍ୱେତ ମାର୍ବଲ ଆସିବ ବୋଲି ଗତ ସପ୍ତାହରେ ରାମ ଜନ୍ମଭୂମି ଟ୍ରଷ୍ଟ ପକ୍ଷରୁ କୁହାଯାଇଥିଲା। ୨୦୨୦ ଅଗଷ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାମମନ୍ଦିର ଭୂମିପୂଜନ କରିଥିଲେ। ଏହା ପରେ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ମନ୍ଦିର ନିର୍ମାଣ ଶେଷ ବୋଲି ଧାର୍ଯ୍ୟ କରାଯାଇଛି। ୨୦୨୩ ଡିସେମ୍ବର ସୁଦ୍ଧା ଗର୍ଭଗୃହ କାମ ସରିବ ହେବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।

# ଭୟରେ କଶ୍ମୀରୀ ପଣ୍ଡିତଙ୍କ ଶିବିର ସିଲ୍

ଶ୍ରୀନଗର, ୧।୬

କଶ୍ମୀରରେ ଟାର୍ଗେଟ କିଲିଂ ଥମୁ ନ ଥିବାରୁ ଉପତ୍ୟକା ଛାଡ଼ିବାକୁ କଶ୍ମୀରୀ ପଣ୍ଡିତମାନେ ଚେତାବନୀ ଦେବା ପରେ ସ୍ଥାନୀୟ ପ୍ରଶାସନ ସେମାନଙ୍କ ଟ୍ରାଞ୍ଜିଟ୍ କ୍ୟାମ୍ପଗୁଡ଼ିକୁ ବୁଧବାର ସିଲ୍ କରିଛି। ସେମାନଙ୍କୁ ଶିବିର ବାହାରକୁ ଆସିବା ପାଇଁ ବାରଣ କରାଯାଇଛି। ଏଥିସହ କ୍ୟାମ୍ପ ଆଖପାଖରେ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜ ଅଧୀନରେ ନିଯୁକ୍ତି ପାଇଥିବା ପ୍ରାୟ ୪ ହଜାର କଶ୍ମୀରୀ ପଣ୍ଡିତଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ୨୪ ଘଣ୍ଟା ମଧ୍ୟରେ ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଦାବି କରିଥିଲେ। ଏହା ନ ହେଲେ ସେମାନେ ଉପତ୍ୟକା ଛାଡ଼ି ପଳାୟନ କରିବେ ବୋଲି ମଙ୍ଗଳବାର ଚେତାବନୀ ଦେଇଥିଲେ।

କୁଲ୍‌ଗାମ ଜିଲାରେ ମଙ୍ଗଳବାର ଜମ୍ମୁର ଜଣେ ହିନ୍ଦୁ ଶିକ୍ଷୟିତ୍ରୀ ରାଜନୀ ବାଲାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଗତମାସରେ ବୁଡଗାମ୍‌ରେ ମାଜିଷ୍ଟ୍ରେଟଙ୍କ ଅଫିସରେ ଆଉ ଜଣେ କଶ୍ମୀରୀ ପଣ୍ଡିତ ରାହୁଲ ଭଟ୍ଟଙ୍କୁ ଆତଙ୍କବାଦୀ ଗୁଳି କରି ହତ୍ୟା କରିଥିଲେ। ବାରମ୍ବାର ଟାର୍ଗେଟ କିଲିଂ ଯୋଗୁ କଶ୍ମୀରୀ ପଣ୍ଡିତମାନେ ନିଜକୁ ଅସୁରକ୍ଷିତ ମନେକରି ସୁରକ୍ଷା ଦାବିରେ ଆନ୍ଦୋଳନକୁ ଓହ୍ଲାଇବା ସହ ସେହି ସ୍ଥାନ ଛାଡ଼ିବାକୁ ଧମକ ଦେଇଛନ୍ତି। ସରକାର କୌଣସି ବ୍ୟବସ୍ଥା ନ କରି ସେମାନଙ୍କୁ ସେଠାରେ ମରିବା ପାଇଁ ଛାଡ଼ି ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଫଳରେ ସ୍ଥାନୀୟ ପ୍ରଶାସନ ବିଭିନ୍ନ ସ୍ଥାନରେ ଥିବା କଶ୍ମୀରୀ ପଣ୍ଡିତଙ୍କ ଶିବିରକୁ ସିଲ୍ କରି ସେମାନଙ୍କୁ ବାହାରକୁ ନ ବାହାରିବାକୁ କହିଛି। କ୍ୟାମ୍ପର ପ୍ରମୁଖ ଗେଟ୍ ବନ୍ଦ କରିଦିଆଯାଇଛି। ସେଠାରେ ପୋଲିସ ବ୍ୟାରିକେଡ୍ ନିର୍ମାଣ କରିବା ସହ ଯାତାୟାତ କରୁଥିବା ସମସ୍ତ ଯାନବାହନକୁ ଯାଞ୍ଚ କରୁଛି। ଚଳିତ ବର୍ଷ ଜାନୁୟାରୀରୁ ଅଦ୍ୟାବଧି କଶ୍ମୀର ଉପତ୍ୟକାରେ ୧୬ ଜଣ ଟାର୍ଗେଟ କିଲିଂର ଶିକାର ହେଲେଣି। ଟାର୍ଗେଟ କିଲିଂ ବଢୁଥିଲେ ହେଁ କେନ୍ଦ୍ର ସରକାର କଶ୍ମୀରୀ ପଣ୍ଡିତଙ୍କୁ ଉପଯୁକ୍ତ ସୁରକ୍ଷା ଦେଇପାରି ନ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। କଶ୍ମୀରୀ ପଣ୍ଡିତଙ୍କୁ ହତ୍ୟା ୯୦ ଦଶକର ଘଟଣାକୁ ମନେପକାଉଛି। ସେମାନଙ୍କୁ ନିଜ ଘରେ ସୁରକ୍ଷିତ ରଖିବା ପାଇଁ କେନ୍ଦ୍ର ସରକାର ବ୍ୟାପକ ବ୍ୟବସ୍ଥା କରନ୍ତୁ ବୋଲି କେଜ୍‌ରିୱାଲ ଦାବି କରିଛନ୍ତି।




କଶ୍ମୀରୀ ପଣ୍ଡିତଙ୍କ ହତ୍ୟା ପ୍ରତିବାଦରେ ଏବିଭିପି ସଦସ୍ୟମାନେ ପାକିସ୍ତାନ ବିରୋଧରେ ବିକ୍ଷୋଭ କରୁଛନ୍ତି।

- ଟାର୍ଗେଟ କିଲିଂ ଯୋଗୁ ପଳାୟନ ଚେତାବନୀ ଦେଇଥିଲେ
- ସୁରକ୍ଷା ଯୋଗାନ୍ତୁ କେନ୍ଦ୍ର ସରକାର: କେଜ୍‌ରିୱାଲ

## ସଂକ୍ଷେପରେ

### ଚାଇନାରେ ଭୂକମ୍ପ, ୪ ମୃତ

**ବେଜିଂ, ୧।୬:** ଚାଇନାର ସିଚୁଆନ୍ ପ୍ରଦେଶରେ ବୁଧବାର ୬.୧ ତୀବ୍ରତାର ଭୂମିକମ୍ପ ହୋଇଛି। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ପ୍ରଥମ ଭୂମିକମ୍ପର ପ୍ରାୟ ୩ ମିନିଟ୍ ପରେ ଆଉ ଏକ ଭୂକମ୍ପ ହୋଇଥିଲା। ଏହାର ତୀବ୍ରତା ୪.୫ ଥିଲା। ଏଥିଯୋଗୁ ସେଠାରେ କେତେକ ଘର କ୍ଷତିଗ୍ରସ୍ତ ହୋଇଛି। ଏହି ସମୟର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି।

### ପ୍ରଥମ କରି ଭେଟେରିନାରି ଆମ୍ବୁଲାନ୍ସ ଆଣିବ ହିମାଚଳ ପ୍ରଦେଶ

**ଶିମ୍‌ଲା, ୧।୬:** ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା ପାଇଁ ହିମାଚଳ ପ୍ରଦେଶ ଚଳିତ ମାସରେ ଭେଟେରିନାରି ଆମ୍ବୁଲାନ୍ସ ଆଣିବାକୁ ଯାଉଛି। ଏପରି କରିବାରେ ହିମାଚଳ ଦେଶ ପ୍ରଥମ ରାଜ୍ୟ ହେବ। ଏହା ମାଧ୍ୟମରେ ଗୃହପାଳିତ ପ୍ରାଣୀ ରହୁଥିବା ସ୍ଥାନକୁ ଯାଇ ସେମାନଙ୍କ ଚିକିତ୍ସା କରିହେବ ବୋଲି ରାଜ୍ୟ ପ୍ରାଣୀସମ୍ପଦ ମନ୍ତ୍ରୀ ବୀରେନ୍ଦ୍ର କନୱାର କହିଛନ୍ତି। ମୋବାଇଲ ଭେଟେରିନାରି ୟୁନିଟ୍ (ଏମ୍‌ଭିୟୁ) ପାଇଁ କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷରେ ୭୦୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏମ୍‌ୟୁଭି ମାଧ୍ୟମରେ ଆବଶ୍ୟକ ସ୍ଥଳେ ପ୍ରାଣୀଙ୍କୁ ପଶୁ ଡାକ୍ତରଖାନାକୁ ନିଆଯାଇପାରିବ। ପବ୍ଲିକ ପ୍ରାଇଭେଟ୍ ପାର୍ଟନରଶିପ୍ ଆଧାରରେ ଏହି ଆମ୍ବୁଲାନ୍ସ ଚାଲିବ।

### କାର୍ଯ୍ୟାଳୟରେ ଲାଡେନ୍‌ଙ୍କ ଫଟୋ: ଅଫିସର ନିଲମ୍ବିତ

**ଲକ୍ଷ୍ନୌ,୧।୬:** ଉତ୍ତର ପ୍ରଦେଶ ଫାରୁଖାବାଦରେ ସରକାରୀ ବିଦ୍ୟୁତ୍ ବିତରଣ କମ୍ପାନୀ (ଦକ୍ଷିଣାଞ୍ଚଳ ବିଦ୍ୟୁତ୍ ବିତରଣ ନିଗମ ଲିମିଟେଡ୍) ର ସବ୍-ଡିଭିଜନାଲ ଅଫିସର ରବୀନ୍ଦ୍ର ପ୍ରକାଶ ଗୌତମଙ୍କୁ ବୁଧବାର ନିଲମ୍ବନ କରାଯାଇଛି। ତେବେ ରବୀନ୍ଦ୍ର ନିଜ କାର୍ଯ୍ୟାଳୟରେ ଅଲ-କାଏଦା ଆତଙ୍କବାଦୀ ଓସାମା ବିନ୍ ଲାଡେନ୍‌ଙ୍କ ଫଟୋ ରଖିବା କାରଣରୁ ଉଚ୍ଚାଧିକାରୀଙ୍କ ପକ୍ଷରୁ ତାଙ୍କ ବିରୋଧରେ ଏ ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଉଛି। ଲାଡେନଙ୍କ ଫଟୋ ତଳେ ବିଶ୍ୱର ସର୍ବୋତ୍ତମ କନିଷ୍ଠ ଯନ୍ତ୍ରୀ ବୋଲି ଲେଖିଥିଲେ ରବୀନ୍ଦ୍ର। କାର୍ଯ୍ୟାଳୟରେ ଲାଗିଥିବା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଉଚ୍ଚାଧିକାରୀ ଏ ସମ୍ପର୍କରେ ଅବଗତ ହୋଇଥିବା କୁହାଯାଉଛି।

### ଆରମ୍ଭ ହେବ ନୂଆ ସ୍ପେସ୍ ପଲିସି

**ନୂଆଦିଲ୍ଲୀ, ୧।୬:** ବିଜ୍ଞାନ କ୍ଷେତ୍ରରେ ଭାରତ ନିଜକୁ ଅନ୍ୟ ଦେଶଗୁଡ଼ିକ ତୁଳନାରେ ଆଗରେ ରଖିବାକୁ ନିରନ୍ତର ପ୍ରୟାସ ଜାରି ରଖିଛି। ତେବେ ଦେଶରେ ଖୁବ୍ ଶୀଘ୍ର ନୂଆ ସ୍ପେସ୍ ପଲିସି ଆରମ୍ଭ ହେବା ନେଇ ମୁଖ୍ୟ ବିଜ୍ଞାନିକ ପରାମର୍ଶଦାତା ଅଜୟ କୁମାର ସୁଦ୍ ସୂଚନା ଦେଇଛନ୍ତି। ସ୍ପେସ୍ ପଲିସି ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଚାରବିମର୍ଶ ଜାରି ରହିଥିବା ସେ କହିଛନ୍ତି। ଲୋ ଆର୍ଥ ଅରବିଟ୍‌ରେ ପ୍ରଚୁର ପରିମାଣର ଉପଗ୍ରହମାନ ରହିଛନ୍ତି, ଯାହା ସ୍ପେସ୍ ସେକ୍ଟର ପରିବର୍ତ୍ତନରେ ସହାୟକ ହେବ। ଅନ୍ୟପଟେ କୃଷି, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏବଂ ଅର୍ବାନ୍ ଡେଭ୍‌ଲପ୍‌ମେଣ୍ଟ ଆପ୍ଲିକେଶନ୍ ଅନ୍ତର୍ଗତ ଉପଗ୍ରହ ନିର୍ମାଣ ପାଇଁ ସରକାର ଘରୋଇ ସଂସ୍ଥାଗୁଡ଼ିକୁ ପ୍ରୋତ୍ସାହିତ କରୁଥିବା ସେ କହିଛନ୍ତି। ତେବେ ଆସନ୍ତା ଦୁଇବର୍ଷ ଭିତରେ ଭାରତ ନିଜସ୍ୱ ସ୍ପେସ୍‌ଏକ୍ସ ତିଆରି କରିବ ବୋଲି ସେ ଆଶା ରଖିଛନ୍ତି।

### ଛାତ୍ର ଗୋଷ୍ଠୀ ମଧ୍ୟରେ ସଂଘର୍ଷ: ଜଣେ ମୃତ

**ଚଣ୍ଡିଗଡ଼,୧।୬:** ପଞ୍ଜାବ ଅମୃତସରର ଜିଟି ରୋଡ୍‌ରେ ଥିବା ଖାଲସା କଲେଜରେ ବୁଧବାର ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିବାବେଳେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି। ଘଟଣାରେ ଦୁଇଜଣ ଛାତ୍ର ଗୁଳିମାଡ଼ କାରଣରୁ ଗୁରୁତର ହୋଇପଡ଼ିଥିଲେ। ସେମାନଙ୍କୁ ଡାକ୍ତରଖାନା ନିଆଯାଇଥିବାବେଳେ ସେଠାରେ ଜଣଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଛାତ୍ରଙ୍କ ସ୍ଥିତି ଗୁରୁତର ଥିବା ଡାକ୍ତର କହିଛନ୍ତି। ସ୍ଥାନୀୟ ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ଥିବାବେଳେ ଏହା କୌଣସି ଗ୍ୟାଙ୍ଗ୍ ୱାର୍ ହୋଇ ନ ଥିବା ପୋଲିସ କହିଛି।

## ସାଉଦିରେ ନିର୍ମାଣ ହେବ ବିଶ୍ୱର ବୃହତ୍ତମ କୋଠା

**ଖର୍ଚ୍ଚ ହେବ ୫୦୦ ବିଲିୟନ ଡଲାର**

ରିୟାଧ୍, ୧।୬

ସାଉଦି ଆରବ ବିଶ୍ୱର ବୃହତ୍ତମ କୋଠା ନିର୍ମାଣ ପାଇଁ ଯୋଜନା କରିଛି। ଏହାର ନାମ 'ନିଓମ' ରଖାଯିବ। କମ୍ ଜନବହୁଳ ଅଞ୍ଚଳରେ ବିଲ୍ଡିଂ ନିର୍ମାଣ ହେବ। ଏଥିପାଇଁ ୫୦୦ ବିଲିୟନ ଡଲାର ଖର୍ଚ୍ଚ କରାଯିବ ବୋଲି ଜଣାପଡ଼ିଛି। ଏହାର ଉଚ୍ଚତା ୧୬୪୦ ଫୁଟ୍ ହେବ। ଏଥିରେ ବସବାସ ପାଇଁ ଫ୍ଲାଟ ସହ ଦୋକାନ ଓ ଅଫିସ ଘର ମଧ୍ୟ ରହିବ। ଅଣ୍ଡରଗ୍ରାଉଣ୍ଡ ହାଇପର-ସ୍ପିଡ୍ ରେଳ ସମ୍ପର୍କିତ ଏକାଧିକ ବିକାଶମୂଳକ କାର୍ଯ୍ୟ ନେଇ ଗତବର୍ଷ ଘୋଷଣା କରାଯାଇଥିଲା। ଏବେ ପୂର୍ବ ଘୋଷଣାରେ ସାମାନ୍ୟ ପରିବର୍ତ୍ତନ କରାଯାଇଥିବା କୁହାଯାଇଛି। ୨୦୧୭ରେ ପ୍ରଥମେ 'ନିଓମ' ନିର୍ମାଣ ନେଇ ଘୋଷଣା କରାଯାଇଥିଲା। ଗ୍ରାମାଞ୍ଚଳଗୁଡ଼ିକରେ ବିକାଶ କରାଯାଇ ତାହାକୁ ହାଇଟେକ୍ ଶ୍ରେଣୀ ଅନ୍ତର୍ଭୁକ୍ତ ନିମନ୍ତେ ସାଉଦି ପ୍ରିନ୍ସ ମହମ୍ମଦଙ୍କ ଯୋଜନା ରହିଛି। ଏଥିସହ ଏହାଦ୍ୱାରା ବିଦେଶୀ ନିବେଶ ବଢ଼ାଇବା ପାଇଁ ମଧ୍ୟ ସାଉଦି ଆରବ ଲକ୍ଷ୍ୟ ରଖିଛି। ଏହି ମଧ୍ୟପ୍ରାଚ୍ୟ ଦେଶରେ ବିଶ୍ୱର ସବୁଠାରୁ ଦୀର୍ଘତମ ବିଲ୍ଡିଂ ବୁର୍ଜ ଖଲିଫା ରହିଛି।

## ପିଏଫ୍‌ଆଇର ୩୩ ବ୍ୟାଙ୍କ ଖାତା ଅଚଳ

ନୂଆଦିଲ୍ଲୀ,୧।୬

ମନିଲଣ୍ଡରିଂ ମାମଲାରେ ବୁଧବାର ଇସ୍‌ଲାମିଷ୍ଟ ସଂଗଠନ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ଏବଂ ରିହାବ ଇଣ୍ଡିଆ ଫାଉଣ୍ଡେଶନ୍‌ର ୩୩ଟି ବ୍ୟାଙ୍କ ଆକାଉଣ୍ଟକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଅଚଳ କରିଦିଆଯାଇଛି। ଆଣ୍ଟି-ମନି ଲଣ୍ଡରିଂ ଆକ୍ଟ ଅନ୍ତର୍ଗତ ଇଡି ଏହି ବ୍ୟାଙ୍କ ଖାତାଗୁଡ଼ିକର ଯାଞ୍ଚ ଆରମ୍ଭ କରିଛି। ଏହି ଆକାଉଣ୍ଟଗୁଡ଼ିକରେ ୬୮ ଲକ୍ଷ ଟଙ୍କା ଜମା ଥିବା ବିଭାଗ ପକ୍ଷରୁ କୁହାଯାଇଛି। ୨୩ଟି ପିଏଫ୍‌ଆଇ ଖାତାରେ ୫୯,୧୨,୦୫୧ ଟଙ୍କା ଥିବାବେଳେ ୧୦ଟି ରିହାବ ଇଣ୍ଡିଆ ଫାଉଣ୍ଡେଶନ୍ ଖାତାରେ ୯,୫୦,୦୩୦ ଟଙ୍କା ରହିଛି। ୨୦୦୬ରେ କେରଳରେ ଏହି ଇସ୍‌ଲାମିଷ୍ଟ ସଂଗଠନ ଗଠନ ହୋଇଥିଲା।

## ମନ୍ଦିର ପରିସରରେ ମଦ ଦୋକାନ ବନ୍ଦ

ଲକ୍ଷ୍ନୌ, ୧।୬

ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥଙ୍କ ସରକାର ଅଯୋଧ୍ୟା ରାମ ଜନ୍ମଭୂମି ମନ୍ଦିର ପରିସରରେ ମଦ ଦୋକାନ ଉପରେ ବ୍ୟାନ୍ ନିର୍ଦ୍ଦେଶ ଦେଇଛନ୍ତି। ୟୁପି ଅବକାରୀ ମନ୍ତ୍ରୀ ନୀତିନ ଅଗ୍ରୱାଲ କହିଛନ୍ତି, ରାମ ମନ୍ଦିର ପରିସରରେ ଥିବା ସମସ୍ତ ମଦ ଦୋକାନର ଲାଇସେନ୍ସ ରଦ୍ଦ କରାଯାଇଛି। ସାଧୁସନ୍ଥମାନେ ମନ୍ଦିର ନିକଟରେ ମଦ ଓ ମାଂସ ଦୋକାନ ବନ୍ଦ କରିବା ନେଇ ପୂର୍ବରୁ ଦାବି କରିଆସୁଥିଲେ। ଗତବର୍ଷ ଯୋଗୀ ସରକାର ମଥୁରାରେ ଥିବା ତୀର୍ଥସ୍ଥଳୀଗୁଡ଼ିକ ନିକଟରେ ମଦ ଓ ମାଂସ ଉପରେ ବ୍ୟାନ୍ ଲଗାଇଥିଲେ। ସେହି ବ୍ୟବସାୟୀଙ୍କୁ ଅନ୍ୟ କୌଣସି କାରବାର କରିବା ଦିଗରେ ସହାୟତା ନିମନ୍ତେ ଯୋଜନା କରିବାକୁ ପ୍ରଶାସନକୁ ପରାମର୍ଶ ଦେଇଥିଲେ।

## ଜିଲା ମୁଖ୍ୟାଳୟକୁ ବଦଳି ହେବେ ହିନ୍ଦୁ କର୍ମଚାରୀ

ଶ୍ରୀନଗର, ୧।୬

ଜମ୍ମୁ-କଶ୍ମୀରରେ ସୁରକ୍ଷା ଦାବି କରୁଥିବା ହିନ୍ଦୁ ସରକାରୀ କର୍ମଚାରୀଙ୍କ ପାଇଁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। କଶ୍ମୀର ଉପତ୍ୟକାରେ ଥିବା ସମସ୍ତ ହିନ୍ଦୁ କର୍ମଚାରୀଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରାଯିବ ବୋଲି ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ବୁଧବାର କହିଛନ୍ତି। ଟାର୍ଗେଟ କିଲିଂ ବୃଦ୍ଧିକୁ ଦୃଷ୍ଟିରେ ରଖି ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ପାଇଁ ବୁଧବାର ଶ୍ରୀନଗରରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ସିହ୍ନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୋଲିସ ଓ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ। କଶ୍ମୀର ଉପତ୍ୟକାର ଯେଉଁ ହିନ୍ଦୁ କର୍ମଚାରୀ ଜିଲା ମୁଖ୍ୟାଳୟକୁ ଯିବାକୁ ଚାହୁଁ ନାହାନ୍ତି ସେମାନେ ଜମ୍ମୁକୁ ଟ୍ରାନ୍ସଫର ପାଇଁ ଆବେଦନ କରିପାରିବେ।


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ୧୪୬ ଦେଶରେ ହେବ ରଥଯାତ୍ରା ପ୍ରସାରଣ

ପୁରୀ ଅଫିସ,୧୬

ଶ୍ରୀକ୍ଷେତ୍ରର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ବୁଧବାର ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଅଧ୍ୟକ୍ଷତା କରିଥିଲେ। ବୈଠକରେ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଦୂରଦର୍ଶନ ପକ୍ଷରୁ ରଥଯାତ୍ରାର ସିଧା ପ୍ରସାରଣ କରାଯିବ। ଏହାବ୍ୟତୀତ ଓଡ଼ିଆ, ହିନ୍ଦୀ, ବଙ୍ଗଳା ଓ ତାମିଲ ପ୍ରଭୃତି ଆଞ୍ଚଳିକ ଭାଷାର ଟିଭି ଚ୍ୟାନେଲ ସମେତ ସାମାଜିକ ଗଣମାଧ୍ୟମ ସହାୟତାରେ ୧୪୬ଟି ଦେଶରେ ରଥଯାତ୍ରାର ପ୍ରସାରଣ କରାଯିବ। ପ୍ରଶାସନ ପକ୍ଷରୁ ଏକ ୱେବସାଇଟ୍ ଓ ମୋବାଇଲ୍ ଆପ୍ ପ୍ରଚଳନ କରାଯିବ। ରଥଯାତ୍ରା ସମୟରେ ସୁନାବେଶ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ପକ୍ଷରୁ ଦୈନିକ ୪୦ଟି ଟ୍ରେନ୍ ପୁରୀକୁ ଚଳାଚଳ କରିବ। ଗହଳିକୁ ଦୃଷ୍ଟିରେ ରଖି ଶହେରୁ ୨ଶହ ଅତିରିକ୍ତ କୋଚ୍ ସଂଯୋଗ କରାଯିବ। ବ୍ୟାପକ ସଂଖ୍ୟାରେ ଆରପିଏଫ୍ ଏବଂ ଜିଆର୍‌ପି ନିୟୋଜିତ ହେବେ। ୫ଶହ ଆର୍‌ପିଏଫ୍ କର୍ମଚାରୀଙ୍କୁ ନିଯୁକ୍ତ କରାଯିବ। ୩୫ଟି ଟିକେଟ୍ କାଉଣ୍ଟର ଖୋଲାଯିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ରଥଟଣା ଲାଗି ୨୨୦ ଫୁଟ୍‌ର ୧୨ଟି ଦଉଡ଼ି ଓ ୪୫୦ ଫୁଟ୍ କର୍ଦ୍ଦନ ଦଉଡ଼ି ପ୍ରସ୍ତୁତ ହୋଇ ରହିଛି। ପୁରୀ ସହରରେ ଜୁଲାଇ ୧ରୁ ୧୩ ତାରିଖ ମଧ୍ୟରେ ରଥଯାତ୍ରାରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ବୀମା ଯୋଜନା କାର୍ଯ୍ୟକାରୀ ହୋଇଛି। ସର୍ବାଧିକ ୩୦ ମୃତକଙ୍କୁ ବୀମା ଅର୍ଥ ଦିଆଯିବ। ଶ୍ରୀଜଗନ୍ନାଥ ମେଡିକାଲ କଲେଜର ୭୮ଜଣ ସ୍ପେଶାଲିଷ୍ଟ ଡାକ୍ତର ରଥଯାତ୍ରାରେ ନିୟୋଜିତ ହେବେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଖାଲି ପଡ଼ିଥିବା ୩୦ଟି ଡାକ୍ତର ପଦବୀ ମଧ୍ୟରୁ ୧୫ଟି ପଦବୀ ପୂରଣକୁ ଅନୁମୋଦନ ମିଳିଛି। ପାନୀୟଜଳ ମାନ ପରୀକ୍ଷା ଲାଗି ଭ୍ରାମ୍ୟମାଣ ଗାଡ଼ି ବୁଲିବ। ଯେକେହି ଟୋଲ୍ ଫ୍ରି ନମ୍ବରରେ କଲ୍ କରି ପାନୀୟଜଳ ଯୋଗାଇପାରିବେ।

## ଘୋଷଯାତ୍ରା ସମୟରେ ଦିନକୁ ୪୦ ଟ୍ରେନ୍

- ସେବାରେ ନିୟୋଜିତ ହେବେ ୭୮ ସ୍ପେଶାଲିଷ୍ଟ ଡାକ୍ତର
- ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ୱେବସାଇଟ୍, ମୋବାଇଲ ଆପ୍



ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକକୁ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରୁଛନ୍ତି।

ସ୍ନାନଯାତ୍ରା ପୂର୍ବରୁ ସମସ୍ତ ସେବାୟତ ପ୍ରିକୋସନ୍ ଡୋଜ୍ ନେବେ। ରଥଯାତ୍ରା ପାଇଁ ପୁରୀ ଜିଲାରେ ୨୧୭ ଅତିରିକ୍ତ ଶଯ୍ୟା ପ୍ରସ୍ତୁତ ରଖିବାକୁ ନିଷ୍ପତ୍ତି ହୋଇଛି ବୋଲି ସିଡିଏମ୍‌ଓ ସୁଜାତା ମିଶ୍ର କହିଛନ୍ତି। ୩୫ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଇଛି। ବିଦ୍ୟୁତ ବିଭାଗ ପକ୍ଷରୁ ବଡ଼ଦାଣ୍ଡ, ଶ୍ରୀମନ୍ଦିର, ସମୁଦ୍ରକୂଳ, ଗୁଣ୍ଡିଚାମନ୍ଦିର ଓ କିଛି ସଂଲଗ୍ନ ଅଞ୍ଚଳରେ ଅଣ୍ଡରଗ୍ରାଉଣ୍ଡ କେବୁଲିଂ କାର୍ଯ୍ୟ ସରିଛି। ଫଳରେ ନୀରବଚ୍ଛିନ୍ନ ବିଦ୍ୟୁତ୍ ସେବା ମିଳିପାରିବ। ଆଇନ ମନ୍ତ୍ରୀ କହିଛନ୍ତି, ସମସ୍ତଙ୍କ ସହ ଆଲୋଚନା କ୍ରମେ ପ୍ରସ୍ତୁତି ଚାଲିଛି। ରଥ ନିର୍ମାଣ କାର୍ଯ୍ୟ ମଧ୍ୟ ଜାରି ରହିଛି। ଚଳିତବର୍ଷ ରଥଯାତ୍ରାରେ ବହୁ ଜନସମାଗମ ହେବାକୁ ଥିବାରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି।

ବୈଠକରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ସୂଚନା ଲୋକସମ୍ପର୍କ ଓ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାଶ, ଶକ୍ତି ଓ ଶିଳ୍ପ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ରାଧାକୃଷ୍ଣ ଶର୍ମା, ଆଇନ ବିଭାଗ ପ୍ରମୁଖ ସଚିବ ପ୍ରତାପ କୁମାର ଜେନା, ଦେବୋତ୍ତର କମିଶନର ଶିଶିର କୁମାର ରଥ, ବାଣିଜ୍ୟ ପରିବହନ ସ୍ୱତନ୍ତ୍ର ସଚିବ ମନୋଜ ମିଶ୍ର, ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା, କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ, ପୁରୀ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂଙ୍କ ସମେତ ସତ୍ୟବାଦୀ, ବ୍ରହ୍ମଗିରି ଓ ପୁରୀ ବିଧାୟକ ଏବଂ ଜିଲା ପରିଷଦ ଅଧ୍ୟକ୍ଷା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପାରିବାରିକ ବିବାଦ, ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

**ଖୋର୍ଦ୍ଧା ଅଫିସ,୧୬:** ଟାଉନ ଥାନା ଅନ୍ତର୍ଗତ କେରଙ୍ଗ ଗ୍ରାମରେ ପାରିବାରିକ ବିବାଦକୁ ନେଇ ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଆହତ ଅବସ୍ଥାରେ ତାଙ୍କୁ ପ୍ରଥମେ ଖୋର୍ଦ୍ଧା ମେଡିକାଲ ପରେ ଭୁବନେଶ୍ୱରର ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆହତ ମହିଳା ହେଲେ ଉକ୍ତ ଗ୍ରାମର ରୌନକେରା ବେଗେମ୍। ଅନ୍ୟପଟେ ଅଭିଯୋଗକ୍ରମେ ପୋଲିସ ଆକ୍ରମଣକାରୀଙ୍କୁ ଥାନାରେ ଅଟକ ରଖିଛି। ଅଭିଯୋଗ ଅନୁଯାୟୀ, ରୌନକେରାଙ୍କ ସ୍ୱାମୀ ଫୌବୁଲା ଓ ତାଙ୍କ ବଡଭାଇଙ୍କ ମଧ୍ୟରେ ପାରିବାରିକ ଅଶାନ୍ତି ଲାଗିରହିଥିଲା। ମଙ୍ଗଳବାର ସକାଳେ ରୌନିକେରା ବାହାରୁ ପାଣି ବୁଡାଇ ଘରକୁ ଫେରୁଥିବା ବେଳେ କୌଣସି କାରଣକୁ ନେଇ ଜାଆ ସହିତ ପାଟିତୁଣ୍ଡ ହୋଇଥିଲା। ପାଟିଶୁଣି ଦେଡଶୁର ଆସି ଉତ୍ୟକ୍ତ ହୋଇ ରୌନକେରାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସେ ଅଚେତ ହୋଇ ତଳେ ପଡିଯାଇଥିଲେ। ଖବରପାଇ ଫୌବୁଲା ସ୍ତ୍ରୀଙ୍କୁ ବଞ୍ଚାଇବାକୁ ଯାଇ ସେ ମଧ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଦମ୍ପତିଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ। ପରେ ରୌନକେରା ଆକ୍ରମଣ ନେଇ ଥାନାରେ ଦ୍ୱାରସ୍ଥ ହେବା ସହ ସେମାନେ ଆହତ ଅବସ୍ଥାରେ ଥିବାବେଳେ ଜାଆ ତାଙ୍କ ବେକରୁ ମଙ୍ଗଳସୂତ୍ର ନେଇଯାଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

### ଟ୍ରଙ୍କ ତାଡ଼ି ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

**ଖୋର୍ଦ୍ଧା ଅଫିସ,୧୬:** ଟାଉନ ଥାନା ଅନ୍ତର୍ଗତ ଟାଙ୍ଗିଆପଡା ଗ୍ରାମର ବସନ୍ତ ବେହେରାଙ୍କ ଘରୁ ମଙ୍ଗଳବାର ରାତିରେ କେତେଜଣ ଦୁର୍ବୃତ୍ତ ଆସି କଳାକନା ବୁଲାଇ ନେଇଛନ୍ତି। ଟ୍ରଙ୍କ ତାଡ଼ି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି କରି ନେଇଯାଇଛନ୍ତି। ଏ ନେଇ ବସନ୍ତ ବୁଧବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମଙ୍ଗଳବାର ରାତିରେ ବସନ୍ତଙ୍କ ପରିବାର ଖାଇପିଇ ଶୋଇଯାଇଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଘର ପଛପଟ ଝରକା ଗ୍ରୀଲ ତାଡି ଘରେ ପଶିଥିଲେ। ଆଲମିରାର ଆସବାବପତ୍ର ଫିଙ୍ଗାଫୋପଡା କରିବା ସହ ଏକ ଟ୍ରଙ୍କ ତାଡି ସେଥିରେ ଥିବା ସୁନା ଅଳଙ୍କାର ଚୋରି କରି ନେଇଯାଇଥିଲେ। ସକାଳୁ ବସନ୍ତ ଉଠି ଦେଖିବା ବେଳେ ବାରିପଟେ ତଡାଯାଇଥିବା ଟ୍ରଙ୍କ ପେଡି ପଡିଥିବା ସୁନା ଚୋରି ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଥିଲେ।

### କୂଅରୁ ଗାଈ ଉଦ୍ଧାର

**ବୋଲଗଡ,୧୬(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ସାଗରଗୁଆଁ ପଞ୍ଚାୟତ ହଳଦୀପଦା ଗ୍ରାମ ନିକଟ ଗହୀର ଜମିରେ ଖୋଲାଯାଇଥିବା ଏକ କୂଅରେ ବୁଧବାର ସନ୍ଧ୍ୟାରେ ଏକ ଗାଈ ଅସାବଧାନ ବଶତଃ ଖସିପଡ଼ିଥିଲା। ଗାଈ ରଡ଼ି ଶୁଣି ସ୍ଥାନୀୟ ଲୋକେ କୂଅ ନିକଟକୁ ଯାଇ ଉଦ୍ଧାର ପାଇଁ ଚେଷ୍ଟା କରିବା ସହ ବୋଲଗଡ ଦମକଳ କାର୍ଯ୍ୟାଳୟକୁ ଯୋଗାଯୋଗ କରିଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ମହାଦେବ ବେହେରା, ବାଲ୍ମିକ ପ୍ରଧାନ ଓ ବନମାଳୀ ବେହେରାଙ୍କ ସମେତ ଅନ୍ୟମାନେ ପହଞ୍ଚି ଗାଈଟିକୁ କୌଶଳକ୍ରମେ ସୁରକ୍ଷିତ ଉଦ୍ଧାର କରିଛନ୍ତି।

## ବ୍ୟାରେଜ ପୁନଃ ନିର୍ମାଣ ଦାବି

ଖୋର୍ଦ୍ଧା,୧୬(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତରେ ଥିବା ମଲାଗୁଣୀ ନଦୀ ଉପରେ ହୋଇଥିବା ବ୍ୟାରେଜର ପୁନଃ ନିର୍ମାଣ କାର୍ଯ୍ୟ କରିବାକୁ ଭାଜପା ରାଜ୍ୟ ମୁଖପାତ୍ର ସୋନାଲି ସାହୁ କହିଛନ୍ତି। ରାମେଶ୍ୱର ବ୍ୟାରେଜ ଯୋଗୁ ଖୋର୍ଦ୍ଧାର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଦ୍ୱାରା ଟାଙ୍ଗୀ ଓ କଣାସର ୩୭ଟି ରାଜସ୍ୱ ଗ୍ରାମର ୧ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହେବାର ଯୋଜନା ଥିଲା। ହେଲେ ୩ ବର୍ଷ ହେବ ବର୍ଷା ହେଉନାହିଁ। ଫନୀରେ ଆନିକଟର ୯ଟି କବାଟ ବଙ୍କା ହେବା ସହ ଅନେକ ଗେଟ୍ କ୍ଷତିଗ୍ରସ୍ତ ହୋଇଛି। ବ୍ୟାରେଜର ପୁନଃ ନିର୍ମାଣ ପାଇଁ ଓଡ଼ିଶା ନିର୍ମାଣ ନିଗମ ଦାୟିତ୍ୱ ନେଇଥିଲେ ମଧ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ। ଆନିକଟ ଓ ଗେଟ୍ ପାଇଁ ବ୍ୟୟ ଅଟକଳ ହୋଇଥିଲେ ମଧ୍ୟ ବ୍ୟାରେଜ ନିର୍ମାଣ ହୋଇନାହିଁ। ଯଦି ବ୍ୟାରେଜ୍‌ର ପୁନଃନିର୍ମାଣ ନ ହୁଏ ତେବେ ନଦୀରେ ଜଳ ରହିବନାହିଁ। ବର୍ତ୍ତମାନ ମୌସୁମୀ ବର୍ଷା ହେବାକୁ ଥିବାବେଳେ ବ୍ୟାରେଜ ନିର୍ମାଣ ହୋଇନାହିଁ। ତେଣୁ ତୁରନ୍ତ ବ୍ୟାରେଜର ନିର୍ମାଣ କରାଗଲେ ଲକ୍ଷାଧିକ ଚାଷୀ ଉପକୃତ ହୋଇପାରିବେ ବୋଲି ପ୍ରେସ୍ ରିଲିଜ୍ ଜରିଆରେ ସୋନାଲି ଖୋର୍ଦ୍ଧା ଜିଲାପାଳଙ୍କୁ ଜଣାଇଛନ୍ତି।

# ସ୍ୱଚ୍ଛତା ଅଞ୍ଚଳ, ଶୌଚାଳୟ ନିର୍ମାଣ ଉପରେ ଗୁରୁତ୍ୱ

କୃଷ୍ଣପ୍ରସାଦ,୧୬(ଡି.ଏନ୍.ଏ.)

- ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ
- କାଳିଜାଈ ପୀଠରେ କମ୍ୟୁନିଟି ସେଣ୍ଟର ନିର୍ମାଣ ଦାବି

କୃଷ୍ଣପ୍ରସାଦ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ ବ୍ଲକ ସଭାଗୃହରେ ଅଧ୍ୟକ୍ଷା ସରୋଜିନୀ ତରେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ମନୋଜ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପରିମଳ ବିଭାଗ ଜିଲା ପ୍ରକଳ୍ପ ସଂଯୋଜକ ଦୀପ୍ତିରଞ୍ଜନ ପ୍ରଧାନ ଯୋଗଦେଇ ଅଦରକାରୀ ବର୍ଜ୍ୟବସ୍ତୁକୁ ବାହାରେ ନ ଫୋପାଡି ସରକାରଙ୍କ ବ୍ୟାଟେରିଚାଳିତ ଗାଡ଼ିରେ ପକାଇଲେ ଆମେ ସ୍ୱଚ୍ଛ ରହିବା ସହିତ ଜିଲାରେ ଏହି ପ୍ରକଳ୍ପ ବ୍ୟବହାର ପାଇଁ ବ୍ଲକ ଏକ ନମ୍ବର ହୋଇପାରିବ ବୋଲି କହିଥିଲେ। ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ବିଧାୟକଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ବ୍ଲକ ଉପାଧ୍ୟକ୍ଷ ଶକୁନ୍ତଳା ଗଡ୍ଡୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ପ୍ରସନ୍ନ ସାଇଁଙ୍କ ସମେତ ସମସ୍ତ ପଞ୍ଚାୟତ ପ୍ରତିନିଧି ଏବଂ ସମ୍ପ୍ରସାରଣ ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ। ଜହ୍ନିକୁଦା ଘାଟ ପେଣ୍ଠରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ପାଇଁ ବିଧାୟକଙ୍କ ପ୍ରତିନିଧି ଉତ୍ତମ ତରେଇ ସଭାରେ ଦୃଷ୍ଟି ଆକର୍ଷଣ କରିଥିଲେ। କୃଷ୍ଣପ୍ରସାଦ ପଞ୍ଚାୟତର ମୁଖ୍ୟ ବାଣିଜ୍ୟ କେନ୍ଦ୍ର କୁହାଯାଉଥିବା ଘିମୁଦା ଘାଟ ପେଣ୍ଠ ଏବଂ ଚିଲିକାର ଅଧିଷ୍ଠାତ୍ରୀ ତଥା ପାରିକୁଦର ଇଷ୍ଟଦେବୀ ମା’ କାଳିଜାଈଙ୍କ ପୀଠରେ କମ୍ୟୁନିଟି ଟଏଲେଟ ନିର୍ମାଣ ସମ୍ପର୍କରେ ସରପଞ୍ଚ ଇତିଶ୍ରୀ ସିଂହ ଅବଗତ କରାଇଥିଲେ। ପିରିଜିପୁରର ବନ୍ଧମୁଣ୍ଡା ଭୋଇସାହିରେ କମ୍ୟୁନିଟି ଶୌଚାଳୟ ନିର୍ମାଣ ପାଇଁ ସରପଞ୍ଚ ମଳୟ ଜେନା ଦାବି କରିଥିଲେ। ନୂଆପଡ଼ାର ସରପଞ୍ଚ କବିତା ଜେନା ୬ଶହ ଜନବସତି ବାସ କରୁଥିବା ଖାଟିସାହି ଗ୍ରାମରେ ବୋରିଂ ଜଳ ସହିତ ଜଙ୍ଗଲସାହିକୁ ପାଇପ ଲାଇନ ବ୍ୟବସ୍ଥା କରିବା ଏବଂ ଦଶଦୋଳ ପଡ଼ିଆରେ କମ୍ୟୁନିଟି ଟଏଲେଟ ନିର୍ମାଣ ପାଇଁ ଦାବି କରିଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରଶ୍ମିରଞ୍ଜନ ସାହୁ ପଞ୍ଚାୟତ କାଗଜପତ୍ର ଠିକ ଭାବେ କରିବା ପାଇଁ ତାଗିଦ କରିବା ସହିତ ପଞ୍ଚାୟତରାଜ ବ୍ୟବସ୍ଥାର ସୁପରିଚାଳନା ଦିଗରେ ଆଲୋଚନା କରିଥିଲେ। ବ୍ଲକ ମୁଖ୍ୟ କିରାଣୀ କୁବେର ଜେନା, ରାଜସ୍ୱ ସହାୟକ ରଞ୍ଜନ ବେହେରା, କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର ସାମନ୍ତରାୟ, ପବିତ୍ର ମଲ୍ଲିକ, କମଳାକାନ୍ତ ବାସ୍କେ, ଜଳଯୋଗାଣ ବିଭାଗ ଯନ୍ତ୍ରୀ ବିପିନି ବିହାରୀ ମଙ୍ଗରାଜ, ଏପିଓ ଅଭିନ୍ନ ପଲେଇ, ପ୍ରଭାତ ଜେନା, ସୌଭାଗ୍ୟ ବଳିୟାରସିଂହ, ଆଲୋକ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।



ପଞ୍ଚାୟତ ସମିତି ବୈଠକରେ ଯୋଗ ଦେଇଥିବା ଅତିଥିମାନେ।

# ୧୧ ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ମାର୍ଟ ସ୍କୁଲ

ବୋଲଗଡ,୧୬(ଡି.ଏନ୍.ଏ.)

ସରକାରୀ ସ୍କୁଲରେ ଶିକ୍ଷାଦାନରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ରାଜ୍ୟ ସରକାର ବର୍ତ୍ତମାନ ସ୍ମାର୍ଟ ସ୍କୁଲର ପରିକଳ୍ପନା କରି କାର୍ଯ୍ୟକାରୀ କରୁଛନ୍ତି। ଛାତ୍ରୀଛାତ୍ରଙ୍କ ଲାଗି ନିଜ ସ୍କୁଲରେ ଇଣ୍ଟରନେଟ ବ୍ୟବହାରଠାରୁ ଅତ୍ୟାଧୁନିକ ଢାଞ୍ଚାରେ ନିର୍ମାଣ ହୋଇଥିବା ସ୍ମାର୍ଟ କ୍ଲାସରୁମରେ ପାଠପଢ଼ା ବ୍ୟବସ୍ଥା ହୋଇଛି। ଏହି ଅନୁସାରେ ୫-ଟି ଅଧୀନରେ ରାଜ୍ୟ ସରକାରଙ୍କ ପକ୍ଷରୁ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଞ୍ଚଳର ୧୧ଟି ସରକାରୀ ହାଇସ୍କୁଲର ରୂପାନ୍ତରଣ କାର୍ଯ୍ୟ ଶେଷ ହୋଇ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଏହି ସବୁ ବିଦ୍ୟାଳୟଗୁଡିକୁ ଉଦ୍‌ଘାଟନ କରିଛନ୍ତି। ବୋଲଗଡ ବ୍ଲକର ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ, ବୋଲଗଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୋଲଗଡ ସରକାରୀ ଉଚ୍ଚ ବିଦ୍ୟାଳୟ ବାଙ୍କୋଇ, ଜି.ବି. ସରକାରୀ ଉଚ୍ଚ ବିଦ୍ୟାଳୟ ମାଣିକାଗୋଡା, ଆର.ଏମ ନୋଡାଲ ଉଚ୍ଚ ବିଦ୍ୟାଳୟ ଟାଙ୍ଗିସାହି, ସରକାରୀ ଉଚ୍ଚ ବିଦ୍ୟାଳୟ ଗେଡିଆପଲ୍ଲୀ, କାହ୍ନୁଚରଣ ନୋଡାଲ ଉଚ୍ଚ ବିଦ୍ୟାଳୟ କଳାଙ୍ଗ, ସରକାରୀ ଉଚ୍ଚ ବିଦ୍ୟାଳୟ ଅରଖପଲ୍ଲୀ, ପଞ୍ଚପଲ୍ଲି ଉଚ୍ଚ ବିଦ୍ୟାଳୟ ମାଣିବନ୍ଧ, ଏସ୍‌ଆର୍‌ଡି ନୋଡାଲ ଉଚ୍ଚ ବିଦ୍ୟାଳୟ ପିଚୁକୁଳି ଓ ଭକ୍ତଚରଣ ସରକାରୀ ଉଚ୍ଚ ବିଦ୍ୟାଳୟ ସାନପଦର ଆଦି ୧୧ଟି ବିଦ୍ୟାଳୟ ରୂପାନ୍ତର ହୋଇଛି। ଏହି ଅବସରରେ ଏହି ସବୁ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହିତ ୨ଜଣ ଛାତ୍ରୀଛାତ୍ର ଓ ମୋ ସ୍କୁଲ ସଭାପତି ଖୋର୍ଦ୍ଧା ବିଜେବି ହାଇସ୍କୁଲ ପରିସରରେ ଅନୁଷ୍ଠିତ ଉତ୍ସବରେ ଯୋଗଦେଇଥିଲେ। ଅନ୍ୟମାନେ ବୋଲଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଭର୍ଚୁଆଲରେ ଉପସ୍ଥିତ ଥିଲେ।

# ଗଞ୍ଜାମରୁ କୃଷ୍ଣପ୍ରସାଦକୁ ଯୋଗାଣ ହେବ ପାଣି

ଛତ୍ରପୁର,୧୬(ଡି.ଏନ.ଏ.)

## ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ସମୀକ୍ଷା

ଗଞ୍ଜାମ ଜିଲା ଋଷିକୁଲ୍ୟା ନଦୀରୁ ଗଞ୍ଜାମ ବ୍ଲକ ଓ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକକୁ ପାଇପ ଯୋଗେ ପାଣି ଯୋଗାଣ ପାଇଁ ମେଗା ପ୍ରକଳ୍ପ ଲାଗି ପରିକଳ୍ପନା କରାଯାଇଛି। ବୁଧବାର ସନ୍ଧ୍ୟାରେ ଛତ୍ରପୁରସ୍ଥିତ ଡିଆରଡିଏର ଜଉଗଡ଼ ସମ୍ମିଳନୀ କକ୍ଷରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଏହି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି । ଏହାପୂର୍ବରୁ ସେ ପ୍ରକଳ୍ପ ସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ। ତେବେ ପ୍ରକଳ୍ପ ବହୁ ବିଳମ୍ବ ହୋଇଥିବା ସମୀକ୍ଷାରୁ ଜଣାପଡ଼ିଛି। ନିର୍ଦ୍ଧାରିତ ସମୟରେ କାମ ନ ସାରିଲେ ଠିକାଦାରଙ୍କୁ କଳା ତାଲିକା ଭୁକ୍ତ କରାଯିବ। ଏଥିସହ ଜରିମାନା ପକାଇବା ଆରମ୍ଭ ହୋଇଛି ବୋଲି କୁହାଯାଇଥିଲା । ଏହି ପ୍ରକଳ୍ପ ପାଇଁ ୨୦୩.୪୬ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି । ୨୦୧୮ ଅଗଷ୍ଟ ୨୮ରେ ଆରମ୍ଭ ହୋଇଥିବା ଏହି କାମ ପ୍ରଥମେ ୨୦୨୦ ଅଗଷ୍ଟ ୨୬ରେ ସାରିବା ଲକ୍ଷ୍ୟ ଥିଲା। ପରେ ଆସନ୍ତା ଅଗଷ୍ଟ ପର୍ଯ୍ୟନ୍ତ ଅବଧି ବଢ଼ାଯାଇଛି। କାର୍ଯ୍ୟ ଆହୁରି ବିଳମ୍ବ ହେବ ବୋଲି ଜଣାପଡିଛି। ଗଞ୍ଜାମ ବ୍ଲକର ୭ଟି ପଞ୍ଚାୟତର ୫୫ ଗାଁ ଓ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ୧୪ଟି ପଞ୍ଚାୟତର ୯୨ ଗାଁକୁ ଗଞ୍ଜାମ ଜିଲା ବରଦା ନିକଟ ଋଷିକୂଲ୍ୟା ନଦୀରୁ ଏହି ମେଗା ପ୍ରକଳ୍ପରୁ ପାଣି ମିଳିବା ଯୋଜନା ହୋଇଛି। ଏଥପାଇଁ ଇନଟେକ ୱେଲ ଓ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ କାର୍ଯ୍ୟ ନିର୍ମାଣ ସରିଛି। ତେବେ ଜାତୀୟ ରାଜପଥ ଓ ରେଳପଥ ଦେଇ ପାଇପ ଯିବାକୁ ଥିବାରୁ ସମସ୍ୟା ଲାଗି ରହିଛି । ଏହା ଉପରେ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି। ଠିକାଦାର ସଂସ୍ଥାର ଅବହେଳା ଯୋଗୁ ଏହି ପ୍ରକଳ୍ପ ବିଳମ୍ବ ହେଉଥିବା ଆଲୋଚନା ହୋଇଥିଲା। ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବୈଠକରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ସର୍ବୋଚ୍ଚ ଯନ୍ତ୍ରୀ ହାଡୁବନ୍ଧୁ ବେହେରା, ମୁଖ୍ୟ ଯନ୍ତ୍ରୀ ସର୍ବେଶ୍ୱର ବାରିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଯନ୍ତ୍ରୀ ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ବେଗୁନିଆ,୧୬(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ବାଦବାରବାଟୀ ପ୍ରାଥମିକ ବିଦ୍ୟାଳୟର ଆଦର୍ଶ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ନାୟକ ବୁଧବାର ଅବସର ନେଇଛନ୍ତି। ନିଧିପୁର ଗ୍ରାମସ୍ଥିତ ମା’ ଜାଗେଶ୍ୱରୀଙ୍କ ପୀଠରେ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରାମଚନ୍ଦ୍ର ଷଣ୍ଢଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବିଷ୍ଣୁପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦିଲୀପ ମହାପାତ୍ର, ଯୋଗୀନ୍ଦ୍ରନାଥ ସାହୁ, ବେଣୁଧର ବଳିୟାରସିଂହ, ପ୍ରଫୁଲ୍ଲ ଦାଶ, ରାଜକିଶୋର ପାଣିଗ୍ରାହୀ, ବସନ୍ତ ପ୍ରହରାଜ ପ୍ରମୁଖ ସାମିଲ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନାୟକ ବ୍ଲକ ଶିକ୍ଷକ କଲ୍ୟାଣ ପାଣ୍ଠିକୁ ୩ହଜାର ୩ଟଙ୍କା ଦେଇଥିଲେ। ଶିକ୍ଷକ ବସନ୍ତ ପ୍ରହରାଜ ଧନ୍ୟବାଦ ଦେଇଥିଲେ।

## କ୍ଷେତ୍ରବାସୀ ସରକାରୀ ବିଦ୍ୟାଳୟ ରୂପାନ୍ତର



ନିରାକାରପୁର,୧୬(ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର କେତେକ ବିଦ୍ୟାଳୟ ସ୍ମାର୍ଟ ସ୍କୁଲରେ ପରିଣତ ହୋଇଥିବା ବେଳେ ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ନିରାକାରପୁର ସ୍ମାର୍ଟ ସ୍କୁଲକୁ ଭିଡିଓ କନଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିରାକାରପୁର କ୍ଷେତ୍ରବାସୀ ଏବେ ସ୍ମାର୍ଟ ସ୍କୁଲରେ ସାମିଲ ହୋଇଛି। ସ୍କୁଲର ସ୍ମାର୍ଟ କ୍ଲାସରୁମ ଓ କମ୍ପ୍ୟୁଟର ଲାବୋରେଟୋରି, ବିଜ୍ଞାନାଗାର, ଫୁଲବଗିଚା, ପାନୀୟଜଳ କାର୍ଯ୍ୟ ସରିଛି। ଉଦ୍‌ଘାଟନ ଦିବସରେ ବିଭାଗୀୟ ଅଧିକାରୀ ସହକାରୀ ଯନ୍ତ୍ରୀ ନିରଞ୍ଜନ ବିଶ୍ୱାଳ, କନିଷ୍ଠ ଯନ୍ତ୍ରୀ ପ୍ରିୟଙ୍କା ପାତ୍ର, ଜିଲା ପରିଷଦ ସଭ୍ୟ ବିଜୟ ପାଲଟାସିଂହ, ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥଶର୍ମା, ସାମାଜିକ କର୍ମୀ ଶୁଭମ ଦାଶ, ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ ଉପସ୍ଥିତ ଥିବାବେଳେ ପୁରାତନ ଛାତ୍ର ବିକ୍ରମ କେଶରୀ ସାହୁ, ମାନସଚନ୍ଦ୍ର ପଟ୍ଟନାୟକ, ହିମାଂଶୁ ଭୂଷଣ ଚମ୍ପତିରାୟ, ଦିଲୀପ ପ୍ରଧାନ ଓ ମୃତ୍ୟୁଞ୍ଜୟ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



# ଲୁଟେରାଙ୍କ ସମେତ ୪ ଗିରଫ, ୯ ବାଇକ୍ ଜବତ

ଖୋର୍ଦ୍ଧା ଅଫିସ,୧୬

ଖୋର୍ଦ୍ଧା ଟାଉନ ପୋଲିସ ଜଣେ ବାଇକ ଲୁଟେରା ସମେତ ୩ଜଣ ବାଇକ୍ କ୍ରେତାଙ୍କୁ ବୁଧବାର ଗିରଫ କରିଛି। ଏଥିସହ ସେମାନଙ୍କ ଠାରୁ ୯ଟି ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବେଗୁନିଆ ଥାନା ଅନ୍ତର୍ଗତ ବେଗୁନିଆ ନୂଆ ସାହିର ସର୍ବେଶ୍ୱର ବାରିକ ଓରଫ ସାନୁ(୨୩) ଏବଂ ବଡବେରଣାର ସୌଦାଗର ମହାରଣା ଓରଫ ଗଜେନ୍ଦ୍ର(୩୨), କଡବର ସଞ୍ଜୟ ନାୟକ(୨୦) ଓ ହରିପ୍ରସାଦର ସନ୍ତୋଷ ମହାରଣା ଓରଫ ସାଣ୍ଟୁ(୪୫)। ମିଳିଥିବା ସୂଚନା ଅନୁଯାୟୀ, ସହରରେ ବାଇକ ଚୋରି ଘଟଣା ଦିନକୁ ଦିନ ବଢିଚାଲିଛି। ଏ ନେଇ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଏହି ଲୁଟେରା ଗ୍ୟାଙ୍ଗକୁ ଧରିବା ପାଇଁ ଟାଉନ ପୋଲିସ ଜାଲ ବିଛାଇଥିଲା। ନୂଆ ସାହିର ଜଣେ ବ୍ୟକ୍ତି ଗାଡ଼ି ଚୋରି ଗ୍ୟାଙ୍ଗରେ ସାମିଲ ଥିବା ବିଶେଷ ସୂତ୍ରରୁ ପୋଲିସ ଜାଣିଥିଲା। ଫଳରେ ପୋଲିସର ଏକ ଟିମ୍ ନୂଆସାହିରେ ଚଢ଼ାଉ କରି ସର୍ବେଶ୍ୱରଙ୍କୁ ଗିରଫ କରି ପଚରାଉଚରା କରିଥିଲା। ପୋଲିସ ତାଙ୍କ ଠାରୁ ଚୋରି ଯାଇଥିବା ହିରୋ ହୋଣ୍ଡା (ନଂ ଓଡି୦୨ ଏଏନ୪୩୮୬) ଏବଂ ୨ଟି ବାଇକ ତାଙ୍କ ଘରୁ ଏବଂ ବିଭିନ୍ନ ସମୟରେ ଚୋରି ଯାଇଥିବା ୬ଟି ବାଇକ୍ ଅନ୍ୟ ତିନି କ୍ରେତାଙ୍କ ଘରୁ ଜବତ କରିଥିଲା। ଏସ୍‌ଡିପିଓ ସୁଶୀଲ ମିଶ୍ର ଓ ଡିଏସପି ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଟିମ୍‌ରେ ଏସ୍‌ଆଇ ସୁକାନ୍ତ ଦଳାଇ, ପିଏଲ ବେହେରା, ଏଏସଆଇ ପିକେ ପ୍ରଧାନ, ଅକ୍ଷୟ ସେଠୀ, ହାବିଲଦାର ବିକେ ପାଣିଗ୍ରାହୀ, କନେଷ୍ଟବଲ ପ୍ରଦୀପ ହରିଚନ୍ଦନ ଓ ଅବଦୁଲ ମାସି ଖାନ ପ୍ରମୁଖ ସାମିଲ ହୋଇଥିଲେ।

# ରୂପାନ୍ତରିତ ୮୧ ହାଇସ୍କୁଲ ଲୋକାର୍ପିତ

ଖୋର୍ଦ୍ଧା ଅଫିସ,୧୬

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ବୁଧବାର ଖୋର୍ଦ୍ଧା ଜିଲାର ୮୧ଟି ବିଦ୍ୟାଳୟ ରୂପାନ୍ତରଣର ଲୋକାର୍ପଣ କରିଛନ୍ତି। ଏହି ଉପଲକ୍ଷେ ସ୍ଥାନୀୟ ବିଜେବି ହାଇସ୍କୁଲ ଖେଳପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜ୍ଞାନ, କାରିଗରି, ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ରାଜେନ୍ଦ୍ର ସାହୁ, ଜୟଦେବ ବିଧାୟକ ଅରବିନ୍ଦ ଢାଲି ଏବଂ ବିଜେବି ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ର ପର୍ଶୁରାମ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ନାସ୍‌ରେ ଜିଲାର ରେଟିଂ ବୃଦ୍ଧି

ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଥିଲେ, ପ୍ରଥମ ପର୍ଯ୍ୟାୟରେ ଜିଲାର ୩୮ଟି ହାଇସ୍କୁଲ ରୂପାନ୍ତରଣ ହୋଇଥିଲା। ଏବେ ୨ୟ ପର୍ଯ୍ୟାୟରେ ରୂପାନ୍ତରଣ ହୋଇଥିବା ୮୧ଟି ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରି, ବିଜ୍ଞାନାଗାର ସମେତ ଶୈକ୍ଷିକ ବାତାବରଣ ଉପରେ ଗୁରୁତ୍ୱ ଦିଆଯାଇଛି। ୧୧୯ଟି ରୂପାନ୍ତରିତ ବିଦ୍ୟାଳୟ ମଧ୍ୟରୁ ଶହେଟି ହାଇସ୍କୁଲକୁ ଜମିପଟ୍ଟା ହସ୍ତାନ୍ତର କରାଯାଇଛି। ନ୍ୟାଶନାଲ ଆସେସ୍‌ମେଣ୍ଟ ସର୍ଭେ (ନାସ୍)ରେ ୪ଟି ବିଷୟରେ ଖୋର୍ଦ୍ଧା ୮ମ ଓ ୯ମ ସ୍ଥାନରେ ରହିଛି। ଏଥିସହ ଖୋର୍ଦ୍ଧା ଜିଲାରେ ଶିଶୁ ମୃତ୍ୟୁହାର କମିଛି।

### ଆରମ୍ଭ ହେବ ଆକାଂକ୍ଷା

କୋଭିଡ୍‌ସମୟରେ ଖୋର୍ଦ୍ଧା ଜିଲା ଅନ୍‌ଲାଇନ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା। ପିଲାଙ୍କ କ୍ଷେତ୍ରରେ ପାଠପଢା ପ୍ରତି ରୁଚି ଓ ଆଗ୍ରହ ବଢାଇବା ଲାଗି ଆକାଂକ୍ଷା ନାମକ ଯୋଜନା କାର୍ଯ୍ୟକାରୀ କରାଯିବାକୁ ସ୍ଥିର ହୋଇଛି। ମେଧାବୀ ଛାତ୍ରୀଛାତ୍ରଙ୍କୁ ବୃତ୍ତି ଦିଆଯିବା ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଛନ୍ତି।

### ଶିକ୍ଷାକ୍ଷେତ୍ରରେ ରୋଲ୍ ମଡେଲ ହେବ ଓଡ଼ିଶା

ଏହି ଅବସରରେ ମନ୍ତ୍ରୀ ପଣ୍ଡା କହିଥିଲେ, ଛାତ୍ରୀଛାତ୍ରଙ୍କ ବିକାଶ ଦିଗରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏଭଳି ରୂପାନ୍ତରଣ ଦ୍ୱାରା ଶିକ୍ଷାରେ ଉନ୍ନତି ଆସିବା ସହ ଶୈକ୍ଷିକ ଭିତ୍ତିଭୂମି ସୁଦୃଢ ହେବ। ସେ ଆହୁରି କହିଲେ, ଘରୋଇ ସ୍କୁଲରେ ପଢୁଥିବା ଅନେକ ଛାତ୍ରୀଛାତ୍ର ଏବେ ସରକାରୀ ରୂପାନ୍ତରିତ ହାଇସ୍କୁଲରେ ପଢିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ବଡ଼ଗଡ଼ ହାଇସ୍କୁଲରେ ପିଲା ସଂଖ୍ୟା ଦ୍ୱିଗୁଣ ବଢିଛି। ଏସବୁ କେବଳ ୫ଟି ରୂପାନ୍ତରଣ ବିଦ୍ୟାଳୟ ଯୋଗୁ ସମ୍ଭବ ହୋଇପାରିଛି। ଆଗକୁ ଶିକ୍ଷା କ୍ଷେତ୍ରରେ ମଧ ଓଡ଼ିଶା ଅନ୍ୟ ରାଜ୍ୟ ପାଇଁ ରୋଲ ମଡେଲ ହୋଇପାରିବ। ଗୁଜରାଟ ଗସ୍ତ ସମୟରେ ସେଠାକାର ଶିକ୍ଷାମନ୍ତ୍ରୀ ଆମ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ।

### ପର୍ଶୁରାମଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ବିଜେବି ହାଇସ୍କୁଲର ୧୦ମ ଶ୍ରେଣୀ ଛାତ୍ର ପର୍ଶୁରାମ ମହାପାତ୍ର କହିଥିଲେ, ରୂପାନ୍ତରିତ ହେବା ପରେ ବିଦ୍ୟାଳୟର ନକ୍ସା ସମ୍ପୂର୍ଣ୍ଣ ବଦଳିଛି। ହାଇସ୍କୁଲ ପ୍ରତି ପିଲାଙ୍କ ମନରେ ଆଗ୍ରହ ବଢ଼ିଛି। ସ୍ମାର୍ଟ କ୍ଲାସରୁମ, ଇ-ଲାଇବ୍ରେରି ସହ ଉନ୍ନତମାନର ବିଜ୍ଞାନାଗାର ଏବଂ କ୍ରୀଡ଼ା ଭିତ୍ତିଭୂମି ରହିଛି। ପିଲାଙ୍କ ଭବିଷ୍ୟତ ଗଠନରେ ଏହା ସହାୟକ ହୋଇପାରିବ ବୋଲି ମୁଁ ଅନୁଭବ କରୁଛି। ମୋ’ ଭଳି ଅନେକ ବିଦ୍ୟାର୍ଥୀଙ୍କ ମଧ୍ୟରେ ସବୁକ୍ଷେତ୍ରରେ ଆଗକୁ ବଢ଼ିବାର ଇଚ୍ଛା ରହିଛି ବୋଲି ପର୍ଶୁରାମ କହିଥିଲେ। ସେହିପରି ତୁମ ଲକ୍ଷ୍ୟ କ’ଣ ମୁଖ୍ୟମନ୍ତ୍ରୀ ପଚାରିବାରୁ ଭବିଷ୍ୟତରେ ଡାକ୍ତର ହୋଇ ଗରିବ ଲୋକଙ୍କ ସେବା କରିବାକୁ ଇଚ୍ଛା ରଖିଛି ବୋଲି ପର୍ଶୁରାମ କହିଥିଲେ। ଏହା ଶୁଣି ମୁଖ୍ୟମନ୍ତ୍ରୀ ତାଙ୍କୁ ପ୍ରଶଂସା କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଉପଜିଲାପାଳ ଆଇ. ଗୌରବ ଶିବାଜୀ, ଖୋର୍ଦ୍ଧା ବିଡିଓ ରୁମାନା ଜାଫ୍ରିଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ସମ୍ପତ୍ତିଗତ ଚୋରି ମାମଲାରେ ୧୫୮ ଗିରଫ

ଭୁବନେଶ୍ୱର,୧।୬(ବ୍ୟୁରୋ)

**ମେ' ମାସର ରିପୋର୍ଟ କାର୍ଡ**

- ଜବତ ହୋଇଛି ୧୩୧ ଚୋରା ମୋବାଇଲ, ୩୮ ଗାଡ଼ି, ୧୩୨.୭୭୮ ଗ୍ରାମ ଅଳଙ୍କାର
- ନିଶା କାରବାରରେ ୯ ଗିରଫ, ୩୭ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଜବତ

ରାଜଧାନୀରେ ଦିନକୁଦିନ ଅପରାଧ ବଢ଼ୁଛି। କମିଶନରେଟ ପୋଲିସର ପଦକ୍ଷେପକୁ ଅପରାଧୀମାନେ ଖାତିର କରୁନାହାନ୍ତି। ବାରମ୍ବାର ଅପରାଧ ଘଟାଇ ପୋଲିସକୁ ଚ୍ୟାଲେଞ୍ଜ ଦେଉଛନ୍ତି। ଏପରି ସ୍ଥିତିରେ ଭୁବନେଶ୍ୱର ଡିସିପି ଅଫିସ୍ ପକ୍ଷରୁ ମେ' ମାସର ରିପୋର୍ଟ କାର୍ଡ ବୁଧବାର ପ୍ରକାଶ ପାଇଛି। ଏହି ମାସରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା (ୟୁପିଡି)ର ବିଭିନ୍ନ ଥାନା ଅଞ୍ଚଳରୁ ସମ୍ପତ୍ତିଗତ ଚୋରି ମାମଲାରେ ୧୫୮ଜଣ ଅଭିଯୁକ୍ତଙ୍କୁ ଗିରଫ ସହ ବହୁ ସାମଗ୍ରୀ ଜବତ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ୧୫ଜଣ ଅଭ୍ୟାସଗତ ଅପରାଧୀ ଅଛନ୍ତି। ସେମାନଙ୍କ ବିରୋଧରେ ସିଆର୍‌ପିସି ଧାରା-୧୧୦ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି। ଥାନାଗୁଡ଼ିକରେ ଗଠିତ ପିଓପିଡି ଏବଂ ଟିମ୍-୬୦ର ମିଳିତ ଉଦ୍ୟମରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରୁ ୭୯ଜଣଙ୍କୁ ଏକାଧିକ ମାମଲାରେ ଜେଲରୁ ରିମାଣ୍ଡରେ ଅଣାଯାଇଥିଲା। ଗିରଫ ଅଭିଯୁକ୍ତଙ୍କଠାରୁ ୧୩୧ ମୋବାଇଲ ଫୋନ୍, ୨ ଲାପ୍‌ଟପ୍, ଗୋଟିଏ ଟିଭି, ୨୫ ବ୍ୟାଟେରି, ୧୩୨.୭୭୮ ଗ୍ରାମ୍‌ର ସୁନା ଅଳଙ୍କାର, ନଗଦ ୧୫ ହଜାର ଟଙ୍କା ଏବଂ ୩୮ ଚୋରା ଗାଡ଼ି ଜବତ କରାଯାଇଛି। ଜବତ ସାମଗ୍ରୀକୁ ସେମାନଙ୍କ ପ୍ରକୃତ ମାଲିକଙ୍କୁ ଫେରାଇ ଦିଆଯାଉଛି। ଅନ୍ୟପକ୍ଷରେ ୯ଟି ନିଶା କାରବାର ମାମଲାରେ ସମ୍ପୃକ୍ତ ୧୧ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏମାନଙ୍କ ନିକଟରୁ ୪୬.୮୮ ଗ୍ରାମ୍‌ର ବ୍ରାଉନସୁଗାର ଓ ୧୫୧ କେଜି ୧୫୦ ଗ୍ରାମ୍‌ର ଗଞ୍ଜେଇ ଜବତ କରାଯାଇଛି। ଏଥିସହ ନିଶାବିକ୍ରିଜନିତ ଆୟରୁ ମୋଟ ୩୭ ହଜାର ୬୦୦ ଟଙ୍କା ଜବତ କରାଯାଇଛି। ତେବେ ରାଜଧାନୀରେ ଅପରାଧ ରୋକିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ତେଣୁ କିଛି ମାସ ପୂର୍ବରୁ ଡିସିପି ଅଫିସ ପକ୍ଷରୁ ଜନସାଧାରଣଙ୍କ ପାଇଁ ଏକ ହ୍ୱାଟ୍ସଆପ୍ ନମ୍ବର (୭୦୭୭୭୯୮୧୧୧) ଜାରି କରାଯାଇଛି। ମୋବାଇଲ, ଗାଡ଼ି, ସୁନାଗହଣା ଚୋରି ଓ ନିଶା କାରବାର ସମ୍ପର୍କରେ କୌଣସି ସୂଚନା ପାଇଲେ ଉକ୍ତ ନମ୍ବରରେ କଲ୍ କିମ୍ବା ହ୍ୱାଟ୍‌ସ ଆପ୍ ମାଧ୍ୟମରେ ଜଣାଇବାକୁ କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

## ବଙ୍ଗଳା ସିନେମାରେ ଓଡ଼ିଶାର ଗୁଲଜାର

ବାଲିପାଟଣା, ୧।୬ (ଡି.ଏନ୍.ଏ.)

ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ନିକଟ ସାହେବ ନଗରରେ ଜନ୍ମିତ ଶେଖ ଗୁଲଜାର ପଞ୍ଚସଖା ଶିଶୁ ଅନନ୍ତ ଦାସଙ୍କ ଉପରେ ପ୍ରାମାଣିକ ଚିତ୍ର କରି ଅନ୍ତର୍ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ହୋଇପାରିଛନ୍ତି। ସେ ଏବେ ବଙ୍ଗଳା ଚଳଚ୍ଚିତ୍ର ଜଗତର ଖ୍ୟାତନାମା ନିର୍ଦ୍ଦେଶକ ରାହୁଲ ଶାହାଙ୍କ ନିର୍ଦ୍ଦେଶନାରେ ନିର୍ମିତ ବଙ୍ଗଳା ଚଳଚ୍ଚିତ୍ର 'ମୋମୋ ଦି ଗେମ୍ ଅଫ୍ ଡେଥ୍''ରେ ଅଭିନୟ କରିବାର ସୁଯୋଗ ପାଇଛନ୍ତି। ଏହି ଚଳଚ୍ଚିତ୍ରର ଶୁଟିଂ ନିକଟରେ ସରିଥିବା ବେଳେ ଏବେ ଡବିଂ ଚାଲୁଛି। ରେଡ୍ ଇନକ୍ରାନେଶନ ଓ ସୁନୀତା ମିଶ୍ରାଙ୍କ ପ୍ରଯୋଜିତ ଏହି ଚିତ୍ରରେ କ୍ୟାମେରା ପରିଚାଳନା ମହେଶ ହାଜରା ଓ ଦୁର୍ଗା ପ୍ରସାଦ। ସଙ୍ଗୀତ- ପୀୟୁଷ ଚକ୍ରବର୍ତ୍ତୀ, ଗୀତ- ସୁମିତ ଆଚାର୍ଯ୍ୟ, ସ୍କ୍ରିପ୍ଟ ନ୍ୟାରେସନ- ଦେବଜୟ ବାନାର୍ଜୀ କରିଛନ୍ତି।

# ହଲଦିଆ ସିଏଚ୍‌ସିରେ ରୋଗୀ ସେବା ବିପର୍ଯ୍ୟସ୍ତ

ଖୋର୍ଦ୍ଧା ଅଫିସ,୧।୬

**ନବ ନିର୍ମାଣ କୃଷକ ସଂଘର ବିକ୍ଷୋଭ**

- ପ୍ରସୂତିଙ୍କୁ ଚିକିତ୍ସା ପରିବର୍ତ୍ତେ ଖୋର୍ଦ୍ଧା ପଠାଯାଉଛି
- ସନ୍ଧ୍ୟା ପରେ ଡାକ୍ତର ରହୁନାହାନ୍ତି

ରାଜ୍ୟ ସରକାର ଉନ୍ନତ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାସତ୍ତ୍ୱେ ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ଉତ୍ତମ ସେବା ମିଳୁନାହିଁ। ଖୋର୍ଦ୍ଧା ବ୍ଲକ ହଲଦିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ରେ ଚିକିତ୍ସାରେ ଅବହେଳା ହେଉଥିବା ନବନିର୍ମାଣ କୃଷକ ସଂଘ ଅଭିଯୋଗ କରିଛି। ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ପରେ ବି ପଦକ୍ଷେପ ନିଆଯାଉନାହିଁ। ଏହାର ପ୍ରତିବାଦରେ ସଂଘର ସଦସ୍ୟମାନେ ବୁଧବାର ଶୋଭାଯାତ୍ରାରେ ବାହାରି ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବର ପାଇ ଟାଉନ ଥାନା ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପଦକ୍ଷେପ ନିଆଯିବାକୁ ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ସନ୍ଧ୍ୟା ପରେ ଡାକ୍ତର ଅନୁପସ୍ଥିତ ରହୁଛନ୍ତି। ଏହି ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ହଇରାଣ ହେଉଛନ୍ତି। ଗର୍ଭବତୀ ମହିଳାଙ୍କୁ ଏଠାରେ ପ୍ରସବ ନ କରାଇ ଖୋର୍ଦ୍ଧାକୁ ପଠାଇ ଦିଆଯାଉଛି। ଦୁର୍ଘଟଣାରେ ଆହତଙ୍କୁ ମଧ୍ୟ ଖୋର୍ଦ୍ଧାକୁ ସ୍ଥାନାନ୍ତର କରାଯାଉଛି। କୁକୁର କାମୁଡ଼ା ଇଞ୍ଜେକସନ ମିଳୁନାହିଁ। ଚଳିତ ବର୍ଷ କରୋନା ସଂକ୍ରମଣ ହ୍ରାସ ଯୋଗୁ ସରକାର ସମସ୍ତ କଟକଣା ଉଠାଇଛନ୍ତି। ତଥାପି ରୋଗୀଙ୍କୁ ଦୂରେଇ ଚିକିତ୍ସା କରାଯାଉଛି ବୋଲି ସଂଘ ଅଭିଯୋଗ କରିଛି। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପରେଶ ଆଚାର୍ଯ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଏକ ମାସ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ ସଂଘ ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ନବ ନିର୍ମାଣ କୃଷକ ସଂଘର ହଲଦିଆ ଶାଖାର ଅକ୍ଷୟ ଜେନା, ପ୍ରସନ୍ନ ଭଞ୍ଜଙ୍କ ସମେତ ରାଜ୍ୟ ଯୁବ ଛାତ୍ର ସଂଯୋଜକ ମନୋହର ଅଲ୍ଲୀ, ମଧୁସ୍ମିତା ସାମଲ, ଜିଲା ସଂଯୋଜକ ସୁରେଶ ମାନସିଂ, ଶ୍ରୀକାନ୍ତ ଭଞ୍ଜ, ମହିଳା ମହାସଂଘ ସଭାପତି ବିମଳା ଜେନା, ସମ୍ପାଦକ ମମତା, ମାଧୁରୀ ସେଠୀ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ଥିଲେ।


**GOVERNMENT OF ODISHA** No. B-241

**e-Procurement Notice, Angul (R&B) Division**

**Bid Identification No. 04 of 2022-23**

**e-mail ID: angulrbdivision@yahoo.co.in**

1. Number of Works : 05 (Five) number of Building works 01 (One) number of Road work
2. Approximate estimated cost : Varies from Rs.13.00 lakh to 99.00 lakhs
3. Period of Completion : Varies from 02 (Two) to 06 (Six) Calendar months
4. Date & time of availability of bid document in the portal : Dt.02.06.2022 at 10.00 A.M.
5. Last date/time for receipt of bid in the portal : Dt.17.06.2022 upto 5.00 P.M.
6. Date of Opening Bid : Dt.18.06.2022 at 11.00 A.M.
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders have to participate in ONLINE bidding only.

Further details can be seen from the e-procurement portal **https://tendersodisha.gov.in**.

**Sd./- Superintending Engineer**
**Angul (R&B) Division**
**OIPR-34074/11/0002/2223**

**GOVERNMENT OF ODISHA**

**OFFICE OF THE EXECUTIVE ENGINEER MINOR IRRIGATION DIVISION, BALANGIR**

**AT/P.O.: BALANGIR, DIST.: BALANGIR**
**E-Mail: mid_balangir@yahoo.co.in**

**No. 1708** **Date: 01.06.2022**

**1st CORRIGENDUM to e-PROCUREMENT NOTICE IDENTIFICATION No. EEMID BGR - 02/2022-23**

No. A-285: The work at Sl. No. 4 of e-procurement notice vide Identification No. EEMID BGR-02/2022-23 i.e. Improvement Mursingh M.I.P. in Deogaon Block of Balangir district under RR&R for the year 2022-23 is hereby cancelled due to technical reasons.

**Executive Engineer**
**Minor Irrigation Division, Balangir**
**OIPR-32063/11/0003/2223**

**ତହସିଲ କାର୍ଯ୍ୟାଳୟ, କାଳିମେଳା, ଜିଲ୍ଲା-ମାଲକାନଗିରି**

ବିଜ୍ଞପ୍ତି ସଂଖ୍ୟା...../୨୦୨୨ (ସୈରାତ) ତାରିଖ-୨୦.୦୫.୨୦୨୨

**ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

No.F-62:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ କାଳିମେଳା ତହସିଲ ଅନ୍ତର୍ଗତ ନିମ୍ନପ୍ରଦତ୍ତ ଲଘୁଖଣିଜ ସୈରାତ ଉତ୍ସଗୁଡ଼ିକର ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬, ସଂଶୋଧନ ଆଇନ-୨୦୧୮ ଓ ଏହାର ସଂଶୋଧନ ଆଇନ-୨୦୧୮ ମୁତାବକ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules-2016 ର ଫର୍ମ-M (Form-M) ପୂରଣ କରି ଏହାର ତିନି କପି ସହ ଆବଶ୍ୟକୀୟ କାଗଜାତର ନକଲ ସଂଲଗ୍ନ ପୂର୍ବକ ଠିକ୍ ଭାବରେ ବନ୍ଦଥିବା ଲଫାପା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ଶେଷ ତାରିଖ ୦୬.୦୬.୨୦୨୨ ପୂର୍ବାହ୍ନ ଘ.୧୧.୩୦ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଠିକା ପେଟିକା (Tender Box) ରେ ପକାଇପାରିବେ କିମ୍ବା ରେଜିଷ୍ଟ୍ରି ବା କ୍ଷିପ୍ର ଡାକ ମାଧ୍ୟମରେ ପଠାଇପାରିବେ । ଏହି ବିଜ୍ଞାପନର ସମସ୍ତ ବିସ୍ତୃତ ବିବରଣୀ ମାଲକାନଗିରି ଜିଲ୍ଲା ୱେବସାଇଟ୍ www.malkangiri.nic.in ରେ ଦେଖିପାରିବେ । ଯଦି ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

| | |
|---|---|
| 1. ଆରଣାମାଳା ପଥର ଖାଦାନ | 4.ଅନନ୍ତପଲିମୋରମ ଖାଦାନ |
| 2. ତାମନପାଲି-୧ ବାଲି ଖାଦାନ | 5.ଆମ୍ବଗୁଡା ମୋରମ ଖାଦାନ |
| 3. ପାତକୁଣ୍ଡା ପଥର ଖାଦାନ -୨ | 6. ଟିଗଲ ମୋରମ ଖାଦାନ |

ସ୍ୱା./-ତହସିଲଦାର, କାଳିମେଳା
OIPR-24289/11/0002/2223

**ଭୁବନେଶ୍ୱର ମହାନଗର ନିଗମ**

Phone:0674-2431253,Fax:0674-2432895,
E-mail:info@bmc.gov.in., Web:bmc.gov.in
ସଂଖ୍ୟା ୨୭୨୯୭, ତାରିଖ ୦୧.୦୬.୨୦୨୨

**ନୋଟିସ**

**ୟୁନିଫର୍ମ ପ୍ରସ୍ତୁତି ନିମନ୍ତେ କପଡ଼ା କିଣିବା ଏବଂ ଏହାକୁ ସିଲାଇ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ଚୟନ ନିମନ୍ତେ ପ୍ରସ୍ତାବ ଆହ୍ୱାନ ପାଇଁ ବିଜ୍ଞପ୍ତି ଜାରି**

**No.C-412:**ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ଥିବା ସମ୍ବଳ କେନ୍ଦ୍ରଗୁଡ଼ିକରେ କାର୍ଯ୍ୟରତ ସ୍ୱଚ୍ଛକର୍ମୀଙ୍କ ନିମନ୍ତେ ୟୁନିଫର୍ମ କପଡ଼ା କିଣିବା ଏବଂ ଏହାକୁ ସିଲାଇ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ ଏଚ୍ ଜି)ଙ୍କଠାରୁ ପ୍ରସ୍ତାବପତ୍ର ଆହ୍ୱାନ କରାଯାଉଅଛି । ଏହି ପ୍ରସ୍ତାବପତ୍ର ଟେଣ୍ଡର ଦସ୍ତାବିଜ୍ ଅନୁସାରେ ପ୍ରସ୍ତୁତ ହୋଇ ମୁଦଦିଆ ଲଫାପାରେ ଦିଆଯିବ ଆବଶ୍ୟକ । ଇଚ୍ଛୁକ ଥିବା ଉଭୟ ବିଏମ୍‌ସି ନିବନ୍ଧିତ ଏବଂ ମିଶନ ଶକ୍ତି ତାଲିକାଭୁକ୍ତ ଏସ୍ ଏଚ୍ ଜିମାନେ ଯେଉଁମାନେ କି ଟେଲରିଂ ବା ଦରଜି କାର୍ଯ୍ୟ ଇତ୍ୟାଦି ପାଇଁ ଟେଣ୍ଡର ଦସ୍ତାବିଜ୍ ଅନୁସାରେ ଯୋଗ୍ୟତା ମାନଦଣ୍ଡଗୁଡ଼ିକୁ ପୂରଣ କରୁଥିବେ ସେହି ଏସ୍ ଏଚ୍ ଜିମାନେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ନିୟମ ଅନୁସାରେ ଧାର୍ଯ୍ୟ ସମୟ ଓ ତାରିଖ ମଧ୍ୟରେ ନିଜର ପ୍ରସ୍ତାବ ସିଧାସଳଖ କିମ୍ବା ଡାକ ମାଧ୍ୟମରେ ଦେଇପାରିବେ । ପ୍ରସ୍ତାବପତ୍ର ଦେବା ପାଇଁ ବିଏମ୍‌ସି ୱେବ୍‌ସାଇଟ www.bmc.gov.in କୁ ଯାଇ ଟେଣ୍ଡର ଦସ୍ତାବିଜ୍ ଦେଖି ସେଥିରୁ ପୁଙ୍ଖାନୁପୁଙ୍ଖ ସୂଚନା ଜାଣନ୍ତୁ । ଏହି ଦସ୍ତାବିଜ୍ ତା.୦୨.୦୬.୨୦୨୨ ରିଖଠାରୁ ପ୍ରସ୍ତାବ ଦାଖଲ କରିବାର ଶେଷ ତାରିଖ ତା.୦୮.୦୬.୨୦୨୨ ରିଖ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ବିଏମ୍‌ସି ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ।

ଆୟୁକ୍ତ, ବି.ଏମ୍.ସି.ଙ୍କ ଆଦେଶକ୍ରମେ
ସ୍ୱା./-ଉପ ଆୟୁକ୍ତ (ପରିମଳ), ଭୁବନେଶ୍ୱର ମହାନଗର ନିଗମ
OIPR-13002/11/0044/2223

**BHUBANESWAR MUNICIPAL CORPORATION**

**SHORT QUOTATION CALL NOTICE**

**No. 27302/BMC** **Dated: 01.06.2022**

No. C-413: On behalf of the Commissioner, Bhubaneswar Municipal Corporation (BMC), sealed quotations are invited from authorized shoes manufacturers/ distributors/dealers for **"procurement of shoes for Swachha Karmis engaged in Material Recovery Facility Centres (MRFs)"**.

The bidder shall submit the application along with the financial proposal on or before 08.06.2022 till 5.00 P.M. by Hand/Post/Courier. For further details regarding the short quotation call notice, the intending bidders may visit the BMC website **https://www.bmc.gov.in** for view or download information.

For any queries, please contact D.C. (Sanitation), BMC.

**By Order of Commissioner, BMC**
**Sd./- Dy. Commissioner (Sanitation)**
**Bhubaneswar Municipal Corporation**
OIPR-13002/11/0045/2223

**GOVERNMENT OF ODISHA**

**OFFICE OF THE SUPERINTENDING ENGINEER SAMBALPUR (R&B) DIVISION NO. II, SAMBALPUR**

**E-mail - eesbprnbdivision2@gmail.com**
**Phone -0663-2410104**
**BID IDENTIFICATION No. SE / R and B / SBP II / 08 (online)/2022-23**

**E-Procurement Notice**

**No.1845** **/Dated.27.05.2022**

**No.B-244:**The Superintending Engineer, Sambalpur (R&B) Division No.II, Sambalpur on behalf of Governor of Odisha, invites Percentage Rate bids in Single cover System in ONLINE MODE.

1. No. of work :- 1 (One) No of Building work
2. Tender Cost :- Rs. 6000/-
3. Class of Contractor :- "B" & "A" class Contractors
4. Availability of bid document in the website. :- 18:00 Hours of 04.06.2022 to 17:00 Hours of 16.06.2022
5. Date of Opening of Tenders :- 11:30 Hours on dt.17.06.2022
6. The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/cancellation of tender will be displayed in the website said only.

**Sd/- Superintending Engineer**
**Sambalpur (R&B) Division No.II**
OIPR-34136/11/0010/2223

**ମାର୍କଫେଡ ଓଡ଼ିଶା**

**ବଳକା ଅଣଧାନ ଶସ୍ୟର ବିକ୍ରୟ ନିମନ୍ତେ ସୂଚନା**

**No.CAD-674** **ମୁଗ, ବିରି, ସୂର୍ଯ୍ୟମୁଖୀ ଏବଂ ଚିନାବାଦାମ**

➢ ଏତଦ୍ୱାରା ଓଡ଼ିଶାର ସମସ୍ତ ଚାଷୀଭାଇମାନଙ୍କ ଅବଗତି ନିମନ୍ତେ ସୂଚନା ଦିଆଯାଉଅଛି ଯେ, ୨୦୨୧-୨୨ ରବି ଋତୁରେ ଅମଳ କରାଯାଇଥିବା ଅଣଧାନ ଶସ୍ୟ ଯଥା ମୁଗ, ବିରି, ସୂର୍ଯ୍ୟମୁଖୀ ଓ ଚିନାବାଦାମର ଅଭାବି ବିକ୍ରିକୁ ରୋକିବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ମାର୍କଫେଡ ମାଧ୍ୟମରେ ନିକଟସ୍ଥ ସ୍ଥିରୀକୃତ ସମବାୟ ସମିତି (PACS/LAMPCS/FPOs) ଦ୍ୱାରା ସରକାର ନିମ୍ନୋକ୍ତ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀଙ୍କ ନିକଟରୁ ଉପଯୁକ୍ତ ମାନ ବହନ କରୁଥିବା ଶସ୍ୟକ୍ରୟ କରାଯିବା ନିମନ୍ତେ ବ୍ୟବସ୍ଥା କରାଯାଇଛି ।

| | | |
|---|---|---|
| ଉପଯୁକ୍ତ ମାନ ବହନ କରୁଥିବା ଶସ୍ୟର କ୍ୱିଣ୍ଟାଲ ପ୍ରତି ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ (ଟଙ୍କାରେ) | ମୁଗ | ୭୨୭୫/- |
| | ବିରି | ୬୩୦୦/- |
| | ସୂର୍ଯ୍ୟମୁଖୀ | ୬୦୧୫/- |
| | ଚିନାବାଦାମ | ୫୫୫୦/- |

➢ ଯେଉଁ ଚାଷୀଭାଇମାନଙ୍କ ନିକଟରେ ଉପରୋକ୍ତ ଶସ୍ୟ ବଳକା ରହିଅଛି ସେମାନେ ନିକଟସ୍ଥ କୃଷି କର୍ମଚାରୀଙ୍କ ସହ ଯୋଗାଯୋଗ କରି ସେମାନଙ୍କ ଜମିର ଦସ୍ତାବିଜ, ଫଟୋ ପରିଚୟ ପତ୍ର ଓ ବ୍ୟାଙ୍କ ଖାତାର ନକଲ ଦାଖଲ କରି ନିଜ ନାମ ନିକଟସ୍ଥ ସେବା ସମବାୟ ସମିତି ଓ କୃଷକ ଉତ୍ପାଦକ ସଂସ୍ଥାରେ ପଞ୍ଜୀକୃତ କରିପାରିବେ ଏବଂ ସ୍ୱୟଂ ପଞ୍ଜୀକରଣ ଇ-ସମୃଦ୍ଧି ମୋବାଇଲ୍ ଆପ୍ ମାଧ୍ୟମରେ ଏହି ସୁବିଧାର ଲାଭ ନିଅନ୍ତୁ ।

➢ ଆବଶ୍ୟକ ସ୍ଥଳେ ସବିଶେଷ ବିବରଣୀ ଯଥା ବିକ୍ରୟ ହେବାକୁ ଥିବା ଅଣଧାନ ଶସ୍ୟର କ୍ରୟ ତାରିଖ, ବିକ୍ରୟ ସ୍ଥାନ ସମ୍ବନ୍ଧରେ ସମ୍ପୃକ୍ତ ସମବାୟ ସମିତି ସମୂହର ଉପ ନିବନ୍ଧକ/ସହ ନିବନ୍ଧକ/ମାର୍କଫେଡ କ୍ଷେତ୍ର ପରିଚାଳକ ଓ କୃଷି ବିଭାଗ କର୍ମଚାରୀଙ୍କ ସହ ଯୋଗାଯୋଗ ପାଇଁ ଅନୁରୋଧ କିମ୍ବା କଲ୍ ସେଣ୍ଟର ଟେଲିଫୋନ ନମ୍ବର ୦୬୭୪-୨୩୧୩୮୩୬ ରେ ଯୋଗାଯୋଗ କରିପାରିବେ ।

**ମୂଲ୍ୟ ସହାୟକ ଯୋଜନାରେ ମୁଗ, ବିରି, ସୂର୍ଯ୍ୟମୁଖୀ ମଞ୍ଜି ଓ ଚିନାବାଦାମ ସଂଗ୍ରହ ନିମନ୍ତେ ଅନୁମୋଦିତ ମାନ**

| କ୍ର. ନଂ. | ବାହ୍ୟ ପଦାର୍ଥ | ସମୁଚିତ ହାରାହାରି ମାନ ସ୍ତରରେ ବାହ୍ୟ ପଦାର୍ଥର ସର୍ବାଧିକ ସହଣୀର ପରିମାଣ (%) | | |
|---|---|---|---|---|
| | | ମୁଗ ଓ ବିରି | ସୂର୍ଯ୍ୟମୁଖୀ ମଞ୍ଜି | ଚିନାବାଦାମ |
| ୧ | ବାହ୍ୟବସ୍ତୁ (ମାଟି, ଗୋଡ଼ି, ବାଲି,କାଠି, କୁଟା ଇତ୍ୟାଦି) | ୨ % | ୨ % | ୨ % |
| ୨ | ମିଶ୍ରଣ (Admixture) | ୩ % | - | - |
| ୩ | ଖରାପ ଥିବା ଚିନାବାଦାମ | - | - | ୨ % |
| ୪ | ଭଙ୍ଗା ହୋଇଥିବା ମଞ୍ଜି | - | ୩ % | - |
| ୫ | ନଷ୍ଟ ଓ ପୋକ ଖିଆ (Damaged Pulses & Oilseeds) | ୩ % | ୪ % | - |
| ୬ | ସାମାନ୍ୟ ନଷ୍ଟ ଡାଲି (Slightly Damaged Pulses) | ୪ % | - | - |
| ୭ | ଅପରିପକ୍ୱ ଶଙ୍କୁଚିତ (Immature Shrivelled) | ୩ % | ୫ % | ୪ % |
| ୮ | ଅନ୍ୟ କିସମର ଚିନାବାଦାମ | - | - | ୪ % |
| ୯ | ଅସୁଲ ଚିନାବାଦାମ ମଞ୍ଜିର ପରିମାଣ | - | - | ୬୫% - ୭୦% |
| ୧୦ | ପୋକଖିଆ (Weevilled Pulses/Oilseeds) | ୪ % | - | - |
| ୧୧ | ଆର୍ଦ୍ରତା (Moisture) / ଜଳୀୟଅଂଶ | ୧୨ % | ୯ % | ୮ % |

Sd./- Managing Director
**OIPR-39007/11/0007/2223**

**OFFICE OF THE DIVISIONAL FOREST OFFICER, KALAHANDI SOUTH DIVISION**

**At/P.O.: Parmanandpur, Bhawanipatna, Ward No. 4, Rly. Station Road, Dist.- Kalahandi, Odisha, PIN - 766002**
**Phone & Tele Fax No. 06670-230268 (O)**
**(e-Mail ID: dfo.kalahandisouth@odisha.gov.in)**

**SHORT TENDER CALL NOTICE**

**Short Tender Call Notice No. 01/DFOKLDS/1F-Acct. Sec/ Date: 25.05.2022**

No. MM-42: Sealed Tenders are invited from Individuals/Organization/ Firms etc. for supply of Vermi Compost, Urea, Bio-NPK, Granular Chemical Insecticides (Chloropyriphos), Agro Net Shed Gabion, Bio-Insecticide (Neem Cake), NPK (Chemical Granular) during 2022-23 under various schemes for use in different Plantation Site of Kalahandi South Division.

The tender document can be downloaded from concerned website **www.kalahandi.nic.in** and shall be submitted and put into Tender Box kept in the office of the undersigned or By Post. The tender paper should accompany all required documents, GSTIN No. & GST Clearance Certificate, Manufacturing Licence, Marketing Licence and it must be submitted/put inot the tender box kept in the office of the undersigned or by post latest by 01.00 P.M. on 10.06.2022. A Demand Draft drawn in favour of Divisional Forest Officer, Kalahandi South Division for Rs.1,180/- (Rupees one thousand one hundred eighty) only towards participation/tender processing fees which is non-refundable amount and should be attached with tender paper, failing which the tender shall not be accepted. **The tender inviting authority reserves the right to accept or reject any or all bids without assigning any reason thereof.**

| Sl. No. | Name of the Component | Date & Time |
|---|---|---|
| 01 | Sale of Tender Document | 31.05.2022 to 10.06.2022 upto 01.00 P.M. |
| 02 | Last date for submission of Sealed Tender Document | 10.06.2022 by 01.00 P.M. |
| 03 | Date & Time of Opening of Tender Paper | 13.06.2022 at 10.00 A.M. |

**Sd./- Divisional Forest Officer**
**Kalahandi South Division**
**OIPR-08122/11/0002/2223**

**Directorate of Sch. Castes & Sch. Tribes Research & Training Institute (SCSTRTI),**

**CRPF Square, Bhubaneswar, 751003**
**(Telephone No. 0674-2561635 Email ID: scstrti@yahoo.co.in)**

**No.1990/SCSTRTI** **Date: 01.06.2022**

**Tender Call Notice**

**No. V-26:-** Sealed Tenders are invited under the two- bid system from reputed & experienced registered Facility Management Service (FMS) providers to provide Comprehensive Facility Management Service (CFMS) at SCSTRTI Campus, CRPF Square, Bhubaneswar, PIN- 751003 for a period of 3 years subject to satisfactory performance and mutual consent. The FMS providers shall submit their duly completed proposals along with requisite documents as per the Formats and terms & condition of the Tender Documents on or before 02.07.2022, 5.30 pm by Registered Post/ Speed Post/ Courier. The Tender Documents can be downloaded from Website www.scstrti.in & www.stscodisha.gov.in

Any Addendum / Corrigendum / Cancellation Notice of RFP can also be seen in the Website www.scstrti.in & www.stscodisha.gov.in

Interested Firms those having experience in the work can submit their bids for this proposal.

The undersigned reserves the right to accept or reject any or all RFPs without assigning any reson thereof.

**Sd./- Advisor-cum-Director & Spl. Secretary, SCSTRTI**
OIPR-26026/11/0004/2223

**COLLECTORATE, KORAPUT (NIZARAT SECTION)**

**No. 260/II-61/22** **Dated- 12.05.2022**

**NOTICE FOR AUCTION SALE OF GOVT. VEHICLE (AMBASSADOR CAR)**

**No. F-60:-** Sealed tenders in plain paper are invited from the intending purchasers in Auction Sale of Govt. vehicle bearing Registration No-OR10-D-0001 (Ambassador Car) of Collector, Koraput by the undersigned on 22.06.22 at 04 PM in the office Chamber of the Collector, Koraput. The upset price of the condemned vehicle is fixed to Rs.32000/- (Rupees Thirty two thousand) only. The vehicle can be inspected during office hours on any working day from 10 A.M. to 5 P.M. in the garage of Collectorate, Koraput. Intending tenderers are required to enclose a demand draft/bankers cheque of Rs.3200/- (Rupees Three thousand two hundred) only in favour of Nizarat Officer Collectorate, Koraput payable at SBI, Koraput as earnest money failing which the tender will not be considered. The earnest money shall be refunded to the unsuccessful tenderers after finalization of the tender. The sealed Tender covers containing the Tender Paper with "Tender Paper for purchase of vehicle (condemned)" written in the top of the cover shall be received by 2 P.M. in the Nizarat Section at Collectorate, Koraput on or before 22.06.2022 and shall be opened on the same day at 4 PM in presence of the tenderers or their authorized representative in the office chamber of Collector, Koraput. The highest tenderer whose tender would be accepted shall deposit 25% of the offered amount immediately after the sale is confirmed and balance amount within 07 days (seven days) from the date of acceptance of the tender failing which the deposited amount along with the earnest money shall be forfeited.

The undersigned reserves the right to reject any or the entire tender papers without assigning any reason thereof.

**Sd./- District Magistrate & Collector, Koraput**
OIPR-24057/11/0008/2223

**Bhubaneswar Smart City Limited**

**Block-1, 5th Floor, BMC - Bhawani Mall, Saheed Nagar, Bhubaneswar - 751007**
**E-mail Id: bbsr.bscl@gov.in, CIN: U74990OR2016PLC020016**
**Telephone: 0674-2548428, Fax: 0674-2540811**

**No. 1121/BSCL** **Date: 01.06.2022**

**"RFP for selection of consultants for preparation of detailed project report & supervision during construction for various Infrastructure projects & Development and Implementation of nature-based water Treatment solutions along with its operation and maintenance for 3 years in the lake Zones I and II of the Natural Drainage Channel No. 10, Bhubaneswar under ongoing CITIIS Programme"**

No. C-411: M/s. Bhubaneswar Smart City Limited (BSCL), Bhubaneswar invites sealed proposals from registered and experienced agencies for suitable consultancy services for development of various infrastrcutre projects along with its supervision during construction and operation and maintenance post implementation under the CITIIS Programme of Bhubaneswar Smart City Limited. The details of Terms of Reference (ToR) can be downloaded from the website of BSCL i.e. **www.smartcitybhubaneswar.gov.in**. Interested agencies may submit their proposal in a sealed cover super-scribing as **RFP for selection of consultants for preparation of detailed project report & supervision during construction for various Infrastructure projects & Development and Implementation of nature-based water Treatment solutions along with its operation and maintenance for 3 years in the lake Zones I and II of the Natural Drainage Channel No. 10, Bhubaneswar under ongoing CITIIS Programme"** with Advertisement Number and Date to the General Manager (Admin), Bhubaneswar Smart City Limited, 5th Floor, Block - 1, BMC Bhawani Mall, Saheed Nagar, Bhubaneswar - 751007 through Speed Post/Registered Post/Courier services only, which should reach on or before **3.00 P.M. on 20.06.2022** positively and the same will be opened at **3.30 P.M.** on the same day. Proposal received after the due date and time shall be rejected. The undersigned reserves the right to reject any or all the tender without assigning any reason thereof.

**By order of MD & CEO, BSCL**
**Sd./- General Manager (Administration)**
**Bhubaneswar Smart City Limited**
OIPR-13070/11/0003/2223


See Career Appointment on every Wednesday & Saturday

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨ ଜୁନ୍, ୨୦୨୨

## ପାର୍କ ସ୍ଥିତି ଅନୁଧ୍ୟାନ କଲେ ସିଏମ୍‌ସି ଷ୍ଟାଣ୍ଡିଂ କମିଟି ସଦସ୍ୟ

**କଟକ ଅଫିସ:** ସହରର ପାର୍କଗୁଡିକରେ ବ୍ୟାୟମ ଉପକରଣଠାରୁ ଆରମ୍ଭ କରି ପାନୀୟ ଜଳ ବ୍ୟବସ୍ଥା କରାଯିବ। ଏଥିପାଇଁ ବୁଧବାର ସିଏମ୍‌ସିର ଅଧିକାରୀ ଓ ଏଜୁକେଶନ ରିକ୍ରିଏସନ କଲଚର ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ ଖାନନଗର ସ୍ଥିତ ଶିଶୁ ଉଦ୍ୟାନ, ରମାଦେବୀ ପାର୍କ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ସେହିପରି ସିଡିଏ ଅଞ୍ଚଳର କିଛି ନିର୍ମାଣାଧୀନ ଓ ନିର୍ମାଣ ସରିଥିବା ପାର୍କ ବୁଲି ଦେଖିଥିଲେ। ତେବେ ପ୍ରଥମ ପର୍ଯ୍ୟାୟରେ ୮ଟି ପାର୍କ ପରିଦର୍ଶନ କରାଯାଇଥିଲା। ଅଗାମୀ ଦିନରେ ସହରର ଅନ୍ୟ ପାର୍କ ପରିଦର୍ଶନ କରି ଏହାର ଉନ୍ନତି ପାଇଁ ପଦକ୍ଷେପ ନିଆଯିବ ବୋଲି ସିଏମ୍‌ସି ଡେପୁଟି କମିଶନର ଅଜୟ କୁମାର ମହାନ୍ତି କହିଛନ୍ତି।



### ସଂକ୍ଷେପରେ

## ଅମଙ୍ଗେଇ କୁଦକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ଦାବି

**ଆଠଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର**



ଆଠଗଡ,୧୬(ସ୍ୱ.ପ୍ର.): ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ପଡି ରହିଥିବା ଆଠଗଡ଼ ବ୍ଲକ ଅନ୍ତର୍ଗତ କନ୍ଦରପୁର ଗାଁର ମହାନଦୀ ଗର୍ଭସ୍ଥ ଅମଙ୍ଗେଇ କୁଦକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ଦାବିରେ ବୁଧବାର ଆଠଗଡ଼ ସାମ୍ବାଦିକ ସଂଘ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କାହିଁ କେଉଁ କାଳରୁ ପୂଣ୍ୟତୋୟା ମହାନଦୀ ଗର୍ଭସ୍ଥ ଅମଙ୍ଗେଇ କୁଦ ଅବସ୍ଥିତ। ଏହି କୁଦରେ ବିଚିତ୍ରେଶ୍ୱର ମହାଦେବ ମନ୍ଦିର ରହିଛି। କୁଦକୁ ଚତୁଃପାର୍ଶ୍ୱରେ ମହାନଦୀର ଜଳ ସହ ବଣ ଜଙ୍ଗଲ ଘେରି ରହିଛି। ପ୍ରତିଦିନ ଗ୍ରାମର ପୂଜକମାନେ ଡଙ୍ଗା ସାହାଯ୍ୟରେ ମହାନଦୀ ପାରି ହୋଇ କୁଦ ମଧ୍ୟରେ ଥିବା ମହାଦେବଙ୍କର ପୂଜାର୍ଚ୍ଚନା କରିଥାନ୍ତି। ପର୍ଯ୍ୟଟନ ଋତୁରେ ଏହି କୁଦକୁ ବୁଲିବା ଓ ବଣଭୋଜି କରିବାକୁ ସ୍ଥାନୀୟ ତଥା ଆଖପାଖ ଲୋକ ଆସିଥାନ୍ତି। ଏହି ମୁଖ୍ୟ ମନ୍ଦିର ଶୈଳୀ ଭୁବନେଶ୍ୱରସ୍ଥିତ ମୁକ୍ତେଶ୍ୱର ମନ୍ଦିର ପରି ହୋଇଛି। ଏହାର ଅବସ୍ଥିତି ଏବଂ ନିର୍ମାଣ ଶୈଳୀରୁ ଏହା ଧବଳେଶ୍ୱର ମନ୍ଦିରଠାରୁ ଅଧିକ ପୁରୁଣା ବୋଲି ଐତିହାସିକମାନେ କହୁଛନ୍ତି। ରାଜନୈତିକ ଇଚ୍ଛାଶକ୍ତି ଅଭାବ ସାଙ୍ଗକୁ ପ୍ରଶାସନିକ ଅବହେଳା ପାଇଁ ଏହି ପ୍ରାକୃତିକ ପରିବେଶ ଭରା ଅମଙ୍ଗେଇ କୁଦଟି ଲୋକଲୋଚନକୁ ଆସି ପାରିନାହିଁ।

## ଷଣ୍ଢ ଆକ୍ରମଣରେ ୫ରୁ ଊର୍ଦ୍ଧ୍ୱ ଆହତ

ସାଲେପୁର,୧୬(ଡି.ଏନ୍.ଏ.): ସାଲେପୁର ଅଞ୍ଚଳରେ କିଛିଦିନ ହେବ ଏକ ଷଣ୍ଢ ଆକ୍ରମଣରେ ୫ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ରୋଧପୁର ଗାଁର ବାବୁଲି ସାମଲ କୌଣସି କାର୍ଯ୍ୟରେ ଘରୁ ଯାଉଥିବାବେଳେ ଷଣ୍ଢ ଆକ୍ରମଣରେ ଗୁରୁତର ଆହତ ହୋଇ ଏବେ ଚିକିତ୍ସିତ ହେଉଛନ୍ତି। ସେହିପରି ଲୁଣାହାର ଗ୍ରାମର ବାପୁ ଭୂୟାଁ, କେଦାରନାଥ ଭୂୟାଁଙ୍କୁ ଷଣ୍ଢ ଆକ୍ରମଣ କରି ଆହତ କରିଛି। ସେହିପରି ବୁଧବାର ସକାଳେ ଲୁଣାହାର ଗାଁର ତଥା ସାଲେପୁର ଭୂୟାଁ ନ୍ୟୁଜ ଏଜେନ୍ସିର ବିବେକାନନ୍ଦ ଭୂୟାଁ ଘରେ କୌଣସି କାର୍ଯ୍ୟ କରୁଥିବାବେଳେ ହଠାତ୍ ଏହି ଷଣ୍ଢଟି ତାଙ୍କୁ ଆକ୍ରମଣ କରିଥିଲା। ତାଙ୍କ ଭଣଜା ସତ୍ୟଜିତ୍ ମହାନ୍ତି ମାମୁଙ୍କ ବଞ୍ଚାଇବାକୁ ଯାଇ ନିଜେ ଷଣ୍ଢ ଆକ୍ରମଣ ଶିକାର ହୋଇଛନ୍ତି। ଫଳରେ ଭୂୟାଁଙ୍କ ହାତ, ଗୋଡ଼ ଓ ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବାବେଳେ ସେ ଚିକିତ୍ସିତ ହେଉଛନ୍ତି। ଏହି ଷଣ୍ଢଟି ରାସ୍ତାରେ ଯାଉଥିବା ଲୋକମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରୁଛି। ସମ୍ପୃକ୍ତ ଷଣ୍ଢକୁ କାବୁ କରି ଗୋଶାଳାରେ ଛାଡିବାକୁ ସାଧାରଣରେ ଦାବି ହେଉଛି।

# ଅଟୋ ଚାଳକଙ୍କୁ ହତ୍ୟା

- ନୁଣ୍ଟିକିରି ନିକଟ ରାସ୍ତାପାର୍ଶ୍ୱରୁ ମିଳିଲା ମୃତଦେହ
- ବିରୂପା ବ୍ରିଜ୍ ଉପରୁ ମୃତକଙ୍କ ଅଟୋ ଜବତ

ଚୌଦ୍ୱାର/ମଙ୍ଗୁଳି, ୧୬(ଡି.ଏନ୍.ଏ.)



ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରୁଛି।

୫୫ନଂ. ଜାତୀୟ ରାଜପଥର କଟକ ଜିଲା ଚୌଦ୍ୱାର ଥାନା ଅଧୀନ ନୁଣ୍ଟିକିରି ନିକଟ ରାସ୍ତାପାର୍ଶ୍ୱରେ ଜଣେ ଅଟୋଚାଳକଙ୍କୁ ହତ୍ୟା କରି ଫିଙ୍ଗି ଦିଆଯାଇଛି। ସେ ହେଲେ ଚୌଦ୍ୱାର ଥାନା ଅଧୀନ ଓଟିଏମ୍ ଦୁର୍ଗାବଜାର ଅଞ୍ଚଳର ଲୋକନାଥ ବିଶ୍ୱାଳ(୪୬)। ତାଙ୍କ ଗୋଡ଼ ଭାଙ୍ଗି ଯାଇଥିବାବେଳେ ବେକ, ମୁଣ୍ଡ, କାନ୍ଧ ଓ ଅଣ୍ଟାରେ ଗଭୀର କ୍ଷତଚିହ୍ନ ରହିଥିବା ଦେଖିବାକୁ ମିଳିଛି। ଖବରପାଇ ଜୋନ-୧ ଏସିପି ଏସ୍.ଏନ୍. ମୁଦୁଲି, ଜଗତ୍‌ପୁର ଥାନାଧିକାରୀ ରବୀନ୍ଦ୍ର ନାଥ ମେହେର, ଚୌଦ୍ୱାର ଥାନାଧିକାରୀ ବିରଞ୍ଚି ନାରାୟଣ ପତି ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲେ। ଲୋକନାଥଙ୍କ ପକେଟ୍‌ରୁ ୨୬,୮୦୦ ଟଙ୍କା ଓ କିଛି ଦରକାରୀ କାଗଜ ପୋଲିସ ଜବତ କରିଛି। ପ୍ରାଥମିକ ତଦନ୍ତରୁ ଏହା ହତ୍ୟାକାଣ୍ଡ ବୋଲି ଜଣାପଡିଛି। ଲୋକନାଥଙ୍କ ଭାଇ ବିଶ୍ୱନାଥଙ୍କ ଅଭିଯୋଗକ୍ରମେ ଦଫା ୩୦୨ ଅନୁଯାୟୀ ଚୌଦ୍ୱାର ଥାନାରେ ଏକ ହତ୍ୟା ମାମଲା(ନଂ.୨୫୯/୨୨) ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ଲୋକନାଥ ପେସାରେ ଜଣେ ଅଟୋଚାଳକ। ସେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାରେ ସ୍ଥାନୀୟ ଏକ ଦୋକାନରୁ ନିଜ ଅଟୋରେ ମାର୍ବଲ ନେଇ ଜଗତ୍‌ପୁର ଥାନା ଅଧୀନ କଟିକଟା ଅଞ୍ଚଳର ଏକ ଦୋକାନକୁ ଦେବାକୁ ଯାଇଥିଲେ। ରାତି ପ୍ରାୟ ୧୦ଟାରେ ସେ ତାଙ୍କ ସ୍ତ୍ରୀ ଅନସ୍ୱୟାଙ୍କୁ ଫୋନ୍ କରି କହିଥିଲେ, ମୁଁ ଜଗତ୍‌ପୁରରେ ଅଛି, ଶୀଘ୍ର ଘରେ ପହଞ୍ଚିବି। ଏହାର କିଛି ସମୟ ପରେ ଅନସ୍ୱୟାଙ୍କ ମୋବାଇଲକୁ ଏକ ଫୋନ୍ କଲ୍ ଆସିଥିଲା। କେହି ଦୁର୍ବୃତ୍ତ ଫୋନ୍ କରି କହିଥିଲେ ମଙ୍ଗୁଳି ପାଖ ବିରୂପା ବ୍ରିଜ୍ ଉପରେ ଲୋକନାଥଙ୍କ ଅଟୋ ଓଲଟି ପଡିଛି। ଖବରପାଇ ଲୋକନାଥଙ୍କ ଶାଳକ ବିକ୍ରମ ବିଶ୍ୱାଳ ଓ ଭାଇ ବିଶ୍ୱନାଥ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚିବା ପରେ ଅଟୋ ସେଠାରେ ନ ଥିବା ଦେଖିବାକୁ ପାଇଥିଲେ। ତାଙ୍କର ଦୁର୍ଘଟଣା ଘଟିଥିବା ସନ୍ଦେହ କରି ସେମାନେ ରାତିତମାମ ଆଖପାଖ ଅଞ୍ଚଳ ଓ ଡାକ୍ତରଖାନା ଖୋଜାଖୋଜି କରିଥିଲେ ମଧ୍ୟ ଲୋକନାଥଙ୍କ ପତ୍ତା ମିଳି ନ ଥିଲା। ବୁଧବାର ସକାଳ ସାଢେ ୫ଟାରେ ଲୋକନାଥଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ନୁଣ୍ଟିକିରି ନିକଟ ରାସ୍ତାପାର୍ଶ୍ୱରେ ପଡିଥିବା ସ୍ଥାନୀୟ ଲୋକେ ଦେଖି ଚୌଦ୍ୱାର ପୋଲିସ ଓ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି।

ଏ ସମ୍ପର୍କରେ ଚୌଦ୍ୱାର ଥାନାଧିକାରୀ ପତି କହିଛନ୍ତି, କଳିଙ୍ଗଗଡା ଅଥବା କେହି ନିଶାସକ୍ତ ଅବସ୍ଥାରେ ଲୁଟ୍ ଉଦ୍ଦେଶ୍ୟରେ ମାରଣାସ୍ତ୍ରରେ ତାଙ୍କୁ ହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ହେଲେ ହତ୍ୟାର କାରଣ ଜଣାପଡିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ସେହିପରି ଜଗତ୍‌ପୁର ଥାନାଧିକାରୀ ମେହେର କହିଛନ୍ତି, ବିରୂପା ବ୍ରିଜ୍ ଉପରେ ଅଟୋ ଓଲଟି ପଡିଥିବା ଖବର ମିଳିବା ପରେ ଆମେ ପହଞ୍ଚିଥିଲୁ। ସେଠାରୁ ଗାଡି ଜବତ କରି ଥାନାକୁ ଆଣିଥିଲୁ। ଅଟୋ ପଛପଟ ଚେପା ହୋଇଯାଇଥିବାରୁ କୌଣସି ଗାଡି ଏହାକୁ ଧକ୍କା ଦେଇଥିବା ଅନୁମାନ କରୁଛୁ। ମୃତଦେହ ପଡିଥିବା ସ୍ଥାନଠାରୁ ତାଙ୍କ ଅଟୋ ମିଳିବା ସ୍ଥାନର ଦୂରତା ପ୍ରାୟ ୪ କିମି ହେବ ବୋଲି ସେ କହିଛନ୍ତି। ଅପରପକ୍ଷେ ଲୋକନାଥଙ୍କର କାହା ସହିତ ଶତ୍ରୁତା ନ ଥିବା ପରିବାର ଲୋକେ କହିଛନ୍ତି।

# ନରସିଂହପୁର ଜଙ୍ଗଲରେ ୨ ମାଈ ହାତୀ ଅସୁସ୍ଥ





ଅସୁସ୍ଥ ୨ ମାଈ ହାତୀ।

ନରସିଂହପୁର,୧୬(ସ୍ୱ.ପ୍ର.)

କଟକ ଜିଲା ଆଠଗଡ଼ ବନଖଣ୍ଡ ଅଧୀନ ନରସିଂହପୁର ପୂର୍ବାଞ୍ଚଳ ରେଞ୍ଜ ଜଙ୍ଗଲରେ ୨ ମାଈ ହାତୀ ଅସୁସ୍ଥ ହୋଇପଡ଼ିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ୨ ଅସୁସ୍ଥ ହାତୀଙ୍କର ଚିକିତ୍ସା ଏବେ ଡାକ୍ତରୀ ଟିମ୍ ଦ୍ୱାରା ଜାରି ରଖିଥିବା ଜଣାପଡିଛି।

ରେଞ୍ଜ ଅଧୀନ ସେରମୁଣ୍ଡା ରିଜର୍ଭ ଜଙ୍ଗଲରେ ଗୋଟିଏ ମାଈ ହାତୀର ଆଗ ବାମ ଗୋଡ଼ରେ ଆଘାତ କାରଣରୁ ହାତୀଟି ଚାଲିପାରୁନାହିଁ ବୋଲି ବନ ବିଭାଗର କର୍ମଚାରୀ ଦେଖିବାକୁ ପାଇଥିଲେ। ଏହା ପରେ ହାତୀଟିର ଚିକିତ୍ସା ପାଇଁ ନରସିଂହପୁର ପ୍ରାଣୀ ଚିକିତ୍ସକ ଓ ସାତକୋଶିଆ ବନ୍ୟପ୍ରାଣୀ ଡାକ୍ତରଙ୍କ ସହାୟତା ନିଆଯାଇଛି। ଡାକ୍ତରୀ ଟିମ୍ ହାତୀଟିକୁ ପ୍ରଥମେ ପାଚିଲା ପଣସରେ ଔଷଧ ମିଶାଇ ଖାଇବାକୁ ଦେଇଥିଲେ। ହାତୀଟି ପଣସର କିଛି ଅଂଶ ଖାଇ ବଳକା ଅଂଶକୁ ଫୋପାଡି ଦେଇଥିଲା। ସେହିଭଳି ବୁଧବାର ଓଲବ ରିଜର୍ଭର ଜଡାପଡା ଜଙ୍ଗଲରେ ଏକ ମାଈ ହାତୀ ଅସୁସ୍ଥ ହୋଇପଡ଼ିଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ। ହାତୀଟିର

**ବନ ବିଭାଗ ପକ୍ଷରୁ ଡାକ୍ତରୀ ଟିମ୍ ଦ୍ୱାରା ଚିକିତ୍ସା ଜାରି**

ପଛ ପାଖ ଡାହାଣ ଗୋଡ଼ରେ ଆଘାତ କାରଣରୁ ଜଙ୍ଗଲ ଭିତରୁ ବାହାରି ଆସି ଫରେଷ୍ଟ ବିଟ୍ ହାଉସ ନିକଟରେ ବୁଲୁଥିଲା। ଏହା ଦେଖିବା ପରେ ପୂର୍ବାଞ୍ଚଳ ବନ ବିଭାଗ ରେଞ୍ଜର ବିଭୁ ରଞ୍ଜନ ରାୟଙ୍କ ନେତୃତ୍ୱରେ ସାତକୋଶିଆ ବନ୍ୟପ୍ରାଣୀ ଚିକିତ୍ସକ ଟିମ୍ ସହ ନରସିଂହପୁର ପ୍ରାଣୀ ଚିକିତ୍ସକ ବିଜୟ ସେନାପତି ଘଟଣାସ୍ଥଳକୁ ଯାଇ ଅସୁସ୍ଥ ହାତୀଟିକୁ ପଣସ ମାଧ୍ୟମରେ ଔଷଧ ଖାଇବାକୁ ଦେଇଥିଲେ। ଆଠଗଡ଼ ଡିଏଫ୍‌ଓ ସୁଦର୍ଶନ ଯାଦବଙ୍କ ନିର୍ଦ୍ଦେଶକ୍ରମେ ନରସିଂହପୁର ଏସ୍‌ସିଏଫ୍ ଘନଶ୍ୟାମ ମୁଦୁଲି ଓ ରେଞ୍ଜର ବିଭୁ ରଞ୍ଜନ ରାୟ ଉଭୟ ସ୍ଥାନକୁ ଯାଇ ଅସୁସ୍ଥ ହାତୀ ୨ଟିର ଗତିବିଧି ଉପରେ ନଜର ରଖିଛନ୍ତି। ଅସୁସ୍ଥ ହାତୀ ୨ଟିର ସ୍ୱାସ୍ଥ୍ୟରେ ସାମାନ୍ୟ ପରିବର୍ତ୍ତନ ଆସିଥିବା ରେଞ୍ଜର ରାୟ ସୂଚନା ଦେଇଛନ୍ତି। ହାତୀ ୨ଟିର ଗୋଡ଼ରେ ଏଭଳି ଆଘାତ ହେବାର କାରଣ ଠିକ୍ ଜଣାପଡିନାହିଁ।

## ମିଶନ ଶକ୍ତିରେ ୩.୫୫ ଲକ୍ଷ ମହିଳା ସ୍ୱାବଲମ୍ବୀ ହୋଇଛନ୍ତି



ବାରବାଟୀ ପ୍ୟାଲେସରେ ଅନୁଷ୍ଠିତ କର୍ମଶାଳାରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଅନ୍ୟମାନେ।

କଟକ ଅଫିସ, ୧୬

**ଏସ୍‌ଏଚ୍‌ଜି ନେଟ୍‌ୱର୍କର କାର୍ଯ୍ୟ ସମ୍ପର୍କିତ କର୍ମଶାଳା**

ମହିଳାମାନଙ୍କୁ ସ୍ୱାବଲମ୍ବୀ, ରୋଜଗାରକ୍ଷମ ଓ ସଶକ୍ତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଗଠନ କରିଥିଲେ। କଟକ ଜିଲାର ୩ ଲକ୍ଷ ୫୫ ହଜାର ମହିଳାଙ୍କୁ ମିଶାଇ ରାଜ୍ୟର ୭୦ ଲକ୍ଷ ମହିଳା ମିଶନ ଶକ୍ତି ବିଭାଗ ଜରିଆରେ ବିଭିନ୍ନ ଯୋଜନାରେ ଉପକୃତ ହୋଇଛନ୍ତି ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ସହରାଞ୍ଚଳରେ ମିଶନ ଶକ୍ତିରେ ଏସ୍‌ଏଚ୍‌ଜି ନେଟ୍‌ୱର୍କର କାର୍ଯ୍ୟ ଉପରେ ଏକଦିବସୀୟ କର୍ମଶାଳା କଟକ ବାରବାଟୀ ପ୍ୟାଲେସରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଚୟନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଏସ୍‌ଏଚ୍‌ଜି ମହିଳାମାନେ ବିଭିନ୍ନ ବ୍ୟବସାୟ ପାଇଁ ନେଉଥିବା ଆର୍ଥିକ ଋଣର ସୁଧକୁ ରାଜ୍ୟ ସରକାର ଭରଣା କରୁଛନ୍ତି। ପୂର୍ବ ପ୍ରଚଳିତ ନିୟମକୁ କୋହଳ କରାଯାଇ ହିତାଧିକାରୀଙ୍କ ଜମା ଖାତାକୁ ସୁଧ ସମ୍ବନ୍ଧିତ ଭରଣା ରାଶି ବ୍ୟାଙ୍କକୁ ଯିବା ପରିବର୍ତ୍ତେ ସିଧାସଳଖ ତାଙ୍କ ଖାତାକୁ ପ୍ରେରଣ କରାଯାଉଛି ବୋଲି ସେ କହିଥିଲେ। ଏହି କର୍ମଶାଳାରେ ମିଶନ ଶକ୍ତି ବିଭାଗ ଯୁଗ୍ମ ସଚିବ ବିନୋଦ ଜେନା, ମିଶନ ଶକ୍ତି ବିଭାଗର ସ୍ୱତନ୍ତ୍ର ଅଧିକାରୀ ସୁଧାଂଶୁ ଶେଖର ନାୟକ, ସିଏମ୍‌ସି ଉପଆୟୁକ୍ତ ଶ୍ୱେତପଦ୍ମା ଶତପଥୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ମିଶନ ଶକ୍ତି ବିଭାଗର କର୍ମଶାଳା ବିଶେଷଜ୍ଞ ସୌମ୍ୟରଞ୍ଜନ ସ୍ୱାଇଁ, ଜିଲା ପ୍ରକଳ୍ପ ସଂଯୋଜିକା ସ୍ୱାଗତିକା ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ପ୍ରାଧ୍ୟାପିକାପ୍ରାଧ୍ୟାପକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ବଡ଼ମ୍ବା,୧୬(ଡି.ଏନ.ଏ.)

ବଡ଼ମ୍ବା ସ୍ଥିତ ମୋହନ ସୁବୁଦ୍ଧି ମହାବିଦ୍ୟାଳୟରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଉପଜିଲାପାଳ, ଆଠଗଡ଼ ହେମନ୍ତ କୁମାର ସ୍ୱାଇଁ ଯୋଗଦେଇ ବିଦାୟୀ ପ୍ରାଧ୍ୟାପିକା, ପ୍ରାଧ୍ୟାପକ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶୁଚିସ୍ମିତା ମହାନ୍ତି ଉକ୍ତ ସମାରୋହରେ ବିଦାୟୀ ପ୍ରାଧ୍ୟାପିକାପ୍ରାଧ୍ୟାପକମାନଙ୍କୁ ସାଧୁବାଦ ଜଣାଇଥିଲେ। ଅବସର ଗ୍ରହଣ କରିଥିବା ପ୍ରାଧ୍ୟାପିକାପ୍ରାଧ୍ୟାପକ ହେଲେ ପ୍ରାଣୀ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଚିତ୍ତରଞ୍ଜନ ମିଶ୍ର, ଇତିହାସ ବିଭାଗ ପ୍ରାଧ୍ୟାପିକା ଡ. ଜ୍ୟୋତିର୍ମୟୀ ଦାଶ, ଦର୍ଶନ ବିଭାଗ ଇସ ମାଇଲ ଖାଁ, ରସାୟନ ବିଭାଗ ପ୍ରାଧ୍ୟାପକ ଲମ୍ବୋଦର ହୋତା, ଡେମୋନଷ୍ଟ୍ରେଟର କୃପାସିନ୍ଧୁ ଜେନା, ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ମାୟାଧର ରଥ ଯୋଗଦେଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ସେହିପରି ଏଥିରେ ମୃତ୍ୟୁବରଣ କରିଥିବା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ମାଗୁଣି ନାୟକଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟ କର୍ମଚାରୀ ସଂଘ ସଭାପତି ପ୍ରଭାକର ବେହେରା, ସମ୍ପାଦକ ବିଶ୍ୱନାଥ ପଟ୍ଟନାୟକ, ଓଡ଼ିଆ ବିଭାଗ ମୁଖ୍ୟ ସରିତା ସାହୁ, ସହସମ୍ପାଦକ ମାନଗୋବିନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଗାଁ ସଭାପତିଙ୍କ ଘରକୁ ବୋମାମାଡ଼

ଟିଗିରିଆ,୧୬(ଡି.ଏନ.ଏ.)

**ଆଜବେଷ୍ଟସ ଭାଙ୍ଗିଲା: ୨ ଆହତ, ଜଣେ ଗିରଫ**

କଟକ ଜିଲା ଟିଗିରିଆ ଥାନା ଅନ୍ତର୍ଗତ ବନମାଳୀପୁର ଗାଁ କୋଠ ଟଙ୍କାକୁ କେନ୍ଦ୍ରକରି ଗାଁ ସଭାପତିଙ୍କ ଘର ଉପରକୁ ମଙ୍ଗଳବାର ବିଳମ୍ବିତ ରାତିରେ ୩ଟି ହାତ ବୋମା ଦୁର୍ବୃତ୍ତ ଫୋପାଡ଼ିଥିଲେ। ଫଳରେ ଆଜବେଷ୍ଟସ ଛପର ଭାଙ୍ଗି ଯିବା ସହ ଘରେ ଶୋଇଥିବା ବେଳେ ଗ୍ରାମ ସଭାପତିଙ୍କ ପୁଅ ଓ ସନ୍ତୁଙ୍କ ଝିଅ ଆହତ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୧୧୭/୨୨ରେ ମାମଲା ରୁଜୁ କରିଛି। ଏହି ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଜଣଙ୍କୁ ଅଟକ ରଖିଛି। ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିବା ପୋଲିସ କହିଛି।

ବନମାଳୀପୁର ଗାଁର ଶରତ ରାଉତ ଦୀର୍ଘ ୨୦ ବର୍ଷ ହେଲା ଗାଁର ସଭାପତି ଦାୟିତ୍ୱରେ ରହିଛନ୍ତି। ଗାଁ କୋଠ ଘର ଫଣ୍ଡରେ ଥିବା ଟଙ୍କାକୁ ପୋଖରୀରେ ମାଛ ଚାଷ, ଗାଁରେ ସୁଧକୁ ଦେବା ଇତ୍ୟାଦି କାମ କରନ୍ତି। ଏଥିରେ ଅସନ୍ତୁଷ୍ଟ ହୋଇ କେତେଜଣ ବ୍ୟକ୍ତି ତାଙ୍କୁ ଦାୟିତ୍ୱରୁ ହଟାଇବାରେ ବିଫଳ ହୋଇଥିଲେ। ସେମାନେ ମଙ୍ଗଳବାର ରାତି ସାଢେ ୧୨ଟାରେ ବୋମାମାଡ଼ କରିଥିବା ଶରତ ଅଭିଯୋଗ କରିଛନ୍ତି। ବୋମାମାଡ଼ରେ ଘରେ ଶୋଇଥିବା ଶରତଙ୍କ ପୁଅ ଶାଶ୍ୱତ(୧୯)ଙ୍କ ପିଠିରେ କ୍ଷତ ସୃଷ୍ଟି ହୋଇଛି। ଘରେ ଥିବା ସନ୍ତୁଙ୍କ ଝିଅ ମୋନାଲିସା ପ୍ରଧାନ (୧୯)ଙ୍କ ଉପରେ ଆଜବେଷ୍ଟସ ଖଣ୍ଡ ଓ ବୋମାରେ ଥିବା ଗୋଡି ନାକ ମଧ୍ୟରେ ପଶି ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଟିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ବୋମାମାଡ ଘଟଣାରେ ସମ୍ପୃକ୍ତ ଥିବା ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ପୋଲିସ ବୁଧବାର ଗିରଫ କରି ଟିଗିରିଆ କୋର୍ଟ ଚାଲାଣ କରିଛି। ପ୍ରହ୍ଲାଦ ଜେନାଙ୍କୁ ଅଟକ ରଖି ପଚରାଉଚରା କରୁଛି। ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଆଇଆଇସି ସୁଚିତ୍ରା ଜେନା କହିଛନ୍ତି।

## ପ୍ରସ୍ତାବିତ ମଦ ଦୋକାନ ବିରୋଧରେ ଦସ୍ତଖତ ଅଭିଯାନ

ସାଲେପୁର,୧୬(ଡି.ଏନ୍.ଏ.)

ସାଲେପୁର ତହସିଲ ଅଧୀନ ସପନପୁର ଗାଁରେ ବିଦେଶୀ ମଦ ଦୋକାନ ଖୋଲିବା ଲାଗି ବିଜ୍ଞପ୍ତି ଜାରି ହେବାପରେ ଆନ୍ଦୋଳନ ଉଗ୍ରରୂପ ନେବାରେ ଲାଗିଛି। ସ୍ଥାନୀୟ ସରପଞ୍ଚ ଓ ଅଞ୍ଚଳର ଜନସାଧାରଣ ଦଳ, ବର୍ଣ୍ଣ ନିର୍ବିଶେଷରେ ଏହି ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ କରିଥିବାବେଳେ ବୁଧବାର ସପନପୁର ଗାଁର ଶତାଧିକ ମହିଳାପୁରୁଷ ଏହା ବିରୋଧରେ ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି। ଏଥିସହ ଏଠାରେ ମଦ ଦୋକାନ ନ ଖୋଲିବାକୁ କଟକ ଜିଲାପାଳ ଓ ସାଲେପୁର ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସେହିପରି ମଦ ଦୋକାନ ଖୋଲାଯିବାକୁ ଥିବା ପ୍ରସ୍ତାବିତ ସ୍ଥାନଟି ବାଲିସାହି ପଞ୍ଚାୟତ ସୀମାରେ ହୋଇଥିବାରୁ ସରପଞ୍ଚ ପବିତ୍ର ସାମଲ ମଧ୍ୟ ବିରୋଧ କରିଛନ୍ତି।

# ଦୁର୍ନୀତି, ଆର୍ଥିକ ଅନିୟମିତତାର ଭିଜିଲାନ୍ସ ତଦନ୍ତ ଦାବି

କଟକ ଅଫିସ, ୧୬

**କଟକ ମହାନଗର ନିଗମ**

- ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ

କଟକ ମହାନଗର ନିଗମ (ସିଏମ୍‌ସି)ରେ କିଛିବର୍ଷ ହେବ ଦୁର୍ନୀତି ଓ ଆର୍ଥିକ ଅନିୟମିତତା ହୋଇଆସୁଥିବା ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ଅଭିଯୋଗ କରିଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ କରାଯାଇ ଦୁର୍ନୀତିରେ ଲିପ୍ତ ଅଧିକାରୀ କିମ୍ବା କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଅନ୍ୟଥା କଂଗ୍ରେସ ଦଳ ବ୍ୟାପକ ଜନ ଆନ୍ଦୋଳନ କରିବାକୁ ବାଧ୍ୟ ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କିତ ଏକ ସ୍ମାରକପତ୍ର ବିଧାୟକ ମୋକିମ ଭିଜିଲାନ୍ସ ନିର୍ଦ୍ଦେଶାଳୟରେ ନିର୍ଦ୍ଦେଶକଙ୍କୁ ବୁଧବାର ପ୍ରଦାନ କରିଛନ୍ତି।

ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ୨୦୧୧ଠାରୁ ଏପର୍ଯ୍ୟନ୍ତ ସିଏମ୍‌ସିର ବର୍ଜ୍ୟବସ୍ତୁ ପରିଚାଳନାରେ ଦୁର୍ନୀତି ହୋଇଆସୁଛି। ୨୦୧୧ ମାର୍ଚ୍ଚରେ ରାମ୍‌କୀ ସହିତ ସିଏମ୍‌ସିର ଚୁକ୍ତି ହୋଇଥିଲା। ଏହି ଚୁକ୍ତି ମୁତାବକ ବର୍ଜ୍ୟବସ୍ତୁ ସଂଗ୍ରହ ଓ ପରିବହନ ପାଇଁ ୧୭୬୪ ଟଙ୍କା ଓ ଡ୍ରେବିସ୍ (ଗୃହ ଭଗ୍ନାବଶେଷ) ଉଠାଇବା ପାଇଁ ପ୍ରତି କ୍ୟୁବିକ ମିଟର ପିଛା ୨୦୭ ଟଙ୍କା ଧାର୍ଯ୍ୟ ହୋଇଥିଲା। ହେଲେ ୨୦୧୮ରେ ରାମ୍‌କୀ ସହିତ ଚୁକ୍ତି ବାତିଲ କରାଯାଇ ବିବିଜି ମେଟାଲ ସିଣ୍ଡିକେଟ୍ ପ୍ରାଇଭେଟ ଲିମିଟେଡ୍ ନାମକ ସଂସ୍ଥାକୁ ଅସ୍ଥାୟୀ ଭାବେ ୩ ମାସ ପାଇଁ ବର୍ଜ୍ୟବସ୍ତୁ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ବିବିଜି ସଂସ୍ଥାକୁ ଟନ୍ ପିଛା ୨୩୬୩.୯୨ ଟଙ୍କା ଓ ଗୃହ ଭଗ୍ନାବଶେଷ କ୍ୟୁବିକ୍‌ମିଟର ପିଛା ୨୭୭ ଟଙ୍କା ଦିଆଯିବାକୁ ଚୁକ୍ତି ହୋଇଥିଲା। ହେଲେ ଚୁକ୍ତି ଖିଲାପ କରି ଟନ୍ ପିଛା ୪୬୩୫ ଟଙ୍କା ହିସାବରେ ବିଲ୍ ପ୍ରସ୍ତୁତ ହୋଇଥିବା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡିଛି। ବର୍ଜ୍ୟ ପରିଚାଳନା ପାଇଁ ଟନ୍ ପିଛା କିପରି ଟଙ୍କା ବୃଦ୍ଧି କରାଗଲା ସେ ସମ୍ପର୍କରେ ସିଏମ୍‌ସିର କୌଣସି ଅଧିକାରୀ ମତାମତ ଦେଉନାହାନ୍ତି। ସେହିପରି ୨୦୨୦ ମେ'ରେ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ବେଳେ ଆବର୍ଜନା ବାବଦରେ ବିବିଜି ସଂସ୍ଥା ୨ କୋଟି ୧୩ ଲକ୍ଷ ୬୧ହଜାର ଟଙ୍କା ଓ ଜୁଲାଇରେ ୨ କୋଟି ୩୩ ଲକ୍ଷରୁ ଅଧିକ ଟଙ୍କା ବିଲ୍ କରିଛି। ଏହା ୨୦୧୯ର ବିଲ୍‌ଠାରୁ ଅଧିକ। ତେଣୁ ଏହା ତଦନ୍ତ ସାପେକ୍ଷ ବୋଲି ମୋକିମ ସ୍ମାରକ ପତ୍ରରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ସିଏମ୍‌ସି ସଚିବ ଲତାଶ୍ରୀ ବାଗ୍ କହିଛନ୍ତି, ବିଧାୟକ କରିଥିବା ଅଭିଯୋଗ ସମ୍ପର୍କରେ ଜାଣିନାହିଁ। ୨୦୧୧ରେ ମୁଁ ଏଠାରେ ନ ଥିଲି। ଏହାଛଡ଼ା ପରିମଳ ବିଷୟ ମୋ କାର୍ଯ୍ୟ ପରିସର ନୁହେଁ ବୋଲି ସେ କହିଥିଲେ। ଅପରପକ୍ଷେ ଡେପୁଟି କମିଶନର ସଞ୍ଜିବିତା ରାଏ ଓ ନଗର ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନେ ଫୋନ ଉଠାଇ ନ ଥିଲେ।



ବିଧାୟକ ମହମ୍ମଦ ମୋକିମ ଓ ଅନ୍ୟମାନେ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

# ୧୪୬ ଦେଶରେ ହେବ ରଥଯାତ୍ରା ପ୍ରସାରଣ

ପୁରୀ ଅଫିସ,୧୬

**ଘୋଷଯାତ୍ରା ସମୟରେ ଦିନକୁ ୪୦ ଟ୍ରେନ୍**

- ସେବାରେ ନିୟୋଜିତ ହେବେ ୭୮ ସ୍ପେଶାଲିଷ୍ଟ ଡାକ୍ତର
- ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ୱେବସାଇଟ୍, ମୋବାଇଲ ଆପ୍

ଶ୍ରୀକ୍ଷେତ୍ରର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ବୁଧବାର ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଅଧ୍ୟକ୍ଷତା କରିଥିଲେ। ବୈଠକରେ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଦୂରଦର୍ଶନ ପକ୍ଷରୁ ରଥଯାତ୍ରାର ସିଧା ପ୍ରସାରଣ କରାଯିବ। ଏହାବ୍ୟତୀତ ଓଡ଼ିଆ, ହିନ୍ଦୀ, ବଙ୍ଗଳା ଓ ତାମିଲ ପ୍ରଭୃତି ଆଞ୍ଚଳିକ ଭାଷାର ଟିଭି ଚ୍ୟାନେଲ ସମେତ ସାମାଜିକ ଗଣମାଧ୍ୟମ ସହାୟତାରେ ୧୪୬ଟି ଦେଶରେ ରଥଯାତ୍ରାର ପ୍ରସାରଣ କରାଯିବ। ପ୍ରଶାସନ ପକ୍ଷରୁ ଏକ ୱେବସାଇଟ୍ ଓ ମୋବାଇଲ୍ ଆପ୍ ପ୍ରଚଳନ କରାଯିବ। ରଥଯାତ୍ରା ସମୟରେ ସୁନାବେଶ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ପକ୍ଷରୁ ଦୈନିକ ୪୦ଟି ଟ୍ରେନ୍ ପୁରୀକୁ ଚଳାଚଳ କରିବ। ଗହଳିକୁ ଦୃଷ୍ଟିରେ ରଖି ଶହେରୁ ୨ଶହ ଅତିରିକ୍ତ କୋଚ୍ ସଂଯୋଗ କରାଯିବ। ବ୍ୟାପକ ସଂଖ୍ୟାରେ ଆରପିଏଫ୍ ଏବଂ ଜିଆର୍‌ପି ନିୟୋଜିତ ହେବେ। ୫ଶହ ଆର୍‌ପିଏଫ୍ କର୍ମଚାରୀଙ୍କୁ ନିଯୁକ୍ତ କରାଯିବ। ୩୫ଟି ଟିକେଟ୍ କାଉଣ୍ଟର ଖୋଲାଯିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।



ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକକୁ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରୁଛନ୍ତି।

ରଥଟଣା ଲାଗି ୨୨୦ ଫୁଟ୍‌ର ୧୨ଟି ଦଉଡ଼ି ଓ ୪୫୦ ଫୁଟ୍ କର୍ଡନ ଦଉଡ଼ି ପ୍ରସ୍ତୁତ ହୋଇ ରହିଛି। ପୁରୀ ସହରରେ ଜୁଲାଇ ୧ରୁ ୧୩ ତାରିଖ ମଧ୍ୟରେ ରଥଯାତ୍ରାରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ବୀମା ଯୋଜନା କାର୍ଯ୍ୟକାରୀ ହୋଇଛି। ସର୍ବାଧିକ ୩୦ ମୃତକଙ୍କୁ ବୀମା ଅର୍ଥ ଦିଆଯିବ। ଶ୍ରୀଜଗନ୍ନାଥ ମେଡିକାଲ କଲେଜର ୭୮ଜଣ ସ୍ପେଶାଲିଷ୍ଟ ଡାକ୍ତର ରଥଯାତ୍ରାରେ ନିୟୋଜିତ ହେବେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଖାଲି ପଡ଼ିଥିବା ୩୦ଟି ଡାକ୍ତର ପଦବୀ ମଧ୍ୟରୁ ୧୫ଟି ପଦବୀ ପୂରଣକୁ ଅନୁମୋଦନ ମିଳିଛି। ପାନୀୟଜଳ ମାନ ପରୀକ୍ଷା ଲାଗି ଭ୍ରାମ୍ୟମାଣ ଗାଡ଼ି ବୁଲିବ। ଯେକେହି ଟୋଲ୍ ଫ୍ରି ନମ୍ବରରେ କଲ୍ କରି ପାନୀୟଜଳ ଯୋଗାଇପାରିବେ। ସ୍ନାନଯାତ୍ରା ପୂର୍ବରୁ ସମସ୍ତ ସେବାୟତ ପ୍ରିକୋସନ୍ ଡୋଜ୍ ନେବେ। ରଥଯାତ୍ରା ପାଇଁ ପୁରୀ ଜିଲାରେ ୨୧୭ ଅତିରିକ୍ତ ଶଯ୍ୟା ପ୍ରସ୍ତୁତ ରଖିବାକୁ ନିଷ୍ପତ୍ତି ହୋଇଛି ବୋଲି ସିଡିଏମ୍‌ଓ ସୁଜାତା ମିଶ୍ର କହିଛନ୍ତି। ୩୫ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଇଛି। ବିଦ୍ୟୁତ ବିଭାଗ ପକ୍ଷରୁ ବଡ଼ଦାଣ୍ଡ, ଶ୍ରୀମନ୍ଦିର, ସମୁଦ୍ରକୂଳ, ଗୁଣ୍ଡିଚାମନ୍ଦିର ଓ କିଛି ସଂଲଗ୍ନ ଅଞ୍ଚଳରେ ଅଣ୍ଡରଗ୍ରାଉଣ୍ଡ କେବୁଲିଂ କାର୍ଯ୍ୟ ସରିଛି। ଫଳରେ ନୀରବଚ୍ଛିନ୍ନ ବିଦ୍ୟୁତ୍ ସେବା ମିଳିପାରିବ। ଆଇନ ମନ୍ତ୍ରୀ କହିଛନ୍ତି, ସମସ୍ତଙ୍କ ସହ ଆଲୋଚନା କ୍ରମେ ପ୍ରସ୍ତୁତି ଚାଲିଛି। ରଥ ନିର୍ମାଣ କାର୍ଯ୍ୟ ମଧ୍ୟ ଜାରି ରହିଛି। ଚଳିତବର୍ଷ ରଥଯାତ୍ରାରେ ବହୁ ଜନସମାଗମ ହେବାକୁ ଥିବାରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ବୈଠକରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ସୂଚନା ଲୋକସମ୍ପର୍କ ଓ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାଶ, ଶକ୍ତି ଓ ଶିଳ୍ପ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ରାଧାକୃଷ୍ଣ ଶର୍ମା, ଆଇନ ବିଭାଗ ପ୍ରମୁଖ ସଚିବ ପ୍ରତାପ କୁମାର ଜେନା, ଦେବୋତ୍ତର କମିଶନର ଶିଶିର କୁମାର ରଥ, ବାଣିଜ୍ୟ ପରିବହନ ସ୍ୱତନ୍ତ୍ର ସଚିବ ମନୋଜ ମିଶ୍ର, ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା, କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ, ପୁରୀ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂଙ୍କ ସମେତ ସତ୍ୟବାଦୀ, ବ୍ରହ୍ମଗିରି ଓ ପୁରୀ ବିଧାୟକ ଏବଂ ଜିଲା ପରିଷଦ ଅଧ୍ୟକ୍ଷା ଉପସ୍ଥିତ ଥିଲେ।

**ହୋଟେଲ କର୍ମଚାରୀଙ୍କୁ ଆକ୍ରମଣ**

**ଫୁଲନଖରା,(ଡି.ଏନ୍.ଏ.):** ପାହାଳ ଥାନା ଅଧୀନ ଏକ ହୋଟେଲରେ ୨ ଜଣ କର୍ମଚାରୀଙ୍କୁ ଆକ୍ରମଣ କରାଯାଇଛି। ଚିକିତ୍ସା ଲାଗି ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମଙ୍ଗଳବାର ରାତି ପ୍ରାୟ ସାଢେ ୧୨ଟାରେ ଉକ୍ତ ହୋଟେଲରେ ୨ ଜଣ ଦୁର୍ବୃତ୍ତ ପହଞ୍ଚି ମଦ ପିଇବା ପାଇଁ ହୋଟେଲ କର୍ମଚାରୀଙ୍କୁ ପାଣି ମାଗିଥିଲେ। ହେଲେ ହୋଟେଲ ବନ୍ଦ ହୋଇଯାଇଥିବା କହି ସେମାନେ ପାଣି ଦେବାକୁ ମନା କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦୁର୍ବୃତ୍ତଦ୍ୱୟ ସେମାନଙ୍କୁ ମାଡ଼ ମାରିଥିଲେ। ହଠାତ୍ ଜଣେ ଦୁର୍ବୃତ୍ତ ଏକ ଭୁଜାଲିରେ ହୋଟେଲ କର୍ମଚାରୀ ସାଗର ରଣାଙ୍କୁ ଆକ୍ରମଣ କରିବାରୁ ସେ ତଳେ ପଡିଯାଇଥିଲେ। ଏହାପରେ ଦୁର୍ବୃତ୍ତଦ୍ୱୟ ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଦ୍ୱୟଙ୍କୁ ହସ୍ପିଟାଲ ପଠାଇଥିଲା।

# ପ୍ରେମ ସମ୍ପର୍କକୁ ନେଇ ଆତ୍ମହତ୍ୟା ଚର୍ଚ୍ଚା

**ରେଭେନ୍‌ସା ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ**

■ତଦନ୍ତ ପାଇଁ ଥାନା ମଧ୍ୟରେ ଟଣାଓଟରା



ଏସ୍. ଅମିତ୍ କୁମାର।

କଟକ ଅଫିସ, ୧୬

ରେଭେନ୍‌ସା ବିଶ୍ୱବିଦ୍ୟାଳୟ ଜଗନ୍ନାଥ ଛାତ୍ରାବାସରେ ରହୁଥିବା ଜଣେ ଛାତ୍ରଙ୍କ ବୁଧବାର ସନ୍ଦେହଜନକ ଭାବରେ ମୃତ୍ୟୁ ଘଟିଛି। ବିଶ୍ୱବିଦ୍ୟାଳୟର ଇନ୍‌ଫର୍ମେଶନ ଟେକ୍ନୋଲୋଜି ମ୍ୟାନେଜମେଣ୍ଟ (ଆଇଟିଏମ୍)ର ସ୍ନାତକ ତୃତୀୟ ବର୍ଷର ଛାତ୍ର ହେଉଛନ୍ତି ଏସ୍. ଅମିତ କୁମାର(୨୦)। ତାଙ୍କ ଘର ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ଅଧୀନ ଜିରୁଲୀ ଅଞ୍ଚଳରେ। ଅମିତ ଆଲୁମିନିୟମ ଫସ୍‌ଫେଟ ବିଷ ପିଇ ଆତ୍ମହତ୍ୟା କରିଥିବା ଅନ୍ତେବାସୀମାନେ କହିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଏସ୍‌ସିବିରେ ଭର୍ତ୍ତି କରାଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ତେବେ ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ଅମିତ୍ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏନେଇ ମଙ୍ଗଳାବାଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ହେଲେ ଘଟଣାର ତଦନ୍ତକୁ ନେଇ ଏବେ ୨ଥାନା ମଧ୍ୟରେ ଟଣା ଓଟରା ଚାଲିଛି। ରେଭେନ୍‌ସା ବିଶ୍ୱବିଦ୍ୟାଳୟ ମାଲ୍‌ଗୋଦାମ୍ ଥାନା ଅଞ୍ଚଳରେ ହୋଇଥିବାରୁ ଘଟଣାର ତଦନ୍ତ ମାଲ୍‌ଗୋଦାମ ପୋଲିସ କରିବ ବୋଲି ମଙ୍ଗଳାବାଗ ପୋଲିସ କହୁଥିବାବେଳେ ଘଟଣା ସମ୍ପର୍କରେ ତାଙ୍କ ନିକଟକୁ କୌଣସି ଚିଠି ଆସି ନ ଥିବା ମାଲ୍‌ଗୋଦାମ ଥାନା ଅଧିକାରୀ ତୃପ୍ତିରଞ୍ଜନ ନାୟକ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ ଅମିତ ରେଭେନଶା ଜଗନ୍ନାଥ ଛାତ୍ରାବାସର ୧୭ ନମ୍ବର ରୁମ୍‌ର ଅନ୍ୟ ଜଣେ ଅନ୍ତେବାସୀଙ୍କ ସହ ରହୁଥିଲେ। ଗ୍ରୀଷ୍ମ ଛୁଟି ଯୋଗୁ ତାଙ୍କ ରୁମ୍‌ରେ ରହୁଥିବା ଅନ୍ତେବାସୀ ଜଣକ ଘରକୁ ପଳାଇଯାଇଛନ୍ତି। ଅମିତ ଏକା ଉକ୍ତ ରୁମ୍‌ରେ ରହୁଥିଲେ। ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟା ୩୦ଟାରୁ ୧୧ଟା ମଧ୍ୟରେ ମଧ୍ୟରେ ସେ ହଠାତ୍ ବାନ୍ତି କରିଥିଲେ।ଏହା ଜାଣିବା ପରେ କିଛି ଅନ୍ତେବାସୀ ୱାର୍ଡେନ୍‌ଙ୍କୁ ଖବର ଦେଇଥିଲେ। ପରେ ତୁରନ୍ତ ତାଙ୍କୁ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ କିଛି ଅନ୍ତେବାସୀଙ୍କ କହିବା ହେଲା ଅମିତ ଦୀର୍ଘଦିନ ହେବ ଜଣେ ସହପାଠିନୀଙ୍କୁ ଭଲ ପାଉଥିଲେ। ହେଲେ କୌଣସି କାରଣବଶତଃ ଗତ କିଛି ଦିନ ପୂର୍ବରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଛିନ୍ନ ହୋଇଥିଲା, ଯାହାକୁ ନେଇ ଅମିତ ଏବଂ ସମ୍ପୃକ୍ତ ଝିଅ ମଧ୍ୟରେ ମତାନ୍ତର ଲାଗି ରହିଥିଲା। ଛାତ୍ରାବାସ ଅନ୍ତେବାସୀଙ୍କ କହିବା ଅନୁଯାୟୀ, ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ସମ୍ପୃକ୍ତ ଝିଅ ଏବଂ ତାଙ୍କ ମା' ଛାତ୍ରାବାସ ନିକଟରେ ଅମିତଙ୍କୁ ଗାଳିଗୁଲଜ କରିଥିଲେ। ସେମାନେ ସେଠାରୁ ଯିବା ପରେ ଅମିତ ବିଷ ପାନ କରିଥିବା ସନ୍ଦେହ କରାଯାଉଛି।

## ବସିଥିବା ବେଳେ କୂଅରେ ଖସିପଡ଼ିଲେ ଯୁବକ

**ଖୁଣ୍ଟୁଣୀ,୧୬(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅଧୀନ ରାଜାଆଠଗଡ଼ ରେଳ ଷ୍ଟେଶନ ସମ୍ମୁଖ ଏକ କୂଅରୁ ବୁଧବାର ଅପରାହ୍ନ ସାଢେ ୫ଟାରେ ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଛି। ସେ ହେଲେ ସ୍ଥାନୀୟ କୋଇଲା ରାକ୍ ସାଇଡିଂରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ସମୀର ମହାନ୍ତି। ସେ କୂଅ ଉପରେ ବସିଥିବାବେଳେ ଅସାବଧାନତା ବଶତଃ ଭିତରକୁ ଖସି ପଡିଥିଲେ। ଖବରପାଇ ଆଠଗଡ଼ ଅଗ୍ନିଶମ କର୍ମଚାରୀ ପହଞ୍ଚି ସିଡ଼ି ଓ ଦଉଡି ସାହାଯ୍ୟରେ କୂଅ ଭିତରୁ ସମୀରଙ୍କୁ ଉଦ୍ଧାର କରିଥିଲେ। ଉକ୍ତ କୂଅର ଗଭୀର ୫୦ ଫୁଟ ରହିଥିବାବେଳେ ସେଥିରେ ୧୫ ଫୁଟରୁ ଉର୍ଦ୍ଧ୍ୱ ପାଣି ଥିବା ଜଣାପଡିଛି।

## ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍

**ଆଠଗଡ଼,୧୬(ସ୍ୱ.ପ୍ର.):** ଆଠଗଡ ଥାନା ଅନ୍ତର୍ଗତ ଖୁଣ୍ଟକଟା ଗ୍ରାମଠାରେ ବୁଧବାର ପୂର୍ବାହ୍ନ ସାଢ଼େ ୯ଟାରେ ଜଣେ ଫାଇନାନ୍ସ ମହିଳା କର୍ମଚାରୀଙ୍କଠାରୁ ୪୦ ହଜାର ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଆଠଗଡ଼ ଗଦାସାହିସ୍ଥିତ ବନ୍ଧନ ବ୍ୟାଙ୍କର ମହିଳା କ୍ଷେତ୍ର କର୍ମଚାରୀ ମାନି ବରାଡ ରେଗେଡାପଡା ଗାଁରୁ ଋଣ ଟଙ୍କା ଆଦାୟ କରି ସ୍କୁଟିରେ ଫେରୁଥିଲେ। ଏହି ସମୟରେ ଖୁଣ୍ଟକଟା-ରେଗେଡାପଡା ରାସ୍ତାରେ ଏକ ନିଛାଟିଆ ସ୍ଥାନରେ ୩ ଜଣ ଯୁବକ ଏକ ବାଇକ୍‌ରେ ଆସି ମାନିଙ୍କଠାରୁ ଟଙ୍କା ଭର୍ତ୍ତି ବ୍ୟାଗ୍ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ଆକ୍ରମଣରେ ଗାଡ଼ିରୁ ଖସିପଡ଼ିବା ସହ ଟଙ୍କା ବଞ୍ଚାଇବାକୁ ବିଲ ଭିତରେ ମାନି ଦୌଡି ଥିଲେ। ଦୁର୍ବୃତ୍ତମାନେ ତାଙ୍କଠାରୁ ଟଙ୍କା ଭର୍ତ୍ତି ବ୍ୟାଗ୍ ଛଡାଇ ଫେରାର ହୋଇଯାଇଥିଲେ। ତେବେ ସେହି ବାଟ ଦେଇ ଯାଉଥିବା କେତେଜଣ ସାଧାରଣ ଲୋକଙ୍କ ସହ ଯୁବ ସାମ୍ବାଦିକ ସନ୍ତୋଷ କୁମାର ବାରିକ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଇଲେ। ଖବରପାଇ ଆଠଗଡ଼ ପୋଲିସ ଘଟଣାସ୍ଥଳ ସହ ଡ଼ାକ୍ତରଖାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

GOVERNMENT OF ODISHA No. B-241

**e-Procurement Notice, Angul (R&B) Division**

**Bid Identification No. 04 of 2022-23**

e-mail ID: angulrbdivision@yahoo.co.in

1. Number of Works : 05 (Five) number of Building works 01 (One) number of Road work
2. Approximate estimated cost : Varies from Rs.13.00 lakh to 99.00 lakhs
3. Period of Completion : Varies from 02 (Two) to 06 (Six) Calendar months
4. Date & time of availability of bid document in the portal : Dt.02.06.2022 at 10.00 A.M.
5. Last date/time for receipt of bid in the portal : Dt.17.06.2022 upto 5.00 P.M.
6. Date of Opening Bid : Dt.18.06.2022 at 11.00 A.M.
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders have to participate in ONLINE bidding only.

Further details can be seen from the e-procurement portal https://tendersodisha.gov.in.

Sd./- Superintending Engineer
Angul (R&B) Division
OIPR-34074/11/0002/2223

GOVERNMENT OF ODISHA

**OFFICE OF THE EXECUTIVE ENGINEER MINOR IRRIGATION DIVISION, BALANGIR**

AT/P.O.: BALANGIR, DIST.: BALANGIR
E-Mail: mid_balangir@yahoo.co.in

No. 1708 Date: 01.06.2022

**1st CORRIGENDUM to e-PROCUREMENT NOTICE IDENTIFICATION No. EEMID BGR - 02/2022-23**

No. A-285: The work at Sl. No. 4 of e-procurement notice vide Identification No. EEMID BGR-02/2022-23 i.e. Improvement Mursingh M.I.P. in Deogaon Block of Balangir district under RR&R for the year 2022-23 is hereby cancelled due to technical reasons.

Executive Engineer
Minor Irrigation Division, Balangir
OIPR-32063/11/0003/2223

**ତହସିଲ କାର୍ଯ୍ୟାଳୟ, କାଳିମେଳା, ଜିଲ୍ଲା-ମାଲକାନଗିରି**

ବିଜ୍ଞପ୍ତି ସଂଖ୍ୟା...../୨୦୨୨ (ସୈରାତ) ତାରିଖ-୨୦.୦୫.୨୦୨୨

**ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

No.F-62:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ କାଳିମେଳା ତହସିଲ ଅନ୍ତର୍ଗତ ନିମ୍ନପ୍ରଦତ୍ତ ଲଘୁଖଣିଜ ସୈରାତ ଉତ୍ସଗୁଡିକର ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬, ସଂଶୋଧନ ଆଇନ-୨୦୧୮ ଓ ଏହାର ସଂଶୋଧନ ଆଇନ-୨୦୧୮ ମୁତାବକ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules-2016 ର ଫର୍ମ-M (Form-M) ପୂରଣ କରି ଏହାର ତିନି କପି ସହ ଆବଶ୍ୟକୀୟ କାଗଜାତର ନକଲ ସଂଲଗ୍ନ ପୂର୍ବକ ଠିକ୍ ଭାବରେ ବନ୍ଦଥିବା ଲଫାପା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ଶେଷ ତାରିଖ ୦୬.୦୬.୨୦୨୨ ପୂର୍ବାହ୍ନ ଘ.୧୧.୩୦ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଠିକା ପେଟିକା (Tender Box) ରେ ପକାଇପାରିବେ କିମ୍ବା ରେଜିଷ୍ଟ୍ରି ବା କ୍ଷିପ୍ର ଡାକ ମାଧ୍ୟମରେ ପଠାଇପାରିବେ । ଏହି ବିଜ୍ଞାପନର ସମସ୍ତ ବିସ୍ତୃତ ବିବରଣୀ ମାଲକାନଗିରି ଜିଲ୍ଲା ୱେବସାଇଟ୍ www.malkangiri.nic.in ରେ ଦେଖିପାରିବେ । ଯଦି ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

| | |
|---|---|
| 1. ଆରଣାମାଳା ପଥର ଖାଦାନ | 4.ଅନନ୍ତପଲିମୋରମ ଖାଦାନ |
| 2. ତାମନପାଲି-୧ ବାଲି ଖାଦାନ | 5.ଆମ୍ବାଗୁଡା ମୋରମ ଖାଦାନ |
| 3. ପାତକୁଣ୍ଡା ପଥର ଖାଦାନ -୨ | 6. ଟିଗଲ ମୋରମ ଖାଦାନ |

ସ୍ୱା./-ତହସିଲଦାର, କାଳିମେଳା
OIPR-24289/11/0002/2223

**ଭୁବନେଶ୍ୱର ମହାନଗର ନିଗମ**

Phone:0674-2431253,Fax:0674-2432895,
E-mail:info@bmc.gov.in., Web:bmc.gov.in
ସଂଖ୍ୟା ୨୭୨୯୭, ତାରିଖ ୦୧.୦୬.୨୦୨୨

**ନୋଟିସ**

**ୟୁନିଫର୍ମ ପ୍ରସ୍ତୁତି ନିମନ୍ତେ କପଡ଼ା କିଣିବା ଏବଂ ଏହାକୁ ସିଲାଇ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ଚୟନ ନିମନ୍ତେ ପ୍ରସ୍ତାବ ଆହ୍ୱାନ ପାଇଁ ବିଜ୍ଞପ୍ତି ଜାରି**

No.C-412:ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ଥିବା ସମ୍ପଳ କେନ୍ଦ୍ରଗୁଡିକରେ କାର୍ଯ୍ୟରତ ସ୍ୱଚ୍ଛକର୍ମୀଙ୍କ ନିମନ୍ତେ ୟୁନିଫର୍ମ କପଡ଼ା କିଣିବା ଏବଂ ଏହାକୁ ସିଲାଇ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ ଏଚ୍ ଜି)ଙ୍କଠାରୁ ପ୍ରସ୍ତାବପତ୍ର ଆହ୍ୱାନ କରାଯାଉଅଛି । ଏହି ପ୍ରସ୍ତାବପତ୍ର ଟେଣ୍ଡର ଦସ୍ତାବିଜ୍ ଅନୁସାରେ ପ୍ରସ୍ତୁତ ହୋଇ ମୁଦଦିଆ ଲଫାପାରେ ଦିଆଯିବ ଆବଶ୍ୟକ । ଇଚ୍ଛୁକ ଥିବା ଉଭୟ ବିଏମ୍‌ସି ନିବନ୍ଧିତ ଏବଂ ମିଶନ ଶକ୍ତି ତାଲିକାଭୁକ୍ତ ଏସ୍ ଏଚ୍ ଜିମାନେ ଯେଉଁମାନେ କି ଟେଲରିଂ ବା ଦରଜି କାର୍ଯ୍ୟ ଇତ୍ୟାଦି ପାଇଁ ଟେଣ୍ଡର ଦସ୍ତାବିଜ୍ ଅନୁସାରେ ଯୋଗ୍ୟତା ମାନଦଣ୍ଡଗୁଡ଼ିକୁ ପୂରଣ କରୁଥିବେ ସେହି ଏସ୍ ଏଚ୍ ଜିମାନେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ନିୟମ ଅନୁସାରେ ଧାର୍ଯ୍ୟ ସମୟ ଓ ତାରିଖ ମଧ୍ୟରେ ନିଜର ପ୍ରସ୍ତାବ ସିଧାସଳଖ କିମ୍ବା ଡାକ ମାଧ୍ୟମରେ ଦେଇପାରିବେ । ପ୍ରସ୍ତାବପତ୍ର ଦେବା ପାଇଁ ବିଏମ୍‌ସି ୱେବସାଇଟ www.bmc.gov.in କୁ ଯାଇ ଟେଣ୍ଡର ଦସ୍ତାବିଜ୍ ଦେଖି ସେଥିରୁ ପୁଙ୍ଖାନୁପୁଙ୍ଖ ସୂଚନା ଜାଣନ୍ତୁ । ଏହି ଦସ୍ତାବିଜ୍ ତା.୦୨.୦୬.୨୦୨୨ ରିଖଠାରୁ ପ୍ରସ୍ତାବ ଦାଖଲ କରିବାର ଶେଷ ତାରିଖ ତା.୦୮.୦୬.୨୦୨୨ ରିଖ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ବିଏମ୍‌ସି ୱେବସାଇଟ୍‌ରେ ଉପଲବ୍ଧ ହେବ ।

ଆୟୁକ୍ତ, ବି.ଏମ୍.ସି.ଙ୍କ ଆଦେଶକ୍ରମେ
ସ୍ୱା./-ଉପ ଆୟୁକ୍ତ (ପରିମଳ), ଭୁବନେଶ୍ୱର ମହାନଗର ନିଗମ
OIPR-13002/11/0044/2223

**BHUBANESWAR MUNICIPAL CORPORATION**

**SHORT QUOTATION CALL NOTICE**

No. 27302/BMC Dated: 01.06.2022

No. C-413: On behalf of the Commissioner, Bhubaneswar Municipal Corporation (BMC), sealed quotations are invited from authorized shoes manufacturers/ distributors/dealers for **"procurement of shoes for Swachha Karmis engaged in Material Recovery Facility Centres (MRFs)"**.

The bidder shall submit the application along with the financial proposal on or before 08.06.2022 till 5.00 P.M. by Hand/Post/Courier. For further details regarding the short quotation call notice, the intending bidders may visit the BMC website **https://www.bmc.gov.in** for view or download information.

For any queries, please contact D.C. (Sanitation), BMC.

By Order of Commissioner, BMC
Sd./- Dy. Commissioner (Sanitation)
Bhubaneswar Municipal Corporation
OIPR-13002/11/0045/2223

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER SAMBALPUR (R&B) DIVISION NO. II, SAMBALPUR**

E-mail - eesbprnbdivision2@gmail.com
Phone -0663-2410104
BID IDENTIFICATION No. SE / R and B / SBP II / 08 (online)/2022-23

**E-Procurement Notice**

No.1845 /Dated.27.05.2022

No.B-244:The Superintending Engineer, Sambalpur (R&B) Division No.II, Sambalpur on behalf of Governor of Odisha, invites Percentage Rate bids in Single cover System in ONLINE MODE.

1. No. of work :- 1 (One) No of Building work
2. Tender Cost :- Rs. 6000/-
3. Class of Contractor :- "B" & "A" class Contractors
4. Availability of bid document in the website. :- 18:00 Hours of 04.06.2022 to 17:00 Hours of 16.06.2022
5. Date of Opening of Tenders :- 11:30 Hours on dt.17.06.2022
6. The Bidders have to participate in ONLINE bidding only. Further details can be seen from the Web Site www.tendersodisha.gov.in only. Any Corrigendum / Addendum/cancellation of tender will be displayed in the website said only.

OIPR-34136/11/0010/2223
Sd/- Superintending Engineer
Sambalpur (R&B) Division No.II

**ମାର୍କଫେଡ ଓଡ଼ିଶା**

**ବଳକା ଅଣଧାନ ଶସ୍ୟର ବିକ୍ରୟ ନିମନ୍ତେ ସୂଚନା**

No.CAD-674 **ମୁଗ, ବିରି, ସୂର୍ଯ୍ୟମୁଖୀ ଏବଂ ଚିନାବାଦାମ**

➢ ଏତଦ୍ୱାରା ଓଡ଼ିଶାର ସମସ୍ତ ଚାଷୀଭାଇମାନଙ୍କ ଅବଗତି ନିମନ୍ତେ ସୂଚନା ଦିଆଯାଉଅଛି ଯେ, ୨୦୨୧-୨୨ ରବି ଋତୁରେ ଅମଳ କରାଯାଇଥିବା ଅଣଧାନ ଶସ୍ୟ ଯଥା ମୁଗ, ବିରି, ସୂର୍ଯ୍ୟମୁଖୀ ଓ ଚିନାବାଦାମର ଅଭାବି ବିକ୍ରିକୁ ରୋକିବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ମାର୍କଫେଡ ମାଧ୍ୟମରେ ନିକଟସ୍ଥ ସ୍ଥିରୀକୃତ ସମବାୟ ସମିତି (PACS/LAMPCS/FPOs) ଦ୍ୱାରା ସରକାର ନିମ୍ନୋକ୍ତ ସର୍ବନିମ୍ନ ସହାୟକ ମୂଲ୍ୟରେ ଚାଷୀଙ୍କ ନିକଟରୁ ଉପଯୁକ୍ତ ମାନ ବହନ କରୁଥିବା ଶସ୍ୟକ୍ରୟ କରାଯିବା ନିମନ୍ତେ ବ୍ୟବସ୍ଥା କରାଯାଇଛି ।

| | | |
|---|---|---|
| ଉପଯୁକ୍ତ ମାନ ବହନ କରୁଥିବା ଶସ୍ୟର କ୍ୱିଣ୍ଟାଲ ପ୍ରତି ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ (ଟଙ୍କାରେ) | ମୁଗ | ୭୨୭୫/- |
| | ବିରି | ୬୩୦୦/- |
| | ସୂର୍ଯ୍ୟମୁଖୀ | ୬୦୧୫/- |
| | ଚିନାବାଦାମ | ୫୫୫୦/- |

➢ ଯେଉଁ ଚାଷୀଭାଇମାନଙ୍କ ନିକଟରେ ଉପରୋକ୍ତ ଶସ୍ୟ ବଳକା ରହିଅଛି ସେମାନେ ନିକଟସ୍ଥ କୃଷି କର୍ମଚାରୀଙ୍କ ସହ ଯୋଗାଯୋଗ କରି ସେମାନଙ୍କ ଜମିର ଦସ୍ତାବିଜ, ଫଟୋ ପରିଚୟ ପତ୍ର ଓ ବ୍ୟାଙ୍କ ଖାତାର ନକଲ ଦାଖଲ କରି ନିଜ ନାମ ନିକଟସ୍ଥ ସେବା ସମବାୟ ସମିତି ଓ କୃଷକ ଉତ୍ପାଦକ ସଂସ୍ଥାରେ ପଞ୍ଜୀକୃତ କରିପାରିବେ ଏବଂ ସ୍ୱୟଂ ପଞ୍ଜୀକରଣ ଇ-ସମୃଦ୍ଧି ମୋବାଇଲ୍ ଆପ୍ ମାଧ୍ୟମରେ ଏହି ସୁବିଧାର ଲାଭ ନିଅନ୍ତୁ ।

➢ ଆବଶ୍ୟକ ସ୍ଥଳେ ସବିଶେଷ ବିବରଣୀ ଯଥା ବିକ୍ରୟ ହେବାକୁ ଥିବା ଅଣଧାନ ଶସ୍ୟର କ୍ରୟ ତାରିଖ, ବିକ୍ରୟ ସ୍ଥାନ ସମ୍ବନ୍ଧରେ ସମ୍ପୃକ୍ତ ସମବାୟ ସମିତି ସମୂହର ଉପ ନିବନ୍ଧକ/ସହ ନିବନ୍ଧକ/ମାର୍କଫେଡ କ୍ଷେତ୍ର ପରିଚାଳକ ଓ କୃଷି ବିଭାଗ କର୍ମଚାରୀଙ୍କ ସହ ଯୋଗାଯୋଗ ପାଇଁ ଅନୁରୋଧ କିମ୍ବା କଲ୍ ସେଣ୍ଟର ଟେଲିଫୋନ ନମ୍ବର ୦୬୭୪-୨୩୧୩୮୩୬ ରେ ଯୋଗାଯୋଗ କରିପାରିବେ ।

**ମୂଲ୍ୟ ସହାୟକ ଯୋଜନାରେ ମୁଗ, ବିରି, ସୂର୍ଯ୍ୟମୁଖୀ ମଞ୍ଜି ଓ ଚିନାବାଦାମ ସଂଗ୍ରହ ନିମନ୍ତେ ଅନୁମୋଦିତ ମାନ**

| କ୍ର. ନଂ. | ବାହ୍ୟ ପଦାର୍ଥ | ସମୁଚିତ ହାରାହାରି ମାନ ସ୍ତରରେ ବାହ୍ୟ ପଦାର୍ଥର ସର୍ବାଧିକ ସହଣୀର ପରିମାଣ (%) | | |
|---|---|---|---|---|
| | | ମୁଗ ଓ ବିରି | ସୂର୍ଯ୍ୟମୁଖୀ ମଞ୍ଜି | ଚିନାବାଦାମ |
| ୧ | ବାହ୍ୟବସ୍ତୁ (ମାଟି, ଗୋଡି, ବାଲି,କାଠି, କୁଟା ଇତ୍ୟାଦି) | ୨ % | ୨ % | ୨ % |
| ୨ | ମିଶ୍ରଣ (Admixture) | ୩ % | – | – |
| ୩ | ଖରାପ ଥିବା ଚିନାବାଦାମ | – | – | ୨ % |
| ୪ | ଭଙ୍ଗା ହୋଇଥିବା ମଞ୍ଜି | – | ୩ % | – |
| ୫ | ନଷ୍ଟ ଓ ପୋକ ଖିଆ (Damaged Pulses & Oilseeds) | ୩ % | ୪ % | – |
| ୬ | ସାମାନ୍ୟ ନଷ୍ଟ ଡାଲି (Slightly Damaged Pulses) | ୪ % | – | – |
| ୭ | ଅପରିପକ୍ୱ ଶଙ୍କୁଚିତ (Immature Shrivelled) | ୩ % | ୫ % | ୪ % |
| ୮ | ଅନ୍ୟ କିସମର ଚିନାବାଦାମ | – | – | ୪ % |
| ୯ | ଅସୁଲ ଚିନାବାଦାମ ମଞ୍ଜିର ପରିମାଣ | – | – | ୬୫% - ୭୦% |
| ୧୦ | ପୋକଖିଆ (Weevilled Pulses/Oilseeds) | ୪ % | – | – |
| ୧୧ | ଆର୍ଦ୍ରତା (Moisture) / ଜଳୀୟଅଂଶ | ୧୨ % | ୯ % | ୮ % |

Sd./- Managing Director
OIPR-39007/11/0007/2223

**COLLECTORATE, KORAPUT (NIZARAT SECTION)**

No. 260/II-61/22 Dated- 12.05.2022

**NOTICE FOR AUCTION SALE OF GOVT. VEHICLE (AMBASSADOR CAR)**

No. F-60:- Sealed tenders in plain paper are invited from the intending purchasers in Auction Sale of Govt. vehicle bearing Registration No-OR10-D-0001 (Ambassador Car) of Collector, Koraput by the undersigned on 22.06.22 at 04 PM in the office Chamber of the Collector, Koraput. The upset price of the condemned vehicle is fixed to Rs.32000/- (Rupees Thirty two thousand) only. The vehicle can be inspected during office hours on any working day from 10 A.M. to 5 P.M. in the garage of Collectorate, Koraput. Intending tenderers are required to enclose a demand draft/bankers cheque of Rs.3200/- (Rupees Three thousand two hundred) only in favour of Nizarat Officer Collectorate, Koraput payable at SBI, Koraput as earnest money failing which the tender will not be considered. The earnest money shall be refunded to the unsuccessful tenderers after finalization of the tender. The sealed Tender covers containing the Tender Paper with "Tender Paper for purchase of vehicle (condemned)" written in the top of the cover shall be received by 2 P.M. in the Nizarat Section at Collectorate, Koraput on or before 22.06.2022 and shall be opened on the same day at 4 PM in presence of the tenderers or their authorized representative in the office chamber of Collector, Koraput. The highest tenderer whose tender would be accepted shall deposit 25% of the offered amount immediately after the sale is confirmed and balance amount within 07 days (seven days) from the date of acceptance of the tender failing which the deposited amount along with the earnest money shall be forfeited.

The undersigned reserves the right to reject any or the entire tender papers without assigning any reason thereof.

Sd./- District Magistrate & Collector, Koraput
OIPR-24057/11/0008/2223

**OFFICE OF THE DIVISIONAL FOREST OFFICER, KALAHANDI SOUTH DIVISION**

At/P.O.: Parmanandpur, Bhawanipatna, Ward No. 4, Rly. Station Road, Dist.- Kalahandi, Odisha, PIN - 766002
Phone & Tele Fax No. 06670-230268 (O)
(e-Mail ID: dfo.kalahandisouth@odisha.gov.in)

**SHORT TENDER CALL NOTICE**

Short Tender Call Notice No. 01/DFOKLDS/1F-Acct. Sec/ Date: 25.05.2022

No. MM-42: Sealed Tenders are invited from Individuals/Organization/ Firms etc. for supply of Vermi Compost, Urea, Bio-NPK, Granular Chemical Insecticides (Chloropyriphos), Agro Net Shed Gabion, Bio-Insecticide (Neem Cake), NPK (Chemical Granular) during 2022-23 under various schemes for use in different Plantation Site of Kalahandi South Division.

The tender document can be downloaded from concerned website **www.kalahandi.nic.in** and shall be submitted and put into Tender Box kept in the office of the undersigned or By Post. The tender paper should accompany all required documents, GSTIN No. & GST Clearance Certificate, Manufacturing Licence, Marketing Licence and it must be submitted/put inot the tender box kept in the office of the undersigned or by post latest by 01.00 P.M. on 10.06.2022. A Demand Draft drawn in favour of Divisional Forest Officer, Kalahandi South Division for Rs.1,180/- (Rupees one thousand one hundred eighty) only towards participation/tender processing fees which is non-refundable amount and should be attached with tender paper, failing which the tender shall not be accepted. **The tender inviting authority reserves the right to accept or reject any or all bids without assigning any reason thereof.**

| Sl. No. | Name of the Component | Date & Time |
|---|---|---|
| 01 | Sale of Tender Document | 31.05.2022 to 10.06.2022 upto 01.00 P.M. |
| 02 | Last date for submission of Sealed Tender Document | 10.06.2022 by 01.00 P.M. |
| 03 | Date & Time of Opening of Tender Paper | 13.06.2022 at 10.00 A.M. |

Sd./- Divisional Forest Officer
Kalahandi South Division
OIPR-08122/11/0002/2223

AFD CITIIS

**Bhubaneswar Smart City Limited**

Block-1, 5th Floor, BMC - Bhawani Mall, Saheed Nagar, Bhubaneswar - 751007
E-mail Id: bbsr.bscl@gov.in, CIN: U74990OR2016PLC020016
Telephone: 0674-2548428, Fax: 0674-2540811

No. 1121/BSCL Date: 01.06.2022

**"RFP for selection of consultants for preparation of detailed project report & supervision during construction for various Infrastructure projects & Development and Implementation of nature-based water Treatment solutions along with its operation and maintenance for 3 years in the lake Zones I and II of the Natural Drainage Channel No. 10, Bhubaneswar under ongoing CITIIS Programme"**

No. C-411: M/s. Bhubaneswar Smart City Limited (BSCL), Bhubaneswar invites sealed proposals from registered and experienced agencies for suitable consultancy services for development of various infrastrcutre projects along with its supervision during construction and operation and maintenance post implementation under the CITIIS Programme of Bhubaneswar Smart City Limited. The details of Terms of Reference (ToR) can be downloaded from the website of BSCL i.e. **www.smartcitybhubaneswar.gov.in**. Interested agencies may submit their proposal in a sealed cover super-scribing as **RFP for selection of consultants for preparation of detailed project report & supervision during construction for various Infrastructure projects & Development and Implementation of nature-based water Treatment solutions along with its operation and maintenance for 3 years in the lake Zones I and II of the Natural Drainage Channel No. 10, Bhubaneswar under ongoing CITIIS Programme"** with Advertisement Number and Date to the General Manager (Admin), Bhubaneswar Smart City Limited, 5th Floor, Block - 1, BMC Bhawani Mall, Saheed Nagar, Bhubaneswar - 751007 through Speed Post/Registered Post/Courier services only, which should reach on or before **3.00 P.M. on 20.06.2022** positively and the same will be opened at **3.30 P.M.** on the same day. Proposal received after the due date and time shall be rejected. The undersigned reserves the right to reject any or all the tender without assigning any reason thereof.

By order of MD & CEO, BSCL
Sd./- General Manager (Administration)
Bhubaneswar Smart City Limited
OIPR-13070/11/0003/2223

**Directorate of Sch. Castes & Sch. Tribes Research & Training Institute (SCSTRTI),**

CRPF Square, Bhubaneswar, 751003
(Telephone No. 0674-2561635 Email ID: scstrti@yahoo.co.in)
No.1990/SCSTRTI Date: 01.06.2022

**Tender Call Notice**

**No. V-26:-** Sealed Tenders are invited under the two- bid system from reputed & experienced registered Facility Management Service (FMS) providers to provide Comprehensive Facility Management Service (CFMS) at SCSTRTI Campus, CRPF Square, Bhubaneswar, PIN- 751003 for a period of 3 years subject to satisfactory performance and mutual consent. The FMS providers shall submit their duly completed proposals along with requisite documents as per the Formats and terms & condition of the Tender Documents on or before 02.07.2022, 5.30 pm by Registered Post/ Speed Post/ Courier. The Tender Documents can be downloaded from Website www.scstrti.in & www.stscodisha.gov.in

Any Addendum / Corrigendum / Cancellation Notice of RFP can also be seen in the Website www.scstrti.in & www.stscodisha.gov.in

Interested Firms those having experience in the work can submit their bids for this proposal.

The undersigned reserves the right to accept or reject any or all RFPs without assigning any reson thereof.

Sd./- Advisor-cum-Director & Spl. Secretary, SCSTRTI
OIPR-26026/11/0004/2223

See Career Appointment on every Wednesday & Saturday

## ଛାତ୍ରୀଛାତ୍ରଙ୍କୁ ଦିଆଗଲା କରୋନା ଟିକା

କଣାସ,(ସ୍ୱ.ପ୍ର):କଣାସ ବ୍ଲକ ବାରଦାବାଦଲପୁର ସାଧନକେନ୍ଦ୍ର ଅନ୍ତର୍ଗତ ଗଡ଼ବଡ଼ପୁଟ ସଂଯୁକ୍ତ ଓ ବାରଦାବାଦଲପୁର ଉଚ୍ଚ ବିଦ୍ୟାଳୟରେ ୧୨ରୁ ୧୪ ବର୍ଷ ୧୧୨ଜଣ ଛାତ୍ରୀଛାତ୍ରଙ୍କୁ କରୋନା ଟିକା ପ୍ରଦାନ କରାଯାଇଥିଲା। ଗଡବଡପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ଗଡବଡପୁଟ ଉଚ୍ଚ ବିଦ୍ୟାଳୟ ଓ ଗଡସାନପୁଟ ଉ.ପ୍ରା ବିଦ୍ୟାଳୟର ୧୯ଜଣ ଛାତ୍ରୀଛାତ୍ର ପ୍ରଥମ ଓ ଦ୍ୱିତୀୟ ଡୋଜ ଟିକା ନେଇଥିଲେ। ସେହିପରି ବାରଦାବାଦଲପୁର ଉଚ୍ଚ ବିଦ୍ୟାଳୟରେ ଉକ୍ତ ବିଦ୍ୟାଳୟ, ବାରଦାବାଦଲପୁର ସଂଯୁକ୍ତ ନୋଡାଲ ଉ.ପ୍ରା ବିଦ୍ୟାଳୟ ଓ ବେହେଣ୍ଡା ଉଚ୍ଚ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ୯୩ଜଣ ଛାତ୍ରୀଛାତ୍ର ପ୍ରଥମ ଓ ଦ୍ୱିତୀୟ କରୋନା ଟିକା ନେଇଥିଲେ। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଫାର୍ମାସି ସୌମ୍ୟରଞ୍ଜନ ଚାନ୍ଦ, ଏଏନ୍‌ଏମ ବର୍ଷାରାଣୀ ଦଳାଇ ଓ ଜଗବନ୍ଧୁ ମହାପାତ୍ର କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ମୀନକେତନ ସାମନ୍ତରାୟ କାର୍ଯ୍ୟକ୍ରମକୁ ପରିଦର୍ଶନ କରିଥିଲେ।

# ୧୪୬ ଦେଶରେ ହେବ ରଥଯାତ୍ରା ପ୍ରସାରଣ

## ଘୋଷଯାତ୍ରା ସମୟରେ ଦିନକୁ ୪୦ ଟ୍ରେନ୍

- ସେବାରେ ନିୟୋଜିତ ହେବେ ୭୮ ସ୍ପେଶାଲିଷ୍ଟ ଡାକ୍ତର
- ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ୱେବସାଇଟ୍, ମୋବାଇଲ ଆପ୍

ପୁରୀ ଅଫିସ,୧।୬:

ଶ୍ରୀକ୍ଷେତ୍ରର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ବୁଧବାର ଦ୍ୱିତୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନ ଓ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଅଧକ୍ଷତା କରିଥିଲେ। ବୈଠକରେ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଦୂରଦର୍ଶନ ପକ୍ଷରୁ ରଥଯାତ୍ରାର ସିଧା ପ୍ରସାରଣ କରାଯିବ। ଏହାବ୍ୟତୀତ ଓଡ଼ିଆ, ହିନ୍ଦୀ, ବଙ୍ଗଳା ଓ ତାମିଲ ପ୍ରଭୃତି ଆଞ୍ଚଳିକ ଭାଷାର ଟିଭି ଚ୍ୟାନେଲ ସମେତ ସାମାଜିକ ଗଣମାଧମ ସହାୟତାରେ ୧୪୬ଟି ଦେଶରେ ରଥଯାତ୍ରାର ପ୍ରସାରଣ କରାଯିବ। ପ୍ରଶାସନ ପକ୍ଷରୁ ଏକ ୱେବସାଇଟ୍ ଓ ମୋବାଇଲ୍ ଆପ୍ ପ୍ରଚଳନ କରାଯିବ। ରଥଯାତ୍ରା ସମୟରେ ସୁନାବେଶ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ପକ୍ଷରୁ ଦୈନିକ ୪୦ଟି ଟ୍ରେନ୍ ପୁରୀକୁ ଚଳାଚଳ କରିବ। ଗହଳିକୁ ଦୃଷ୍ଟିରେ ରଖି ଶହେରୁ ୨ଶହ ଅତିରିକ୍ତ କୋଚ୍ ସଂଯୋଗ କରାଯିବ। ବ୍ୟାପକ ସଂଖ୍ୟାରେ ଆରପିଏଫ୍ ଏବଂ ଜିଆର୍‌ପି ନିୟୋଜିତ ହେବେ। ୫ଶହ ଆର୍‌ପିଏଫ୍ କର୍ମଚାରୀଙ୍କୁ ନିଯୁକ୍ତ କରାଯିବ। ୩୫ଟି ଟିକେଟ୍ କାଉଣ୍ଟର ଖୋଲାଯିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ରଥଟଣା ଲାଗି ୨୨୦ ଫୁଟ୍‌ର ୧୨ଟି ଦଉଡ଼ି ଓ ୪୫୦ ଫୁଟ୍ କର୍ଡନ ଦଉଡ଼ି ପ୍ରସ୍ତୁତ ହୋଇ ରହିଛି। ପୁରୀ ସହରରେ ଜୁଲାଇ ୧ରୁ ୧୩ ତାରିଖ ମଧ୍ୟରେ ରଥଯାତ୍ରାରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ବୀମା ଯୋଜନା କାର୍ଯ୍ୟକାରୀ ହୋଇଛି। ସର୍ବାଧିକ ୩୦ ମୃତକଙ୍କୁ ବୀମା ଅର୍ଥ ଦିଆଯିବ। ଶ୍ରୀଜଗନ୍ନାଥ ମେଡିକାଲ କଲେଜର ୭୮ଜଣ ସ୍ପେଶାଲିଷ୍ଟ ଡାକ୍ତର ରଥଯାତ୍ରାରେ ନିୟୋଜିତ ହେବେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଖାଲି ପଡ଼ିଥିବା ୩୦ଟି ଡାକ୍ତର ପଦବୀ ମଧ୍ୟରୁ ୧୫ଟି ପଦବୀ ପୂରଣକୁ ଅନୁମୋଦନ ମିଳିଛି। ପାନୀୟଜଳ ମାନ ପରୀକ୍ଷା ଲାଗି ଭ୍ରାମ୍ୟମାଣ ଗାଡ଼ି ବୁଲିବ। ଯେକେହି ଟୋଲ୍ ଫ୍ରି ନମ୍ବରରେ କଲ୍ କରି ପାନୀୟଜଳ ଯୋଗାଇପାରିବେ। ସ୍ନାନଯାତ୍ରା ପୂର୍ବରୁ ସମସ୍ତ ସେବାୟତ ପ୍ରିକୋସନ୍ ଡୋଜ୍ ନେବେ। ରଥଯାତ୍ରା ପାଇଁ ପୁରୀ ଜିଲାରେ ୨୧୭ ଅତିରିକ୍ତ ଶଯ୍ୟା ପ୍ରସ୍ତୁତ ରଖିବାକୁ ନିଷ୍ପତ୍ତି ହୋଇଛି ବୋଲି ସିଡିଏମ୍‌ଓ ସୁଜାତା ମିଶ୍ର କହିଛନ୍ତି। ୩୫ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଇଛି। ବିଦ୍ୟୁତ ବିଭାଗ ପକ୍ଷରୁ ବଡ଼ଦାଣ୍ଡ, ଶ୍ରୀମନ୍ଦିର, ସମୁଦ୍ରକୂଳ, ଗୁଣ୍ଡିଚାମନ୍ଦିର ଓ କିଛି ସଂଲଗ୍ନ ଅଞ୍ଚଳରେ ଅଣ୍ଡରଗ୍ରାଉଣ୍ଡ କେବୁଲିଂ କାର୍ଯ୍ୟ ସରିଛି। ଫଳରେ ନୀରବଚ୍ଛିନ୍ନ ବିଦ୍ୟୁତ୍ ସେବା ମିଳିପାରିବ। ଆଇନ ମନ୍ତ୍ରୀ କହିଛନ୍ତି, ସମସ୍ତଙ୍କ ସହ ଆଲୋଚନା କ୍ରମେ ପ୍ରସ୍ତୁତି ଚାଲିଛି। ରଥ ନିର୍ମାଣ କାର୍ଯ୍ୟ ମଧ ଜାରି ରହିଛି। ଚଳିତବର୍ଷ ରଥଯାତ୍ରାରେ ବହୁ ଜନସମାଗମ ହେବାକୁ ଥିବାରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ବୈଠକରେ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ କୁମାର ଦାସବର୍ମା, ସୂଚନା ଲୋକସମ୍ପର୍କ ଓ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାଶ, ଶକ୍ତି ଓ ଶିଳ୍ପ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ରାଧାକୃଷ୍ଣ ଶର୍ମା, ଆଇନ ବିଭାଗ ପ୍ରମୁଖ ସଚିବ ପ୍ରତାପ କୁମାର ଜେନା, ଦେବୋତ୍ତର କମିଶନର ଶିଶିର କୁମାର ରଥ, ବାଣିଜ୍ୟ ପରିବହନ ସ୍ୱତନ୍ତ୍ର ସଚିବ ମନୋଜ ମିଶ୍ର, ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା, କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ, ପୁରୀ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂଙ୍କ ସମେତ ସତ୍ୟବାଦୀ, ବ୍ରହ୍ମଗିରି ଓ ପୁରୀ ବିଧାୟକ ଏବଂ ଜିଲା ପରିଷଦ ଅଧକ୍ଷା ଉପସ୍ଥିତ ଥିଲେ।



ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକକୁ ମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ଜମି ବିବାଦକୁ ନେଇ ଯୁବକଙ୍କୁ ଆକ୍ରମଣ

କୋଣାର୍କ,୧।୬(ଡି.ଏନ୍.ଏ.): କୋଣାର୍କ ନିକଟସ୍ଥ ସୁତନ ପଞ୍ଚାୟତର ଟିକନା ଗ୍ରାମରେ ଜମି ବିବାଦକୁ ନେଇ ଜଣେ ବ୍ୟକ୍ତିଙ୍କୁ ୨ ଦୁର୍ବୃତ୍ତ ଆକ୍ରମଣ କରିଥିବା ନେଇ ଚନ୍ଦ୍ରଭାଗା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୭/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଖବର ଅନୁଯାୟୀ, ଏହି ଥାନା ଅଧୀନ ଟିକନା ଗ୍ରାମରେ ମନ୍ଦିରର ବାସ୍ତୁ ପୂଜା ଚାଲିଥିଲା। ଏହି ସମୟରେ ସେହି ଗ୍ରାମର ଗଗନ ମୁରୁଡିକୁ ଜମି ବିବାଦକୁ ନେଇ ୨ବ୍ୟକ୍ତି ଆସି ଯୁକ୍ତିତର୍କ କରିଥିଲେ। ଏଥିରେ ମୁରୁଡ଼ି ବିରୋଧ କରିବାରୁ ସେମାନେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଶାବଳ ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ଆକ୍ରମଣରେ ମୁରୁଡ଼ି ଗୁରୁତର ଆହତ ହୋଇଥିଲେ। ଗୁରୁତର ଗଗନଙ୍କୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପରେ ଏ ନେଇ ମୁରୁଡ଼ିଙ୍କ ସ୍ତ୍ରୀ ମିଳନ ମୁରୁଡି ଚନ୍ଦ୍ରଭାଗା ଥାନାର ଦ୍ୱାରସ୍ଥ ହୋଇଥିଲେ।

### ଜଳିଗଲା ୪ ପରିବାରର ୫ ବଖରା

ନିମାପଡ଼ା,୧।୬(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ରଟିଲୋ ପଞ୍ଚାୟତର ଶେଉଳଖାଲ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ ପରିବାରର ୫ ବଖରା ଘର ପୋଡି ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ସେମାନେ ହେଲେ ଦୀପ୍ତିରଞ୍ଜନ ବାଘ, ମନୋରଞ୍ଜନ ବାଘ, ସମୟରଞ୍ଜନ ବାଘ, ରଶ୍ମିରଞ୍ଜନ ବାଘ। ଏଥିରେ ଲକ୍ଷାଧିକ ଟଙ୍କାର ସୁନାଗହଣା, ଆଲମାରି, ଟିଭି, ଫ୍ରିଜ୍, ୱାଶିଂମେଶିନ, ଧାନ, ଚାଉଳ, ମୁଗ, ବିରି, ଅନ୍ୟାନ୍ୟ କାଠ ସାମଗ୍ରୀ ସମେତ ପ୍ରାୟ ୫ଲକ୍ଷ ଟଙ୍କାର ବିଭିନ୍ନ ଆସବାବପତ୍ର ନିଆଁରେ ପୋଡିଯାଇଛି। ଖବର ପାଇ ନିମାପଡ଼ା ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ମଧ ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା। ବିଦ୍ୟୁତ୍ ଶର୍ଟ ସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ହୋଇଥିବା ଅଗ୍ନିଶମ ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ କହିଛନ୍ତି। ତେବେ ଅଗ୍ନିବିପନ୍ନ ପରିବାର ଖୋଲା ଆକାଶ ତଳେ ରାତି କଟାଇଥିବାବେଳେ ବୁଧବାର ଗଣଶିକ୍ଷା ମନ୍ତ୍ରୀ ସମୀରରଞ୍ଜନ ଦାଶ ଏବଂ ରାଜସ୍ୱ ବିଭାଗ ପକ୍ଷରୁ ପଲିଥିନ୍ ଯୋଗାଇଦିଆଯାଇଛି। ନିମାପଡ଼ା ସମିତି ଅଧକ୍ଷ ଶଙ୍କର ଭୋଇ, ସ୍ଥାନୀୟ ସରପଞ୍ଚ ମନସ୍ୱିନୀ ବେହେରା ଯୁବନେତା ଦୁର୍ଯ୍ୟୋଧନ ବେହେରା, ଅଶୋକ ସାହୁ, ଅଜୟ ସ୍ୱାଇଁ ପ୍ରମୁଖ ଅଗ୍ନିକାଣ୍ଡ ସ୍ଥଳ ପରିଦର୍ଶନ କରି କ୍ଷତିଗ୍ରସ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସ୍ଥାନୀୟ ନିରୀକ୍ଷକ ପ୍ରଶାନ୍ତ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡରେ ୪ଟି ପରିବାରର କ୍ଷୟକ୍ଷତି ଆକଳନ କରିଛନ୍ତି। ତେବେ ଅଗ୍ନିବିପନ୍ନ ପରିବାରବର୍ଗଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନ ପାଖରେ ଦାବି କରିଛନ୍ତି।

### ସୁଆଣ୍ଡୋରେ ଫାଣ୍ଡି ପ୍ରତିଷ୍ଠା ଦାବି

ସାକ୍ଷୀଗୋପାଳ,୧।୬(ସ୍ୱ.ପ୍ର): ସତ୍ୟବାଦୀ ଥାନା ପରିସରରେ 'ଆମ ପୋଲିସ ସମିତି'ର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସତ୍ୟବାଦୀ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍, ଖବରଦାତା, ଆଇନଜୀବୀ, ସାମାଜିକ କର୍ମୀ, ବ୍ୟବସାୟୀ ପ୍ରମୁଖ ଯୋଗଦେଇଥିଲେ। କିପରି ପୋଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ, ଅତ୍ୟାଚାରିତ ଲୋକଙ୍କୁ ନ୍ୟାୟ ପ୍ରଦାନ, ପୋଲିସ ପ୍ରତି ଲୋକଙ୍କ ଭୟ ନ ରହିବ ସେ ନେଇ ଆଲୋଚନା ହୋଇଥିଲା। ସତ୍ୟବାଦୀ ଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ଘଟୁଥିବା ଦୁର୍ଘଟଣା ଓ ବିଭିନ୍ନ ଅପରାଧ ନିୟନ୍ତ୍ରଣ କରିବା ସହ ଚୋରି, ନିଶାସକ୍ତଙ୍କ ପାଇଁ ହେଉଥିବା ଟ୍ରାଫିକ ସମସ୍ୟା, ଲୁଟ୍ ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମତ ପ୍ରକାଶ ପାଇଥିଲା। ସାକ୍ଷୀଗୋପାଳ ରେଳ ଲେଭଲ କ୍ରସିଂ ସ୍ଥାନରେ ଭିଡ ନିୟନ୍ତ୍ରଣ, ପାଟ୍ରୋଲିଂ କଡାକଡି କରିବା ନେଇ ଦାବି ହୋଇଛି। ସୁଆଣ୍ଡୋଠାରେ ଏକ ଫାଣ୍ଡି, ଶବ୍ଦ ପ୍ରଦୂଷଣ କରୁଥିବା ଡିଜେ ମେଶିନକୁ ଜବତ କରି ମାଲିକଙ୍କ ନାମରେ କେସ, ମିଛ କେସର ସମାଧାନ, ଡ୍ରଗ୍ସ କାରବାର ନିୟନ୍ତ୍ରଣ ଆଦି ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ। ବୈଠକରେ ସମିତି ଅଧକ୍ଷ ସୁନୀଲ କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇ ସାକ୍ଷୀଗୋପାଳ ବଜାରରେ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟା, ଡ୍ରଗ୍ସ କାରବାର, ପାଟ୍ରୋଲିଂ ବ୍ୟବସ୍ଥାକୁ ଆଗାମୀ ଦିନରେ କଡାକଡି କରାଯିବ ଓ ଡିଜେକୁ ରାତ୍ର ଦଶଟା ପର୍ଯ୍ୟନ୍ତ ଅନୁମତି ଦିଆଯିବ ବୋଲି କହିଥିଲେ। ଏସ୍‌ଆଇ ମଞ୍ଜୁଲତା ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଏସ୍‌ଆଇ କୃଷ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ରଥଖଳାରୁ

# ୩ ରଥର ଦଣ୍ଡା ନିର୍ମାଣ ଆରମ୍ଭ



ପୁରୀ ଅଫିସ, ୧।୬

ଶ୍ରୀନଅର ସମ୍ମୁଖସ୍ଥ ଅସ୍ଥାୟୀ ଖଳାରେ ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ବୁଧବାର ୩ ରଥର ଦଣ୍ଡା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତିନିରଥର ଦୁଇଟି ଲେଖାଏ ଗରଗରା ଚଉପଟ କାର୍ଯ୍ୟ ଜାରି ରହିଛି। ତିନିରଥର ଶେଷ ଚକ ନିର୍ମାଣ ପାଇଁ ପଇ ଯୋଗାଣ ପରେ ବିନ୍ଧକାର୍ଯ୍ୟ ହୋଇ ପଇ କଳସା ଜାରି ରହିଛି। ବୁଧବାର ସନ୍ଧ୍ୟା ସୁଦ୍ଧା ତାଳଧ୍ୱଜ ରଥର ମୋଟ ୯ ଦଣ୍ଡାରୁ ୫ଟିର ଅନୁକୂଳ ପୂଜା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିସହ ୨ଟି ଗରଗରାର ଚଉପଟ କାର୍ଯ୍ୟ ଜାରି ରହିଛି। ରଥର ଚଉଦତମ ବା ଶେଷ ଚକ ନିର୍ମାଣ ନିମନ୍ତେ ରଥ ଅମିନ ଭୋଇ ସେବକଙ୍କ ମାଧ୍ୟମରେ ୪ଟି ପଇ ଯୋଗାଇ ଦେଇଥିବାବେଳେ ବିନ୍ଧ କାର୍ଯ୍ୟ ଶେଷ ପରେ ତୁମ୍ବ ଅରରେ ପଇ ସଂଯୋଗ ହୋଇ ପଇ କଳସା କାର୍ଯ୍ୟ ଜାରି ରହିଛି । ଦେବଦଳନ ରଥର ମୋଟ ୭ ଦଣ୍ଡାରୁ ୫ଟି ଦଣ୍ଡାର ଚଉପଟ କାର୍ଯ୍ୟ ଦେବଦଳନ ରଥର ମହାରଣାମାନେ ଆରମ୍ଭ କରିଛନ୍ତି। ଏତଦ୍‌ବ୍ୟତୀତ ୨୦ ଫୁଟିଆ ଧଉରା ଗରଗରା କାଠକୁ କରତି ସେବକ କରତି କଲା ପରେ ଗରଗରା ଚଉପଟ କାର୍ଯ୍ୟ ଦେବଦଳନ ମହାରଣାମାନେ ଆରମ୍ଭ କରିଥିଲେ। ଦେବଦଳନ ରଥର ୧୨ତମ ବା ଶେଷ ଚକ ନିର୍ମାଣ ନିମନ୍ତେ ରଥ ଅମିନ ୪ଟି ପଇ ଯୋଗାଇ ଦେଇଛନ୍ତି। ପଇ ବିନ୍ଧ ହୋଇ ଶେଷ ଚକ ନିର୍ମାଣ ଶେଷ ହେବ। ନନ୍ଦିଘୋଷ ରଥର ମୋଟ ୯ ଦଣ୍ଡାରୁ ୫ଟି ଦଣ୍ଡାର ଚଉପଟ ନିର୍ମାଣ ଆରମ୍ଭ ହୋଇଛି। ୨ଟି ଗରଗରାର ଚଉପଟ କାର୍ଯ୍ୟ ଚାଲିଛି। ଏଥିସହ ରଥର ୧୬ତମ ବା ଶେଷ ଚକଟିର ପଇବିନ୍ଧ ଶେଷ ହୋଇ ତୁମ୍ବ ଅରରେ ପଇ ସଂଯୋଗ ହୋଇ କଳସା କାର୍ଯ୍ୟ ଜାରି ରହିଛି। ଏତଦ୍‌ବ୍ୟତୀତ ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥର ୬ଟି ଲେଖାଏ ସାଲ ଗୁଜ ବା କୋଣ ଗୁଜରେ ସିଂହ ବିରାଳ ରୂପ ଖୋଦେଇ ରୂପକାର ସେବକମାନେ ଶେଷ କରି ତାଳଧ୍ୱଜ ଏବଂ ନନ୍ଦିଘୋଷ ରଥର ୮ଟି ଲେଖାଏ ତିଖି ଗୁଜରେ ସିଂହ ବିରାଳ ରୂପ ଖୋଦେଇ କାର୍ଯ୍ୟ ସହ ଦେବଦଳନ ରଥ ପାଇଁ ୪ଟି ତିଖି ଗୁଜରେ ସିଂହ ବିରାଳ ରୂପ ଖୋଦେଇ କାର୍ଯ୍ୟ ଚାଲିଛି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥର ଘଡି ମୁହଁ ଦଣ୍ଡା କଣ୍ଟା ଶେଷ କରିବା ପରେ ଗରଗରା କଣ୍ଟା, ଗୟଳ କଣ୍ଟା ଏବଂ ଛନ୍ଦାଗୟଳ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।



ପୁରୀ ୟୁଥ୍ ହଷ୍ଟେଲ ସଭାକକ୍ଷରେ ମା' ନାରାୟଣୀ ସାହିତ୍ୟ ଓ ସଂସ୍କୃତି ପରିଷଦର ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା।

# 'ଭାଷା ସାହିତ୍ୟକୁ କବି ହିଁ ସମୃଦ୍ଧ କରିଥାଏ'

ପୁରୀ ଅଫିସ, ୧।୬:

ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭାକକ୍ଷରେ ଗୋପସ୍ଥିତ ମା' ନାରାୟଣୀ ସାହିତ୍ୟ ଓ ସଂସ୍କୃତି ପରିଷଦର ସପ୍ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ପ୍ରିୟପତ୍ରର ସମ୍ପାଦକ ବିପିନ ବିହାରୀ ଦଳାଇ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟକ ଭାବେ ଓଡ଼ିଶା ଭାଷା ସାହିତ୍ୟ ପ୍ରତିଷ୍ଠାନର ପ୍ରଥମ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ଟିକାୟତରାୟ ଓ ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟକ ବୀରେନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୀଳଚକ୍ର ବାନାର ସମ୍ପାଦିକା ପୌର୍ଣ୍ଣମାସୀ ଦେବୀ, ଗାଁ ମଲ୍ଲୀର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଫାରକ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ଆମ ଭାଷା ସାହିତ୍ୟକୁ କବି ହିଁ ସମୃଦ୍ଧ କରିଥାଏ। ଭାଷାର ବ୍ୟବହାର କଲାବେଳେ ସତର୍କତା ଅବଲମ୍ବନ କରିବା ଉଚିତ। କବିତାର ସ୍ୱର ଏବଂ ଅନୁଭବରେ ସମାଜର ହିତ କଥା ରହିପାରିଲେ କବିତା କାଳଜୟୀ ହୋଇପାରିଥାଏ। ସମାଜରେ କବି ହିଁ କେବଳ ଦେବା ପାଇଁ ଆସିଥାଏ। ଏହି ଅବସରରେ ସାହିତ୍ୟ, କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଉମାକାନ୍ତ ମାଝୀ, ଭାଗବତ ପାଢୀ, ହରପ୍ରସାଦ ସୁଆର, ସୁରେଶ କୁମାର ପଟ୍ଟନାୟକ, ସଚ୍ଚିଦାନନ୍ଦ ସାମଲ, ଜୟନ୍ତୀ ନନ୍ଦ, ସୁକାନ୍ତି ମହାନ୍ତି, ଅଧ୍ୟାପକ ଗଦାଧର ରାଉତ, ତୀର୍ଥେଶ ଚନ୍ଦ୍ର ରାୟ, ପ୍ରଫେସର ଆଲୋକେଶ ରାୟ, ଅନିରୁଦ୍ଧ ମହାନ୍ତି ଡ. ଚିତ୍ତରଞ୍ଜନ ମହାନ୍ତି, ପୁରୁଷୋତ୍ତମ ନନ୍ଦ, ପ୍ରତିମା ପରିଡ଼ା, ବାବାଜୀ ଚରଣ ବେହେରା, ବିଚିତ୍ରାନନ୍ଦ ବେବର୍ତ୍ତା ଏବଂ ଶାଶ୍ୱତୀ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ସାହିତ୍ୟ ପରିଷଦର ମୁଖପତ୍ର 'ସୁପ୍ରଭା' ଏବଂ 'ଆମ ଗାଁ ଆମ କଥା'କୁ ଲୋକାର୍ପଣ କରିଥିଲେ। ସମ୍ପାଦକ କାବ୍ୟ ସାରଥି ସୁରେନ୍ଦ୍ରନାଥ ଗୁରୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ସୋପାନରେ ସର୍ବାଣୀ ଦାସ, ମିନତି ପଟ୍ଟନାୟକ, ସୁରେଶ କୁମାର ପଟ୍ଟନାୟକ ଏବଂ ପ୍ରବାସିନୀ ମିଶ୍ରଙ୍କ ସଂଯୋଜନାରେ ୫୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ସୁପ୍ରଭା ଗୁରୁ, ସତ୍ୟମାନସ ଗୁରୁ, ଲକ୍ଷ୍ମୀପ୍ରିୟା ବାଘ, ସୁରେନ୍ଦ୍ରନାଥ ସାହୁ ଓ ଦେବଦତ୍ତ ଗୁରୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବସନ୍ତମଞ୍ଜରୀ ଗୁରୁ ଧନ୍ୟବାଦ ଦେଇଥିଲେ।

# ଅଚଳ ପାଣିଟାଙ୍କି ମରାମତି କରାଯାଉ

କାକଟପୁର,୧।୬(ଡି.ଏନ୍.ଏ.):

ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ କାକଟପୁର ପଞ୍ଚାୟତ ସମିତିର ଏକ ସ୍ୱତନ୍ତ୍ର ଅଧିବେଶନ ଅଧକ୍ଷ ଶ୍ରୀଧର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଅଚଳ ପାଣିଟାଙ୍କି ମରାମତି କରାଯାଇ ସ୍ୱଚ୍ଛ ପାନୀୟ ଜଳର ବ୍ୟବସ୍ଥା ହେଉ ବୋଲି ଦାବି କରାଯାଇଥିଲା। ଆଗାମୀ ଦିନରେ ବ୍ଲକର ୧୬ଟି ପଞ୍ଚାୟତର ପ୍ରତ୍ୟେକ ଘରୁ ଅଳିଆ ସଂଗ୍ରହ କରି ଏକ ସ୍ୱତନ୍ତ୍ର ସ୍ଥାନରେ କମ୍ପୋଷ୍ଟ କରାଯିବା ପାଇଁ ବ୍ଲକ ପରିମଳ ଅଧିକାରୀ ପରାମର୍ଶ ଦେଇଥିଲେ। ବୈଠକରେ ସରପଞ୍ଚ, ସମିତି ସଭ୍ୟ ଓ ଜିଲାପରିଷଦ ସଭ୍ୟାସଭ୍ୟ ପ୍ରମୁଖ ଯୋଗଦେଇଥିଲେ।

# ବସ୍ତିବାସିନ୍ଦାଙ୍କୁ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ

କୋଣାର୍କ,୧।୬(ଡି.ଏନ୍.ଏ.)

କୋଣାର୍କ ଏନ୍‌ଏସି ଅନ୍ତର୍ଗତ ୧୦ନଂ. ଓ ୫ ନଂ. ୱାର୍ଡ ବସ୍ତିବାସିନ୍ଦାଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ୫-ଟି ଅନ୍ତର୍ଗତ ଜାଗା ସମ୍ପର୍କ କାର୍ଯ୍ୟକ୍ରମ ମାଧ୍ୟମରେ ଏକ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ଗନ୍ଧର୍ବ ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋଣାର୍କ ଏନ୍‌ଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଏନ୍‌ଏସି ନିର୍ବାହୀ ଅଧିକାରୀ ଆକ୍ରିତୀ ଗୋଏଙ୍କା ଯୋଗଦେଇ ବସ୍ତିବାସିନ୍ଦାଙ୍କ ଦକ୍ଷତା ବୃଦ୍ଧି ସହ ଜାଗା ମିଶନ ଅନ୍ତର୍ଗତ ସମସ୍ତ ଯୋଜନା ସମ୍ପର୍କରେ ହିତାଧିକାରୀଙ୍କୁ ଅବଗତ କରାଇଥିଲେ। ଏଥିସହ କିଭଳି ଭାବେ ଏହା ଲୋକାଭିମୁଖୀ କରାଯିବ ସେନେଇ ବସ୍ତିବାସିନ୍ଦାଙ୍କୁ ନେଇ ଗଠିତ କମିଟିର କର୍ମକର୍ତ୍ତା, ସଭ୍ୟା, ସଭ୍ୟ ଓ ଜାଗା ମିଶନର କର୍ମଚାରୀମାନଙ୍କ ମିଳିତ ସହଯୋଗରେ ଏହା ସମ୍ଭବପର ହୋଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ୧୦ ନଂ. ୱାର୍ଡ ଓ ୫ନଂ. ୱାର୍ଡ ବସ୍ତିର ଶତାଧିକ ମହିଳା ଓ ପୁରୁଷ ହିତାଧିକାରୀ ଯୋଗଦେଇ ଜାଗା ମିଶନ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। କାର୍ଯ୍ୟକ୍ରମରେ ୧୦ନଂ. ୱାର୍ଡ କାଉନସିଲର ସ୍ୱପ୍ନା ଗୋଚ୍ଛାୟତ, ୬ନଂ. ୱାର୍ଡ କାଉନସିଲର ବିଶ୍ୱମ୍ଭର ବିଶ୍ୱାଳ, ୧୦ନଂ. ୱାର୍ଡର ପୂର୍ବତନ କାଉନସିଲର ପ୍ରତାପ ଗୋଚ୍ଛାୟତ, ୫ନଂ. ୱାର୍ଡ କାଉନସିଲର ନୀହାର ରଞ୍ଜନ ବେଉରା, ବସ୍ତି କମିଟି ସଭାପତି ପ୍ରବୋଧ ସାମନ୍ତରାୟ, ପୂର୍ଣ୍ଣଚନ୍ଦ୍ର ମୁରୁଡି, ନିର୍ମଳ ପ୍ରଧାନ ଓ କୋଣାର୍କ ଏନ୍‌ଏସି ଗୋଷ୍ଠୀ ସଂଯୋଜିକା ଶୁଭଲକ୍ଷ୍ମୀ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରିକେଟ ଟୁର୍ନାମେଣ୍ଟ: ଜାଗେଶ୍ୱରୀ ଟିମ୍ ଚାମ୍ପିୟନ



ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ପୁରୀ ଅଫିସ, ୧।୬:

ମଶାଣି ଚଣ୍ଡୀ ମନ୍ଦିର ନିକଟ କ୍ରିକେଟ ପଡ଼ିଆରେ ମଶାଣି ଚଣ୍ଡୀ କ୍ଲବ୍ ପକ୍ଷରୁ ଚାଲିଥିବା ୪ଦିନିଆ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କ୍ଲବ ସଭାପତି ଲିଟୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନଗର ବିଜେଡି ସଭାପତି ସବ୍ୟସାଚୀ ମହାପାତ୍ର, ଜିଲା ବିଜେଡି ଉପସଭାପତି ଭକ୍ତଚରଣ ଦାସ, ବାସେଳି ସାହି ଥାନା ଅଧିକାରୀ କୁଳମଣି ସେଠୀ, ସାମାଜିକ କର୍ମୀ ସରସ୍ୱତୀ ସାହୁ ଯୋଗଦେଇ ଥିଲେ। ଏହି ଟୁର୍ନାମେଣ୍ଟରେ ୧୬ ଟିମ୍ ଅଂଶଗ୍ରହଣ କରିଥିଲେ। ଜାଗେଶ୍ୱରୀ ଟିମ୍ ଓ ଗଜଲକ୍ଷ୍ମୀ କ୍ରିକେଟ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଜାଗେଶ୍ୱରୀ ଟିମ୍ ଚାମ୍ପିୟନ ହୋଇ ୧୫ହଜାର ଟଙ୍କା ସହ ଚାମ୍ପିୟନ ଟ୍ରଫି ହାସଲ କରିଥିଲା। ସେହିପରି ଗଜଲକ୍ଷ୍ମୀ ଟିମ୍ ୧୦ ହଜାର ଟଙ୍କା ସହ ରନର୍ସଅପ୍ ଟ୍ରଫି ପାଇଥିଲା। କାହ୍ନୁ ବାରିକ, ସଠିଆ ବେହେରା, ପ୍ରଭାକର ବେହେରା, ଲିଟନ୍ ବେହେରା ଏବଂ ତ୍ରିନାଥ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଆଇଆଇସି କୁଳମଣି ସେଠୀ, ମେଡିକାଲ ଫାଣ୍ଡି ଅଧିକାରୀ ମନୋଜ କୁମାର ଦାସ, ଖବରଦାତା ପ୍ରଦୀପ କୁମାର ନାୟକ ଓ ସାମାଜିକ କର୍ମୀ ସରସ୍ୱତୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଖବରଦାତା ସତ୍ୟ ଖବର ପ୍ରସାରଣ କରନ୍ତୁ

ଅସ୍ତରଙ୍ଗ,୧।୬(ଡି.ଏନ୍.ଏ.):

ରାଜ ମିଡିଆ ଓ ଲକ୍ଷ୍ମୀ ଟେଲିଭିଜନର ପଞ୍ଚମ ବାର୍ଷିକ ଉତ୍ସବ ଅସ୍ତରଙ୍ଗସ୍ଥିତ ଲକ୍ଷ୍ମୀ କଲ୍ୟାଣମଣ୍ଡପରେ ବୁଧବାର ପାଳିତ ହୋଇଯାଇଛି। ପରିବେଶବିତ୍ ଶୋଭାକର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରଦ୍ଧାଞ୍ଜଳି ରାୟ, ସମ୍ମାନିତ ଅତିଥି ଭାବେ ଓଡ଼ିଶା କର୍ମଜୀବୀ ଖବରଦାତା ସଂଘର ସଭାପତି ସୁଜ୍ଞାନ ଚୌଧୁରୀ, ମୁଖ୍ୟବକ୍ତା ଭାବେ ପୁରୀ ଜିଲା ପରିଷଦର ଉପାଧକ୍ଷ ସ୍ୱାଧୀନ କୁମାର ନାୟକ ଯୋଗଦେଇଥିଲେ। ରାଜ ମିଡିଆର ନିର୍ଦ୍ଦେଶକ ରାଜେଶ ମହାନ୍ତି ଗତ ପାଞ୍ଚବର୍ଷ ମଧ୍ୟରେ ତାଙ୍କ ସଂସ୍ଥା କିପରି ଖବର ପ୍ରସାରଣ କରି ଲୋକଙ୍କ ପାଖରେ ପହଞ୍ଚାଇପାରିଛି ସେ ବିଷୟରେ କହିଥିଲେ। ଖବରଦାତାଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ, ସେମାନେ ନିର୍ଭୀକ ଭାବେ ସତ୍ୟ ଖବର ପ୍ରସାରଣ କରିବାକୁ ଅତିଥିମାନେ କହିଥିଲେ। ଏହି ଅବସରରେ ସାମାଜିକ କର୍ମୀ ସବିତା ପୃଷ୍ଟି, ଶିକ୍ଷାବିତ୍ ଚିତ୍ତରଞ୍ଜନ ବିଶ୍ୱାଳ, ସହ ପ୍ରଶାସନିକ ଅଧିକାରୀ, କୃଷକଙ୍କୁ ମିଶାଇ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୫୦ରୁ ଊର୍ଦ୍ଧ୍ୱ ପ୍ରତିଭା ଏବଂ ଖବରଦାତାଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଖବରଦାତା ସଂଘର ପୁରୀ ଜିଲା ସଭାପତି ଶରତ ପରିଡ଼ା, ପ୍ରଶାନ୍ତ ବାରିକ, ସସ୍ମିତା ଦାସ, ଲଲାଟେନ୍ଦୁ ମିଶ୍ର ପ୍ରମୁଖ ଉତ୍ସବରେ ଯୋଗଦେଇଥିଲେ।




ରାଜ୍ ମିଡ଼ିଆର ପଞ୍ଚମ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ସରକାରୀ ଅଧିକାରୀଙ୍କ ଇଂଲିଶ ପ୍ରୀତି

ପୁରୀ ଅଫିସ,୧।୬:

ସରକାରୀ ବାବୁମାନଙ୍କୁ ଇଂଲିଶ ପ୍ରୀତି ଘାରିଛି। ସରକାରୀ ଗାଡ଼ିରେ ଇଂଲିଶ ନମ୍ବର ପ୍ଲେଟ୍ ଲାଗିଛି। ସରକାରୀ ଗାଡ଼ିରେ ଓଡ଼ିଆ ନାମଫଳକ ଲଗାଇବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଥିଲେ ବି ତାହାର ଉଲ୍ଲଂଘନ ହେଉଛି। ଜିଲାର ଅଧିକାଂଶ ସରକାରୀ ଅଧିକାରୀଙ୍କ ଗାଡ଼ିରେ ଓଡ଼ିଆ ନମ୍ବର ପ୍ଲେଟ୍ ଲାଗିନାହିଁ। ସୂଚନା ଅନୁଯାୟୀ, ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇବା ପରେ ୨୦୧୮ ମସିହାରେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷା ପ୍ରଚଳନ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ଏପରି କି କାର୍ଯ୍ୟାଳୟ ଏବଂ ଅଧିକାରୀଙ୍କ ନାମଫଳକ ସମେତ ସେମାନଙ୍କ ଗାଡ଼ିର ନମ୍ବର ପ୍ଲେଟ୍ ମଧ ଓଡ଼ିଆରେ ଲେଖିବାକୁ ନିର୍ଦ୍ଦେଶ ରହିଥିଲା। ଇଂଲିଶ ଲେଖିବାରେ କୌଣସି ସମସ୍ୟା ନାହିଁ, ମାତ୍ର ଫଳକରେ ଓଡ଼ିଆ ରହିବା ବାଧ୍ୟତାମୂଳକ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ସେତେବେଳେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଏହି ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହୋଇଥିଲା। ମାତ୍ର ପରେ ଏହା ଶିଥିଳ ପଡ଼ିଗଲା। ଏହି ନିର୍ଦ୍ଦେଶନାମା ପାଳନ ନ କଲେ ପ୍ରଥମ ଥର ୧ ହଜାରରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ଥର ୨ ହଜାରରୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାର ପ୍ରାବଧାନ ରହିଛି। ସରକାରୀ ଅଧିକାରୀମାନେ ନିଜେ ନିୟମ ଉଲ୍ଲଂଘନ କରୁଥିଲେ ମଧ ସରକାର ସେମାନଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ତାହା ଓଡ଼ିଆ ଭାଷାପ୍ରେମୀଙ୍କ ମନରେ ପ୍ରଶ୍ନବାଚୀ ହୋଇଛି। ପୁରୀ ଜିଲାପାଳ, ଅତିରିକ୍ତ ଜିଲାପାଳ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ସମେତ କେତେଜଣ ହାତଗଣତି ଅଧିକାରୀଙ୍କ ଗାଡ଼ି ବ୍ୟତୀତ ଅନ୍ୟ ଅଧିକାରୀଙ୍କ ଗାଡ଼ିରେ ଓଡ଼ିଆ ନମ୍ବରପ୍ଲେଟ୍ ଦେଖିବାକୁ ମିଳୁନାହିଁ। ଅବକାରୀ, ବାଣିଜ୍ୟକର, ପୂର୍ତ୍ତ ଓ ସ୍ୱାସ୍ଥ୍ୟ ବିଭାଗର ଗାଡ଼ିଗୁଡ଼ିକରେ ଓଡ଼ିଆ ନମ୍ବର ପ୍ଲେଟ୍ ଲାଗିନାହିଁ। ଏ ନେଇ ଓଡ଼ିଆ ଭାଷାପ୍ରେମୀ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଓଡ଼ିଆ ବିଭାଗର ଅବସରପ୍ରାପ୍ତ ପ୍ରଫେସର ହରପ୍ରସାଦ ମିଶ୍ର କହିଛନ୍ତି, ଓଡ଼ିଆ ସୂଚନାଫଳକ ବା ନାମଫଳକ ଲଗାଇଲେ ଯେ କିଛି ବଡ଼ ପରିବର୍ତ୍ତନ ହୋଇଯିବ ତାହା ନୁହେଁ, ମାତ୍ର ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ଏହା ଏକ ଭଲ ପଦକ୍ଷେପ। ରାଜ୍ୟ ସରକାର ଏହି ପଦକ୍ଷେପ ନେଇ ଓଡ଼ିଆ ଭାଷାକୁ ଅଗ୍ରାଧିକାର ଦେବା ପାଇଁ ଚେଷ୍ଟା କରୁଥିଲେ। ମାତ୍ର ସରକାରୀ ସ୍ତରରେ ଏବେ ଏହାକୁ ଗୁରୁତ୍ୱ ଦିଆ ନ ଯିବା ଆମ ସମସ୍ତଙ୍କୁ ହତୋତ୍ସାହିତ କରୁଛି। ଅନ୍ୟପକ୍ଷରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ସରକାରୀ ସ୍ତରରେ ଓଡ଼ିଆ ଭାଷାକୁ ଗୁରୁତ୍ୱ ଦିଆଯାଉଛି। ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ସୂଚନାଫଳକ ଓ ନାମଫଳକ ଲଗାଯିବାକୁ ପ୍ରାଥମିକତା ଦିଆଯାଉଛି। କେତେଜଣ ଅଧିକାରୀଙ୍କ ଗାଡ଼ିରେ ଓଡ଼ିଆ ନମ୍ବର ପ୍ଲେଟ୍ ଲାଗି ନ ଥିବା ଖବର ଏବେ ଜାଣିବାକୁ ପାଉଛୁ। ଏନେଇ ସେମାନଙ୍କୁ ସଚେତନ ଓ ତାଗିଦ୍ କରାଯିବ।







## ବିଭାଗୀୟ ଗାଡ଼ିରେ ଓଡ଼ିଆ ନାମଫଳକ ନାହିଁ

